# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୧୧/୨୦୨୧ (୧୨ ପୃଷ୍ଠା) | Bhubaneswar, Friday, June 11/2021 | ★★★★

୪୭ଶ ଭାଗ ୧୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଫାଇନାଲରେ ପାଭ୍ଲ୍ୟୁଚେଙ୍କୋଭା**

ରୁଷିଆର ଆନାସ୍ତାସିଆ ପାଭ୍ଲ୍ୟୁଚେଙ୍କୋଭା ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।

୧୨ ୧୦

**ଦ୍ରୌପଦୀ ହୋଇପାରନ୍ତି ରିଆ**

ଫିଲ୍ମ 'ମହାଭାରତ'ରେ ଦ୍ରୌପଦୀ ଚରିତ୍ରରେ ଅଭିନୟ କରିପାରନ୍ତି ରିଆ ଚକ୍ରବର୍ତ୍ତୀ।





ସାବିତ୍ରୀ ବ୍ରତ ଅବସରରେ ଗୁରୁବାର କଟକ ପୁରୀଘାଟ ଦେବୀଗଡ଼ା କାଠଯୋଡ଼ି ନଦୀ ତଟରେ ଥିବା ବରଗଛ ମୂଳରେ ମହିଳାମାନେ ପୂଜା କରୁଛନ୍ତି।

# ୟାସ୍: ଚାଷୀଙ୍କୁ ପ୍ୟାକେଜ

**ଭୁବନେଶ୍ୱର,୧୦।୬(ବ୍ୟୁରୋ)**

ବାତ୍ୟା 'ୟାସ୍' ପ୍ରଭାବିତ ଅଞ୍ଚଳର କୃଷକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ୩୩ ପ୍ରତିଶତ କିମ୍ବା ଏହାଠାରୁ ଅଧିକ କ୍ଷତି ହୋଇଥିବା ଅଣଜଳସେଚିତ ଜମି ପାଇଁ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ହେକ୍ଟର ପିଛା ୬,୮୦୦ ଟଙ୍କା ଏବଂ ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୧୩,୫୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡି ଦିଆଯିବ। ସେହିପରି ଆମ୍ବ, କାଜୁ, ନଡ଼ିଆ, କେତକୀ ଆଦି ସବୁଦିନିଆ ଫସଲ ପାଇଁ ହେକ୍ଟର ପିଛା ୧୮,୦୦୦ ଟଙ୍କା ପ୍ରଦାନ କରାଯିବ। କେବଳ ପ୍ରକୃତ ଚାଷୀମାନଙ୍କୁ ଏହି ସହାୟତା ଦିଆଯିବ। ସବୁଦିନିଆ ଫସଲ ପାଇଁ ଚାଷୀମାନଙ୍କୁ ସର୍ବନିମ୍ନ ୨୦୦୦ ଟଙ୍କା ଓ ଅନ୍ୟ ଫସଲ ପାଇଁ ସର୍ବନିମ୍ନ ୧୦୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡି ମିଳିବ।

ପ୍ରଭାବିତ ଜିଲ୍ଲାର ଚାଷୀମାନଙ୍କୁ ୨୦୨୧ ଖରିଫ ଋତୁ ପାଇଁ ବର୍ତ୍ତମାନ ଦିଆଯାଉଥିବା ରିହାତିର ଅଧିକ ୨୫ ପ୍ରତିଶତ ରିହାତି ସହିତ ଦେଢ଼ଲକ୍ଷ କୁଇଣ୍ଟାଲ ଉନ୍ନତ ମାନର ପ୍ରାମାଣିକ ଧାନ ବିହନ ଯୋଗାଇ ଦିଆଯିବ। ଏହି ରିହାତି ସିଧାସଳଖ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର(ଡିବିଟି) ଜରିଆରେ ଚାଷୀଙ୍କ ଆକାଉଣ୍ଟକୁ ଦିଆଯିବ। ଖରିଫ ଋତୁରେ ଅଧିକ ଅମଳ ପାଇଁ ୧ ଲକ୍ଷ ଏକର ଜମି ସକାଶେ ୧ ଲକ୍ଷ ଚାଷୀଙ୍କୁ ବିହନ ବିଶୋଧନ ପ୍ରଦର୍ଶନ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ। ଖରିଫ ଋତୁରେ ଧାନ, ଝୋଟ ଓ ଡାଲିଜାତୀୟ ଫସଲ ପାଇଁ ୨୫ ହଜାର ଏକର ଜମିରେ ପ୍ରଦର୍ଶନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ।

ଧାଡ଼ି ବୁଣା ଓ ଧାଡ଼ି ରୁଆ ଆଦି ଉନ୍ନତ ଚାଷ ପ୍ରଣାଳୀ ଅବଲମ୍ବନ କରୁଥିବା ଚାଷୀମାନଙ୍କୁ ୩୬ ହଜାର ଏକର ଜମି ପାଇଁ ହେକ୍ଟର ପିଛା ୧୫୦୦ ଟଙ୍କା ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ। ୬୦,୦୦୦ ହେକ୍ଟର ଜମିରେ ରୋଗପୋକ ମାରିବା ପାଇଁ ଆବଶ୍ୟକତାଭିତ୍ତିରେ ଇନ୍‌ପୁଟ ସବ୍‌ସିଡି ଚାଷୀମାନଙ୍କ ଆକାଉଣ୍ଟକୁ ଦିଆଯିବ। ଉନ୍ନତ ମାନର କୃଷି ଯନ୍ତ୍ରପାତି କିଣିବା ପାଇଁ ଚାଷୀମାନଙ୍କୁ ୨୦ କୋଟି ଟଙ୍କାର ରିହାତି ଡିବିଟି ଜରିଆରେ ଦିଆଯିବ।

ଏଥିସହିତ ପ୍ରଭାବିତ ଅଞ୍ଚଳରେ ଚାଷୀମାନଙ୍କୁ ରିହାତି ଦରରେ ୨୦୦୦ ପମ୍ପସେଟ୍ ଓ ୩୦୦୦ ସ୍ପ୍ରେୟର ଯୋଗାଇ ଦିଆଯିବ। ପମ୍ପସେଟ୍ ପାଇଁ ୫୦ ପ୍ରତିଶତ ରିହାତିରେ ସର୍ବାଧିକ ୧୫,୦୦୦ ଟଙ୍କା, ପାୱାର ସ୍ପ୍ରେୟର ପାଇଁ ୫୦ ପ୍ରତିଶତ ରିହାତିରେ ସର୍ବାଧିକ ୩୮୦୦ ଟଙ୍କା ଓ ହାତରେ ଚାଲୁଥିବା ସ୍ପ୍ରେୟର ସକାଶେ ସର୍ବାଧିକ ୭୫୦ ଟଙ୍କା ରିହାତି ଦିଆଯିବ।

ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର କେତେକ ଜମିରେ ଲୁଣିପାଣି ମାଡ଼ିଯାଇଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ସେହି ଜମିର ପୋଷକତତ୍ତ୍ୱର ପରିଚାଳନା ଓ ମାଟିର ମାନରେ ଉନ୍ନତି ପାଇଁ ହେକ୍ଟର ପିଛା ୭୫୦ ଟଙ୍କା ସହାୟତା ଦିଆଯିବ। ସର୍ବାଧିକ ୧୦ ହଜାର ହେକ୍ଟର ଜମି ପାଇଁ ସହାୟତା ପ୍ରଦାନ କରାଯିବ। ପାନବରଜ ଚାଷ କରୁଥିବା ୧୨୫ ଜଣ ଚାଷୀଙ୍କୁ ପ୍ରତ୍ୟେକ ୧୫,୦୦୦ ଟଙ୍କା ପ୍ରୋତ୍ସାହନ ରାଶି ଡିବିଟି ଜରିଆରେ ଦିଆଯିବ।

୧୦ ହଜାର କ୍ଷତିଗ୍ରସ୍ତ ଚାଷୀଙ୍କୁ ସେମାନଙ୍କ ବାଡିରେ ପରିବା ଚାଷ ପାଇଁ ଉନ୍ନତ ମାନର ଚାରା ୧୧୫ ଟଙ୍କାରେ ଯୋଗାଇ ଦିଆଯିବ। ବାତ୍ୟାରେ କ୍ଷତିଗ୍ରସ୍ତ ୫୦ଟି ଛତୁ ଚାଷ ୟୁନିଟ୍‌କୁ ୪୦,୦୦୦ ଟଙ୍କା ଲେଖାଏ ଯୋଗାଇ ଦିଆଯିବ। ଏଥିରେ କ୍ଷତିଗ୍ରସ୍ତ ଚାଷୀମାନେ ସେମାନଙ୍କ ଛତୁ ଚାଷ ୟୁନିଟ୍‌ର ପୁନରୁଦ୍ଧାର କରିପାରିବେ। ଏହି ସହାୟତା ଚାଷୀର ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ପ୍ରଦାନ କରାଯିବ। କ୍ଷତିଗ୍ରସ୍ତ ଅଞ୍ଚଳର ଚାଷୀମାନଙ୍କୁ କିଟ୍ ପିଛା ୧୧୦ ଟଙ୍କା ମୂଲ୍ୟର ୧୦ ହଜାର ପରିବା ମିନି କିଟ୍ ମାଗଣାରେ ଯୋଗାଇ ଦିଆଯିବ।

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାଭୁକ୍ତ ହୋଇଥିବା କ୍ଷତିଗ୍ରସ୍ତ ଚାଷୀମାନଙ୍କର ଦାବି ଯେପରି ସମାଧାନ ହୋଇପାରିବ, ସେଥିପାଇଁ ଫସଲ କଟା ରିପୋର୍ଟ ☞ପୃଷ୍ଠା-୪

## ଘୋଷଣା କଲେ ମୁଖ୍ୟମନ୍ତ୍ରୀ

### ଇନ୍‌ପୁଟ ସବ୍‌ସିଡି



- ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୩,୫୦୦
- ଅଣ ଜଳସେଚିତ ପାଇଁ ହେକ୍ଟର ପିଛା ୬,୮୦୦
- ସବୁଦିନିଆ ଫସଲ ପାଇଁ ୧୮ ହଜାର
- ପାନବରଜ ପାଇଁ ୧୫ ହଜାର
- ଦୁଧିଆଳୀ ଗାଈ, ମଇଁଷି ପାଇଁ ୩୦ ହଜାର
- ସ୍ୱଳ୍ପ ମିଆଦୀ ଋଣକୁ ମଧ୍ୟମ ମିଆଦୀକୁ ପରିବର୍ତ୍ତନ
- କୃଷି ଯନ୍ତ୍ରପାତି ପାଇଁ ୨୦ କୋଟି ଟଙ୍କାର ରିହାତି ସହାୟତା

## ବକ୍ସିଂ ସୁପରଷ୍ଟାରଙ୍କ ପରଲୋକ



ଡିଙ୍କୋ ସିଂ

**ନୂଆଦିଲ୍ଲୀ,୧୦।୬(ପି.ଟି.):** ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ପୂର୍ବତନ ବକ୍ସର ଡିଙ୍କୋ ସିଂଙ୍କ ଗୁରୁବାର ପରଲୋକ ଘଟିଛି। ଲିଭର କ୍ୟାନ୍ସର ସହ ଦୀର୍ଘ ଦିନର ଲଢ଼େଇ ପରେ ଶେଷରେ ତାଙ୍କୁ ହାରମାନିବାକୁ ପଡିଥିଲା। ତାଙ୍କୁ ମାତ୍ର ୪୨ ବର୍ଷ ବୟସ ହୋଇଥିଲା। ଭାରତୀୟ ବକ୍ସିଂକୁ ନୂଆ ରୂପ ଦେଇଥିବା ଡିଙ୍କୋଙ୍କ ଦେହାନ୍ତ ଯୋଗୁ କ୍ରୀଡ଼ାଜଗତରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ବେଳକୁ ତାଙ୍କ ପାଖରେ ସ୍ତ୍ରୀ ବବାଇ ଏନ୍‌ଗାନଗୋମ, ପୁଅ ଓ ଝିଅ ଥିଲେ। ପୂର୍ବତନ ବାଣ୍ଟମୱେଟ୍ (୫୪ କେ.ଜି.) ବକ୍ସର ଡିଙ୍କୋ ୨୦୧୭ରୁ କ୍ୟାନ୍ସର ସହିତ ଲଢେଇ କରିଆସୁଥିବା ବେଳେ ଜଣ୍ଡିସ ଓ ଗତବର୍ଷ କୋଭିଡ୍-୧୯ର ମଧ ଶିକାର ହୋଇଥିଲେ। ଆମେ ଜଣେ କିମ୍ବଦନ୍ତୀ କ୍ରୀଡ଼ା ପୁରୁଷଙ୍କୁ ହରାଇଲୁ ବୋଲି ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯାଉଥିବା ବକ୍ସର ବିକାଶ କ୍ରିଷ୍ଣନ ଶୋକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଜି-୭ ଓ ସର୍ବନିମ୍ନ ଟିକସ ହାର**

# ଓଡ଼ିଶା ଛୁଇଁଲା ମୌସୁମୀ

### ବଙ୍ଗୋପସାଗରରେ ଲଘୁଚାପ



- ୩ ଦିନ ବର୍ଷିବ
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା
- ବନ୍ୟା ଆଶଙ୍କା
- ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୦।୬(ବ୍ୟୁରୋ)**

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଗୁରୁବାର ଓଡ଼ିଶାକୁ ପ୍ରବେଶ କରିଛି। ଦକ୍ଷିଣ ଓଡ଼ିଶାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, ଗଜପତି, ଗଞ୍ଜାମ, ଜିଲାକୁ ମୌସୁମୀ ସମ୍ପୂର୍ଣ୍ଣ ଏବଂ ବରଗଡ଼, ସୋନପୁର, ବୌଦ୍ଧ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା ଏବଂ ପୁରୀ ଜିଲାର କେତେକ ଅଞ୍ଚଳକୁ ଛୁଇଁଛି। ଏ ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପାଗ ଅନୁକୂଳ ଥିବାରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୌସୁମୀ ସମଗ୍ର ରାଜ୍ୟକୁ ଘେରିଯିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

ଏଥିସହିତ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣବଳୟ ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଲଘୁଚାପରେ ପରିଣତ ହେବ। ଏଥିଯୋଗୁ ମୌସୁମୀ ଅଧିକ ସକ୍ରିୟ ହେବ। ଶୁକ୍ରବାରଠାରୁ ଆସନ୍ତା ୧୪ ତାରିଖ ଯାଏ ରାଜ୍ୟର ଅଧିକାଂଶ ଭାଗରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସତର୍କ କରାଇଛି। ଏଥିପାଇଁ ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ସୋନପୁର, ବଲାଙ୍ଗୀର, ନୟାଗଡ଼ ଏବଂ ଅନୁଗୋଳ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ବରଗଡ଼, ଢେଙ୍କାନାଳ, ଝାରସୁଗୁଡ଼ା ଏବଂ ସମ୍ବଲପୁର ଆଦି ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୨ ତାରିଖରେ ବର୍ଷାର ପରିମାଣ ଆହୁରି ବୃଦ୍ଧି ହେବ। ଏଥିପାଇଁ ୯ ଜିଲାକୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ବର୍ଷା ☞ପୃଷ୍ଠା-୪

## ଟ୍ରିବ୍ୟୁନାଲ ଅବଧି ଆଉ ୨ ବର୍ଷ ବଢ଼ିଲା

### ମହାନଦୀ ଜଳ ବିବାଦ

**ଭୁବନେଶ୍ୱର,୧୦।୬(ବ୍ୟୁରୋ)**

ମହାନଦୀ ଜଳ ବିବାଦ ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲର ଅବଧି ଆଉ ୨ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ସରକାର ୨୦୧୮ ମାର୍ଚ୍ଚ ୧୨ ତାରିଖରେ ଏହି ଟ୍ରିବ୍ୟୁନାଲ ଗଠନ କରିଥିଲେ। ୩ ବର୍ଷ ଧାର୍ଯ୍ୟ ସମୟ ମଧ୍ୟରେ ରିପୋର୍ଟ ଦାଖଲ କରିବାରେ ଟ୍ରିବ୍ୟୁନାଲ ବିଫଳ ହୋଇଛି। ଫଳରେ ଟ୍ରିବ୍ୟୁନାଲର ଅବଧିକୁ ଆଉ ୨ବର୍ଷକୁ ବୃଦ୍ଧି କରିବା ନେଇ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଅବଧିକୁ ୨୦୨୩ ମାର୍ଚ୍ଚ ୧୧ତାରିଖ ପର୍ଯ୍ୟନ୍ତ କିମ୍ବା ପୁଣି ଆନ୍ତଃରାଜ୍ୟ ନଦୀ ଜଳ ବିବାଦ ଆଇନ-୧୯୫୬ର ଧାରା-୫ର ଉପଧାରା-୨ ଅନୁସାରେ ପୁନଃ ରିପୋର୍ଟ ଦାଖଲ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ଦୁଇଟି ମଧ୍ୟରୁ ଯେଉଁଟା ଟ୍ରିବ୍ୟୁନାଲର ଅବଧି ☞ପୃଷ୍ଠା-୪

# ବିହାର ବଢ଼ାଇଦେଲା ମୃତ୍ୟୁସଂଖ୍ୟା

- ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ସତ କହିଲା
- ଭାରତରେ ଦିନକରେ ସର୍ବାଧିକ ୬,୧୪୮ ମୃତ

**ନୂଆଦିଲ୍ଲୀ,୧୦।୬**

ଦେଶରେ ବୁଧବାର କାରୋନା ଭାଇରସ୍ ସଂକ୍ରମଣଜନିତ ୬,୧୪୮ ମୃତ୍ୟୁ ଘଟିଛି। ମହାମାରୀ ଆସିବା ପରଠାରୁ ଦିନକ ଭିତରେ ସଂକ୍ରମିତଙ୍କ ଜୀବନ ଯିବାରେ ଏହା ସର୍ବାଧିକ। ତେବେ ଏହାଠାରୁ ଅଧିକ ମୃତ୍ୟୁ ମଧ କୌଣସି ଦିନ ଘଟିଆଇପାରେ ବୋଲି ଆଶଙ୍କା କରାଯାଉଛି। କାରଣ ବିହାରର ନୀତୀଶ କୁମାର ସରକାର ରାଜ୍ୟରେ କୋଭିଡ୍ ମୃତ୍ୟୁ ସଂଖ୍ୟାକୁ ନେଇ ସତ କହୁ ନ ଥିଲେ। ପାଟନା ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ସତ ପଦାକୁ ଆସିବାରୁ ମୃତ୍ୟୁସଂଖ୍ୟା ଏତେ ବଡ଼ ଦେଖାଯାଉଛି। ଅନ୍ୟ ରାଜ୍ୟଗୁଡ଼ିକ ନିଜ ନିଜ ପ୍ରକୃତ ମୃତ୍ୟୁସଂଖ୍ୟା ସାମ୍ନାକୁ ଆଣିଲେ ହୁଏତ ଆହୁରି ନୂଆ ରେକର୍ଡ ସୃଷ୍ଟି ହୋଇପାରେ।

ବିହାରରେ ୯,୪୨୯ ଜଣଙ୍କ କରୋନାରେ ମୃତ୍ୟୁ ଘଟିଲାଣି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ବିହାରରେ ପୂର୍ବରୁ ମୃତ୍ୟୁସଂଖ୍ୟା ୩,୯୫୧ ବୋଲି ଦର୍ଶାଯାଇଥିଲା। ରାଜ୍ୟ ସରକାର ମୃତ୍ୟୁସଂଖ୍ୟା ଲୁଚାଉଛନ୍ତି ବୋଲି ଅଭିଯୋଗ ଆସିବା ପରେ ପାଟନା ହାଇକୋର୍ଟ ଏହାର ଅଡିଟ୍ କରିବା ପାଇଁ ତାଗିଦ କରିଥିଲେ। ସମସ୍ତ ୩୮ ଜିଲାରେ ୨୦ ଦିନ ଧରି ସମୀକ୍ଷା କରିବା ପରେ ନୂଆ ସଂଖ୍ୟା ସାମ୍ନାକୁ ଆସିଛି। ଘରୋଇ ହସ୍ପିଟାଲ, ହୋମ୍ ଆଇସୋଲେଶନ ଏବଂ କୋଭିଡ୍ ପରବର୍ତ୍ତୀ ଜଟିଳତା ଯୋଗୁ ଏପରି ଘଟିଥିଲା ବୋଲି ରାଜ୍ୟର ଅତିରିକ୍ତ ସ୍ୱାସ୍ଥ୍ୟ ସଚିବ ପ୍ରତ୍ୟୟ ଅମ୍ରିତ କହିଛନ୍ତି। ଏହାକୁ ପୁନଃ ସମୀକ୍ଷା କରି ୫,୫୦୦ ନୂଆ ସଂଖ୍ୟାକୁ ମିଶାଇ ଅପ୍‌ଡେଟ୍ କରାଯାଇଛି। ତେବେ ମୃତ୍ୟୁସଂଖ୍ୟାରେ ୭୨.୮% ଅଭିବୃଦ୍ଧିର କାରଣ କ'ଣ ଏବଂ କେଉଁ କେଉଁ ଜିଲାରେ ଅତିରିକ୍ତ ମୃତ୍ୟୁ କେବେ କେବେ ଘଟିଥିଲା ସେନେଇ କିଛି ସ୍ପଷ୍ଟ କରାଯାଇ ନାହିଁ। ରାଜ୍ୟରେ ୭,୧୫,୧୭୯ ସଂକ୍ରମିତ ଥିବା ବିହାର ସରକାର ସୂଚନା ଦେଇଛନ୍ତି। ବିହାରର ନୂଆ ମୃତ୍ୟୁକୁ ମିଶାଇ ଭାରତରେ ଦୈନିକ ମୃତ୍ୟୁସଂଖ୍ୟା ୬,୧୪୮ରେ ପହଞ୍ଚିବା ସର୍ବକାଳୀନ ରେକର୍ଡ। ଏଥିସହ ଦେଶରେ ମୋଟ ମୃତ୍ୟୁସଂଖ୍ୟା ୩,୫୯,୬୭୬ ଛୁଇଁଛି। ଏହା ପୂର୍ବରୁ ମଙ୍ଗଳବାର ଦେଶରେ ୨,୨୧୯ ଜଣଙ୍କ କରୋନା ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷେ ଦେଶରେ ଲଗାତର ତୃତୀୟ ଦିନ ଧରି ଦୈନିକ ସଂକ୍ରମଣ ☞ପୃଷ୍ଠା-୪

**ଦେଶରେ ସର୍ବକାଳୀନ ରେକର୍ଡ**



# କେବଳ ପୁରୀରେ ହେବ ରଥଯାତ୍ରା



- ବିନା ଭକ୍ତରେ ଗଡ଼ିବ ରଥ
- ଗୋଟିଏ ରଥ ପାଇଁ ୫୦୦ ସେବାୟତଙ୍କୁ ଅନୁମତି
- ସୂଚନା ଓ ଲୋକ ସମ୍ପର୍କ ବିଭାଗ ସିଧା ପ୍ରସାରଣ କରିବ

**ଭୁବନେଶ୍ୱର,୧୦।୬(ବ୍ୟୁରୋ)**

ଆସନ୍ତା ଜୁଲାଇ ୧୨ତାରିଖରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ତେବେ କୋଭିଡ୍ ସଂକ୍ରମଣ ଯୋଗୁ ଗତବର୍ଷ ଭଳି ଚଳିତବର୍ଷ ମଧ ବିନା ଭକ୍ତରେ କେବଳ ପୁରୀରେ ରଥଯାତ୍ରା ଅନୁଷ୍ଠିତ ହେବ। ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆରସି) ପ୍ରଦୀପ କୁମାର ଜେନା ଏ ନେଇ ସୂଚନା ଦେଇଛନ୍ତି। ଗୁରୁବାର ସେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ପୁରୀ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ରଥଯାତ୍ରା ହେବନାହିଁ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଛି। ତେବେ ରଥଯାତ୍ରାରେ କେଉଁମାନେ ସାମିଲ ହୋଇପାରିବେ ସେନେଇ ଏସ୍ଆର୍‌ସିଙ୍କ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ରଥଯାତ୍ରାରେ କୌଣସି ଭକ୍ତ ସାମିଲ ହୋଇପାରିବେ ନାହିଁ। ଭକ୍ତଶୂନ୍ୟ ବଡ଼ଦାଣ୍ଡରେ କେବଳ ସେବାୟତ ଓ ପୋଲିସଙ୍କ ସହଯୋଗରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥ ଗଡ଼ିବ।

ସେହିଭଳି ଗୋଟିଏ ରଥରେ ୫୦୦ ସେବାୟତରୁ ଅଧିକ ରହି ପାରିବେ ନାହିଁ। ଯେଉଁ ସେବାୟତମାନେ ଦୁଇ ଥର ଟିକା ନେଇସାରିଥିବେ କିମ୍ବା ୪୮ ଘଣ୍ଟା ମଧ୍ୟରେ ସେମାନଙ୍କର ଆର୍‌ଟି-ପିସିଆର୍ ରିପୋର୍ଟ ନେଗେଟିଭ ଆସିଥିବ ସେମାନେ କେବଳ ମହାପ୍ରଭୁଙ୍କ ନୀତିକାନ୍ତି ଏବଂ ରଥଯାତ୍ରାରେ ସାମିଲ ହୋଇପାରିବେ। ସେବାୟତ, ପୋଲିସ କିମ୍ବା ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଅନୁମତିପ୍ରାପ୍ତ ଅଧିକାରୀମାନେ ରଥ ଟାଣିବା କାର୍ଯ୍ୟରେ ନିୟୋଜିତ ହୋଇପାରିବେ। କୋଭିଡ୍ କଟକଣା ମାନି ରଥଟଣା କାର୍ଯ୍ୟ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ପ୍ରଶାସନ ଏହାକୁ କଡ଼ାକଡ଼ି ଭାବେ ପାଳନ କରିବ। ପୁରୀକୁ ବସ୍ କିମ୍ବା ଟ୍ରେନ୍ ଚଳାଚଳ ହେବ ନାହିଁ। ରଥଯାତ୍ରା ଦିନ ପୁରୀ ସହରକୁ ସଂଯୋଗ ହୋଇଥିବା ସମସ୍ତ ରାସ୍ତା ସିଲ୍ କରାଯିବ। ପୁରୀରେ ରଥଯାତ୍ରା ସମୟରେ କର୍ଫ୍ୟୁ ଲାଗୁ କରାଯିବ। କୌଣସି ଲୋକ ଯେପରି ପଦାକୁ ନ ଆସିବେ ସେ ନେଇ ପଦକ୍ଷେପ ନିଆଯିବ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ରଥଯାତ୍ରାର ସିଧା ପ୍ରସାରଣ ବ୍ୟବସ୍ଥା କରାଯିବ।

ରାଜ୍ୟର ଅନ୍ୟ କୌଣସି ସ୍ଥାନରେ ରଥଯାତ୍ରା ହେବନାହିଁ। କିନ୍ତୁ ମନ୍ଦିର ଭିତରେ ନୀତିକାନ୍ତି କରାଯିବ। ମନ୍ଦିର ବାହାରେ କୌଣସି ନୀତିକାନ୍ତି ହେବ ନାହିଁ। ଏହାକୁ ନ ମାନିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍ଆରସି ଚେତାବନୀ ଦେଇଛନ୍ତି।



ଧରିତ୍ରୀ
DHARITRI
ଶୁକ୍ରବାର, ୧୧ ଜୁନ୍, ୨୦୨୧

**ଆମେରିକାରେ ଟିକ୍‌ଟକ୍ ବ୍ୟାନ୍ ହଟିବ**

ଚାଇନିଜ୍ ଆପ୍ ଟିକ୍‌ଟକ୍, ୱିଚାଟ୍ ସମେତ ୮ଟି ଆପ୍ଲିକେଶନ ବ୍ୟାନ୍ କଟକଣା ଉପରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ରୋକ୍ ଲଗାଇଛନ୍ତି। ଏଥିସହ ୟୁଜର୍ସଙ୍କ ତଥ୍ୟର ସୁରକ୍ଷା ପାଇଁ ନୂଆ ନିୟମ ଆଣିଛନ୍ତି। ଆମେରିକାର ତଥ୍ୟ ଏହି ମୋବାଇଲ ଆପ୍‌ଗୁଡ଼ିକରେ ସୁରକ୍ଷିତ କି ନା ତାହା ଏହି ନିୟମ ଅନୁସାରେ ଯାଞ୍ଚ କରାଯିବ। ଆପ୍ ମାଧ୍ୟମରେ ଚାଇନା ଡାଟା ଚୋରି କରୁଥିବା ଅଭିଯୋଗ ଆସିବାରୁ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହା ଉପରେ କଟକଣା ଜାରି କରିଥିଲେ।



## ସଂକ୍ଷେପରେ

### ଲଟେରି ଜିତିବାକୁ ୨ ଭଉଣୀଙ୍କୁ ବଳି

**ଲଣ୍ଡନ, ୧୦।୬:** ବ୍ରିଟେନର ଜଣେ ୧୯ ବର୍ଷୀୟ ଯୁବକ 'ସଇତାନ' ସହ ଡିଲ୍ କରି ଲଟେରି ଜିତିବାକୁ ନିଜ ୨ ଭଉଣୀଙ୍କୁ ବଳି ପକାଇଥିବା ଜଣାପଡିଛି। ସ୍ଥାନୀୟ କୋର୍ଟରେ ଶୁଣାଣିବେଳେ ଏହି ଘଟଣା ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ଗତବର୍ଷ ଜୁନ୍ ୬ରେ ଅଭିଯୁକ୍ତ ଡାନିଏଲ ହୁସେନ୍ ୱେମ୍ବଲି ସହରର ଫ୍ରୟେଣ୍ଟ କଣ୍ଟ୍ରି ପାର୍କରେ ତାଙ୍କ ଭଉଣୀ ନିକୋଲ୍ ସ୍ମଲମ୍ୟାନ(୨୭)ଙ୍କୁ ୨୮ ଥର ଏବଂ ବିବା ହେନ୍‌ରୀ(୪୬)ଙ୍କୁ ୮ ଥର ଛୁରି ଭୁସି ହତ୍ୟା କରିଥିଲେ। ସେହିଦିନ ଉକ୍ତ ପାର୍କରେ ହେନ୍‌ରୀଙ୍କ ଜନ୍ମଦିନ ପାର୍ଟି ଆୟୋଜିତ ହୋଇଥିଲା। ପୋଲିସ ହାତରେ ଏକ ଚିଠି ଲାଗିଛି। ହୁସେନ୍ ଲଟେରି ଜିତିବା ପାଇଁ ୨ ଜଣ ମହିଳାଙ୍କୁ ବଳି ଦେବେ ବୋଲି ସଇତାନ ସହ ଚୁକ୍ତି କରିଥିଲେ।

### ମ୍ୟାନ୍‌ମାର ସେନା ବିମାନ ଦୁର୍ଘଟଣା: ୧୨ ମୃତ

**ନାପିତାଉ, ୧୦।୬:** ମ୍ୟାନ୍‌ମାର ସେନାର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ବିମାନଟି ରାଜଧାନୀ ନାପିତାଉରୁ ପିନ୍ ଓ' ଲ୍ୱିନ୍‌କୁ ଯାଉଥିବାବେଳେ ଖରାପ ପାଣିପାଗ ଯୋଗୁ ଅବତରଣ ପୂର୍ବରୁ ମାଣ୍ଡେଲୟ ସହର ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ବିମାନରେ ମ୍ୟାନ୍‌ମାର ସୈନ୍ୟଙ୍କ ସମେତ ବୌଦ୍ଧ ସନ୍ୟାସୀ ଥିଲେ।

### ଇରାକ୍ ଏୟାର ବେସ୍‌ରେ ରକେଟ୍ ମାଡ଼

**ବାଗ୍‌ଦାଦ, ୧୦।୬:** ଇରାକର ସଲାହୁଦ୍ଦିନ୍ ପ୍ରଦେଶରେ ଥିବା ବାଲାଡ୍ ମିଲିଟାରୀ ଏୟାର ବେସ୍‌ରେ ବୁଧବାର ୩ଟି କତ୍ୟୁଶ ରକେଟ ମାଡ଼ ହୋଇଛି। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ସୂଚନା ରହିଛି। ପଡ଼ୋଶୀ ପ୍ରଦେଶ ଦିୟାଲାରୁ ଏହି ରକେଟ୍ ପଠାଯାଇଥିବା ଜଣାପଡ଼ିଥିବାବେଳେ କୌଣସି ସଙ୍ଗଠନ ଏଥିପାଇଁ ନିଜକୁ ଦାୟୀ କରି ନାହାନ୍ତି।

### ସୁଶାନ୍ତଙ୍କ ଜୀବନୀ ଆଧାରିତ ଫିଲ୍ମ ଉପରେ ରୋକ ଆବେଦନ ଖାରଜ

**ନୂଆଦିଲ୍ଲୀ, ୧୦।୬:** ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଜୀବନୀ ଉପରେ ଆଧାରିତ ଫିଲ୍ମ 'ନ୍ୟାୟ: ଦ ଜଷ୍ଟିସ୍', 'ସୁଇସାଇଡ୍ ଅର୍ ମର୍ଡର: ଏ ଷ୍ଟାର ୱାଜ୍ ଲଷ୍ଟ', 'ଶଶାଙ୍କ' ଆଦି ଉପରେ ରୋକ ଲଗାଇବା ପାଇଁ ତାଙ୍କ ବାପା କ୍ରିଷ୍ଣା କିଶୋର ସିଂ କରିଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। ଶୁକ୍ରବାର 'ନ୍ୟାୟ: ଦ ଜଷ୍ଟିସ୍' ଚଳଚ୍ଚିତ୍ର ମୁକ୍ତିଲାଭ କରିବାକୁ ସ୍ଥିର ହୋଇଥିଲା। ଏହି ଚଳଚ୍ଚିତ୍ରଗୁଡ଼ିକ ବାୟୋପିକ୍ କିମ୍ବା ସୁଶାନ୍ତ ଜୀବନରେ କ'ଣ ଘଟିଛି ତାହାର ବାସ୍ତବ କାହାଣୀକୁ ଚିତ୍ରିତ କରାଯାଇ ନ ଥିବା କୋର୍ଟ କହିଛନ୍ତି।

### ନବାମ ତୁକିଙ୍କ ବିରୋଧରେ ସିବିଆଇ ମାମଲା

**ନୂଆଦିଲ୍ଲୀ, ୧୦।୬(ପି.ଟି.):** ଅରୁଣାଚଳପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ନବାମ ତୁକିଙ୍କ ବିରୋଧରେ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ଅଭିଯୋଗରେ ସିବିଆଇ ଗୁରୁବାର ସାନି ଏତଲା ଦାଏର କରିଛି। କୋଲକାତାର ସଲ୍ଟ ଲେକ୍ ଅଞ୍ଚଳରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍କୁଲ୍ ପାଚେରି ନିର୍ମାଣ ପାଇଁ ଠିକାଦାରିକୁ ନେଇ ଏଭଳି ଅଭିଯୋଗ ହୋଇଥିଲା। ତୁକି ଏବଂ ତତ୍କାଳୀନ ପିଡବ୍ଲ୍ୟୁଡି ମନ୍ତ୍ରୀଙ୍କ ପରିବାର ସଦସ୍ୟ ନିୟନ୍ତ୍ରଣରେ ଥିବା ସଂସ୍ଥାକୁ ଅରୁଣାଚଳପ୍ରଦେଶ ପୂର୍ତ୍ତ ବିଭାଗ ଅଧିକାରୀମାନେ ଉକ୍ତ କାର୍ଯ୍ୟର ଠିକା ଦେଇଥିଲେ ବୋଲି ସିବିଆଇ ପ୍ରାରମ୍ଭିକ ତଦନ୍ତରୁ ଜାଣିବାକୁ ପାଇଛି।



## ନାଇଜେରିଆ ଗଲା 'କୁ'

ଗତ ସପ୍ତାହରେ ନାଇଜେରିଆ ରାଷ୍ଟ୍ରପତି ମହମାଦୁ ବୁହାରିଙ୍କ ଏକ ପୋଷ୍ଟକୁ ଟୁଇଟର ହଟାଇଦେବା ପରେ ଦେଶର ସରକାର ଏହି ମାଇକ୍ରୋବ୍ଲଗିଂ ୱେବ୍‌ସାଇଟ୍ ଉପରେ ନିଷେଧାଦେଶ ଜାରି କରିଛନ୍ତି। ଏହାର ସୁଯୋଗ ନେଇ ନାଇଜେରିଆରେ ପଶିଛି ଭାରତୀୟ ଟୁଇଟର ବୋଲାଯାଉଥିବା 'କୁ'। ଏହି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏବେ ନାଇଜେରିଆରେ ଖାତା ଖୋଲିଛି। ସେଠାକାର ସରକାର 'କୁ' ଆକାଉଣ୍ଟ ଆରମ୍ଭ କରିଛନ୍ତି। 'କୁ' ସିଇଓ ଅପ୍ରମେୟ ରାଧାକ୍ରିଷ୍ଣନ୍ ଟୁଇଟରରେ ଏନେଇ ନାଇଜେରିଆ ସରକାରଙ୍କ ଏକ ୱେଲକମ୍ ମେସେଜ୍ ପୋଷ୍ଟ କରିଛନ୍ତି। ଏଥିରେ ଟୁଇଟର୍‌ର ବ୍ଲୁ ଟିକ୍ ଭଳି 'କୁ'ର ଏକ ଅରେଞ୍ଜ-ୟଲୋ ଟିକ୍ ମାର୍କ ରହିଛି। ନାଇଜେରିଆ ସରକାରଙ୍କ ଏହି ଅଫିସିଆଲ୍ ହ୍ୟାଣ୍ଡଲରେ ୯,୯୦୦ ଅନୁଗାମୀ ଥିବାବେଳେ @nigeriagov କାହାରିକୁ ଫଲୋ କରିନାହିଁ।

## ଆଡ୍‌ମିଶନ କଲେ ସେକ୍ସ ଅଫର୍



ଚାଇନାର ନାନିଜାଙ୍ଗ ୟୁନିଭର୍ସିଟିରେ ଆଡ୍‌ମିଶନ ପାଇଁ ବାହାର ଛାତ୍ରୀଛାତ୍ରଙ୍କୁ ଲୋଭାନ୍ୱିତ କରିବାକୁ ଏକ ବିବାଦୀୟ ବିଜ୍ଞାପନ ଦେଇ ଏହି ବିଶ୍ୱବିଦ୍ୟାଳୟ ଘୋର ସମାଲୋଚନାର ଶିକାର ହୋଇଛି। ଏଠାରେ ନାମ ଲେଖାଇଲେ ଛାତ୍ରୀଛାତ୍ରଙ୍କୁ ସେକ୍ସ ସୁବିଧା ଦିଆଯିବ ବୋଲି ୱେବିବୋ ସାଇଟ୍‌ରେ ଏହି ବିଜ୍ଞାପନ ପ୍ରକାଶ ପାଇଛି। ସାଉଥ ଚାଇନା ମର୍ନିଂ ପୋଷ୍ଟରେ ପ୍ରକାଶିତ ଖବର ଅନୁଯାୟୀ, ବିଜ୍ଞାପନରେ ୟୁନିଭର୍ସିଟିରେ ୬ ଛାତ୍ରୀଛାତ୍ରଙ୍କୁ ବ୍ୟବହାର କରାଯାଇଛି। ଜଣେ ଛାତ୍ରୀ ମୋ ସହ ସକାଳୁ ରାତି ଯାଏ ସମୟ ବିତାନ୍ତୁ ବୋଲି ଲେଖାଥିବା ଏକ ହୋର୍ଡିଂ ଧରିଥିବା ଦେଖିବାକୁ ମିଳିଛି। ଛାତ୍ରୀମାନଙ୍କୁ ଏପରି କାର୍ଯ୍ୟରେ ବ୍ୟବହାରକୁ ତୀବ୍ର ବିରୋଧ କରାଯିବାରୁ ଏହି ୟୁନିଭର୍ସିଟି ଉକ୍ତ ବିଜ୍ଞାପନକୁ ହଟାଇଥିବା ଜଣାପଡ଼ିଛି।

# ଦିଲ୍ଲୀରେ ଡ୍ୟାମେଜ୍ କଣ୍ଟ୍ରୋଲ୍

## ଆଜି ମୋଦି, ନଡ୍ଡାଙ୍କୁ ଭେଟିବେ ଯୋଗୀ



ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟୁଛନ୍ତି ଯୋଗୀ ଆଦିତ୍ୟନାଥ।

**ନୂଆଦିଲ୍ଲୀ, ୧୦।୬**

ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗୁରୁବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିଛନ୍ତି। ସେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାକ୍ଷାତ କରିବା କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ ବିଧାନସଭା ନିର୍ବାଚନକୁ କିଛି ମାସ ବାକି ଥିବାବେଳେ ଭାଜପା ଓ କେନ୍ଦ୍ର ସରକାରଙ୍କ ଶୀର୍ଷ ନେତୃତ୍ୱଙ୍କ ସହ ଯୋଗୀଙ୍କ ଭେଟକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ଯୋଗୀଙ୍କ କୋଭିଡ୍ ମୁକାବିଲାରେ ଦୁର୍ବଳତା ଯୋଗୁ ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଭାଜପାକୁ କ୍ଷତି ସହିବାକୁ ପଡ଼ିପାରେ ବୋଲି କିଛିଦିନ ହେଲା ଚର୍ଚ୍ଚା ଜୋର୍ ଧରିଛି। ଏଭଳି ସମୟରେ ପ୍ରଥମ ଥର ପାଇଁ ଯୋଗୀ ଦୁଇଦିନିଆ ଦିଲ୍ଲୀ ଗସ୍ତ କରିଛନ୍ତି। ସେ ଶୁକ୍ରବାର ମୋଦି, ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡା ଓ ଅନ୍ୟ ନେତାମାନଙ୍କୁ ସାକ୍ଷାତ କରିବେ। ୟୁପିର ପ୍ରମୁଖ ବ୍ରାହ୍ମଣ ଚେହେରା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜିତିନ ପ୍ରସାଦ କଂଗ୍ରେସ ଛାଡ଼ି ଭାଜପାରେ ମିଶିବାର ଦିନକ ପରେ ଯୋଗୀଙ୍କ ଦିଲ୍ଲୀ ଗସ୍ତ ପାଣିପାଗରେ ଉଷ୍ମତା ଭରିଦେଇଛି। ଆଗକୁ ୟୁପିରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯିବ ବୋଲି ହେଉଥିବା ଚର୍ଚ୍ଚା ଭିତରେ ଜିତିନଙ୍କୁ ଏଥିରେ ସାମିଲ କରାଯିବା ସମ୍ଭାବନା ଦେଖାଦେଇଛି। କ୍ୟାବିନେଟରେ ଜାତିଗତ ଓ ଆଞ୍ଚଳିକ ସମୀକରଣକୁ ମଧ୍ୟ ଦୃଷ୍ଟି ଦିଆଯିବ। ପ୍ରଧାନମନ୍ତ୍ରୀଙ୍କ ଘନିଷ୍ଠ ଏ.କେ. ଶର୍ମାଙ୍କୁ କ୍ୟାବିନେଟରେ ସାମିଲ କରିବା ନେଇ କେନ୍ଦ୍ରୀୟ ନେତାଙ୍କ ସହ ଯୋଗୀଙ୍କ ସାକ୍ଷାତ ବେଳେ ଆଲୋଚନା ହୋଇପାରେ।

## ୟୁପି କ୍ୟାବିନେଟ ସମ୍ପ୍ରସାରଣ ଚର୍ଚ୍ଚା

କରୋନା ମୁକାବିଲାରେ ବିଫଳତା ଯୋଗୁ ୟୁପି ସରକାର ନିଜ ଖରାପ ଛବିଜନିତ କ୍ଷତିକୁ କମ୍ କରିବାକୁ ଉଦ୍ୟମ କରୁଛନ୍ତି। ଗଙ୍ଗାରେ କୁଢ଼ କୁଢ଼ କୋଭିଡ୍ ମୃତକଙ୍କ ଶବ ଭାସିବା ପରେ ଦଳୀୟ ବିଧାୟକ ଏବଂ ଏମ୍‌ପିମାନେ ମଧ୍ୟ ଜନ ଆକ୍ରୋଶକୁ ସମର୍ଥନ କରି ଯୋଗୀ ସରକାର ବିରୋଧରେ ମୁଖର ହୋଇଥିଲେ। ସୋସିଆଲ୍ ମିଡିଆରେ ଏସବୁ ଭାଇରାଲ୍ ହେବା ସହ ଅନେକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଏକାଧିକ ରିପୋର୍ଟ ପ୍ରକାଶ ପାଇଥିଲା। ଫଳରେ ଭାଜପାର ଭାବମୂର୍ତ୍ତି ମଳିନ ହେବାରୁ ଦଳ ଭିତର କନ୍ଦଳ ଓ ଅସନ୍ତୋଷ ପଦାରେ ପଡ଼ିଥିଲା। ଏଭଳି ସମୟରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଦିଲ୍ଲୀ ଡକାଇ ସମ୍ଭାବ୍ୟ ପରିବର୍ତ୍ତନର ବାର୍ତ୍ତା ଦେଇଛନ୍ତି ଭାଜପାର କେନ୍ଦ୍ରୀୟ ନେତୃତ୍ୱ।

### ଏ. କେ. ଶର୍ମା କିଏ



ଗୁଜରାଟ କ୍ୟାଡର ପୂର୍ବତନ ଆଇଏଏସ୍ ଅଧିକାରୀ ଅରବିନ୍ଦ କୁମାର ଶର୍ମା ୟୁପି ରାଜନୀତିରେ ଏବେ ବେଶ୍ ଚର୍ଚ୍ଚା ସାଉଣ୍ଟୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ମଧ୍ୟରେ ମତଭେଦର ପ୍ରମୁଖ କାରଣ ରୂପେ ଏହି ପ୍ରାକ୍ତନ ଅମଲାତନ୍ତ୍ରୀଙ୍କୁ ଧରାଯାଉଛି। କାରଣ ଗୁଜରାଟର ଗାନ୍ଧୀ ନଗରରୁ ଦିଲ୍ଲୀ ପର୍ଯ୍ୟନ୍ତ ମୋଦିଙ୍କ କ୍ଷମତା ରାଜନୀତିର ଜୟଯାତ୍ରା ବେଳେ ଅରବିନ୍ଦ ଶର୍ମା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ୨୦୦୧ରେ ମୁଖ୍ୟମନ୍ତ୍ରୀ ଭାବେ ମୋଦିଙ୍କ ପ୍ରଥମ ପାଳିରୁ ୨୦୧୪ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ଅଫିସ୍‌ରେ ଅରବିନ୍ଦ କାର୍ଯ୍ୟ କରିଥିଲେ। ଅତିରିକ୍ତ ସଚିବ ଭାବେ ତାଙ୍କ ଶେଷ ପୋଷ୍ଟିଂ ଥିଲା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ବା ପିଏମ୍‌ଓରେ। ନିକଟରେ ସେ ସ୍ୱେଚ୍ଛାକୃତ ଅବସର ନେଇ ୟୁପି ରାଜନୀତିରେ ପ୍ରବେଶ କରିଛନ୍ତି। ବିଧାନ ପରିଷଦକୁ ନିର୍ବାଚିତ ହୋଇଥିଲେ ସୁଦ୍ଧା ଅରବିନ୍ଦଙ୍କୁ ଯୋଗୀ ଏ ଯାଏ ମନ୍ତ୍ରୀ ନ କରିବା ପ୍ରଧାନମନ୍ତ୍ରୀଙ୍କ ସହ ତାଙ୍କ ମତଭେଦକୁ ପଦାରେ ପକାଇଛି।

### ଜିତିନଙ୍କୁ ମିଳିବ କି 'ପ୍ରସାଦ': କଂଗ୍ରେସ

ଜିତିନ ପ୍ରସାଦ ହାତ ଛାଡ଼ି ପଦ୍ମ ଧରିବାର ଦିନକ ପରେ ଭାଜପା ତାଙ୍କୁ 'ପ୍ରସାଦ' ଦେବ କି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ବରିଷ୍ଠ କଂଗ୍ରେସ ନେତା କପିଲ ସିବଲ କହିଛନ୍ତି, ଭାଜପା ତାଙ୍କୁ ପ୍ରସାଦ ଦେବ ନା କେବଳ ୟୁପି ବିଧାନସଭା ନିର୍ବାଚନ ପୂର୍ବରୁ ଲୋକଙ୍କୁ ଦେଖାଇବା ପାଇଁ ଦଳକୁ ନେଇଛି। ସେହିପରି ସିଦ୍ଧାନ୍ତ ବିହୀନ ରାଜନୀତି ଏକ କ୍ୟାରିୟର ହୋଇପାରେ କି ବୋଲି କଂଗ୍ରେସ ଏମ୍‌ପି ଶଶୀ ଥରୁର ଟୁଇଟରରେ ପ୍ରଶ୍ନ କରିଛନ୍ତି।



ଜିତିନ ପ୍ରସାଦ

## କୋଠା ଭୁଶୁଡ଼ି ୧୧ ମୃତ



**ମୁମ୍ବାଇ, ୧୦।୬:** ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମହାରାଷ୍ଟ୍ରରେ ପ୍ରବେଶ କରିବା ସହ ପ୍ରବଳ ବର୍ଷା ଯୋଗୁ ମୁମ୍ବାଇର ମାଲୱାନି ଅନ୍ତର୍ଗତ ଅବଦୁଲ୍ ହମିଦ ରୋଡ୍‌ରେ ଏକ ତିନି ମହଲା କୋଠା ଭୁଶୁଡ଼ି ପଡ଼ିବାରୁ ୮ ପିଲାଙ୍କ ସମେତ ୧୧ ଜଣଙ୍କର ମୃତ୍ୟୁ ଘଟିଛି ଓ ଅନ୍ୟ ୭ ଜଣ ଆହତ ହୋଇଛନ୍ତି। ପ୍ରତି ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଦେବା ସହ ଆହତମାନଙ୍କୁ ମାଗଣାରେ ଚିକିତ୍ସା କରିବା ଲାଗି ମହାରାଷ୍ଟ୍ର ସରକାର ଘୋଷଣା କରିଛନ୍ତି। ବୁଧବାର ରାତି ୧୧ଟା ୧୫ରେ ଅବଦୁଲ ହମିଦ ରୋଡ୍‌ର ନ୍ୟୁ କଲେକ୍ଟର କମ୍ପାଉଣ୍ଡରେ ଥିବା ୩ ମହଲା କୋଠାର ଉପର ଦୁଇ ମହଲା ଭୁଶୁଡ଼ି ପାଖରେ ଥିବା ଅନ୍ୟ ଏକ ଘର ଉପରେ ପଡ଼ିଥିଲା।

### ୫ ଲକ୍ଷ ଟଙ୍କା ସହାୟତା ଘୋଷଣା କଲେ ଉଦ୍ଧବ

ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଶତାବ୍ଦୀ ହସ୍ପିଟାଲ ଯାଇ ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ମୃତକମାନଙ୍କ ପାଇଁ ଶୋକବ୍ୟକ୍ତ କରିଥିଲେ। ଉଦ୍ଧବଙ୍କ ସହିତ ମନ୍ତ୍ରୀ ଅସଲମ୍ ଶେଖ୍, ଆଦିତ୍ୟ ଠାକ୍‌ରେ, ମେୟର କିଶୋରୀ ପେଡନେକର, ମ୍ୟୁନିସିପାଲ କମିଶନର ଆଇ.ଏସ୍. ଚହଲ ପ୍ରମୁଖ ଥିଲେ।

## ପଶ୍ଚିମବଙ୍ଗ ସୀମାରୁ ଚାଇନା ନାଗରିକ ଗିରଫ

**ନୂଆଦିଲ୍ଲୀ, ୧୦।୬(ଆଇଏଏନ୍‌ଏସ୍)**

ପଶ୍ଚିମବଙ୍ଗର ମାଲଦା ଜିଲା ସୀମାରୁ ଜଣେ ଚାଇନା ନାଗରିକଙ୍କୁ ଗୁରୁବାର ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଯବାନମାନେ ଗିରଫ କରିଛନ୍ତି। ତାଙ୍କଠାରୁ ଏକ ଲାପ୍‌ଟପ୍ ଏବଂ ପାସ୍‌ପୋର୍ଟ ଜବତ ହୋଇଛି। ବ୍ୟକ୍ତି ଜଣକ ସୀମାନ୍ତରେ ସନ୍ଦେହଜନକ ଭାବେ ବୁଲୁଥିଲେ ବୋଲି ବିଏସ୍‌ଏଫ୍ କହିଛି। ଏବେ ତାଙ୍କୁ ପଚରାଉଚରା କରାଯାଉଛି। ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେବା ଭଳି କାର୍ଯ୍ୟରେ ସେ ସମ୍ପୃକ୍ତ ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ସ୍ୱରାଷ୍ଟ୍ର ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଜଣାଇ ଦିଆଯିବା ପରେ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ଏବଂ ଅନ୍ୟ ସଂସ୍ଥାର ଅଧିକାରୀମାନେ ତାଙ୍କୁ ଜେରା କରିବା ପାଇଁ ପହଞ୍ଚିଛନ୍ତି।

## ମାଲାଲାଙ୍କୁ ଧମକ ଦେଇ ପାକ୍ ମୌଲବୀ ଗିରଫ

**ପେଶାୱର, ୧୦।୬(ପି.ଟି.)**

ନୋବେଲ ପୁରସ୍କାର ବିଜେତା ମାଲାଲା ୟୁସୁଫ୍‌ଜାଇଙ୍କୁ ଆକ୍ରମଣ ଧମକ ଦେଇଥିବା ପାକିସ୍ତାନର ଜଣେ ମୌଲବୀଙ୍କୁ ଗିରଫ କରାଯାଇଛି। ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶ ମରୱାତ ଜିଲାର ମୌଲବୀ ମୁଫ୍‌ତି ସର୍ଦ୍ଦାର ଅଲି ହାକ୍କାନିଙ୍କ ଘର ଉପରେ ବୁଧବାର ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ତାଙ୍କ ବିରୋଧରେ



ମାଲାଲା ୟୁସୁଫ୍‌ଜାଇ

ଆତଙ୍କବାଦ ନିରୋଧୀ ଆଇନ ଅନୁଯାୟୀ ଏତଲା ଦାଏର ହୋଇଛି। ପେଶାୱରରେ ଏକାଠି ହୋଇ ମାଲାଲାଙ୍କୁ ଆକ୍ରମଣ କରିବା ପାଇଁ ମୁଫ୍‌ତି ଏକ ଭିଡିଓ ବାର୍ତ୍ତାରେ ଲୋକମାନଙ୍କୁ ଉସୁକାଉଥିଲେ। ମାଲାଲା ପାକିସ୍ତାନରେ ପହଞ୍ଚିବା ମାତ୍ରେ ସେ ତାଙ୍କ ଉପରେ ପ୍ରଥମେ ଆତ୍ମଘାତୀ ଆକ୍ରମଣ ଉଦ୍ୟମ କରିବେ ବୋଲି ମୁଫ୍‌ତି ଉକ୍ତ ଭିଡିଓରେ କହୁଥିବା ଦେଖାଯାଇଛି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ନାରୀ ଶିକ୍ଷାର ପ୍ରସାର ପାଇଁ ଉଦ୍ୟମ ଚଳାଇଥିବା ୨୩ ବର୍ଷୀୟ ମାଲାଲା ନିକଟରେ ଏକ ପତ୍ରିକାକୁ ସାକ୍ଷାତ୍‌କାର ଦେବା ଅବସରରେ ବିବାହକୁ ବିରୋଧ କରି ମନ୍ତବ୍ୟ ଦେଇଥିଲେ। ଉକ୍ତ ପ୍ରସଙ୍ଗରେ ତାଙ୍କ ପରିବାର ସ୍ପଷ୍ଟୀକରଣ ଦେବା ଲାଗି ପିପିପି ଏବଂ ମୁତାହିଦା ମଜଲିସ୍-ଇ-ଅମଲ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା।



ହରିଦ୍ୱାରସ୍ଥିତ ଗଙ୍ଗାନଦୀ କୂଳ ହର୍ କି ପଉରି ଘାଟରେ ବଟ ପୂର୍ଣ୍ଣିମା ଅବସରରେ କୋଭିଡ୍ କଟକଣା ନ ମାନି ଏକତ୍ରିତ ହୋଇଛନ୍ତି ଶ୍ରଦ୍ଧାଳୁ।

## ବେଆଇନ ଟେଲିଫୋନ୍ ଏକ୍ସଚେଞ୍ଜକୁ କଲ୍

### ଭାରତୀୟ ସେନା ସମ୍ପର୍କରେ ତଥ୍ୟ ହାସଲ ଲାଗି ପାକ୍ ଗୁପ୍ତଚରଙ୍କ ଉଦ୍ୟମ

**ବେଙ୍ଗାଲୁରୁ/ନୂଆଦିଲ୍ଲୀ, ୧୦।୬(ପି.ଟି.)**

ପାକିସ୍ତାନର ଗୁପ୍ତଚର ସଂସ୍ଥାଠାରୁ ପୂର୍ବ ଭାରତରେ ଥିବା ଏକ ସାମରିକ ପ୍ରତିଷ୍ଠାନକୁ ନେଇ ଫୋନ୍ କଲ୍ କରାଯିବା ପରେ ଏବେ ବେଙ୍ଗାଲୁରୁସ୍ଥିତ ଏକ ଅବୈଧ ଟେଲିଫୋନ୍ ଏକ୍ସଚେଞ୍ଜ ପଦାକୁ ଆସିଛି। ଫଳରେ ଦେଶର ଅନ୍ୟ ଭାଗରେ ମଧ୍ୟ ଏପରି ବ୍ୟବସ୍ଥା ଚାଲିଥିଲା କି ବୋଲି ପ୍ରଶ୍ନ ଉଠିଛି। ଏହି



ର୍‍ୟାକେଟର ରହସ୍ୟ ଉନ୍ମୋଚନ ସେନାର ଦକ୍ଷିଣ କମାଣ୍ଡ ସାମରିକ ଗୋଇନ୍ଦା ଶାଖା କରିଥିବା ନେଇ ଅଧିକାରୀମାନେ ଗୁରୁବାର ସୂଚନା ଦେଇଛନ୍ତି।

ସୂଚନାନୁସାରେ ସଦର୍ନ କମାଣ୍ଡର ମିଲିଟାରି ଇଣ୍ଟେଲିଜେନ୍ସ ୱିଙ୍ଗ୍ କିଛି ସପ୍ତାହ ତଳେ ଏହି ର୍‍ୟାକେଟ ଧରିଥିଲା। ଜଣେ ପାକିସ୍ତାନୀ ଗୁପ୍ତଚର ନିଜକୁ ବରିଷ୍ଠ ଅଧିକାରୀ ଦର୍ଶାଇ ପୂର୍ବ ଭାରତର ଏକ ସେନା ପ୍ରତିଷ୍ଠାନ ସମ୍ପର୍କରେ ବିବରଣୀ ମାଗୁଥିଲେ। ଗୋଇନ୍ଦା ଅଧିକାରୀମାନେ ଅଧିକ ତଦନ୍ତରୁ ଜାଣିବାକୁ ପାଇଲେ ଯେ, ଅନ୍ୟ କେତେକ ମୁଭ୍‌ମେଣ୍ଟ କଣ୍ଟ୍ରୋଲ ଅଫିସ (ଏମ୍‌ସିଓ), ପ୍ରିନ୍ସିପାଲ କମ୍ପଟ୍ରୋଲର ଅଫ୍ ଡିଫେନ୍ସ ଆକାଉଣ୍ଟ (ପିସିଡିଏ)କୁ ମଧ୍ୟ ପାକିସ୍ତାନୀ ଗୁପ୍ତଚର କଲ୍ କରି ଏପରି ତଥ୍ୟ ମାଗିଥିଲେ। ସେନା ସମ୍ପର୍କରେ ତଥ୍ୟ ହାସଲ ପାଇଁ ପାକିସ୍ତାନୀ ଗୁପ୍ତଚର ଭାରତୀୟ ନାଗରିକଙ୍କୁ ବେଆଇନ୍ ଟେଲିଫୋନ୍ ଏକ୍ସଚେଞ୍ଜ ଜରିଆରେ ଯୋଗାଯୋଗ କରିବା ଖବର ସାମ୍ନାକୁ ଆସିବା ପରେ ସୁରକ୍ଷା ଚିନ୍ତା ବଢ଼ିଯାଇଛି।

## ଆମେରିକାରେ ୫୦% ଭାରତୀୟ ବୈଷମ୍ୟର ସମ୍ମୁଖୀନ

**ୱାଶିଂଟନ, ୧୦।୬**

ଆମେରିକାରେ ଦ୍ୱିତୀୟ ସର୍ବାଧିକ ପ୍ରବାସୀ ଭାବେ ଜଣାଶୁଣା ଭାରତୀୟମାନେ ନିୟମିତ ଭାବେ ବୈଷମ୍ୟ ଓ ଧ୍ରୁବୀକରଣର ଶିକାର ହେଉଥିବା ଏକ ସର୍ଭେରୁ ଜଣାପଡ଼ିଛି। ୟୁଏସ୍‌ରେ ପ୍ରାୟ ୪୦ ଲକ୍ଷ ଭାରତୀୟ ରହିଛନ୍ତି। ଶିକ୍ଷା, ପେସା ଓ ଆର୍ଥିକ ଦୃଷ୍ଟିରୁ ସେମାନେ ବେଶ୍ ସଫଳ ହୋଇଥିଲେ ମଧ୍ୟ ବୈଷମ୍ୟରୁ ବାଦ୍ ପଡ଼ିନାହାନ୍ତି। ଏପରିକି ସେଠାରେ ଅଧିକାଂଶ ଭାରତୀୟ ଧର୍ମ ଓ ଜାତି ବଦଳାଇବା ସତ୍ତ୍ୱେ ପକ୍ଷପାତରୁ ମୁକ୍ତ ହୋଇପାରି ନାହାନ୍ତି।

ବୁଧବାର ପ୍ରକାଶିତ ୨୦୨୦ ଇଣ୍ଡିଆନ-ଆମେରିକାନ ଆଟିଟ୍ୟୁଡ୍ସ ସର୍ଭେ ଅନୁଯାୟୀ ପ୍ରତି ଦୁଇଜଣ ଭାରତୀୟ ବଂଶୋଦ୍ଭବଙ୍କ ମଧ୍ୟରୁ ଜଣେ ଗତ ଏକ ବର୍ଷ ହେଲା ଏଭଳି ବୈଷମ୍ୟର ଶିକାର ହୋଇଛନ୍ତି। ଭେଦଭାବର ମୁଖ୍ୟ କାରଣ ସେମାନଙ୍କର ରଙ୍ଗ ବୋଲି କୁହାଯାଇଛି। ଆଶ୍ଚର୍ଯ୍ୟର କଥା ହେଲା ଆମେରିକାରେ ଜନ୍ମିତ ଭାରତୀୟ ବଂଶୋଦ୍ଭବ ବାହାରେ ଜନ୍ମିତଙ୍କ ଅପେକ୍ଷା ଅଧିକ ପାତରଅନ୍ତରର ସମ୍ମୁଖୀନ ହେଉଛନ୍ତି। ଜନ୍ସ ହପ୍‌କିନ୍ସ ୟୁନିଭର୍ସିଟି, ୟୁନିଭର୍ସିଟି ଅଫ୍ ପେନ୍‌ସିଲଭାନିଆ ଏବଂ କାର୍ନେଜି ଏଣ୍ଡାଓମେଣ୍ଟ ମିଳିତ ଭାବେ ଏହି ସର୍ଭେ କରିଥିଲେ। ଗତବର୍ଷ ସେପ୍ଟେମ୍ବରରେ ୧୨୦୦ ଭାରତୀୟ ବଂଶୋଦ୍ଭବଙ୍କଠାରୁ ଅନ୍‌ଲାଇନରେ ମତାମତ ସଂଗ୍ରହ କରାଯାଇଥିଲା। ରଙ୍ଗକୁ ନେଇ ଭେଦଭାବର ସମ୍ମୁଖୀନ ହେଉଥିବା ୩୦ ପ୍ରତିଶତ ମତ ଦେଇଥିବାବେଳେ ଧର୍ମ ଓ ଲିଙ୍ଗକୁ ନେଇ ବୈଷମ୍ୟର ସାମ୍ନା କରୁଥିବା ୧୮ ପ୍ରତିଶତ ଲେଖାଏ କହିଛନ୍ତି। ଭାରତୀୟ ମୂଳ ବାସିନ୍ଦାଙ୍କ ପ୍ରତି ଏଭଳି ପାତରଅନ୍ତର ଏକ ବଡ଼ ସମସ୍ୟା ବୋଲି ୩୧ ପ୍ରତିଶତ କହିଥିବାବେଳେ ୫୧ ପ୍ରତିଶତ ଏହାକୁ ଛୋଟ ସମସ୍ୟା କହିଛନ୍ତି। ଏପରିକି ଏହା କୌଣସି ସମସ୍ୟା ନୁହେଁ ବୋଲି ୧୭ ପ୍ରତିଶତ କହିଥିବା ରିପୋର୍ଟରୁ ଜଣାପଡ଼ିଛି। ତେବେ ଆମେରିକାରେ ରହୁଥିବା ଅନ୍ୟ ଏସୀୟ ସମ୍ପ୍ରଦାୟ ଭାରତୀୟଙ୍କ ତୁଳନାରେ ଅଧିକ ବୈଷମ୍ୟର ଶିକାର ହେଉଥିବା ୭୩ ପ୍ରତିଶତଙ୍କ ବିଶ୍ୱାସ ରହିଛି। ଏପରିକି ସେଠାରେ ଥିବା ଦକ୍ଷିଣ ଆମେରିକୀୟ, ଏଲ୍‌ଜିବିଟିକ୍ୟୁ ଆମେରିକୀୟ ଏବଂ ଆଫ୍ରିକୀୟମାନେ ଅଧିକ ବୈଷମ୍ୟର ଶିକାର ହେଉଥିବା ଅଧିକାଂଶ ମତବ୍ୟକ୍ତ କରିଛନ୍ତି।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୫୩,୪୦,୯୬୦ | ୩୭,୮୦,୪୨୩ | ୧୫,୮୮,୯୭,୮୦୯ |
| ଭାରତ | ୨,୯୧,୫୩,୯୧୨ | ୩,୬୧,୦୧୦ | ୨,୭୭,୫୬,୨୬୨ |
| ଓଡ଼ିଶା | ୮,୩୭,୨୨୬ | ୩୧୬୭(+୫୩) | ୭,୭୨,୯୭୨ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ସାବିତ୍ରୀ ପୂଜା ପରେ ମିଳିଲା ସ୍ୱାମୀଙ୍କ ମୃତ୍ୟୁ ଖବର

ଆଠଗଡ,୧୦।୬(ସ୍ୱ.ପ୍ର.): ସ୍ୱାମୀଙ୍କ ଦୀର୍ଘାୟୁ ମନାସି ସାବିତ୍ରୀ ବ୍ରତ ରଖିଥିଲେ। ପୂଜା ସାରି ଫେରିବା ବେଳକୁ ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣିଲେ। ଏଭଳି ଦୁଃଖଦ ଘଟଣା ଘଟିଛି ଆଠଗଡ ବ୍ଲକ ଅନ୍ତର୍ଗତ ରାଜନଗର ଗ୍ରାମରେ। ମୃତକ ଜଣକ ହେଲେ ଉକ୍ତ ଗ୍ରାମର ବିଳାସିନୀ ପ୍ରଧାନଙ୍କ ସ୍ୱାମୀ ମାୟାଧର। ଗୁରୁବାର କରୋନାରେ ତାଙ୍କ ମୃତ୍ୟୁ ଘଟିଛି। ମାୟାଧର ମେ' ୨୮ରେ ପଜିଟିଭ ଚିହ୍ନଟ ହୋଇଥିଲେ। ତାଙ୍କୁ ଆଠଗଡର ମାଧବପୁରସ୍ଥିତ କୋଭିଡ୍ କେୟାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବୁଧବାର ତାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଯାଇଥିଲା। ନିଃଶ୍ୱାସ ନେବାରେ ଅସୁବିଧା ଅନୁଭବ କରିବାରୁ ରାତିରେ କଟକସ୍ଥିତ ସଗୁରୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମାତ୍ର ସାବିତ୍ରୀ ବ୍ରତରେ ସ୍ୱାମୀଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ବିଳାସିନୀ। ଏନେଇ ପରିବାରରେ ଶୋକର ଛାୟା ଖେଳିଯାଇଛି।

### ପୋଲିଓ ବୁନ୍ଦା ଖାଇ ଶିଶୁକନ୍ୟାଙ୍କ ମୃତ୍ୟୁ ଅଭିଯୋଗ

ବିଞ୍ଝାରପୁର,୧୦।୬(ଡି.ଏନ.ଏ.) ପୋଲିଓ ବୁନ୍ଦା ଖାଇ ଯାଜପୁର ଜିଲା ବିଞ୍ଝାରପୁର ଥାନା ହଳଦିଡ଼ିହ ପଞ୍ଚାୟତ ଫଳପୁର ଗ୍ରାମର ମାନସ ମଲ୍ଲିକଙ୍କ ୨ମାସର ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଶିଶୁକନ୍ୟାଙ୍କୁ ହଳଦିଡ଼ିହ ପଞ୍ଚାୟତର ସ୍ୱାସ୍ଥ୍ୟକର୍ମୀ ଲିଲିପ୍ରଭା ଦାସ ଓ ଫଳପୁର ଗ୍ରାମର ଆଶାକର୍ମୀ କୁନିଲତା ମଲ୍ଲିକ ବୁଧବାର ପୂର୍ବାହ୍ନରେ ପୋଲିଓ ବୁନ୍ଦା ଖୁଆଇଥିଲେ। ଏହାର କିଛି ସମୟ ପରେ ଶିଶୁକନ୍ୟା ଅଚେତ ହୋଇଯାଇଥିଲେ। ପରିବାର ଲୋକେ ସଙ୍ଗେସଙ୍ଗେ ଶିଶୁକନ୍ୟାଙ୍କୁ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ଜାଣିବାପରେ ଶିଶୁକନ୍ୟାଙ୍କ ମା' ଲୋପା ମଲ୍ଲିକ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଡାକ୍ତରଖାନାକୁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୦।୨୧) ରୁଜୁ ହୋଇଛି।

### ଯବାନଙ୍କ ମାଡ଼ରେ ଯବାନ ଆହତ


ଚିକିତ୍ସାଧୀନ ଯବାନ

ଗୁଣପୁର,୧୦।୬(ଡି.ଏନ୍.ଏ.): ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ୍ ଭାମିନୀସ୍ଥିତ ଦ୍ୱିତୀୟ ଆଇଆର୍‌ବିଏନ୍ କ୍ୟାମ୍ପରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଯବାନଙ୍କ ମାଡ଼ରେ ଅନ୍ୟ ଜଣେ ଯବାନ ଆହତ ହୋଇଛନ୍ତି। ଆହତ ଯବାନ ହେଲେ ରାୟଗଡ଼ା ଜିଲା ମୁନିଗୁଡ଼ା ଅଞ୍ଚଳର କ୍ଷୀରୋଦ ବାଗା। ସୂଚନା ଅନୁଯାୟୀ, ବୁଧବାର ଆଇଆର୍‌ବିଏନ୍ କମାଣ୍ଡାଣ୍ଟଙ୍କ ବିବାହ ବାର୍ଷିକୀ ରହିଥିଲା। ଏଥିପାଇଁ ତାଙ୍କ ବଙ୍ଗଳାରେ ରାତ୍ରିଭୋଜନର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟରେ ସହଯୋଗ ନିମନ୍ତେ ହାବିଲଦାର ସୁଶାନ୍ତ କୁମାର ପରିଡ଼ା କ୍ଷୀରୋଦଙ୍କୁ ଡାକିଥିଲେ। ହେଲେ କରୋନା କଟକଣା ଯୋଗୁ କ୍ଷୀରୋଦ ବିରୋଧ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ କମାଣ୍ଡାଣ୍ଟ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହାପରେ କମାଣ୍ଡାଣ୍ଟଙ୍କ ଉପସ୍ଥିତିରେ ହାବିଲଦାର ସୁଶାନ୍ତ, ଏସ୍.କେ. ଚମ୍ପତି, ନିଲ୍ ବାହାଦୁର ଥାପ୍ପା ଏବଂ କନ୍‌ଷ୍ଟେବଲ ସଞ୍ଜୀବ ସାହୁ ତାଙ୍କୁ ଜୀବନରୁ ମାରିବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିବା କ୍ଷୀରୋଦ ରାତିରେ ସ୍ତ୍ରୀଙ୍କୁ ଜଣାଇଥିଲେ। ଏ ନେଇ ଗୁରୁବାର କ୍ଷୀରୋଦଙ୍କ ସ୍ତ୍ରୀ ଗୁଣପୁର ଥାନାରେ କମାଣ୍ଡାଣ୍ଟ ଦିଲୀପ କୁମାର ମହାପାତ୍ରଙ୍କ ସମେତ ଅନ୍ୟ ଆକ୍ରମଣକାରୀଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଆହତ ସ୍ୱାମୀଙ୍କୁ ଗୁଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷେ କମାଣ୍ଡାଣ୍ଟଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି, ଯବାନ ଜଣକ ନିଶାସକ୍ତ ଅବସ୍ଥାରେ ଅସଦ୍ ବ୍ୟବହାର କରିଥିଲେ। ମାଡ଼ ମାରିବା ଅଭିଯୋଗ ମିଥ୍ୟା ବୋଲି ସେ କହିଛନ୍ତି।

# ନକଲି ଡାକ୍ତରଙ୍କ କ୍ଲିନିକ୍‌ରେ ଚଢ଼ାଉ

ଭୁବନେଶ୍ୱର,୧୦।୬(ବ୍ୟୁରୋ)




## 'ଷ୍ଟପ୍ କରୋନା' ଔଷଧ ଦେଇ ଠକୁଥିଲେ

- ଯୁକ୍ତ ୨ ପଢ଼ି ଘରେ ହୋମିଓପାଥିକ ଚିକିତ୍ସା କରୁଥିଲେ
- ମାନ ପରୀକ୍ଷା ପାଇଁ ଜବତ ଔଷଧକୁ ଗାଜିଆବାଦ ପଠାଯିବ
- ଡ୍ରଗ୍ସ କଣ୍ଟ୍ରୋଲରଙ୍କ ପକ୍ଷରୁ ମାମଲା

ଲାଇସେନ୍ସ କିମ୍ବା ଡାକ୍ତରୀ ଶିକ୍ଷାଗତ ଯୋଗ୍ୟତା ନାହିଁ। ତଥାପି ଘରେ ହୋମିଓପାଥିକ କ୍ଲିନିକ୍ ଖୋଲି ଔଷଧ ଦେବା ସହ ରୋଗୀଙ୍କ ଚିକିତ୍ସା କରୁଛନ୍ତି। କରୋନାକୁ ନେଇ ଲୋକେ ଆତଙ୍କ ଓ ଆଶଙ୍କା ଭିତରେ ରହୁଥିବାବେଳେ 'ଷ୍ଟପ୍ କରୋନା' ନାମକ ଔଷଧ ଧରାଇ ୨ଶହରୁ ୧୫ଶହ ପର୍ଯ୍ୟନ୍ତ ଟଙ୍କା ନେଉଛନ୍ତି। ଏଭଳି ଏକ ଅଭିଯୋଗ ପାଇବାପରେ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଗୁରୁବାର ଏୟାରଫିଲ୍ଡ ଥାନା ସୁନ୍ଦରପଦାସ୍ଥିତ ମାନସ ରଞ୍ଜନ ପାତ୍ର (୪୭)ଙ୍କ କ୍ଲିନିକ୍‌ରେ ଚଢ଼ାଉ କରି ସେଠାରୁ ପ୍ରାୟ ୧୦ହଜାର ଟଙ୍କାର ବିଭିନ୍ନ ପ୍ରକାର ଔଷଧ ଜବତ କରିଛି। ଏଥିସହ ବିନା ଲାଇସେନ୍ସରେ ଔଷଧ ବିକ୍ରି କରୁଥିବା ଅଭିଯୋଗରେ ମାନସଙ୍କ ବିରୋଧରେ ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ସ ଆକ୍ଟ ଧାରା ୧୮(ସି)ରେ ଏକ ମାମଲା ରୁଜୁ କରାଯାଇଛି। ଜବତ ଔଷଧର ମାନ ପରୀକ୍ଷା ପାଇଁ ଗାଜିଆବାଦକୁ ପଠାଯିବ। ଏଥିସହ ଡାକ୍ତର ପରିଚୟ ଦେଇ ଚିକିତ୍ସା କରୁଥିବା ମାନସଙ୍କୁ ଡାକ୍ତରୀ ଲାଇସେନ୍ସ ଏବଂ ଅନ୍ୟାନ୍ୟ ଆବଶ୍ୟକ କାଗଜାଦି ଦାଖଲ କରିବାକୁ ଗୁରୁବାର ଚିଠି କରାଯିବ ବୋଲି ଡ୍ରଗ୍ସ ଇନ୍ସପେକ୍ଟର ଚନ୍ଦନ ଗିରି ସୂଚନା ଦେଇଛନ୍ତି। ଉକ୍ତ ନକଲି ଡାକ୍ତରଙ୍କଠାରୁ ଔଷଧ ସେବନ ନ କରିବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

ପ୍ରକାଶ ଯେ, ସୁନ୍ଦରପଦାର କୋକିଳ ଭିଲ୍ଲାରେ ମାନସ ନିଜ ଭଡ଼ା ଘରେ 'ଷ୍ଟପ୍ କରୋନା' ନାମରେ ଔଷଧ ଦେଉଥିବା ଖବର ମିଳିଥିଲା। ଏହାପରେ 'ଧରିତ୍ରୀ' ପକ୍ଷରୁ ଅନୁସନ୍ଧାନ କରାଯାଇଥିଲା। ଧରିତ୍ରୀ ପ୍ରତିନିଧି ରୋଗୀ ସାଜି ଉକ୍ତ କ୍ଲିନିକ୍‌ରେ ପହଞ୍ଚି ସମ୍ପୃକ୍ତ ଡାକ୍ତରଙ୍କୁ କରୋନା ନ ହେବା ପାଇଁ ଔଷଧ ମାଗିଥିଲେ। ଏହାପରେ ମାନସ ୨୦୦ଟଙ୍କା ନେଇ ଏକ ୧୦ ଗ୍ରାମର ପ୍ଲାଷ୍ଟିକ ବୋତଲ ଉପରେ ହାତ ଲେଖାଥିବା 'ଷ୍ଟପ୍ କରୋନା' ନାମକ ତରଳ ଔଷଧ ଦେଇଥିଲେ। ଏହାକୁ ଖାଇଲେ ଜୀବନରେ କେବେ କରୋନା ପାଖ ମାଡ଼ିବ ନାହିଁ। ବହୁ ବଡ଼ ବଡ଼ ଅଧିକାରୀ ଓ ପ୍ରତିଷ୍ଠିତ ଗଣମାଧ୍ୟମ କର୍ମଚାରୀ ଏହାକୁ ଖାଇ ଭଲ ହୋଇଛନ୍ତି। ଆଗାମୀ ଦିନରେ ଏଠାରେ ଏକ କରୋନା ହସ୍ପିଟାଲ ଖୋଲାଯିବ ବୋଲି କହିଥିଲେ। ଏଥିସହିତ ତାଙ୍କ ଔଷଧ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠାଯାଉଛି ବୋଲି କହିଥିଲେ। ତେବେ ତାଙ୍କର ଔଷଧ ଓ କ୍ଲିନିକ୍‌ର ବୈଧତା ଜାଣିବା ପାଇଁ ଆମ ପ୍ରତିନିଧି ଏ ସମ୍ପର୍କରେ ଡ୍ରଗ୍ସ କଣ୍ଟ୍ରୋଲର ଅନ୍ନଦା ଶଙ୍କର ଦାସଙ୍କ ସହ ଯୋଗାଯୋଗ କରିଥିଲେ। ହେଲେ ସେପରି କାହାକୁ ଅନୁମତି ଦିଆଯାଇ ନ ଥିବା ସେ କହିଥିଲେ। ଦାସଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ପୂର୍ବାହ୍ନରେ ଡ୍ରଗ୍ସ ଇନ୍ସପେକ୍ଟର ଚନ୍ଦନ ଗିରି, ତୁଷାର ରଞ୍ଜନ ପାଣିଗ୍ରାହୀ, ପି.କେ. ଲେଙ୍କା, ସୁଦର୍ଶନ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ମାନସଙ୍କ ଘରେ ଚଢ଼ାଉ କରିଥିଲା। ସେତେବେଳେ ସେଠାରେ ୫ଜଣ ରୋଗୀଙ୍କ ଚିକିତ୍ସା ଚାଲିଥିଲା। ଡ୍ରଗ୍ସ ଅଧିକାରୀଙ୍କୁ ଦେଖି ମାନସ ପ୍ରଥମେ ହଡ଼ବଡ଼େଇ ଯାଇଥିଲେ। ଔଷଧ ବିକ୍ରି ଓ ଚିକିତ୍ସା ପାଇଁ ଲାଇସେନ୍ସ ମାଗିବାରୁ ସେ କିଛି ଦେଖାଇପାରି ନ ଥିଲେ। ମାନସ କହିଥିଲେ, ସେ ଯୁକ୍ତ ୨ ବିଜ୍ଞାନ ପଢ଼ିଛନ୍ତି। ଗତବର୍ଷ କରୋନା ଆରମ୍ଭ ହେବାପରେ ଏହି ହୋମିଓପାଥିକ କ୍ଲିନିକ୍ ଖୋଲି ନିଜେ 'ଷ୍ଟପ୍ କରୋନା' ଔଷଧ ତିଆରି କରି ଲୋକଙ୍କୁ ଦେଉଛନ୍ତି। ଏଥିସହ କ୍ୟାନ୍ସର, ଡାଇବେଟିସ ଆଦି ବିଭିନ୍ନ ପ୍ରକାର ରୋଗର ଔଷଧ ନିଜେ ତିଆରି କରୁଥିବା ସେ ଡ୍ରଗ୍ସ ଅଧିକାରୀଙ୍କ ଆଗରେ ସ୍ୱୀକାର କରିଥିଲେ।

### ତୃତୀୟ ମହଲାର ଅଧିକାରୀଙ୍କ ସହ ପରିଚୟ ଥିବା କହିଲେ

ନକଲି ଡାକ୍ତର ସାଜିଥିବା ମାନସ ଡ୍ରଗ୍ସ ଅଧିକାରୀଙ୍କ ଚଢ଼ାଉ ସମୟରେ ପ୍ରଥମେ ହଡ଼ବଡ଼େଇ ଯାଇଥିଲେ ମଧ୍ୟ ପରେ କିନ୍ତୁ ଭ୍ରୂକ୍ଷେପ କରି ନ ଥିଲେ। ନିଜ ଭୁଲ ସ୍ୱୀକାର କରିବା ପରିବର୍ତ୍ତେ ସର୍ବ ସମ୍ମୁଖରେ ଧୂମପାନ କରିଥିଲେ। ଏଥିସହ ନିଜକୁ ରାଜ୍ୟ ସଚିବାଳୟ ତୃତୀୟ ମହଲାର ଜଣେ ଅଧିକାରୀଙ୍କ ସମ୍ପର୍କୀୟ ବୋଲି କହି ଘଟଣାକୁ ଏଡ଼ାଇବାକୁ ଚେଷ୍ଟା କରିଥିଲେ।




ନକଲି ଡାକ୍ତରଙ୍କ କ୍ଲିନିକ୍‌ରେ ଚଢ଼ାଉ
ଦେଖନ୍ତୁ ଭିଡିଓ
YouTube /dharitrilive


ଡ୍ରଗ୍ସ ଇନ୍ସପେକ୍ଟରଙ୍କ ନେତୃତ୍ୱରେ ମାନସ (ମଝି)ଙ୍କ ହୋମିଓପାଥି କ୍ଲିନିକ୍‌ରେ ଏକ ଟିମ୍ ଚଢ଼ାଉ କରି ଯାଞ୍ଚ କରୁଛନ୍ତି।

# ଏମ୍ସରେ ଲାଗିବ ୨ ଏକ୍‌ମୋ ମେଶିନ

ଭୁବନେଶ୍ୱର,୧୦।୬(ବ୍ୟୁରୋ)

ଭୁବନେଶ୍ୱର ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ରେ ୨ଟି ଏକ୍‌ମୋ ମେଶିନ ଲାଗିବ। ପ୍ରଥମ ମେଶିନ ଚଳିତ ମାସ ଶେଷ ସୁଦ୍ଧା ଲାଗିବ। ପରବର୍ତ୍ତୀ ସମୟରେ ଅନ୍ୟ ଏକ ମେଶିନ କାର୍ଯ୍ୟକ୍ଷମ ହେବ। ଏ ନେଇ ଭୁବନେଶ୍ୱର ଏମ୍ସ ଅଧୀକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ସୂଚନା ଦେଇଛନ୍ତି। ଏକ୍‌ମୋ ପରିଚାଳନା ପାଇଁ ଏମ୍ସ ଅଧିକ ଟେକ୍ନିସିଆନ ନିଯୁକ୍ତ କରୁଛି। ଏବେ କେତେକ ଅଧ୍ୟାପକଙ୍କୁ ମେଶିନ ପରିଚାଳନା ତାଲିମ ଦିଆଯାଇଛି ବୋଲି ସେ କହିଛନ୍ତି। ଏହାଛଡ଼ା କ୍ୟାପିଟାଲ ହସ୍ପିଟାଲ ଓ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ମଧ୍ୟ ଖୁବ୍‌ଶୀଘ୍ର ଏକ୍‌ମୋ ମେଶିନ ଲାଗିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ସୂଚନା ଦେଇଥିଲେ। ମହାମାରୀ କରୋନାରେ ଗୁରୁତର ହେଉଥିବା ରୋଗୀଙ୍କ ପାଇଁ ଏକ୍‌ମୋ ବରଦାନ ସାବ୍ୟସ୍ତ ହୋଇଛି। ହେଲେ ଓଡ଼ିଶାରେ କୌଣସି ସରକାରୀ ଡାକ୍ତରଖାନାରେ ଏହି ମେଶିନ୍ ନ ଥିବାରୁ ଗୁରୁତର ରୋଗୀଙ୍କୁ ରାଜ୍ୟ ବାହାରକୁ ଏୟାରଲିଫ୍ଟ କରାଯାଉଛି। ଗତ ସପ୍ତାହ ମଧ୍ୟରେ ୩ ଜଣଙ୍କୁ ଏୟାରଲିଫ୍ଟ କରାଯାଇ ସାରିଲାଣି। ଏପରି ସ୍ଥଳେ ଓଡ଼ିଶାରେ ଗୁରୁତର ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଭୁବନେଶ୍ୱର ଏମ୍ସରେ ଏକ୍‌ମୋ ମେଶିନ ରଖିବା ବ୍ୟବସ୍ଥା କରାଯାଉଛି। ଏହି ମେଶିନ ଲାଗିଲେ ଭବିଷ୍ୟତରେ ଆଉ ରାଜ୍ୟ ବାହାରକୁ ଗୁରୁତର ରୋଗୀଙ୍କୁ ଏୟାରଲିଫ୍ଟ କରିବାକୁ ପଡ଼ିବନାହିଁ।

### ଅବଢ଼ା ପାଇଁ କିଛି ମାନିଲେନି...


ଗୁରୁବାର ସାବିତ୍ରୀ ପାଇଁ ପୁରୁଣା ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିରରୁ ଅବଢ଼ା ନେବା ପାଇଁ ଲୋକମାନେ କରୋନା କଟକଣା ନ ମାନି ଭିଡ଼ ଲଗାଇଛନ୍ତି।

# ଘରେ ରହି ରଜ ପାଳନ କରନ୍ତୁ: ଏଡିଜି

ଭୁବନେଶ୍ୱର,୧୦।୬(ବ୍ୟୁରୋ)

ରାଜ୍ୟରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଭଳି କଟକଣାକୁ ଦୃଢ଼ ଭାବେ ପାଳନ କରାଯାଉଥିବାରୁ କୋଭିଡ୍ ସଂକ୍ରମଣରେ ହ୍ରାସ ଘଟୁଛି। ଆଗକୁ ରଜ ପର୍ବ ଆସୁଛି। ତେଣୁ ଜନସାଧାରଣ ବାହାରକୁ ନ ବାହାରି ନିଜ ଘରେ ରହି ରଜ ପାଳନ କରନ୍ତୁ ବୋଲି ଗୁରୁବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଡିଜି (ଆଇନ ଶୃଙ୍ଖଳା) ଯଶବନ୍ତ ଜେଠୱା କହିଛନ୍ତି। ଅମାନିଆଙ୍କ ଭଳି ନ ହୋଇ ସମସ୍ତ କୋଭିଡ୍ ନିୟମ ମଧ୍ୟରେ ରହି ପରିବାରବର୍ଗଙ୍କ ସହ ଏହି ପର୍ବ ପାଳନ କରିବାକୁ ସେ ରାଜ୍ୟବାସୀଙ୍କୁ ପରାମର୍ଶ ଦେଇଛନ୍ତି।

କୋଭିଡ୍-୧୯ର ଦ୍ୱିତୀୟ ଲହର ଆରମ୍ଭଠାରୁ ଓଡ଼ିଶା ପୋଲିସ ପକ୍ଷରୁ ସାରା ରାଜ୍ୟରେ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ୍‌କୁ କଡ଼ାକଡ଼ି କରାଯାଉଛି। ସମସ୍ତ ଏସ୍‌ପି ଓ କମିଶନରେଟ୍ ପୋଲିସର ଡିସିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରାୟ ୧୬୧ ପ୍ଲାଟୁନ୍ ପୋଲିସ ଫୋର୍ସ ଏହି ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଗତ ଦୁଇମାସ ମଧ୍ୟରେ ବିଭିନ୍ନ ଜିଲାର ୪ ଲକ୍ଷ ୭୬ହଜାର ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେମାନଙ୍କଠାରୁ ପ୍ରାୟ ୧୪ କୋଟି ୫୮ ଲକ୍ଷ ଟଙ୍କାର ଜରିମାନା ଆଦାୟ କରାଯାଇଛି। ଏଥିସହିତ କୋଭିଡ୍ ନିୟମ ଉଲ୍ଲଂଘନ କରିଥିବା ନେଇ ୩ ହଜାର ୫ଶହ ଦୋକାନ, ଶପିଂମଲ୍, ଶିକ୍ଷାନୁଷ୍ଠାନ ସିଲ୍ ଓ ୨୯ ହଜାର ଗାଡି ସିଜ୍ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ପୋଲିସ ପକ୍ଷରୁ ୨୭୮ଟି ମାମଲା ରୁଜୁ କରାଯାଇ ୧୩୩୨ଜଣଙ୍କୁ ଗିରଫ କରାଯାଇଛି।

### ୧୪.୫୮ କୋଟି ଜରିମାନା ଆଦାୟ

- ସାଇବର ଠକେଇର ଶିକାର ହେଲେ ତୁରନ୍ତ ଜଣାଇବାକୁ ପରାମର୍ଶ


ଏଡିଜି ଯଶବନ୍ତ ଜେଠୱା

ଏଥିସହ ସେ କହିଛନ୍ତି, କରୋନା ସମୟରେ ସାଇବର ଅପରାଧରେ ବୃଦ୍ଧି ଘଟିଛି। ଅଜ୍ଞାତରେ ଲୋକମାନେ ସାଇବର ଠକଙ୍କ ଶିକାର ହେଉଛନ୍ତି। ତେଣୁ କୌଣସି ବ୍ୟକ୍ତି ସାଇବର ଠକେଇର ଶିକାର ହେଲେ ତୁରନ୍ତ ଟୋଲ୍ ଫ୍ରି ନଂ.୧୫୫୨୬୦ ରେ କଲ୍ କରି ଜଣାନ୍ତୁ। ସୂଚନା ପାଇବା ମାତ୍ରେ ଓଡ଼ିଶା ପୋଲିସର ସାଇବର ଥାନା, ସାଇବର ସେଲ୍, ସାଇବର ହେଲ୍ପ ଡେସ୍କଗୁଡ଼ିକ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯିବ। ଠକେଇର ଅଳ୍ପ ସମୟ (ଘଣ୍ଟାଏ) ମଧ୍ୟରେ ଜଣାଇଲେ ପୋଲିସ ଏହାର ତଦନ୍ତ କରି ବ୍ୟାଙ୍କ ନେଣଦେଣ ବନ୍ଦ କରିବା ପାଇଁ ପଦକ୍ଷେପ ନେବ। ଏଥିସହିତ ସାଇବର ଠକଙ୍କ ଆକାଉଣ୍ଟରୁ ଠକେଇ ଟଙ୍କା ଫେରାଇ ଅଣାଯାଇପାରିବ ବୋଲି ଜେଠୱା କହିଛନ୍ତି।

# ୨୪ ଘଣ୍ଟାରେ ୪୪ ମୃତ

ଭୁବନେଶ୍ୱର, ୧୦।୬ (ବ୍ୟୁରୋ)

### ଆଉ ୬୦୯୭ ଆକ୍ରାନ୍ତ, ୮୦୩୨ ସୁସ୍ଥ

ରାଜ୍ୟରେ ଦିନକୁ ଦିନ ସଂକ୍ରମଣ ହାର କମୁଥିବାବେଳେ ଆରୋଗ୍ୟ ସଂଖ୍ୟାରେ ବୃଦ୍ଧି ଘଟୁଛି। ହେଲେ ମୃତ୍ୟୁ ହାର ଅଧିକ ରହୁଥିବାରୁ ଚିନ୍ତା ବଢ଼ୁଛି। ଗତ ୨୪ ଘଣ୍ଟାରେ ରାଜ୍ୟରୁ ଆଉ ୪୪ଜଣଙ୍କ ଜୀବନ ନେଇଛି କରୋନା। ଫଳରେ ଏହାକୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୩ ହଜାର ୧୬୭ରେ ପହଞ୍ଚିଛି। ଅନ୍ୟପକ୍ଷରେ ରାଜ୍ୟରୁ ଆଉ ୬ ହଜାର ୯୭ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩,୪୪୬ଜଣ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ହୋଇଥିବାବେଳେ ୨,୬୫୧ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୦୧୭ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଅନୁଗୋଳରୁ ୨୯୫, ବାଲେଶ୍ୱରରୁ ୩୯୨, ବରଗଡରୁ ୧୦୭, ଭଦ୍ରକରୁ ୨୪୬, ବୌଦ୍ଧରୁ ୧୩୦, କଟକରୁ ୬୪୭, ଜଗତ୍‌ସିଂହପୁରରୁ ୨୨୬, ଯାଜପୁରରୁ ୪୩୪, କନ୍ଧମାଳରୁ ୧୧୨, କେନ୍ଦ୍ରାପଡାରୁ ୨୫୩, କେନ୍ଦୁଝରରୁ ୧୨୩, କୋରାପୁଟରୁ ୧୨୬, ମୟୂରଭଞ୍ଜରୁ ୨୯୭, ନବରଙ୍ଗପୁରରୁ ୧୪୬, ନୟାଗଡରୁ ୧୨୦, ସମ୍ବଲପୁରରୁ ୧୦୧, ସୁନ୍ଦରଗଡରୁ ୨୦୮, ସୋନପୁରରୁ ୬୪, ନୂଆପଡାରୁ ୧୭, ମାଲ୍‌କାନଗିରିରୁ ୮୪, କଳାହାଣ୍ଡିରୁ ୭୭, ଝାରସୁଗୁଡାରୁ ୪୨, ଗଞ୍ଜାମରୁ ୪୫, ଗଜପତିରୁ ୪୮, ଦେଓଗଡରୁ ୨୮, ଢେଙ୍କାନାଳରୁ ୭୩, ବଲାଙ୍ଗୀରରୁ ୭୭ ଓ ଷ୍ଟେଟ୍ ପୁଲ୍‌ରୁ ୧୫୧ଜଣ ପଜିଟିଭ୍ ବାହାରିଛନ୍ତି। ଫଳରେ ଏବେ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୮ଲକ୍ଷ ୩୭ହଜାର ୨୨୬ରେ ପହଞ୍ଚିଛି। ଆଉ ୮ହଜାର ୩୨ଜଣ ସଂକ୍ରମିତ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୭ଲକ୍ଷ ୬୪ହଜାର ୬୭୩ରେ ପହଞ୍ଚିଛି। ଏବେ ରାଜ୍ୟରେ ୬୯ହଜାର ୩୩୩ ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି।


ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନ ସୁଙ୍ଗୁଡ଼ା ଗ୍ରାମରେ ଗୁରୁବାର ଅପରାହ୍ନରେ ବଜ୍ରପାତ ଘଟି ଏକ ତାଳଗଛ ଜଳିଯାଇଛି। ତେବେ ପାଖରେ ଅନ୍ୟ ଘର ଥିଲେ ମଧ୍ୟ କୌଣସି କ୍ଷତି ହୋଇନାହିଁ।

**ଆଜିର ମନ୍ତବ୍ୟ**

"ଯଦି ଆଦର୍ଶ ଗୁରୁତ୍ୱପୂର୍ଣ୍ଣ ନୁହେଁ ତେବେ ପରିବର୍ତ୍ତନ ସହଜ।
– କପିଲ ସିବଲ, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭିତରକନିକାରେ ହରିଣ ଶିକାର: ମାଂସ ଜବତ, ୨ ଗିରଫ

**ରାଜନଗର, ୧୦।୬(ଡି.ଏନ.ଏ.)**

ହରିଣକୁ ଶିକାର କରି ତାର ମାଂସ ବିକ୍ରି ପାଇଁ ପ୍ରସ୍ତୁତ କରୁଥିବା ବେଳେ ଗୁରୁବାର ବନ ବିଭାଗର କର୍ମଚାରୀମାନେ ପହଞ୍ଚି ୨ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ମାଂସ ସହ ଅନ୍ୟ ସରଞ୍ଜାମ ଜବତ କରିଛନ୍ତି। ଭିତରକନିକା ଜାତୀୟ ଉଦ୍ୟାନର ରାଜନଗର ରେଞ୍ଜ ଅନ୍ତର୍ଗତ ସୁନେଇରୂପେଇ ଫରେଷ୍ଟ ବ୍ଲକର ହରିସାହୁଓରା ନିକଟରେ ୨ ଶିକାରୀ ଫାଶ ବସାଇ ହରିଣ ଶିକାର କରିଥିଲେ। ଏ ସମ୍ପର୍କରେ ଖବରପାଇ ରାଜନଗର ରେଞ୍ଜ ଅଫିସର ଧନେଶ୍ୱର ରଥ ଗୁପ୍ତି ଫରେଷ୍ଟର ବିଜୟ କୁମାର ପାତ୍ରଙ୍କୁ ଚଢାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫରେଷ୍ଟର ପାତ୍ରଙ୍କ ନେତୃତ୍ୱରେ ବନ କର୍ମଚାରୀ ଜଙ୍ଗଲ ଭିତରେ ପହଞ୍ଚି ଶିକାରୀ ଦ୍ୱୟଙ୍କୁ କାବୁ କରିଥିଲେ। ସେମାନେ ହେଲେ ବଗପାଟିଆ ଗାଁର କୃଷ୍ଣଚନ୍ଦ୍ର ପରିଡା(୩୨) ଓ ଶଶାଙ୍କ ଶେଖର ମାଇତି(୩୫)। ସେମାନଙ୍କଠାରୁ ହରିଣ ମୁଣ୍ଡ ଲାଗିଥିବା ୩୦ କିଗ୍ରା ମାଂସ, ଗୋଟିଏ କଟୁରି, ୨ଟି ଛୁରି, ୨ଟି ଫାଶ, ୪ଟି ଅଖା ବ୍ୟାଗ ଓ ଗୋଟିଏ ପାଲ ଜବତ କରାଯାଇଛି।



# ବୁଦ୍ଧଦେବ ଦାସଗୁପ୍ତାଙ୍କ ପରଲୋକ

**କୋଲକାତା, ୧୦।୬(ପି.ଟି.)**



ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ଖ୍ୟାତନାମା ନିର୍ଦ୍ଦେଶକ ବୁଦ୍ଧଦେବ ଦାସଗୁପ୍ତାଙ୍କର ଗୁରୁବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୭ ବର୍ଷ ହୋଇଥିଲା। ଦୀର୍ଘଦିନ ହେଲା ସେ କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମେତ ଚଳଚ୍ଚିତ୍ର ନିର୍ମାତା ଗୌତମ ଘୋଷ, ଅଭିନେତ୍ରୀ ତଥା ନିର୍ଦ୍ଦେଶିକା ଅପର୍ଣ୍ଣା ସେନ, କୌଶିକ ସେନ୍ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

କୋଲକାତାର କାଳିକାପୁର ଅଞ୍ଚଳସ୍ଥିତ ବାସଭବନରେ ବୁଧବାର ରାତିରେ ଶୋଇଥିବା ଅବସ୍ଥାରେ ବୁଦ୍ଧଦେବଙ୍କୁ ହୃଦ୍‌ଘାତ ହୋଇଥିଲା। ସକାଳେ ସ୍ତ୍ରୀ ସୋହିନୀଙ୍କ ପାଖରେ ତାଙ୍କ ମରଶରୀର ପଡ଼ି ରହିଥିଲା ବୋଲି ପରିବାର ପକ୍ଷରୁ କୁହାଯାଇଛି। ୧୯୪୪ରେ ପୁରୁଲିଆରେ ଜନ୍ମିତ ବୁଦ୍ଧଦେବ ଜଣେ ଅଧ୍ୟାପକ ଭାବେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ୭୦ ଦଶକରେ ସେ ଚଳଚ୍ଚିତ୍ର ନିର୍ମାଣରେ ନିଜକୁ ସାମିଲ କରିଥିଲେ। ୧୯୭୮ରେ ତାଙ୍କର ପ୍ରଥମ ଫିଚର ଫିଲ୍ମ ଥିଲା 'ଦୂରତ୍ୱ'। ତାଙ୍କର କେତେକ ପ୍ରମୁଖ ଚଳଚ୍ଚିତ୍ର ମଧ୍ୟରେ ରହିଛି ନିମ୍ ଅନ୍ନପୂର୍ଣ୍ଣା, ଗୃହଯୁଦ୍ଧ, ବାଗ୍ ବାହାଦୁର, ତାହାଦେର୍ କଥା, ଚରାଚର, ଲାଲ୍ ଦର୍‌ଜା, ଉତ୍ତରା, ସ୍ୱପ୍ନେର୍ ଦିନ୍, କାଲପୁରୁଷ ଏବଂ ଜନାରା। ହିନ୍ଦୀ ଚଳଚ୍ଚିତ୍ର ଆନ୍ଧି ଗଲି ଏବଂ ଅନୱାର କା ଅଜବ କିସାରେ ମଧ୍ୟ ସେ ନିର୍ଦ୍ଦେଶନା ଦେଇଥିଲେ। ବୁଦ୍ଧଦେବ ମୋଟ ୧୨ଟି ଜାତୀୟ ପୁରସ୍କାର ପାଇଛନ୍ତି।

# ପୁଅ ଦଶାହରେ ମା'ଙ୍କ ଜୁଇ ଜଳିଲା

**ଖୁଣ୍ଟୁଣୀ, ୧୦।୬(ଡି.ଏନ.ଏ)**

କରୋନାରେ ଆକ୍ରାନ୍ତ ହୋଇ ପୁଅର ମୃତ୍ୟୁ ଘଟିଥିଲା। ପୁଅର ଦଶାହରେ ମା'ଙ୍କ ମୃତ୍ୟୁ ଘଟିଛି। ଏଭଳି ଘଟଣା ଦେଖିବାକୁ ମିଳିଛି କଟକ ଜିଲା ଖୁଣ୍ଟୁଣୀ ଥାନା ଅଧୀନ ଖମାରନୂଆଗାଁ ଗ୍ରାମରେ। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ବସନ୍ତ ରାଉତ, ସ୍ତ୍ରୀ ପଦ୍ମାବତୀ ଓ ବଡ଼ପୁଅ ସଂଗ୍ରାମ କରୋନାରେ ଆକ୍ରାନ୍ତ ହୋଇଥିଲେ। ଗତ ମେ' ୩୦ ତାରିଖରେ ପଦ୍ମାବତୀ କଟକର ଏକ ଘରୋଇ ହସ୍ପିଟାଲରେ ଓ ୩୧ ତାରିଖରେ ସଂଗ୍ରାମ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଜୁନ୍ ୧ରେ ବସନ୍ତ ମାଧବପୁରସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ଉକ୍ତ ଦିନ ସଂଗ୍ରାମଙ୍କ ମୃତ୍ୟୁ ଘଟିଥିଲା। ପଦ୍ମାବତୀଙ୍କ ରିପୋର୍ଟ ନେଗେଟିଭ ଆସିଥିଲେ ମଧ୍ୟ ତାଙ୍କର ଅନ୍ୟ ଗୁରୁତର ରୋଗ ଥିବାରୁ ଚିକିତ୍ସା କରାଯାଉଥିଲା। ଗୁରୁବାର ବସନ୍ତ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇ ପୁଅର ଦଶାହ କାର୍ଯ୍ୟରେ ଯୋଗଦେବାକୁ ଆସୁଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ପଦ୍ମାବତୀଙ୍କ ମୃତ୍ୟୁ ଘଟିଥିବା ଖବର ଜାଣିବାକୁ ପାଇଥିଲେ। ପରେ ଚେତାଶୂନ୍ୟ ହୋଇଯାଇଥିଲେ। ଚେତା ଫେରିବା ପରେ ବସନ୍ତଙ୍କୁ ଗ୍ରାମ ମଶାଣୀକୁ ନିଆଯାଇଥିଲା। ସେଠାରେ ତାଙ୍କ ସମ୍ମୁଖରେ ଘରର ସଦସ୍ୟ ଘର ଓ ଆତ୍ମୀୟ ସ୍ୱଜନମାନେ ପଦ୍ମାବତୀଙ୍କ ମୃତଦେହ ସତ୍କାର କରିଥିଲେ।

# ଚିଲିକାରେ ଦୁଇ ଦିନରେ ୨ ଡଲଫିନ ମୃତ

**ବ୍ରହ୍ମଗିରି, ୧୦।୬(ଡି.ଏନ୍.ଏ.)**

ଚିଲିକାରୁ ବୁଧବାର ଏକ ଗଳିତ ଡଲଫିନ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଗୁରୁବାର ପୁଣି ଏକ ଡଲଫିନର ମୃତଦେହ ଉଦ୍ଧାର ହୋଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ଚିଲିକାରେ ଇରାୱାଡି ଡଲଫିନକୁ ନେଇ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇଛି। ଏମାନଙ୍କ ସୁରକ୍ଷା ନେଇ ସରକାରଙ୍କ ପକ୍ଷରୁ ବହୁ ପଦକ୍ଷେପ ନିଆଯାଉଛି। ଗୁରୁବାର ଚିଲିକାର ମଏଁଷା ନାଳିରେ ଭାସୁଥିବା ଏକ ଡଲଫିନକୁ ସାତପଡା ବନବିଭାଗ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ କରାଯାଇଥିଲା। ଏହାର ଲମ୍ବ ୭.୬ ଫୁଟ୍ ହୋଇଥିବା ବେଳେ ଗୋଲେଇ ୪ ଫୁଟ। ଡଲଫିନଙ୍କ ଏଭଳି ମୃତ୍ୟୁକୁ ନେଇ ପରିବେଶବିତ୍‌ଙ୍କ ମଧ୍ୟରେ ନୈରାଶ୍ୟଭାବ ଦେଖିବାକୁ ମିଳିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁକୁଡ଼ା ନ ଖାଏ ଖୁଦ**
**ନନା ନ ଖାଆନ୍ତି ଚୁଡା ବତୁରା ଲୋ**
**କିଏ ଖଟାଇବ ଦୁଧ।**

ପାଟି ସବୁବେଳେ ଭଲ ଓ ସୁଆଦିଆ ଚିଜ ଲୋଡ଼ିଥାଏ। ବୟସ ଯେତେ ଅଧିକ ବଢ଼ିଥାଏ ଖାଇବା ପ୍ରତି ରୁଚି ମଧ୍ୟ ସେହି ଅନୁପାତରେ ବଢ଼ି ବଢ଼ି ଚାଲିଥାଏ। ପାଖରେ ପଇସା ଥିଲେ ସବୁ କିଛି ହାତ ପାଆନ୍ତାରେ ସହଜରେ ମିଳିଯାଏ। ଯେଉଁଠି ଅଭାବ ଅନଟନ ଚିର ସହଚର ସେଠାରେ ଏସବୁ ପ୍ରତି ମନ ବଳାଇବା ଅକାରଣ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କେହି ଦେଖି ନାହିଁ ଦେଖ**
**କଇଁଛ କାଢ଼ିଛି ବେକ।**

ହାତରେ ଧନ ଓ କ୍ଷମତା ମିଳିଗଲେ ଲୋକେ ଧରାକୁ ସରା ମନେ କରିଥାନ୍ତି। ନିଜର ପଦମର୍ଯ୍ୟାଦା ତଥା ଐଶ୍ୱର୍ଯ୍ୟକୁ ଆଳକରି ସେମାନଙ୍କଠାରେ ଆତ୍ମବଡ଼ିମା ପ୍ରକାଶ ପାଇଥାଏ। ଏହିପରି ନୂଆ କ୍ଷମତାଧାରୀ ଓ ଧନଶାଳୀ ବ୍ୟକ୍ତିଙ୍କ ମତ୍ତଗର୍ବକୁ ଇଙ୍ଗିତ କରି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ପ୍ରଥମ ପୃଷ୍ଠାରୁ...

### ୟାସ୍: ଚାଷୀଙ୍କୁ...

ତୁରନ୍ତ ପ୍ରସ୍ତୁତ କରିବାକୁ ପଦକ୍ଷେପ ନିଆଯିବ। କ୍ଷତିଗ୍ରସ୍ତ ଅଞ୍ଚଳର ୩୩ ପ୍ରତିଶତରୁ ଅଧିକ କ୍ଷତି ସହିଥିବା ଚାଷୀମାନଙ୍କର ସ୍ୱଳ୍ପ ମିଆଦୀ ଖରିଫ ଋଣକୁ ମଧ୍ୟମ ମିଆଦୀ ଋଣରେ ପରିଣତ କରାଯିବ। ବାତ୍ୟାରେ ଦୁଧିଆଳୀ ଗାଈ, ମଇଁଷି, ଛେଳି, ମେଣ୍ଢା ଓ କୁକୁଡ଼ା ହରାଇଥିବା ଚାଷୀମାନଙ୍କୁ ମଧ୍ୟ ସହାୟତା ପ୍ରଦାନ କରାଯିବ। ଦୁଧିଆଳୀ ଗାଈ ଓ ମଇଁଷି ପାଇଁ ୩୦,୦୦୦ ଟଙ୍କା ସହାୟତା ଘୋଷଣା କରାଯାଇଥିବା ବେଳେ, କ୍ଷୀର ଦେଉ ନ ଥିବା ପ୍ରାଣୀମାନଙ୍କ ପାଇଁ ୨୫,୦୦୦ ଟଙ୍କା ସହାୟତା (ସର୍ବାଧିକ ୩ଟି ପାଇଁ) ଦିଆଯିବ। ସେହିପରି ସର୍ବାଧିକ ୬ଟି ବାଛୁରୀ ପାଇଁ ବାଛୁରୀ ପିଛା ୧୬,୦୦୦ ଟଙ୍କା, ୩୦ଟି ଛେଳି, ମେଣ୍ଢା ପର୍ଯ୍ୟନ୍ତ ୩୦୦୦ ଟଙ୍କା ଏବଂ ପ୍ରତି କୁକୁଡ଼ା ପିଛା ୫୦ ଟଙ୍କା ଲେଖାଏ, ସର୍ବାଧିକ ୫୦୦୦ ଟଙ୍କା ଲେଖାଏ ପ୍ରତ୍ୟେକ କ୍ଷତିଗ୍ରସ୍ତ ଚାଷୀଙ୍କୁ ଦିଆଯିବ। ବାତ୍ୟାରେ ଭାଙ୍ଗି ଯାଇଥିବା ଗୁହାଳର ପୁନଃନିର୍ମାଣ ପାଇଁ ୨୧୦୦ ଟଙ୍କା ସହାୟତା ଦିଆଯିବ।

ବାତ୍ୟାରେ କ୍ଷତିଗ୍ରସ୍ତ ମତ୍ସ୍ୟଚାଷୀଙ୍କ ଲାଗି ସହାୟତା ଘୋଷଣା କରାଯାଇଛି। ଆଂଶିକ ଭାବରେ ଭାଙ୍ଗିଥିବା ଡଙ୍ଗାର ମରାମତି ପାଇଁ ୪୧୦୦ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ ମାଛଧରା ଜାଲ ମରାମତି ପାଇଁ ୨୧୦୦ ଟଙ୍କା, ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ଡଙ୍ଗା ନିର୍ମାଣ ପାଇଁ ୯୬୦୦ ଟଙ୍କା ଏବଂ ପୂରା ନଷ୍ଟ ହୋଇଯାଇଥିବା ମାଛଧରା ଜାଲ କ୍ଷେତ୍ରରେ ୨୬୦୦ ଟଙ୍କା ସହାୟତା ପ୍ରଦାନ କରାଯିବ। ବାତ୍ୟାରେ ପଟୁମାଟି ମାଡ଼ି ଯାଇଥିବା ମାଛଚାଷ ଫାର୍ମ, ମାଛ ବିହନ ଫାର୍ମର ପୁନରୁଦ୍ଧାର ପାଇଁ ହେକ୍ଟର ପିଛା ୧୨,୨୦୦ ଟଙ୍କା ଏବଂ କ୍ଷତିଗ୍ରସ୍ତ ମାଛ ବିହନ ଫାର୍ମ ପାଇଁ ହେକ୍ଟର ପିଛା ୮୨୦୦ ଟଙ୍କା ସହାୟତା ଯୋଗାଇ ଦିଆଯିବ।ବାତ୍ୟାରେ ମଧ୍ୟ ଅନେକ ହସ୍ତତନ୍ତ ଓ ହସ୍ତଶିଳ୍ପ କାରିଗର କ୍ଷତିଗ୍ରସ୍ତ ହୋଇଛନ୍ତି। ସେହି କାରିଗରମାନଙ୍କୁ ସେମାନଙ୍କର ଉପକରଣ ପାଇଁ ୪୧୦୦ ଟଙ୍କା ଲେଖାଏ ଏବଂ ନଷ୍ଟ ହୋଇଥିବା କଞ୍ଚାମାଲ ତଥା ତିଆରି ହୋଇଥିବା ଜିନିଷ ପାଇଁ ପ୍ରତି କାରିଗରଙ୍କୁ ୪୧୦୦ ଟଙ୍କା ଲେଖାଏ ପ୍ରଦାନ କରାଯିବ। ଏରି, ମଲବେରୀ ଓ ଟସର ଚାଷୀମାନଙ୍କ ପାଇଁ ହେକ୍ଟର ପିଛା ୪୮୦୦ ଟଙ୍କା ଏବଂ ମୁଗା ଚାଷୀଙ୍କ ପାଇଁ ହେକ୍ଟର ପିଛା ୬୦୦୦ ଟଙ୍କା ଲେଖାଏ ସହାୟତା ଦିଆଯିବ।

କ୍ଷତିଗ୍ରସ୍ତ ଲୋକଙ୍କୁ ରୋଜଗାର ଯୋଗାଇବା ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ଏଥିରେ ଗ୍ରାମ ପଞ୍ଚାୟତ ରାସ୍ତା, ଖେଳପଡ଼ିଆ, କେନାଲ, ମାଟିବନ୍ଧ ଆଦିର ମରାମତି ଓ ରକ୍ଷଣାବେକ୍ଷଣ ସହିତ ଗାଈ ଗୁହାଳ, ଛେଳି ଗୁହାଳ ଓ ଗୋଖାଦ୍ୟ ଚାଷ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଯୋଗ୍ୟ ହିତାଧିକାରୀଙ୍କୁ ଏସ୍‌ଡିଆରଏଫ୍ ଓ ଏନ୍‌ଡିଆରଏଫ୍ ନିୟମ ଅନୁଯାୟୀ ଗୃହ ନିର୍ମାଣ ଓ ଅନ୍ୟ ସହାୟତା ପ୍ରଦାନ କରାଯିବ।

ସୂଚନାଯୋଗ୍ୟ, ମେ' ୨୬ରେ ବାତ୍ୟା 'ୟାସ୍' ଯୋଗୁ ଅନେକ ଜିଲାରେ ଫସଲ ନଷ୍ଟ ହେବା ସହିତ ପ୍ରାଣୀସମ୍ପଦ, ମତ୍ସ୍ୟ, ହସ୍ତତନ୍ତ ଓ ରେଶମ ଚାଷ ଆଦି ବିଭିନ୍ନ କ୍ଷେତ୍ରରେ ବ୍ୟାପକ କ୍ଷତି ହୋଇଛି। ଚାଷୀମାନଙ୍କର କ୍ଷତି ଭରଣା ପାଇଁ ଘୋଷଣା କରାଯାଇଥିବା ପ୍ୟାକେଜକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ବିହାର ବଢ଼ାଇଦେଲା...

ଲକ୍ଷେ ତଳେ ରହିଛି। ଗତ ୨୪ ଘଣ୍ଟାରେ ୯୨,୫୬୯ ନୂଆ ମାମଲା ସହ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୯୧,୮୩,୧୨୧ରେ ପହଞ୍ଚିଛି। ସର୍ବାଧିକ ପ୍ରଭାବିତ ତାମିଲନାଡୁରେ ୧୭,୩୨୧, କେରଳ ୧୬,୨୦୪, ମହାରାଷ୍ଟ୍ର ୧୦,୯୮୯, କର୍ନାଟକ ୧୦,୯୫୯ ଓ ଆନ୍ଧ୍ରପ୍ରଦେଶରେ ୮,୭୬୬ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ୫ ରାଜ୍ୟରେ ମୋଟ ସଂକ୍ରମିତଙ୍କ ମଧ୍ୟରୁ ୬୮% ରହିଛନ୍ତି। କେବଳ ତାମିଲନାଡୁରେ ହେଉଛି ୧୮.୪୨%। ଏହି ଅବଧି ମଧ୍ୟରେ ଆରୋଗ୍ୟଲାଭ କରିଥିବା ବ୍ୟକ୍ତିଙ୍କ ସଂଖ୍ୟା ୨,୭୬,୫୫,୪୯୩ରେ ପହଞ୍ଚିଛି। ତେବେ ସକ୍ରିୟ ମାମଲା ୧୧,୬୭,୯୫୨କୁ ଖସିଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଅପ୍‌ଡେଟ୍ କରାଯାଇଛି।

### ଟ୍ରିବ୍ୟୁନାଲ ଅବଧି...

ସମାପ୍ତ ହେବ। ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ଯେ ଧାର୍ଯ୍ୟ ୩ ବର୍ଷ ମଧ୍ୟରେ ଟ୍ରିବ୍ୟୁନାଲ ତାଙ୍କ ନିଷ୍ପତ୍ତି ଶୁଣାଇବା ଓ ରିପୋର୍ଟ ଦାଖଲ କରି ନ ଥିବାରୁ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଏହାକୁ ବିଚାରକୁ ନେଇ ଟ୍ରିବ୍ୟୁନାଲର ଅବଧିକୁ ବୃଦ୍ଧି କରାଯାଇଛି।

ମହାନଦୀର ସୁରକ୍ଷା ପାଇଁ ରାଜ୍ୟ ସରକାର ୨୦୧୬ ରୁ ଲଢ଼େଇ କରୁଥିଲେ ମଧ୍ୟ ଗତ ୩ ବର୍ଷ ମଧ୍ୟରେ ରାଜ୍ୟର ସ୍ୱାର୍ଥରକ୍ଷା ପାଇଁ ଟ୍ରିବ୍ୟୁନାଲରୁ ଅନ୍ତରୀଣ ରିହାତି ଆଣିବାରେ ସକ୍ଷମ ହୋଇପାରି ନାହାନ୍ତି। ଅନ୍ୟପକ୍ଷରେ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଟ୍ରିବ୍ୟୁନାଲର ଅବଧି ଏକକାଳୀନ ୨ବର୍ଷ ବୃଦ୍ଧି ହେବା ଓ ସଂଘୀୟ ବ୍ୟବସ୍ଥାରେ ଓଡ଼ିଶା ପ୍ରତି କରାଯାଉଥିବା ଅଣଦେଖାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମହାନଦୀ ଉପରେ ଛତିଶଗଡ଼ ୧୨ଟି ବୃହତ୍ ବ୍ୟାରେଜ ନିର୍ମାଣ କରି ଜଳ ପ୍ରବାହକୁ ରୋକିବା ନେଇ ଓଡ଼ିଶା ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ବିବାଦ ତୁଟାଇବା ପାଇଁ କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ଦୁଇ ରାଜ୍ୟ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବ୍ୟାରେଜ ନିର୍ମାଣ ଉପରେ ଅନ୍ତରୀଣ ରୋକ୍ ଲଗାଯାଇ ପାରି ନ ଥିଲା। ଅନ୍ୟ ଉପାୟ ନ ପାଇ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ର ସରକାର ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ କରିଛନ୍ତି। ହେଲେ ଟ୍ରିବ୍ୟୁନାଲ ୩ ବର୍ଷ ମଧ୍ୟରେ କୌଣସି ନିଷ୍କର୍ଷରେ ପହଞ୍ଚିପାରି ନାହିଁ।

### ଓଡ଼ିଶା ଛୁଇଁଲା...

ପ୍ରଭାବରେ ରାଜ୍ୟର ଅଧିକାଂଶ ନଦୀରେ ବନ୍ୟା ଆସିବାର ସମ୍ଭାବନା ରହିଛି। ଏପରିକି ପାହାଡ଼ିଆ ଅଞ୍ଚଳରେ ମାଟି ଅତଡ଼ା ଧସିବା ଆଶଙ୍କା ରହିଛି। ବର୍ଷା ସହିତ ଉପକୂଳରେ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ଏବଂ ବେଳେ ବେଳେ ଘଣ୍ଟା ପ୍ରତି ୬୦ କିଲୋମିଟର ବେଗରେ ପବନ ବହିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ୧୧ ତାରିଖରୁ ୧୪ ତାରିଖ ଯାଏ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। କ୍ଷୟକ୍ଷତି ରୋକିବା ଲାଗି ଆଗୁଆ ପଦକ୍ଷେପ ନେବା ସକାଶେ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ ପ୍ରଭାବିତ ହେବାକୁ ଥିବା ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରିବା ସହିତ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ପ୍ରସ୍ତୁତ ରଖିବା ଲାଗି କୁହାଯାଇଛି। ସେହିପରି ବନ୍ୟା ମୁକାବିଲା ପାଇଁ ଦୁର୍ବଳ ନଦୀବନ୍ଧ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସହରାଞ୍ଚଳରେ ପାଣି ଖଲାସ କରିବା ଏବଂ ତଳିଆ ଅଞ୍ଚଳରେ ଯେମିତି ପାଣି ନ ଜମିବ ସେଥିପ୍ରତି ଦୃଷ୍ଟି ରଖିବା ଲାଗି ମଧ୍ୟ କୁହାଯାଇଛି। ପାଣିପାଗ ବିଭାଗର ପୂର୍ବାନୁମାନକୁ ଭିତ୍ତିକରି ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା ସମସ୍ତ ଜିଲା ପ୍ରଶାସନକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ମୌସୁମୀ ବର୍ଷା ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ପାରାଦୀପରେ ୬୫.୫ ମିଲିମିଟର ବର୍ଷା ହୋଇଥିବା ବେଳେ ବାରିପଦା ୧୫.୬, ସମ୍ବଲପୁର ୬୨.୬ ସୁନ୍ଦରଗଡ଼ ୩୮, ଭବାନୀପାଟଣା ୨୮.୨, ଦାରିଙ୍ଗବାଡ଼ି ୨୦, ଛତ୍ରପୁର ୨୩, ପାରଳାଖେମୁଣ୍ଡି ୧୨ ଏବଂ ରାୟଗଡରେ ୨୯.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

### ବକ୍ସିଂ ସୁପରଷ୍ଟାରଙ୍କ...

ପ୍ରକାଶ କରି କହିଛନ୍ତି। ଭାରତୀୟ ବକ୍ସିଂ ପ୍ରତି ତାଙ୍କ ଅବଦାନ ଅତୁଳନୀୟ ବୋଲି ସେ କହିଛନ୍ତି। ୧୯୮୨ ଏସିଆନ ଗେମ୍ସରେ ଭାରତ ପାଇଁ କୌର ସିଂ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାର ଠିକ୍ ୧୬ ବର୍ଷ ପରେ ଡିଙ୍କୋ ବ୍ୟାଙ୍କକ୍ ଏସିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ଭାରତୀୟ ବକ୍ସିଂ ଫେଡେରେଶନ ଅଧ୍ୟକ୍ଷ ଅଜୟ ସିଂ ଶୋକ ଜାହିର କରିଛନ୍ତି। ଡିଙ୍କୋ ଅନେକ ପିଢ଼ିର ବକ୍ସରଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ। ତାଙ୍କ ଦେହାନ୍ତରେ ଭାରତୀୟ ବକ୍ସିଂର ଅପୂରଣୀୟ କ୍ଷତି ଘଟିଛି। ଏଭଳି ଦୁଃଖ ସମୟରେ ତାଙ୍କ ପରିବାରର ସଦସ୍ୟଙ୍କ ସହିତ ଆମେ ଅଛୁ ବୋଲି ବୋଲି ସେ କହିଛନ୍ତି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ମଧ୍ୟ ଶୋକପ୍ରକାଶ କରି ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ଡିଙ୍କୋଙ୍କ ଦେହାନ୍ତରେ ବ୍ୟକ୍ତିଗତ ଭାବେ ଦୁଃଖିତ ବୋଲି ସେ କହିଛନ୍ତି। ଭାରତର ଅନ୍ୟତମ ଶ୍ରେଷ୍ଠ ବକ୍ସର ବିବେଚିତ ହେଉଥିବା ଡିଙ୍କୋ ୧୯୯୮ ବ୍ୟାଙ୍କକ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରି ଭାରତୀୟ ବକ୍ସିଂକୁ ନୂଆ ରୂପ ଦେଇଥିଲେ। ଏହାପରେ ଭାରତରେ ବକ୍ସିଂ ଲୋକପ୍ରିୟ ହୋଇଥିଲା ବୋଲି ରିଜିଜୁ କହିଛନ୍ତି।

ମଣିପୁରର ଏହି ସୁପରଷ୍ଟାର ମାତ୍ର ୧୦ବର୍ଷରେ ସବ୍ ଜୁନିୟର ବର୍ଗରେ ଜାତୀୟ ଟାଇଟଲ ହାସଲ କରିଥିଲେ। ସେ ଅଲିମ୍ପିକ ପଦକ ବିଜୟିନୀ ତଥା ୬ଥର ବିଶ୍ୱ ଚାମ୍ପିୟନଶିପ୍ ହାସଲ କରିଥିବା ଭାରତୀୟ ମହିଳା ବକ୍ସର ଏମ୍‌ସି ମେରିକମ୍‌ଙ୍କ ପ୍ରେରଣା ଥିଲେ। ସେ ଜଣେ ରକ୍‌ଷ୍ଟାର ଥିଲେ। ସେ ମୋ ପାଇଁ ପ୍ରେରଣାର ଉତ୍ସ ଓ ମୋର ହିରୋ ଥିଲେ। ତାଙ୍କର ଦେହାନ୍ତ ମୋ ପାଇଁ ଏକ ବଡ଼ କ୍ଷତି ବୋଲି ମେରିକମ୍ କହିଛନ୍ତି।

ବକ୍ସିଂ ରିଙ୍ଗ୍‌ରେ ସେ ଅତ୍ୟନ୍ତ ନିର୍ଭୀକ ଭାବେ ଲଢେଇ କରୁଥିଲେ। ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ହାସଲ କରିବା ପଥରେ ସେ ଦୁଇଜଣ ଅଲିମ୍ପିକ ପଦକ ବିଜେତାଙ୍କୁ ହରାଇଥିଲେ। ସେ ଥାଇଲାଣ୍ଡର ସୋନଟାୟା ୱୋଙ୍ଗପ୍ରାଟେସ ଓ ଉଜ୍‌ବେକିସ୍ତାନର ତିମୁର ତୁଲୟକୋଭଙ୍କ ଭଳି ଅଲିମ୍ପିକ ପଦକ ବିଜେତାଙ୍କୁ ହରାଇଥିଲେ। ସେତେବେଳେ ଏହା ଏକ ଅସାଧାରଣ ସଫଳତା ବିବେଚିତ ହେଉଥିଲା। ପୂର୍ବତନ କୋଚ୍ ଗୁରବକ୍ସ ସିଂ ସାନ୍ଧୁ ମଧ୍ୟ ଶୋକପ୍ରକାଶ କରିଛନ୍ତି। ବକ୍ସିଂ ରିଙ୍ଗ୍‌ରେ ସେ ଅସାଧାରଣ ଭାବେ ଲଢେଇ କରୁଥିଲେ ବୋଲି ସାନ୍ଧୁ କହିଛନ୍ତି। ସେହିବର୍ଷ ତାଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୧୩ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୦୦ ସିଡ୍‌ନୀ ଅଲିମ୍ପିକ୍ସ ଗେମ୍ସରେ ସେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। ଭାରତୀୟ ନୌସେନାରେ ସେ ଚାକିରି କରୁଥିଲେ। ଅବସର ପରେ ସେ କୋଚିଂରେ ମନୋନିବେଶ କରିଥିଲେ। ତେବେ ଅସୁସ୍ଥତା ଏଥିରେ ଅନ୍ତରାୟ ସୃଷ୍ଟି କରିଥିଲା। ଗତବର୍ଷ କୋଭିଡ୍–୧୯ ଲକ୍‌ଡାଉନ୍ ପରେ ତାଙ୍କୁ ବିମାନ ଯୋଗେ ଦିଲ୍ଲୀ ଅଣାଯାଇଥିଲା ଓ କ୍ୟାନ୍ସର ପାଇଁ ରେଡିଏଶନ ଥେରାପି ଦ୍ୱାରା ତାଙ୍କର ଚିକିତ୍ସା କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ପାପଗ୍ରହଯୁକ୍ତ ବୁଧ ଧନାଧିପଙ୍କ ଗୃହରେ ଥିବାରୁ ବନ୍ଧୁଙ୍କ ସହ ଅର୍ଥକୁ କେନ୍ଦ୍ର କରି ବିତର୍କ ହୋଇପାରେ। ଆପୋସ ଆଲୋଚନା ଓ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ନିଜ ନିଜର ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟମାନେ ଦୂରେଇ ଯାଇପାରନ୍ତି। ଆଇନ ଅଦାଲତ ସମ୍ପର୍କରେ ଟେନସନ୍ କମିଯିବା ସକାଶେ ଚେଷ୍ଟା କରିବେ।

**ବୃଷ** — ରାଶିର ପ୍ରଥମଭାଗରେ ବିଶେଷଗ୍ରହ ହେତୁ ଦିନର ଦ୍ୱିତୀୟାର୍ଦ୍ଧରେ କେତେକ ସମସ୍ୟା ଆସିପାରେ। ଅସମ୍ପୂର୍ଣ୍ଣ କାମରୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବିଜାତୀୟ ବ୍ୟକ୍ତି ସାହାଯ୍ୟ କରିବେ। ଯାନ୍ତ୍ରିକ ଜିନିଷ, ଯାନବାହନ, ବସ୍ତ୍ରାଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ସନ୍ତାନ ଅସନ୍ତୋଷଜନକ କାର୍ଯ୍ୟ ହେତୁକ ଦୁଶ୍ଚିନ୍ତା ଆସିପାରେ।

**ମିଥୁନ** — ସ୍ୱଗୃହାଭିମୁଖୀ କର୍ମାଧିପ ହେତୁ ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବେ। ତଥାପି ପାପଗ୍ରହ ମଧ୍ୟସ୍ଥ ଗୁରୁ ହେତୁ ଅନ୍ୟର କଥା ଶୁଣି ବ୍ୟସ୍ତତା ଅନୁଭବ କରିପାରନ୍ତି। ସାଧାରଣ କଥାରେ ସମ୍ପର୍କୀୟଙ୍କ ସହ କଳହ ସମ୍ଭାବନା ରହିଛି। ହୋଟେଲ, ରେସ୍ତୋରାଁ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ** — ଅଷ୍ଟମସ୍ଥ ଷଷ୍ଠାଧିପ କାରଣରୁ କୌଣସି ଈର୍ଷାଳୁ ବ୍ୟକ୍ତି ସମସ୍ୟା ବଢ଼ାଇ ଦେଇପାରନ୍ତି। ନିଜର କେହି ଜଣେ ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ କରିବାକୁ ଆଗେଇ ଆସିବେ। ଧାର କରଜ, ଭଡ଼ା ସୂତ୍ରରୁ କିମ୍ବା ବନ୍ଧୁଙ୍କ ସାହାଯ୍ୟରେ ବକେୟା ଟଙ୍କା ପାଇଯିବେ। ଜମିଜମା, କଳକାରଖାନା, ପ୍ଲଟିଂ ବ୍ୟବସାୟ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** — ଚନ୍ଦ୍ର ଯୁକ୍ତ ଶୁକ୍ରଙ୍କ ଯୋଗୁ ଫାଇଦା ହାସଲ ପାଇଁ ସମ୍ପର୍କୀୟମାନେ ଫନ୍ଦିଫିକର କରିବେ। ଗବେଷଣା, ଅନୁସନ୍ଧାନ, ଅଧ୍ୟାପନା, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଉନ୍ନତି କରିବେ। ଅଫିସ୍‌ରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହୋଇପାରନ୍ତି। ଅଭାବ ନ ଥିଲେ ମଧ୍ୟ ଆକସ୍ମିକ ଆବଶ୍ୟକତା ପୂରଣ ସକାଶେ ଧାର ସୂତ୍ରରେ ଅର୍ଥ ପାଇବେ।

**କନ୍ୟା** — ରାଶିଠାରୁ ଦୁଃସ୍ଥାନସ୍ଥ ଗୁରୁ ହେତୁ ଆଜି ଘରଠୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ପାରିବାରିକ ସ୍ତରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ଭ୍ରମଣ କିମ୍ବା ଅନିଦ୍ରା ହେତୁକ ଶାରୀରିକ କଷ୍ଟ ଅନୁଭବ କରିପାରନ୍ତି। ଆଜି ଇପ୍ସିତ ଅର୍ଥ ପାଇବେ। ବହୁ ଶ୍ରମକଷ୍ଟ ସହି କାମଟି ହାସଲ କରିବେ।

**ତୁଳା** — ସପ୍ତମାଧିପତି କର୍ମସ୍ଥ ଯୋଗୁ ଯେକୌଣସି ପ୍ରତିରୋଧକୁ ଏଡି କାମ ହାସଲ କରିବେ। ପାରିବାରିକ ସ୍ଥିତି ଭଲ ରହି ନ ପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ପରିସ୍ଥିତି ଠିକ୍ ନ ଥିବା କାରଣରୁ ଭୋଗବିଳାସରେ ବାଧାବିଘ୍ନ ଘଟିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ମତାନ୍ତର ଦେଖା ଦେଇପାରେ।

**ବିଛା** — ମଙ୍ଗଳଙ୍କ ଦୁର୍ବଳତା ସଙ୍ଗକୁ ରାଶିରେ କେତୁ ପ୍ରଭାବରୁ ସବୁ କାମ ଅସମ୍ପୂର୍ଣ୍ଣ ରହିଯିବ। ପାରିବାରିକ ସମସ୍ୟା ସମାଧାନରେ ବନ୍ଧୁମାନେ ସହଯୋଗ କରିବେ। ଦକ୍ଷତା ଏବଂ ଏକାଗ୍ରତା ବୃଦ୍ଧି ହେତୁ କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟ ଓ ଦୃଢ ମନୋବଳ କାମକୁ ସହଜସାଧ୍ୟ କରିବାରେ ସହାୟକ ହୋଇପାରିବ।

**ଧନୁ** — ଗୁରୁଙ୍କ ପ୍ରଭାବରୁ ପାରିବାରିକ ବୁଝାମଣା ଶୃଙ୍ଖଳିତ ରହିବ। ବନ୍ଧୁଙ୍କ ସଦ୍‌ଭାବ କିମ୍ବା ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ। ଉତ୍ତରାଷାଢା ନକ୍ଷତ୍ର ଶୁଭ ଖବର ପାଇ ଉଲ୍ଲସିତ ହେବେ ଏବଂ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ। ସଭାସମିତିରେ ବନ୍ଧୁଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମକର** — ଚତୁର୍ଥ ଏକାଦଶାଧିପତିଙ୍କ ପରୋକ୍ଷ ପ୍ରଭାବରେ ଆଜିର ପ୍ରତ୍ୟୁଷ ଯାତ୍ରା ଆନନ୍ଦଦାୟକ ରହିବ। ସାଂଗଠନିକ ସ୍ତରରେ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନିଜର ଅଭିଳାଷ ପୂରଣ କରିବାକୁ ଯାଇ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**କୁମ୍ଭ** — ବୃହସ୍ପତିଙ୍କ ଯୋଗୁ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବ୍ୟସ୍ତ ହୋଇ ରୁକ୍ଷ ବ୍ୟବହାର ପ୍ରଦର୍ଶନ ଦ୍ୱାରା ବନ୍ଧୁଙ୍କ ମନରେ ଆଘାତ ଆସିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ଯୋଗୁ ଆଶ୍ୱସ୍ତି ଲାଭ କରିପାରନ୍ତି। ଅର୍ଥ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ମନକୁ ହାଲୁକା କରିଦେଇ ପାରନ୍ତି।

**ମୀନ** — ପାପଗ୍ରହମାନେ ଚତୁର୍ଥସ୍ଥ ଯୋଗୁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ । ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ଉପସ୍ଥିତ ହେବାରେ ବିଳମ୍ବ ଘଟିବ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। କର୍ମକ୍ଷେତ୍ରରେ କିମ୍ବା ଆନୁଷ୍ଠାନିକ କାମରେ ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ।

ଆଜି ଜ୍ୟେଷ୍ଠ ଶୁକ୍ଳ ପ୍ରତିପଦା ଶୁକ୍ରବାର, ଜୁନ୍ ୧୧ ତାରିଖ, ରାଶିନକ୍ଷତ୍ର–ଘ.୦୨.୩୦ମି. ପର୍ଯ୍ୟନ୍ତ ମୃଗଶିରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୨.୧୨ମି. ଗତେ ଘ.୦୨.୫୦ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୬.୦୩ମି. ଗତେ ଘ.୦୬.୫୬ମି.ମଧ୍ୟେ,ଘ.୦୯.୩୪ମି.ଗତେଘ.୧୦.୨୭ମି.ମଧ୍ୟେମାହେନ୍ଦ୍ର ବେଳା। ଦିବା ଘ.୧୦.୦୭ମି. ଗତେ ଘ.୧୧.୪୬ମି. ମଧ୍ୟେ ରାହୁ କାଳ।


classifieds Everyday
0674-2580101, 2549302

real estate

business

**SALE**

Bhubaneswar Sum Hospitalରୁ 4 k.m. ଦୂରତାରେ boundary plot ମିଳୁଛି। Owner- 9090963952. D-70849

Bhubaneswar ସୁନ୍ଦରପଦା, ଡେରାସରେ ଘରବାରି ପ୍ଲଟ୍ ବର୍ଗଫୁଟକୁ 1500/, 1100/, 650/- ଦିଆଯାଉଛି। 9853150290. D-70850

3BHK duplex 58 lakhs near Hanspal Jagannathpur, Bhubaneswar (Bank loan available). 9040033905, 9937807101. D-70852

Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691. D-20835


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଘରେ ପାଳନ ହେଲା ସାବିତ୍ରୀ ବ୍ରତ

ଯାଜପୁର ଟାଉନ,(ଡି.ଏନ.ଏ.): କରୋନା ପାଇଁ ଗୁରୁବାର ଯାଜପୁରର ମା' ବିରଜା ମନ୍ଦିର ସମେତ ବହୁ ପ୍ରସିଦ୍ଧ ମନ୍ଦିରଗୁଡ଼ିକରେ ୧୪୪ ଧାରା ଜାରି କରାଯାଇଥିଲା। ଫଳରେ ମହିଳାମାନେ ମନ୍ଦିର ନ ଯାଇ ନିଜ ଘରେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏହି ଦିନ ମହିଳାମାନେ ବିଭିନ୍ନ ଦେବଦେବୀ ମନ୍ଦିରରେ ପୂଜାର୍ଚ୍ଚନା କରିଥାନ୍ତି।

### ସଂକ୍ଷେପରେ

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଅଭିଯୋଗକାରୀ

ପାଣିକୋଇଲି,୧୦।୬(ଡି.ଏନ୍.ଏ.): ପାଣିକୋଇଲି ଥାନା ପୋଲିସ ଏକତରଫା ନିଷ୍ପତ୍ତି ନେଇ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ। ଏହାସହ ରଫାଦଫା କରି ଆକ୍ରମଣକାରୀଙ୍କୁ ସୁରକ୍ଷା ଦେବାକୁ ପୋଲିସ ଉଦ୍ୟମ କରୁଛି। ଏହି ମର୍ମରେ ବୁଧବାର ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଉପଦା ଗ୍ରାମର ବିଚିତ୍ର ରାଉତ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏସ୍‌ପିଙ୍କୁ ଦେଇଥିବା ସ୍ମାରକପତ୍ରରେ ସେ ଦର୍ଶାଇଛନ୍ତି, ଗତ ୪ ତାରିଖ ରାତି ୨ଟାରେ କୁଆଖିଆ ଥାନା ଅନ୍ତର୍ଗତ ଆଦମପୁର ଗ୍ରାମର କୀର୍ତ୍ତନ ନାୟକ ଓ ଦିବାକର ନାୟକ ଦୁଇଜଣ ସହଯୋଗୀଙ୍କ ସହ ଏକ ପିକ୍‌ଅପ୍ ଗାଡିରେ ଆସି ପହଞ୍ଚିଥିଲେ। ପ୍ରଥମେ ସେମାନେ ବିଦ୍ୟୁତ୍ ସଂଯୋଗ କାଟିବା ପରେ ଗ୍ରୀଲ ଭାଙ୍ଗି ଘରେ ପଶି ତାଙ୍କ ବାପା, ମା' ଓ ଭଉଣୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଘରର ଆସବାବପତ୍ର ଫୋପଡା ଫିଙ୍ଗା କରିବା ସହ କାଠ ଆଲମିରା ଭାଙ୍ଗି ସେଥିରେ ଥିବା ନଗଦ ଦେଢ଼ଲକ୍ଷ ଟଙ୍କା ନେଇଯାଇଥିଲେ। ଏଥିସହିତ ଘରର ଏସି ଭାଙ୍ଗିବା ସହିତ ୨ ଗାଡି (ଅଲ୍‌ଟୋ ଓ ଜିପ୍)କୁ ମଧ୍ୟ ଭଙ୍ଗାରୁଜା କରିଥିଲେ। ତେବେ ସେ ଶୋଇଥିବା ରୁମକୁ ଭାଙ୍ଗିବାକୁ ଚେଷ୍ଟା କରିଥିଲେ ହେଁ ପରିବାର ଲୋକଙ୍କ ବିରୋଧ ଯୋଗୁ ସେଥିରେ ସଫଳ ହୋଇ ପାରି ନ ଥିଲେ। ଏନେଇ ବିଚିତ୍ର ଗତ ୫ ତାରିଖ ସକାଳେ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପାଣିକୋଇଲି ପୋଲିସ ଅଭିଯୁକ୍ତମାନଙ୍କୁ ସୁରକ୍ଷା ଦେଇ ମାମଲା ରୁଜୁ କରି ନ ଥିଲା। ବହୁ ଅନୁରୋଧ ପରେ ୭ ତାରିଖରେ ଏକ ମାମଲା (ନଂ.୧୭୪/୨୧) ରୁଜୁ କରିଥିଲା। ଥାନାକୁ ଆସିବା ବେଳେ ଓଉପଦା ଗ୍ରାମର ଗୋପାଳ ବୋଇତାଇ ତାଙ୍କୁ ଧମକ ଦେବା ସହ ତାଙ୍କ ପିଛା କରିଥିଲେ। ବାରମ୍ବାର ଧମକ ଯୋଗୁ ତାଙ୍କ ପରିବାର ସୁରକ୍ଷା ପ୍ରତି ବିପଦ ଦେଖାଦେଇଛି। କୋଭିଡ୍ କଟକଣା ଆଳରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ତାଙ୍କ ଜୀବନ ପ୍ରତି ବିପଦ ରହିଛି। ନିଜ ଜୀବନ ସହିତ ପରିବାର ଲୋକଙ୍କ ସୁରକ୍ଷା ନେଇ ସେ ଏସ୍‌ପିଙ୍କୁ ଭେଟିଥିବା କହିଛନ୍ତି।

## ପାନୀୟ ଜଳ ପ୍ରକଳ୍ପର ନିର୍ମାଣରେ ଅନିୟମିତତା

ଚଣ୍ଡିଖୋଲ,୧୦।୬(ଡି.ଏନ.ଏ.): ବଡ଼ଚଣା ବ୍ଲକ ଅଧୀନ ନଳୀପୁର ପଞ୍ଚାୟତରେ ନିର୍ମାଣ କରାଯାଉଥିବା ମେଗା ପାନୀୟ ଜଳ ପ୍ରକଳ୍ପ ପାଇପ ଲାଇନ ବିଛା କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଛି। ଏନେଇ ଗ୍ରାମବାସୀ ଯାଜପୁର ଜିଲାପାଳ, ୫-ଟି ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଠିକାଦାର ପ୍ରକଳ୍ପ କାର୍ଯ୍ୟ ନିଜେ ନ କରି କେତେଜଣ ଛୋଟଛୋଟ ଠିକାଦାରଙ୍କ ଦ୍ୱାରା କରାଉଛନ୍ତି। ନିୟମ ଅନୁଯାୟୀ ଗ୍ରାମ ଭିତରକୁ ବିଛାଯାଉଥିବା ପାଇପଲାଇନଗୁଡ଼ିକ ତିନି ଫୁଟ୍ ମାଟି ଖୋଳି ବିଛାଇବା କଥା। କିନ୍ତୁ ଏହାକୁ ଠିକାଦାର ମାତ୍ର ଏକ ଫୁଟ୍‌ରୁ ଦେଢ଼ ଫୁଟ୍ ଖୋଳି ପାଇପ ବିଛାଉଛନ୍ତି। ଯଦ୍ୱାରା ଗ୍ରାମାଞ୍ଚଳରେ ଯାଉଥିବା ଟ୍ରାକ୍ଟର ଆଦି ବିଭିନ୍ନ ଯାନବାହାନ ଦ୍ୱାରା ପାଇପ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲା ବେଳକୁ ପାଇପ ଗୁଡ଼ିକ ଫାଟି ଯାଇଥିବ। ଯେଉଁ ପାଇପ ବିଛାଇବା କଥା ତାହା ନ କରି ନିମ୍ନମାନର ପାଇପ ବିଛାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ପ୍ରକଳ୍ପ ୨୦୨୦ରୁ ଆରମ୍ଭ ହୋଇଛି। ତାହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲା ବେଳକୁ ତିନି ବର୍ଷ ଲାଗିବ। ଏହା ମଧ୍ୟରେ ପାଇପଗୁଡ଼ିକ ଫାଟି ନଷ୍ଟ ହୋଇଯାଇଥିବ। ପାଇପ ବିଛା କାର୍ଯ୍ୟ ଚାଲିଥିଲା ବେଳେ କୌଣସି ଅଧିକାରୀ ଉପସ୍ଥିତ ରହୁ ନ ଥିବା ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ସହକାରୀ ନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ସାହୁ କହିଛନ୍ତି, ଅଭିଯୋଗ ବିଷୟରେ ମୁଁ ଜାଣିନି। ଯଦି ଅଭିଯୋଗ ଆସେ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣରେ ଅନିୟମିତତା

### ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ବର୍ଷକରେ ୪ଥର କାରଣ ଦର୍ଶାଅ ନୋଟିସ୍

ଚଣ୍ଡିଖୋଲ,୧୦।୬(ଡି.ଏନ୍.ଏ.)

ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ-୨ ଜାରକା ଡିଭିଜନ ଅନ୍ତର୍ଗତ ଚଣ୍ଡିଖୋଲ ସବ୍‌ଡିଭିଜନ ଦ୍ୱାରା ନିର୍ମାଣ କରାଯାଇଥିବା ରାସ୍ତାରେ ବ୍ୟାପକ ଅନିୟମିତତା ହୋଇଛି। ଏଣୁ ଗୋଟିଏ ବର୍ଷରେ ଏହି ସବ୍‌ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଳସୀ ପାତ୍ରଙ୍କୁ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ୪ ଥର କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି। ଏପରିକି ଦୁଇଥର ତାଙ୍କ ବିରୋଧରେ ଡ୍ରାଫ୍ଟ ଚାର୍ଜ ବା ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ୧୮।୩।୨୦୨୦ ଚିଠିସଂଖ୍ୟା ୫୨୭ରେ ଜାତୀୟ ରାଜପଥଠାରୁ ଭରତପୁର ଯାଏ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ରାସ୍ତାକୁ ତଦନ୍ତ କରି ଜାରକା ନିର୍ବାହୀ ଯନ୍ତ୍ରୀଙ୍କୁ ଏହି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଦର୍ଶାଇବା ସହ ଚଣ୍ଡିଖୋଲ ସବ୍‌ଡିଭିଜନର ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଓ ଡ୍ରାଫ୍ଟ ଚାର୍ଜ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଉଦୟଗିରିଠାରୁ ମଝିପଡ଼ା ଭାୟା ତଳଚଣ୍ଡିଆ ରାସ୍ତା ନିର୍ମାଣରେ ଅନିୟମିତତା ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏନେଇ ବିଭାଗ ନିକଟରେ ଅଭିଯୋଗ ପରେ ଅତିରିକ୍ତ ସଚିବଙ୍କ ନିର୍ଦ୍ଦେଶ କ୍ରମେ ଅଧୀକ୍ଷଣ ଯନ୍ତ୍ରୀ ୦୭।୦୭।୨୦ରେ ଘଟଣା ସ୍ଥଳ ପରିଦର୍ଶନ କରିଥିଲେ। ସେ ରାସ୍ତା ନିର୍ମାଣ ଅନିୟମିତତାକୁ ଦର୍ଶାଇଥିଲେ। ହେଲେ ସହକାରୀ ଯନ୍ତ୍ରୀ ତଦନ୍ତ ସମୟରେ ଉପସ୍ଥିତ ନ ଥିଲେ। ଏନେଇ ଅଧୀକ୍ଷଣ ଯନ୍ତ୍ରୀ ଚିଠି ସଂଖ୍ୟା ୯୫୩ରେ ସହକାରୀ ଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ସେହିପରି ସଞ୍ଜୟ ନଗରଠାରୁ ଶାସନ ପୁରୁଷୋତ୍ତମପୁର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ଅନିୟମିତତା ନେଇ ୧୭।୧୧।୨୦ରେ ଅଧୀକ୍ଷଣ ଯନ୍ତ୍ରୀ ତଦନ୍ତ କରି ସହକାରୀ ଯନ୍ତ୍ରୀଙ୍କୁ ଦାୟୀ କରିବା ସହିତ ତାଙ୍କ ବିରୋଧରେ ଡ୍ରାଫ୍ଟ ଚାର୍ଜ ପାଇଁ ଚିଠି ସଂଖ୍ୟା ୧୭୩୧, ୧୯।୧୧।୨୦୨୦ରେ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣାରେ ନିର୍ବାହୀ ଯନ୍ତ୍ରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବ, ସେ ସମ୍ପର୍କରେ ସେ ସମୟର ନିର୍ବାହୀ ଯନ୍ତ୍ରୀଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ସେହିପରି ବାଲିଚନ୍ଦ୍ରପୁରଠାରୁ ଦେକୁରୀ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ କରାଯାଇଥିବା ରାସ୍ତାଟି ମାତ୍ର ୩ ମାସରେ ଶୋଚନୀୟ ହୋଇପଡିଥିଲା। ରାସ୍ତା ନିର୍ମାଣ ସମୟରେ ୨୦୦ ମିଟର ଗାଡ଼ୱାଲ ଭୁଶୁଡ଼ି ପଡ଼ିଥିବା ବେଳେ ତାକୁ ମାଟି ଘୋଡ଼ାଇ ଦିଆଯାଇଥିଲା। ଭୁଲୁକାସ୍ଥିତ ପଦ୍ମାଳୟା ଉଚ୍ଚ ବିଦ୍ୟାଳୟଠାରୁ କୃଷ୍ଣପୁର ଶାସନ ଉଚ୍ଚ ବିଦ୍ୟାଳୟ ଛକ ପର୍ଯ୍ୟନ୍ତ ନିର୍ମାଣ କରାଯାଉଥିବା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ରାସ୍ତାର ଅନିୟମିତତା ସମ୍ପର୍କରେ ଗ୍ରାମବାସୀଙ୍କ ବହୁବାର ଅଭିଯୋଗ ପରେ ମଧ୍ୟ ଡିଭିଜନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ନିକଟରେ ଅଭିଯୋଗ ପରେ ବିଭାଗୀୟ ଅତିରିକ୍ତ ସଚିବଙ୍କ ନିର୍ଦ୍ଦେଶକ୍ରମେ ଅଧୀକ୍ଷଣ ଯନ୍ତ୍ରୀ ରାସ୍ତାର ତଦନ୍ତ କରି ୨୦୦ ମିଟର ନିର୍ମାଣ ହୋଇଥିବା ରାସ୍ତାକୁ ଭାଙ୍ଗି ପୁନର୍ବାର ନିର୍ମାଣ ପାଇଁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଅଧୀକ୍ଷଣ ଯନ୍ତ୍ରୀଙ୍କ ପତ୍ର ସଂଖ୍ୟା ୯୮୪, ତା.୧୩।୪।୨୧ରେ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଠିକା ସଂସ୍ଥାକୁ ତାଗିଦା କରାଯାଇଛି।

ସୂଚନାଯୋଗ୍ୟ, ଚଣ୍ଡିଖୋଲର ସହକାରୀ ଯନ୍ତ୍ରୀ ଏହି ସବ୍‌ଡିଭିଜନରେ କନିଷ୍ଠ ଯନ୍ତ୍ରୀ ଭାବେ କାମ କରୁଥିଲେ। ଗତ ୩ ବର୍ଷ ହେବ ପଦୋନ୍ନତି ପାଇ ସେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ କାମ କରୁଛନ୍ତି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ପାତ୍ରଙ୍କୁ ପଚାରିବାରେ ସେ ୪ ଥର କାରଣ ଦର୍ଶାଅ ନୋଟିସ ପାଇଥିବା ସ୍ୱୀକାର କରିଛନ୍ତି।

## ରାସ୍ତା ନବୀକରଣ ଲାଗି ସମୀକ୍ଷା


ବାଉଜଙ୍ଗଠାରେ ବିଧାୟକ ସମୀକ୍ଷା କରୁଛନ୍ତି।

ଚଣ୍ଡିଖୋଲ,୧୦।୬(ଡି.ଏନ.ଏ.)

ବଡ଼ଚଣା ବ୍ଲକ ନଳୀପୁର ପଞ୍ଚାୟତର ବାଉଜଙ୍ଗଠାରୁ ଚାରିନଙ୍ଗଳ ପଞ୍ଚାୟତର ଧାଉଡ଼ିଆପଦା ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ରାସ୍ତାର ନବୀକରଣ କରାଯିବ। ବିଧାୟକ ଅମର ପ୍ରସାଦ ଶତପଥୀ ଗୁରୁବାର ସମୀକ୍ଷା କରିଛନ୍ତି। ୩ କୋଟି ୪୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଉକ୍ତ ରାସ୍ତାକୁ ଏକ ବର୍ଷ ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ନବୀକରଣ ସମୟରେ ଜଳ ନିଷ୍କାସନ ପାଇଁ ଗୁରୁତ୍ୱ ଦିଆଯାଇ ୧୧୫୦ ମିଟର ଡ୍ରେନ୍ ନିର୍ମାଣ କରିବାକୁ ଶତପଥୀ ପରାମର୍ଶ ଦେଇଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଳସୀ ପାତ୍ର ଉପସ୍ଥିତ ରହି ବାଉଜଙ୍ଗ-ଧାଉଡିଆପଦା ରାସ୍ତାରେ ୮୦୭ ମିଟର କଂକ୍ରିଟ୍ ଓ ୫କି.ମି. ୯୩ ମିଟର ପିଚୁ କରାଯିବ ବୋଲି ସୂଚନା ଦେଇଛନ୍ତି। ଡ୍ରେନ୍ ଓ ଗାର୍ଡ ୱାଲ୍ ନିର୍ମାଣ କରାଯିବ ବୋଲି କହିଛନ୍ତି। ସମୀକ୍ଷା କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ ବିପିନ ବିହାରୀ ଜେନା, ସରପଞ୍ଚ ମନୋରଞ୍ଜନ ମଲ୍ଲିକ, ଫନିନ୍ଦ୍ର ନାଥ ପଣ୍ଡା, ସେକ୍ ମୋଇନ ଅହମଦ୍, ମନ୍ମଥ କେଶରୀ ସାହେବରାୟ, ଅନନ୍ତ କିଶୋର ସିଂହ ଓ ଭାବଗ୍ରାହୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଧାୟକ ଜଳସମ୍ପଦ ବିଭାଗ ଅଧୀନରେ ଥିବା କେତେକ ରାସ୍ତା ପରିଦର୍ଶନ କରିବା ସହ ସମୀକ୍ଷା କରିଥିଲେ।

# ଫାର୍ମାସିଷ୍ଟ ସଂଘର କଳାବ୍ୟାଜ୍ ପରିଧାନ


ଫାର୍ମାସିଷ୍ଟମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି।

ଯାଜପୁର ଟାଉନ,୧୦।୬(ଡି.ଏନ.ଏ.)

ରାଜ୍ୟ ସରକାର ଫାର୍ମାସିଷ୍ଟମାନଙ୍କ ପ୍ରତି ଅବହେଳା ମନୋଭାବ ପ୍ରଦର୍ଶନ କରୁଥିବା ଓଡ଼ିଶା ଫାର୍ମାସିଷ୍ଟ ସେବା ସଂଘ ଅଭିଯୋଗ କରିଛି। ତେଣୁ ରାଜ୍ୟ ସଂଘର ନିଷ୍ପତ୍ତିକୁ ସମ୍ମାନ ଦେଇ ଜିଲା ସଂଘର ସମସ୍ତ ଫାର୍ମାସିଷ୍ଟ ଯାଜପୁର ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲାପାଳଙ୍କୁ ଅବଗତ କରାଇବା ସହ ଗୁରୁବାରଠାରୁ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ ସମାପନ କରିବାର ନିଷ୍ପତ୍ତି ନେଇଛନ୍ତି। ଯଦି ସରକାର ଗଠନମୂଳକ ପଦକ୍ଷେପ ନ ନିଅନ୍ତି ତେବେ ଫାର୍ମାସିଷ୍ଟମାନେ ଆସନ୍ତା ୨୦ରୁ କେବଳ ଔଷଧ ବିତରଣ କାର୍ଯ୍ୟଛଡ଼ା ଅନ୍ୟ କୌଣସି କାର୍ଯ୍ୟରେ ସହଯୋଗ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଫାର୍ମାସିଷ୍ଟମାନଙ୍କର ବହୁଦିନର ନାର୍ଯ୍ୟଦାବି ଯଥା: ବିକୃତ କ୍ୟାଡରର ପୁନର୍ଗଠନ, ପଦୋନ୍ନତି, ଆରଏସିପିର ଅସଙ୍ଗତି ଦୂରୀକରଣ, ନ୍ୟୁନତମ ଶିକ୍ଷାଗତ ଯୋଗ୍ୟତା ନିର୍ଦ୍ଧାରଣ ଓ ନୂତନ ନାମକରଣ, ନୂତନ ଜବ୍‌ଚାର୍ଟ ଆଦି ଗୁଡିକ ପୂରଣ କରିବା ପାଇଁ ଜିଲା ସଂଘ ସଭାପତି ଶଶିକାନ୍ତ ରାଉଳ, ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସଭାପତି ସଂଯୁକ୍ତା ଧଳ, ଉପଦେଷ୍ଟା ପ୍ରଣବ ଦାସ, ମୃତ୍ୟୁଞ୍ଜୟ ଦାସ, ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ଲଲାଟେନ୍ଦୁ ପତି, ଯଶୋବନ୍ତ ମିଶ୍ର ଓ କାର୍ତ୍ତିକ ଚନ୍ଦ୍ର ସାମଲ ପ୍ରମୁଖ ଦାବି କରଛନ୍ତି।

## ରେଳ ଧାରଣାରେ କଟିଗଲେ ଯୁବକ

ଚଣ୍ଡିଖୋଲ,୧୦।୬(ଡି.ଏନ.ଏ.)

ପୂର୍ବତଟ ରେଳପଥର ଧାନମଣ୍ଡଳ ଷ୍ଟେଶନ ନିକଟରେ ଗୁରୁବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ବଡ଼ଚଣା ଥାନା ଅନ୍ତର୍ଗତ କୁନ୍ଦଳ ପଞ୍ଚାୟତ ହରିପୁର ଗ୍ରାମର ନଗେନ୍ଦ୍ର ନାଥ ସାମଲଙ୍କ ପୁଅ ମୁକ୍ତିକାନ୍ତ ସାମଲ(୩୦) ରେଳ ଧାରଣାରେ କଟିଯାଇ ପ୍ରାଣ ହରାଇଛନ୍ତି। ଟ୍ରେନ୍‌ରେ କଟି ତାଙ୍କ ଶରୀର ଦୁଇଖଣ୍ଡ ହୋଇଯାଇଛି। ଖବର ପାଇ ରେଲୱେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସେ ଜଣେ ରଙ୍ଗ ମିସ୍ତ୍ରି ଭାବେ ଭୁବନେଶ୍ୱରରେ ରହି କାମ କରୁଥିଲେ। ଗୁରୁବାର ଭୋରୁ ଟ୍ରେନ୍ ଯୋଗେ ଭୁବନେଶ୍ୱରରୁ ଆସି ଧାନମଣ୍ଡଳ ଷ୍ଟେଶନରେ ପହଞ୍ଚିଥିଲେ। ଏହାପରେ ସେ ନିଜ ଗ୍ରାମକୁ ଯିବାକୁ ଅପେକ୍ଷା କରିଥିଲେ। ତେବେ କେଉଁ କାରଣରୁ ସେ ରେଳ ଧାରଣାରେ କଟିଗଲେ ତାହା ଜଣା ପଡ଼ିନାହିଁ। ଘଟଣାର ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ରେଲ୍‌ୱେ ପୋଲିସ ପକ୍ଷରୁ କୁହାଯାଇଛି। ମୁକ୍ତିକାନ୍ତଙ୍କ ଅକାଳ ବିୟୋଗରେ ହରିପୁର ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ମିଳୁନି ପୋଖରୀ ଖନନ ଅର୍ଥ

ବରୀ,୧୦।୬(ଡି.ଏନ.ଏ.)

ବନ୍ୟା ଓ ବର୍ଷା ଜଳକୁ ସଂରକ୍ଷିତ କରି କୃଷି କାର୍ଯ୍ୟରେ ବ୍ୟବହାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତରେ ପୋଖରୀ ଖନନ କରାଯାଉଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅନ୍ତର୍ଭୁକ୍ତ ଶ୍ରମିକମାନେ ପୋଖରୀ ଖନନ କାର୍ଯ୍ୟ କରୁଛନ୍ତି। ତେବେ ଉକ୍ତ କାର୍ଯ୍ୟ କରିଥିବା ଅନେକ ଶ୍ରମିକ ସେମାନଙ୍କ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏପରି କି ଆଗକୁ ପ୍ରାପ୍ୟ ପାଇବେକି ନାହିଁ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ବରୀ ବ୍ଲକ ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଛି।

ଉକ୍ତ ବ୍ଲକର ବିଭିନ୍ନ ପଞ୍ଚାୟତ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ପୋଖରୀ ଖନନ କରାଯାଇ ମୃତ୍ତିକା ସଂରକ୍ଷଣ ବିଭାଗକୁ ହସ୍ତାନ୍ତର କରାଯାଇଛି। ସୂଚନା ମୁତାବକ, ବ୍ଲକ୍‌ର ମୋଟ୍ ୨୯ ପଞ୍ଚାୟତରେ ୧୦୪ ପୋଖରୀ ଖନନ ନିମନ୍ତେ ହିତାଧିକାରୀ ଚୟନ କରାଯାଇ କାର୍ଯ୍ୟାଦେଶ ଦିଆଯାଇଥିଲା। ନିର୍ଦ୍ଧାରିତ ଦୈର୍ଘ୍ୟ, ପ୍ରସ୍ଥ ଓ ଗଭୀରତା ନିମନ୍ତେ ଯଥାକ୍ରମେ ୯୧ ହଜାର, ୧ ଲକ୍ଷ ୫୯ ହଜାର ଓ ୨ ଲକ୍ଷ ୭୪ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସ୍ୱାଇଁଖଣ୍ଡ, ଗୋଳକୁଣ୍ଡ, ଧାରପୁର, ବରୀ, ଅମଠପୁର, ବାଲିବିଲ, ଅନ୍ୟାସୀପୁର ଆଦି ପଞ୍ଚାୟତରେ ପୋଖରୀ ଖନନ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀ ନିଜେ କାର୍ଯ୍ୟ କରିବା ସହ ଶ୍ରମିକଙ୍କୁ ସେହି କାର୍ଯ୍ୟରେ ନିୟୋଜିତ କରିଥିଲେ। ହେଲେ ଅଦ୍ୟାବଧି ଶ୍ରମିକଙ୍କୁ ସେମାନଙ୍କ ପ୍ରାପ୍ୟ ମିଳିନାହିଁ। ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଶ୍ରମିକ ପ୍ରାପ୍ୟ ପାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୬ ଦିନ କାର୍ଯ୍ୟ କଲେ ସପ୍ତମ ଦିନ ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ଅର୍ଥ ରାଶି ଆସିବାରେ ନିୟମ ରହିଛି। କିନ୍ତୁ ଏଠାରେ ତାହାର ବ୍ୟତିକ୍ରମ ଦେଖାଯାଇଛି। ଚଳିତ ମାସ ୧୫ରୁ ମାଟି କାର୍ଯ୍ୟ ବନ୍ଦ ହେବ। ତେଣୁ ଶ୍ରମିକମାନେ ସେମାନଙ୍କ ପ୍ରାପ୍ୟ ପାଇବା କ୍ଷେତ୍ରରେ ଜିଲାପାଳ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ବରୀ ବ୍ଲକ ଦାୟିତ୍ୱରେ ଥିବା ମୃତ୍ତିକା ସଂରକ୍ଷଣ ବିଭାଗ କନିଷ୍ଠ ଯନ୍ତ୍ରୀ ହିମାଂଶୁ ଧଳ କହିଛନ୍ତି, ଅଳ୍ପ ଶ୍ରମିକଙ୍କ ନାମ ଏହି ଯୋଜନାରେ ସାମିଲ କରାଯାଇଛି। ସେଥିପାଇଁ ଶ୍ରମିକଙ୍କ ପ୍ରାପ୍ୟ ପ୍ରଦାନରେ ବିଳମ୍ବ ହୋଇଛି। ଖୁବ୍‌ଶୀଘ୍ର ସମସ୍ତ ଶ୍ରମିକଙ୍କ ନାମ ସଂଯୋଗ କରାଯାଇ ପ୍ରାପ୍ୟ ପ୍ରଦାନ କରାଯିବ।

# ଟିକାକରଣରେ ଅବ୍ୟବସ୍ଥା ନେଇ ଅସନ୍ତୋଷ

ଯାଜପୁର ଅଫିସ,୧୦।୬



ଯାଜପୁର ଜିଲାର କେତେକ କରୋନା ଟିକାକରଣ କେନ୍ଦ୍ରରେ ଅବ୍ୟବସ୍ଥା ଦେଖା ଦେଇଛି। ଏହାବାଦ୍ ଜିଲାରେ ୧୮ରୁ ୪୫ ବର୍ଷ ପର୍ଯ୍ୟନ୍ତ ଟିକାକରଣ କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇଥିଲେ ହେଁ ବ୍ୟାସନଗର ସହରକୁ ଏଥିରୁ ବାଦ ଦିଆଯାଇଛି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରଥମ ଡୋଜ୍ ଟିକା ନେବାର ୮୪ଦିନ ପରେ ଦ୍ୱିତୀୟ ଟିକା ନେବାକୁ ଅପେକ୍ଷା କରିଥିବା ବ୍ୟକ୍ତିମାନଙ୍କୁ ବୁଧବାର ଫୋନ କରି ସୂଚନା ଦିଆଯାଇଥିଲା। ଫୋନ୍‌ରେ ସୂଚନା ପାଇବା ପରେ ବହୁ ବରିଷ୍ଠ ନାଗରିକ ଦ୍ୱିତୀୟ ଡୋଜ୍ ଟିକା ନେବା ପାଇଁ ବହୁ ସଂଖ୍ୟାରେ ଆସି ନିର୍ଦ୍ଦିଷ୍ଟ ହସ୍ପିଟାଲରେ ପହଞ୍ଚିଥିଲେ। ମାତ୍ର ସେମାନଙ୍କୁ ଦାୟିତ୍ୱରେ ଥିବା କର୍ମଚାରୀମାନେ ଆଜି ଟିକା ନାହିଁ, ଆସିଲେ ପୁଣି ଜଣାଇ ଦିଆଯିବ ବୋଲି କହି ଫେରାଇ ଦେଇଥିଲେ। ଫଳରେ ଦୂରଦୂରାନ୍ତରୁ ଆସିଥିବା ଲୋକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଯଦି ଟିକା ନ ଥିଲା ଆମକୁ କାହିଁକି ଫୋନ କରି ଲକ୍‌ଡାଉନ ସମୟରେ ଡକାଗଲା ବୋଲି ସେମାନେ ପ୍ରଶ୍ନ କରିଥିଲେ। ହେଲେ ତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ କେହି ନ ଥିଲେ। ଏମିତି ଘଟଣା ଜିଲାର ଧର୍ମଶାଳା, ବଡ଼ଚଣା, ବରୀ, ବିଂଝାରପୁର, ରସୁଲପୁର ଓ ଦାନଗଦି ବ୍ଲକ ଅଞ୍ଚଳରେ ଘଟିଥିବା ଅଭିଯୋଗ ହୋଇଛି। ସେସବୁ ବ୍ଲକରେ ଟିକାଦାନ କାର୍ଯ୍ୟକ୍ରମ ବନ୍ଦ ରଖାଯାଇଛି। ମଙ୍ଗଳବାରଠାରୁ ଯଦି କର୍ତ୍ତୃପକ୍ଷ ଟିକାକରଣ ବନ୍ଦ ପାଇଁ ବିଜ୍ଞପ୍ତି ଜାରି କରିଥିଲେ କାହିଁକି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡ଼କାଇ ଲୋକମାନଙ୍କୁ ହଇରାଣ କରାଗଲା ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ସେହିପରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବହୁ ବ୍ୟକ୍ତି ନିରାଶ ହୋଇ ଫେରିଥିବା ଖବର ମିଳିଛି। ବିଭାଗୀୟ ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ଏହି ଅବ୍ୟବସ୍ଥା ଲାଗି ରହିଥିବା ଅଭିଯୋଗ ହୋଇଛି।

ସେହିପରି ୧୮ରୁ ୪୪ବର୍ଷ ବୟସ ବର୍ଗର ବ୍ୟକ୍ତିଙ୍କ ଟିକାକରଣ କାର୍ଯ୍ୟକ୍ରମ ଯାଜପୁର ଜିଲାରେ ସୋମବାରଠାରୁ ଆରମ୍ଭ ହୋଇଥିଲା। ଏଥିପାଇଁ ଯାଜପୁର ଟାଉନରେ ପ୍ରଥମ ଦିନ ୩୦୦, ମଙ୍ଗଳବାର ୫୦୦ ଓ ବୁଧବାର ୧୦୦୦ ଡୋଜ ଟିକା ଦେବାର ବ୍ୟବସ୍ଥା କରାଯାଇଥିଲା। ପୂର୍ବରୁ ପଞ୍ଜିକରଣ କରାଇ ଏବଂ ସ୍ଲଟ୍ ପାଇଥିବା ଯୁବପିଢୀ ଟିକା ନେବାକୁ ଆଗ୍ରହ ପ୍ରକାଶ କରିଥିବା ପରିଲକ୍ଷିତ ହୋଇଥିଲା। ସମସ୍ତଙ୍କୁ ଟିକା ମିଳିବ ବୋଲି କେନ୍ଦ୍ର ସରକାର ଘୋଷଣା କରି ସାରିଥିଲେ ସୁଦ୍ଧା ଯାଜପୁର ଟାଉନରେ କେବଳ ଟିକାଦାନ କେନ୍ଦ୍ର ଖୋଲା ଯାଇଥିବା ଯୋଗୁ ତା'ର ଫାଇଦା ସ୍ଥାନୀୟ ଅଞ୍ଚଳର ଅଧିକାଂଶ ଲୋକଙ୍କୁ ମିଳିଛି। କିନ୍ତୁ ରାଜ୍ୟ ସରକାର କେବଳ ସହରାଞ୍ଚଳରେ ଥିବା ଜିଲା ମୁଖ୍ୟାଳୟରେ ହିଁ ଏହି ବର୍ଗର ବ୍ୟକ୍ତିଙ୍କୁ ଟିକା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ବ୍ୟାସନଗର ପୌରାଞ୍ଚଳରେ ବି ଏକ ଟିକାଦାନ କେନ୍ଦ୍ର ଖୋଲି ସେଠାରେ ଟିକାଦାନ ବ୍ୟବସ୍ଥା କରିବାକୁ ଦାବି ହେଉଛି। ଏ ସଂକ୍ରାନ୍ତରେ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ସନ୍ତୋଷ କୁମାର ପୃଷ୍ଟିଙ୍କୁ ପଚାରିବାରେ ସେ କହିଛନ୍ତି, ଖୁବଶୀଘ୍ର ବ୍ୟାସନଗର ପୌରାଞ୍ଚଳରେ ୧୮ ରୁ ୪୫ ବର୍ଷ ବୟସ୍କଙ୍କୁ ଟିକାକରଣ କରାଯିବ।

# ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବି

ଧର୍ମଶାଳା,୧୦।୬(ଡି.ଏନ.ଏ.)

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେବ ଭେଷଜ, ଶଲ୍ୟ, ଶିଶୁରୋଗ, ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି। ଫଳରେ ଅଞ୍ଚଳବାସୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଏଠାରେ ତୁରନ୍ତ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରିବାକୁ ଧର୍ମଶାଳାର ପୂର୍ବତନ ବିଧାୟକ ତଥା ଖଦିବୋର୍ଡ ନିର୍ଦ୍ଦେଶକ ରବି ଲାବଣ୍ୟ ଦାବି କରିଛନ୍ତି। ଲାବଣ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବକିଶୋର ଦାସ ଏବଂ ଅତିରିକ୍ତ ମୁଖ୍ୟଶାସନ ସଚିବ ପ୍ରଦୀପ ମହାପାତ୍ରଙ୍କୁ ଏନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପାଇବା ପରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦେବାନେଇ ଅତିରିକ୍ତ ମୁଖ୍ୟଶାସନ ସଚିବ ମହାପାତ୍ର ପତ୍ର ସଂଖ୍ୟା: ୮୭୧୪/ତା: ୭।୬।୨୧ରେ ବିଭାଗୀୟ ଯୁଗ୍ମଶାସନ ସଚିବ ଶୁଭାନନ୍ଦ ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲାବଣ୍ୟ ଯୁଗ୍ମଶାସନ ସଚିବ ମହାପାତ୍ରଙ୍କୁ ସଚିବାଳୟଠାରେ ସାକ୍ଷାତ କରି ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦେବାକୁ ଯୁଗ୍ମଶାସନ ସଚିବ ଲାବଣ୍ୟକୁ ପ୍ରତିଶ୍ରୁତି ଦେଇଥିବା ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରାଜ୍ୟର ଅଗ୍ରଣୀ ଚିକିତ୍ସାଳୟ। ଏହାଉପରେ ଧର୍ମଶାଳା ସହିତ ପଡ଼ୋଶୀ ନିର୍ବାଚନମଣ୍ଡଳୀର ଜନସାଧାରଣ ନିର୍ଭର କରିଥାନ୍ତି। ଜାତୀୟ ରାଜପଥ ୧୬ ନଂ. ନିକଟରେ ଅବସ୍ଥିତ ଏହି ଡାକ୍ତରଖାନାକୁ ଦୁର୍ଘଟଣାଗ୍ରସ୍ତ ଲୋକଙ୍କ ସହିତ ଅନ୍ୟ ଜରୁରିକାଳୀନ ରୋଗୀ ଆସିଥାନ୍ତି। ତେବେ ବିଶେଷଜ୍ଞ ଡାକ୍ତର ନ ଥିବାରୁ ଶହଶହ ରୋଗୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଡାକ୍ତରଖାନାକୁ ପ୍ରତ୍ୟେକ ମାସରେ ୨୦୦ରୁ ଊର୍ଦ୍ଧ୍ୱ ଗର୍ଭବତୀ ପ୍ରସବ ପାଇଁ ଆସୁଥିବା ବେଳେ ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ନ ଥିବାରୁ ସେମାନେ ଉପଯୁକ୍ତ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି। ଡାକ୍ତରଖାନା ପରିସରରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଶିଶୁ ଓ ମାତୃ ଚିକିତ୍ସା କେନ୍ଦ୍ର ବ୍ୟବହାରରେ ଆସୁନାହିଁ। ବିଶେଷଜ୍ଞ ଡାକ୍ତର ନିଯୁକ୍ତି ହେଲେ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ଅଞ୍ଚଳବାସୀ ଆଶାବାଦୀ ଅଛନ୍ତି।


ରବି ଲାବଣ୍ୟ ଯୁଗ୍ମଶାସନ ସଚିବ ଶୁଭାନନ୍ଦ ମହାପାତ୍ରଙ୍କୁ ଭେଟି ଆଲୋଚନା କରୁଛନ୍ତି।

# ବାଲ୍ୟବିବାହ ରୋକି ପାରୁନି ପ୍ରଶାସନ

କାଳିଆପାଣି,୧୦।୬(ଡି.ଏନ.ଏ.)

କିଛିଦିନ ହେବ ନଗଡ଼ାରେ ଏକାଧିକ ନାବାଳିକା-ନାବାଳକ ବିବାହ ହୋଇଛି। ହେଲେ ପ୍ରଶାସନ ଏହାକୁ ରୋକିବାରେ ଫେଲ୍ ମାରୁଛି। ବିବାହ ସମୟରେ ପ୍ରଶାସନ ପକ୍ଷରୁ ନାବାଳିକା, ନାବାଳକଙ୍କୁ ଉଦ୍ଧାର କରାଯାଉଛି। ମାତ୍ର ପରବର୍ତ୍ତୀ ସମୟରେ ପୁଣି ସେମାନଙ୍କ ବିବାହ ହେଉଛି। ଉଦାହାରଣ ସ୍ୱରୂପ ଗତ ୬ ତାରିଖରେ ଉପର ନଗଡ଼ାର ଜଣେ ୧୩ ବର୍ଷର ନାବାଳକଙ୍କ ବିବାହ ସ୍ଥିର ହୋଇଥିଲା। ଖବର ପାଇ ସିଡିପିଓ ସଂଯୁକ୍ତା କାନୁନ୍‌ଗୋ କାଳିଆପାଣି ଥାନାରେ ଅଭିଯୋଗ କରିବା ସହ ନାବାଳକଙ୍କୁ ଉଦ୍ଧାର କରିଥିଲେ। ୭ ତାରିଖରେ ନାବାଳକଙ୍କୁ ତାଙ୍କ ପରିବାର ଜିମାରେ ଦିଆଯାଇଥିଲା। ତେବେ ଶନିବାର ଅର୍ଥାତ ୮ ତାରିଖରେ ସମ୍ପୃକ୍ତ ନାବାଳକଙ୍କ ବିବାହ ସମ୍ପନ୍ନ ହୋଇଛି।

ସେହିପରି କିଛିଦିନ ତଳେ ପ୍ରଶାସନ ପକ୍ଷରୁ ନଗଡ଼ା ତଳ ଗ୍ରାମ ଅଶୋକଝରରେ ନାବାଳକ ବିବାହ ରୋକାଯାଇଥିଲା। ଏହାପରେ ବିବାହ ହୋଇଛି। ଗତ ମାସ ୧ ତାରିଖରେ ତଳ ନଗଡ଼ାରେ ଏକ ବାଲ୍ୟ ବିବାହକୁ ସୁକିନ୍ଦା ବିଡିଓ ରୋକିଥିଲେ। ପରବର୍ତ୍ତୀ ସମୟରେ ସେହି ବିବାହ ସମ୍ପନ୍ନ ହୋଇଛି। ପ୍ରଶ୍ନ ଉଠେ ସରକାର ବାଲ୍ୟ ବିବାହ ରୋକିବା ପାଇଁ ଦିନ ରାତି କାର୍ଯ୍ୟ କରୁଥିବା କହୁଛନ୍ତି। ହେଲେ ବାଲ୍ୟ ବିବାହ ରୋକିରେ ବିଫଳ ହେଉଛନ୍ତି। ତେଣୁ ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ସାମାଜିକ କର୍ମୀ ଦିଲୀପ କୁମାର ପାତ୍ର ଦାବି କରିଛନ୍ତି। ଏନେଇ ଚାଇଲ୍ଡ ଲାଇନ ପକ୍ଷରୁ ରୁଦ୍ର ପୃଷ୍ଟି କହିଛନ୍ତି, ଆମର କାମ କେୟାର ନେବା। କିନ୍ତୁ ନାବାଳିକା-ନାବାଳକଙ୍କୁ ସେମାନଙ୍କ ବାପା,ମା' ନେବାକୁ ଚାହିଁଲେ ଆମେ ଦେବାକୁ ବାଧ। ତେଣୁ ପରବର୍ତ୍ତୀ ସମୟରେ କ'ଣ ହେଉଛି ତାହା ଜଣା ପଡୁନାହିଁ।

சர்தார் வல்லபாய் படேல் சர்வதேச ஜவுளி மற்றும் மேலாண்மை கல்லூரி
सरदार वल्लभभाई पटेल इंटरनेशनल स्कूल ऑफ टेक्सटाइल्स एंड मैनेजमेंट
SVPITM
SARDAR VALLABHBHAI PATEL
International School of Textiles & Management
Autonomous Institute, Ministry of Textiles, Government of India
1483, Avinashi Road, Peelamedu, COIMBATORE – 641004 Ph : 0422 – 2571675, 2592205
ADMISSION 2021 - 22. Applications Are Invited For SVP Entrance Test
B.Sc. • Textiles | MBA • Textile / Apparel / Retail
Applications are also open
12 Weeks Online Short-term Certificate Courses In Medical Textile Management & Non-woven Textile Management for all.
Application forms available in the institute website
Last date for the receipt of application is 25.06.2021
For admission details call 88704 79675 98438 14145
For short-term course details call 90036 45543

Visit www.svpistm.ac.in E-mail : admission@svpitm.ac.in

OFFICE OF THE PRINCIPAL
GOVT. COLLEGE (AUTO), ANGUL
QUOTATION
Sealed quotations are invited from registered manpower service providers for engagement of daily wage workers in Govt. College (Auto), Angul on outsourcing basis for the session 2021-22.
For more information refer college website: www.gaca.nic.in or college notice board.
Sd./- Principal

OFFICE OF THE REGULATED MARKET COMMITTEE, JAGATSINGHPUR
At: Gopalsagar, P.O./Dist.- Jagatsinghpur, Odisha, PIN - 754103
E-mail: rmcjspur@gmail.com
E-PROCUREMENT (INVITATION FOR BID)
TENDER CALL NOTICE No. 392 / Dt.09.06.2021
In pursuant to the advertisement vide No. 392 Dt.09.06.2021, the bid documents will be available for sale in the website www.tenderorissa.gov.in from 10.00 A.M. of 11.06.2021 to 5.00 P.M. of 21.06.2021 for online bidding.
Sd./- Sub Collector-cum-Chairman
RMC, Jagatsinghpur

କୌଣସି ମାନୁଷୀପ୍ରୟାସ ବା ତପସ୍ୟା ନୁହେଁ– କେବଳ ଦିବ୍ୟଜନନୀଙ୍କର ଶକ୍ତି ହିଁ ଆବରଣ ଛିନ୍ନ କରିଦେଇ ପାରେ – ଆଧାରକୁ ଗଠନ କରିପାରେ। ଏହି ତମିସ୍ରା, ମିଥ୍ୟା, ମୃତ୍ୟୁ ଓ ବେଦନାପୂର୍ଣ୍ଣ ଜଗତରେ ଉତାରି ଆଣିପାରେ ସତ୍ୟ, ଜ୍ୟୋତି, ଦିବ୍ୟଜୀବନ ଓ ଅମର ଆନନ୍ଦ। –ଶ୍ରୀଅରବିନ୍ଦ



# ଜି–୭ ଓ ସର୍ବନିମ୍ନ ଟିକସ ହାର



ଡାନି ରୋଡ୍ରିକ

ବିଶ୍ୱ ଅର୍ଥବ୍ୟବସ୍ଥାରେ ବେଶ୍ ଆଗୁଆ ଦେଶଗୁଡ଼ିକ ୫ ଜୁନରେ ଏକ ଚୁକ୍ତିଘୋଷଣା କରିଛନ୍ତି। ଏହା ବିଶ୍ୱିକ କର୍ପୋରେଟ୍‌ଗୁଡ଼ିକ ଉପରେ ଟ୍ୟାକ୍ସ ବା ଟିକସ ବୃଦ୍ଧି କରିବାରେ ସେମାନଙ୍କ କ୍ଷମତାର ଆଧାର ହେବ। ତଥାପି ଏହି ଚୁକ୍ତି ପାଇଁ ବିଶ୍ୱର ଆହୁରି ଅଧିକ ଦେଶଗୁଡ଼ିକର ଔପଚାରିକ ସ୍ୱୀକୃତି ଆବଶ୍ୟକ। ଏହି ଚୁକ୍ତିକୁ ଅଧିକ ପ୍ରଭାବୀ କରିବା ଲାଗି ଅନେକ ବିଷୟ ଉପରେ କାର୍ଯ୍ୟ ହେବା ବାକି ରହିଛି। ନଚେତ ଏହାକୁ ଐତିହାସିକ ବୋଲି ବର୍ଣ୍ଣନା କରିହେବ ନାହିଁ। ଜି–୭ର ଦୁଇଟି ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ରହିଛି। ପ୍ରଥମେ ଏହା ବହୁ କର୍ପୋରେଟ ଉପରେ ୧୫% ଗ୍ଲୋବାଲ ମିନିମମ୍ ଟ୍ୟାକ୍ସ ବା ସରା ବିଶ୍ୱରେ ଏକ ସର୍ବନିମ୍ନ ଟିକସ ଲାଗୁ କରିବାର ପ୍ରସ୍ତାବ ରଖିଛି। ଦ୍ୱିତୀୟରେ କର୍ପୋରେଟ୍‌ଗୁଡ଼ିକର ବିଶ୍ୱସ୍ତରୀୟ ଲାଭର ଏକ ଅଂଶ ସେମାନେ ବ୍ୟବସାୟ କରୁଥିବା ଦେଶଗୁଡ଼ିକୁ ଦେବାର ପ୍ରସ୍ତାବ ରଖାଯାଇଛି। ଏଥିପାଇଁ ସେହି ଦେଶରେ କେବଳ ସେମାନଙ୍କର ମୁଖ୍ୟାଳୟ ରହିବା ଦରକାର ତାହା ନୁହେଁ,ଏହା ନ ଥିଲେ ବି ସେମାନଙ୍କୁ ଏଥିପାଇଁ ବିଚାରକୁ ନେବାକୁ ହେବ। ଏହି ଲକ୍ଷ୍ୟଗୁଡ଼ିକ କୌଣସି ହାଇପର୍ ଗ୍ଲୋବାଲାଇଜେଶନ ରୁଲ୍ସ ଭଳି ସ୍ୱଷ୍ଟ ସଙ୍କେତ ପ୍ରଦାନ କରେ। ହାଇପର ଗ୍ଲୋବାଲାଇଜେଶନ ରୁଲ୍ସରେ ଦେଶଗୁଡ଼ିକ ଭଲ ଚୁକ୍ତି କରିବା ବା ଚୁକ୍ତିର ପୁନଃ ଲିଖନ ପାଇଁ ଗ୍ଲୋବାଲ କର୍ପୋରେଶନ ବା ବୈଶ୍ୱିକ ସହଯୋଗ ଦେବା ଲାଗି ପ୍ରତିଯୋଗିତା କରିବା ଉଚିତ। କିନ୍ତୁ ଆମେରିକା ଏଭଳି ନିୟମକୁ ବିରୋଧ କରିବା ଯୋଗୁ ବିଶ୍ୱ ଟିକସରେ ଏକମତ ହାସଲ କରିବାର ବ୍ୟବସ୍ଥା ପୂରା ବନ୍ଦ ହୋଇଯାଇଥିଲା। ଅନ୍ୟପକ୍ଷରେ ଏବେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କ୍ଷମତାକୁ ଆସିବା ପରେ ଏହାକୁ ଆଗକୁ ବଢ଼ାଇଲେ।

୧୯୮୦ରୁ ଲାଗୁ କର୍ପୋରେଟ ଟିକସ ହାର କମାଇବା ଦୌଡ ଆରମ୍ଭ ହୋଇଥିଲା। ସେବେଠାରୁ ଟିକସର ବୈଧାନିକ ରେଟ୍ ବା ହାର ପାଖାପାଖି ୫୦%ରୁ ଖସି ୨୦୨୦ରେ ପ୍ରାୟ ୨୪%ରେ ରହିଛି। ଏମିତି ହେଲା ଯେ,ଅନେକ ଦେଶ ଭୁଲ ବାଟରେ ଗଲେ ଏବଂ ଟିକସ ଛାଡ଼ ନିୟମ ଯୋଗୁ ପ୍ରଭାବଶାଳୀ ଟିକସ ରେଟ୍ ଏକ ଅଙ୍କ ବିଶିଷ୍ଟ ସଂଖ୍ୟାରେ ପହଞ୍ଚିଗଲା। ବିଶ୍ୱସ୍ତରୀୟ କର୍ପୋରେଟଗୁଡ଼ିକ ପିୟୋର ଟ୍ୟାକ୍ସ ହେଭେନ କୁହାଯାଉଥିବା ବ୍ରିଟିଶ ଭର୍ଜିନ ଆଇଲାଣ୍ଡ, କେମ୍ୟାନ ଆଇଲାଣ୍ଡ କିମ୍ବା ବରମୁଣ୍ଡାକୁ ଏହାର ଲାଭରୁ ଛିଡ଼ି ଅଂଶ ଦେବାରେ ଅଧିକ ଫାଇଦା ହେଲା। ଏପରି କି ସେଠାରେ ଏହି କର୍ପୋରେଟଗୁଡ଼ିକର ବାସ୍ତବରେ କୌଣସି ଆର୍ଥିକଦୃଷ୍ଟିଆ ବ୍ୟବସାୟ ଚଳାଉ ନ ଥିଲେ ବି ଏହା କରିବାକୁ ପଡ଼ିଲା। ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆର ଗ୍ରାବିଏଲ ଜୁକ୍ମ୍ୟାନଙ୍କ ଆକଳନ ଅନୁଯାୟୀ,ଆମେରିକାରେ କର୍ପୋରେଶନଗୁଡ଼ିକର ବୈଦେଶିକ ଲାଭର ଏକ ସିଂହଭାଗ ଟ୍ୟାକ୍ସ ହେଭେନଗୁଡ଼ିକରେ ବ୍ୟବସ୍ଥିତ କରାଗଲା, ଯେଉଁଠି କି ସେମାନେ ଅଳ୍ପ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ପ୍ରଶାସନିକ ସୁଗମତାକୁ ନେଇ ଉଠୁଥିବା ପ୍ରଶ୍ନ କଥା ଛାଡ। ଏହା ବାଦ୍ ଆମେରିକାର ନୂଆ ସରକାର ଚୁକ୍ତିର ଦୁଇଟି ସିଦ୍ଧାନ୍ତକୁ ନେଇ ବିରୋଧର ସମ୍ମୁଖୀନ ବି ହୋଇପାରନ୍ତି। ଟ୍ୟାକ୍ସ ଜଷ୍ଟିସ କର୍ପୋରେଟଗୁଡ଼ିକ ବୈଶ୍ୱିକ ସର୍ବନିମ୍ନ ୧୫% ଟିକସକୁ ଅତି କମ୍ ବୋଲି ସମାଲୋଚନା କରିବାକୁ ଆଗେଇ ଆସିବେ। ଏହାସହ ବହୁ ବିକାଶଶୀଳ ଦେଶ ଏହି ଟିକସ ରେଟ୍‌କୁ ଏକ ଅନୁଚିତ ସୀମା ବା କଟକଣା ବୋଲି କହି ଦୋଷ ଲଦିବେ। ଏହି ବ୍ୟବସ୍ଥା ନିବେଶକୁ ଆକର୍ଷିତ କରିବାରେ ବାଧା ଦେବ। ବିକାଶଶୀଳ ଦେଶଗୁଡ଼ିକ ମଧ୍ୟରେ କେବଳ ଆୟର୍ଲାଣ୍ଡର ବୈଧାନିକ ଟିକସ ୧୨.୫%, ଯାହା ପ୍ରସ୍ତାବିତ ସର୍ବନିମ୍ନ ହାର ଠାରୁ କମ୍। କିନ୍ତୁ ଛୋଟ ଛୋଟ ଦେଶ ଯଥା ; ମାଲ୍‌ଡୋଭା (୧୨%), ପାରାଗୁଏ (୧୦%), ଉଜ୍‌ବେକିସ୍ତାନ (୭.୫%) ବିଦେଶୀ ନିବେଶକଙ୍କୁ ଆକର୍ଷିତ କରିବା ଲାଗି ଜାଣିଶୁଣି ସେମାନଙ୍କ ଟ୍ୟାକ୍ସ ରେଟ୍ କମ୍ କରିଛନ୍ତି। ଏହି ନିବେଶକୁ ସେମାନେ ଗୁଣବତ୍ତା ନିଯୁକ୍ତି ଓ ଆଧୁନିକ ପ୍ରଯୁକ୍ତିର ମୁଖ୍ୟ ଉତ୍ସ ଭାବେ ବିଚାର କରୁଛନ୍ତି। ଅଣସ୍ୱାସ୍ଥ୍ୟ ନିବେଶ କ୍ଷେତ୍ରରେ କମ୍ ଟିକସର ତତ୍କାଳୀକ ବ୍ୟବସ୍ଥାରେ କମ୍ପାନୀଗୁଡ଼ିକ ସମ୍ମୁଖୀନ ହେଉଥିବା କ୍ଷତିକୁ ଭରଣା କରାଯାଇପାରିବ ବୋଲି ସେମାନେ ମନେକରନ୍ତି। ଏହା ବ୍ୟତୀତ କିଛି ଏସୀୟ ଦେଶ , ଉଦାହରଣ ସ୍ୱରୂପ ସିଙ୍ଗାପୁର (ଯେଉଁଠି ବୈଧାନିକ ଟ୍ୟାକ୍ସ ରେଟ୍ ୧୭% ହୋଇଥିଲେ ବି ସେଠାରେ କେତେକ ବିଜ୍‌ନେସ ପାଇଁ କମ୍ ଟିକସ ରେଟ୍ ଲାଗୁ କରାଯାଇଛି)ରେ ସର୍ବନିମ୍ନ ଟିକସର ଭୁଲ୍ ସମର୍ଥନକୁ ଶେଷ କରିଦେଇପାରେ। କର୍ପୋରେଟ ଟିକସ ନିର୍ଦ୍ଧାରଣ ଉପରେ ଏକ ସାଧାରଣ ସ୍ତର ଲାଗୁ କରାଯିବାକୁ ନେଇ ବିତର୍କ ମଜଭୁତ ହୋଇଛି। କିନ୍ତୁ ଏହି ଦେଶଗୁଡ଼ିକ ଏଭଳି ବ୍ୟବସ୍ଥାକୁ ପସନ୍ଦ କରୁଥିବାବେଳେ ବି ସେମାନେ ଏକ ଦ୍ୱନ୍ଦ୍ୱ ପରିସ୍ଥିତିରୁ ଦୂରେଇ ରହିବାକୁ ଚାହୁଁଛନ୍ତି। ଏହାର ଏକମାତ୍ର କାରଣ ହେଉଛି, ଦେଶରୁ ପୁଞ୍ଜି ଅନ୍ୟତ୍ର ଚାଲି ନ ଯିବା ପାଇଁ ଚାହୁଁଛନ୍ତି।

ଟ୍ୟାକ୍ସ ରେଟ୍ କମାଇବା ବ୍ୟବସ୍ଥା ଅଧିକାଂଶ ବିକଶିତ ଦେଶ ପାଇଁ ପ୍ରଯୁଜ୍ୟ ହୋଇପାରେ, କିନ୍ତୁ ସମସ୍ତଙ୍କ ଲାଗି ନୁହେଁ। ଯଥା ; ଆୟର୍ଲାଣ୍ଡ, ନେଦରଲାଣ୍ଡ ଏବଂ ସିଙ୍ଗାପୁର ଭଳି ଦେଶରେ ଏହା କେବେ ସମ୍ଭବ ହେବ ନାହିଁ। କିନ୍ତୁ ବିକାଶ ଏବଂ ଅନ୍ୟ କାର୍ଯ୍ୟରେ ଟିକସ ସ୍ତରକୁ ଲକ୍ଷ୍ୟ କଲେ ବିରାଟ ପ୍ରଭେଦ ରହିଥିବା ମନେହେଉଛି। ଜଣଙ୍କ ପାଇଁଏହା ଯୁକ୍ତିଯୁକ୍ତ ହୋଇପାରେ କିନ୍ତୁ ଅନ୍ୟର ଅଭିବୃଦ୍ଧିରେ ଏହା ବାଧା ସୃଷ୍ଟି କରିବ। ଗରିବ ଦେଶଗୁଡ଼ିକ କମ୍ ଟ୍ୟାକ୍ସ ରେଟ୍ ବ୍ୟବସ୍ଥିତ କରିଥିବାରୁ ଟ୍ୟାକ୍ସ ରେଭିନ୍ୟୁ ବା ରାଜସ୍ୱ ହରାଇବାର ସମ୍ଭାବନା ରହିଛି। ଏଣୁ ଏହାକୁ ନେଇ ଆମେରିକା ଏବଂ ଉଚ୍ଚ ଟ୍ୟାକ୍ସ ଲାଗୁ କରୁଥିବା ୟୁରୋପୀୟ ଦେଶଗୁଡ଼ିକ ନିଶ୍ଚିତ ଅଭିଯୋଗ କରିବେ। କିନ୍ତୁ ଏହି ଦେଶଗୁଡ଼ିକୁ ସେମାନଙ୍କ ଦେଶରେ ଥିବା କମ୍ପାନୀଗୁଡ଼ିକ ଉପରେ ଏକତରଫା ଉଚ୍ଚ ହାରର ଟିକସ ଲାଗାଇବାରେ କୌଣସି ବାଧା ନାହିଁ। ଘରୋଇ କମ୍ପାନୀଗୁଡ଼ିକର ବୈଶ୍ୱିକ ଲାଭ ଲାଗି ସେମାନେ ଏଭଳି ଟ୍ୟାକ୍ସ ବ୍ୟବସ୍ଥା ଲାଗୁ କରିପାରନ୍ତି। ସେମାନେ ଘରୋଇ ମାର୍କେଟରୁ ପାଇବାକୁ ଥିବା ରାଜସ୍ୱ ଶେୟାରର ଅନୁପାତରେ ଏହା କରିପାରନ୍ତି। ଜୁକ୍‌ମ୍ୟାନ ଦାବି କରିଛନ୍ତି ଯେ, ବୈଶ୍ୱିକ ଏକମତ କିମ୍ବା ସହଯୋଗ ବିନା ପ୍ରତ୍ୟେକ ଦେଶ ଏହା କରିପାରିବେ। ଜି–୭ ପରିକଳ୍ପନା କରିଥିବା ଦ୍ୱିତୀୟ ଦିଗଟି ଠିକ୍‌ଠାକ୍ ଲାଗୁଛି। ଏହି ଚୁକ୍ତିରେ ଅତି କମ୍‌ରେ ୧୦% ପ୍ରଫିଟ୍ ମାର୍ଜିନ ଥିବା ବୃହତ୍ ବହୁ ରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ସେମାନଙ୍କ ବୈଶ୍ୱିକ ଲାଭର ୨୦% ସେମାନେ ଉତ୍ପାଦ ବିକ୍ରିକରୁଥିବା ଏବଂ ସେବା ଯୋଗାଇ ଦେଉଥିବା ଦେଶଗୁଡ଼ିକୁ ଆବଣ୍ଟନ କରିବାକୁ ହେବ। ଆମେରିକା ଏକ ଜାତୀୟ ଆବଣ୍ଟନ ସହ ବୈଶ୍ୱିକ ସର୍ବନିମ୍ନ ଟିକସ ହାରକୁ ପସନ୍ଦ କରିବାର କାରଣ ହେଉଛି, ଅନ୍ୟ ଦେଶଗୁଡ଼ିକର ଫାର୍ମଗୁଡ଼ିକ ଉପରେ ଅଧିକ ଟିକସ ଲଗାଇ ତା'ଦେଶରେ କର୍ପୋରେଟଗୁଡ଼ିକୁ କ୍ଷତି ପହଞ୍ଚାଇବା ଲାଗି ସେ ଚାହୁଁ ନାହାଁ। କିନ୍ତୁ ଏହି ପ୍ରତିଯୋଗିତାର ଉଦ୍ଦେଶ୍ୟ ଗରିବ ଦେଶଗୁଡ଼ିକର ଆକାଂକ୍ଷାରୁ ଭିନ୍ନ ନୁହେଁ ଯେଉଁଥିରେ ସେମାନେ କମ୍ ଟିକସ ହାରରେ ନିବେଶକଙ୍କୁ ଆକର୍ଷିତ କରିପାରୁଛନ୍ତି। ଯଦି ଆମେରିକା ଏହାକୁ ଲାଗୁ କରି ଜିତି ପୁଣି ପରେ ହାରିଯାଏ, ତେବେ ଏହା କ୍ଷମତା ଯୋଗୁ ହିଁ ହେବ, ଆର୍ଥିକ ନୀତି କାରଣରୁ ନୁହେଁ।

ବାଇଡେନ୍ ପ୍ରଶାସନ ଆରମ୍ଭରୁ ବୈଶ୍ୱିକ ସର୍ବନିମ୍ନ ଟିକସ ସ୍ତର ୨୧%ରେ ସ୍ଥିର କରାଯାଉ ବୋଲି ଚାହିଁଥିଲା। କିନ୍ତୁ ଅନ୍ତିମ ବୁଝାମଣାରେ ଯେଉଁ ୧୫% ସ୍ଥିର କରାଯାଇଛି ତାହା ଗରିବ ଦେଶଗୁଡ଼ିକର ଚାପକୁ ଯଥେଷ୍ଟ କମାଇପାରିବ ଓ ଏହି ଦେଶଗୁଡ଼ିକୁ ଚୁକ୍ତିରେ ସ୍ୱାକ୍ଷର କରିବାକୁ ଅନୁମତି ଦେବ। ଏହି ଘଟଣାରେ ବୈଶ୍ୱିକ ନୀତି ଏବଂ ଜାତୀୟ ସାର୍ବଭୌମତ୍ୱ ମଧ୍ୟରେ ଥିବା ସମନ୍ୱୟ ସାମାନ୍ୟ ପ୍ରଭାବିତ ହୋଇପାରେ। ଆମେରିକା ଭଳି ଦେଶରେ କମ୍ ଟ୍ୟାକ୍ସ ରାଜସ୍ୱ ଯୋଗୁ ହୁଏତ ଏଭଳି ପରିସ୍ଥିତି ଆସିବ। ଯଦି ଜି–୭ ଆବଣ୍ଟନର ଦ୍ୱିତୀୟ ସିଦ୍ଧାନ୍ତକୁ ମଜଭୁତ କରା ନ ଯାଏ ତେବେ ଏଭଳି ଘଟିବ। ବୈଶ୍ୱିକ ବ୍ୟବସ୍ଥା ପ୍ରତ୍ୟେକ ଦେଶକୁ ସେମାନଙ୍କ ନିଜର ଟିକସ ବ୍ୟବସ୍ଥା ଗଠନ କରି ତାହାକୁ ଲାଗୁ କରିବା ଲାଗି ସେମାନଙ୍କ ଦକ୍ଷତା ବୃଦ୍ଧି କରିଛି। ସେମାନଙ୍କ ନିଜସ୍ୱ ଆବଶ୍ୟକତା ଏବଂ ପସନ୍ଦକୁ ଦୃଷ୍ଟିରେ ରଖି ସେମାନେ ଏହା କରିପାରବେ। ଏହା ଅନ୍ତଃରାଷ୍ଟ୍ରୀୟ ଟ୍ୟାକ୍ସ ଏକୀକରଣ ଦ୍ୱାରା କରାଯାଉଥିବା ପ୍ରୟାସଠାରୁ ଅଧିକ ମଜଭୁତ ଏବଂ ସ୍ଥାୟୀ ହେବାର ସମ୍ଭାବନା ରହିଛି। ଏବେ ସ୍ପଷ୍ଟ ହୋଇଛି ଯେ, ଯେଉଁମାନେ ପିୟୋର ଟ୍ୟାକ୍ସ ହେଭେନ ସଞ୍ଚାଳନ କରୁଛନ୍ତି ସେମାନେ କେବଳ ନୂଆ ପୁଞ୍ଜି ନ ଆଣି ପେପର ପ୍ରଫିଟ ଶିଫ୍ଟ କରିବାରେ ଆଗ୍ରହୀ ଅଛନ୍ତି। ସେମାନଙ୍କର ଏହା ଉପରେ କମ୍ ଅଭିଯୋଗ ରହିଛି। ସେମାନେ ବୈଶ୍ୱିକ ସମନ୍ୱୟର ବଡ଼ ସେବା କରି ଆସୁଛନ୍ତି। ଆର୍ଥିକ ନୀତି ଆଣି ନିଜର ଲାଭ କରିବା ସହ ପଡ଼ୋଶୀ ଦେଶଗୁଡ଼ିକର କ୍ଷତି କରିବା ଭଳି କାର୍ଯ୍ୟକୁ ବାଧା ଦେବାରେ ଏକ ବୈଶ୍ୱିକ ନୀତି ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ। ଜି–୭ ଚୁକ୍ତି ଠିକ୍ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ପ୍ରଫେସର, ଇଣ୍ଟର୍‌ନ୍ୟାଶନାଲ ପଲିଟିକାଲ ଇକୋନୋମି (ଜନ୍. ଏଫ୍.କେନେଡି ସ୍କୁଲ୍ ଅଫ୍ ଗଭର୍ନମେଣ୍ଟ,ହାର୍ଭାର୍ଡ ୟୁନିଭର୍ସିଟି)

# ବାପା ହେବା ପରେ, ବାପା ଯିବା ପରେ



ବିପିନ୍ ବିହାରୀ ମହାନ୍ତି

ପୁଅର ସବୁବେଳେ ଗୋଟିଏ ଅଭିଯୋଗ, ବାପା ଆଜିକାଲି କାହିଁକି ବିଳମ୍ବରେ ଅଫିସରୁ ଫେରୁଛନ୍ତି। ଆଉ ଏହି ଅଭିଯୋଗ ସହିତ ବୋଉ ମଧ୍ୟ ସ୍ୱର ମିଳାନ୍ତି। କିନ୍ତୁ ବାପା ଏହି ଅଭିଯୋଗକୁ ବିଭିନ୍ନ ପ୍ରକାର ବାହାନା ଦେଖାଇ ଏଡ଼େଇ ଯାଆନ୍ତି। ଦିନେ ପୁଅ ବସ୍‌ଷ୍ଟାଣ୍ଡରେ ବାପାଙ୍କ ଅଜାଣତରେ ଲୁଚି କରି ଅପେକ୍ଷା କଲା। ବାପା ଠିକ୍ ସମୟରେ ବସରୁ ଓହ୍ଲାଇ ସିଧା ଘର ଆଡ଼କୁ ଚାଲିଲେ। ଏହା ପରେ ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିବା ପୁଅ ନିଜ ବାଇକ୍ ନେଇ ବାପାଙ୍କୁ ବସାଇ ଘରେ ପହଞ୍ଚିଲା। ତା'ପରେ ପୁଅ ବାପାଙ୍କୁ ପଚାରିଲା– ଆପଣ ବସ୍‌ରୁ ଓହ୍ଲାଇ ଅଟୋରେ ନ ଆସି ଚାଲିଚାଲି କାହିଁକି ଆସୁଥିଲେ ? ବାପା କହିଲେ– ତୋ ବୋଉ ଏବଂ ତୋର ଗୋଟିଏ ଜିଦ୍ ଥିଲା ଯେ, ତୋ ପାଇଁ ଏକ ବାଇକ୍ କିଣା ହେବ, ତୁମ ଦୁଇ ଜଣଙ୍କର ଏହି ଇଚ୍ଛାକୁ ମୁଁ ଏଡ଼ାଇ ପାରିଲି ନାହିଁ। ପାଖରେ ପଇସାର ଅଭାବ ସତ୍ତ୍ୱେ ମୁଁ ଋଣ କରି ବାଇକ୍‌ଟିଏ କିଣିଲି। ତେଣୁ ପ୍ରତି ମାସର କିସ୍ତି ଦେବାପାଇଁ ନିଷ୍ପତ୍ତି ନେଲି ଯେ, ମୁଁ ଯିବା ଆସିବା କରିବା ପାଇଁ ଅଟୋ ବ୍ୟବହାର କରିବି ନାହିଁ। ଏଥିରୁ ଯେଉଁ ପଇସା ବଞ୍ଚିବ, ସେଥିରେ ତୋର ବାଇକ୍ କିସ୍ତି ଦେବା ପାଇଁ ମୋତେ ସହଜ ହେବ।

ବାପା ଆମ ମୁହଁରେ ହସ ଟିକେ ଦେଖିବା ପାଇଁ ବା ଆମକୁ ଖୁସିରେ ରଖିବା ପାଇଁ ଆମ ଅଜାଣତରେ କେତେ ଯେ ଦୁଃଖ କରନ୍ତି, ତା'ର ପ୍ରମାଣ ଦେବା ପାଇଁ ଉପରୋକ୍ତ ଘଟଣାଟି ଯଥେଷ୍ଟ। କେବଳ ପଇସା ଅଭାବରୁ ଯେ ବାପାମାନେ ଅନେକ ଦୁଃଖ କରନ୍ତି ତାହା ନୁହେଁ, ବରଂ ମୋଟା ଅଙ୍କର ଦରମା ପାଉଥିବା ବାପାମାନେ ତାଙ୍କ କାର୍ଯ୍ୟାଳୟରେ ଅନେକ ଦୁଃଖକୁ ସାମ୍ନା କରିଥାଆନ୍ତି। ଯଥା ଉପରିସ୍ଥ ଅଧିକାରୀଙ୍କ ନାଲିଆଖି ବା ଚାକିରି କ୍ଷେତ୍ରରେ ଅନ୍ୟାନ୍ୟ ସମସ୍ୟା। କିନ୍ତୁ ଏ ସବୁକୁ ସେ ଏଥିପାଇଁ ସହି ଯାଆନ୍ତି। ଯେହେତୁ ସେହି ଚାକିରିରୁ ମିଳୁଥିବା ମୋଟା ଦରମା ତାଙ୍କ ସନ୍ତାନମାନଙ୍କୁ ସୁଖରେ ରହିବାରେ ସାହାଯ୍ୟ କରିଥାଏ। ହେଲେ ଯେତେବେଳେ ନିଜର ବାପା ଆରପାରିକୁ ଚାଲିଯାଆନ୍ତି, ସେତେବେଳେ ଦୁଃଖର ପାହାଡ଼ରୁ ଅତଡ଼ା ଖସିବା ଆରମ୍ଭ ହୁଏ। ଯେଉଁ ବାପା ଦିନେ ସାଧାରଣ ମଣିଷଟିଏ ଲାଗୁଥିଲେ, ସେ ହଠାତ୍ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ମନେ ହୁଅନ୍ତି। ବାପାଙ୍କ କାନ୍ଧରେ ବସିବା ଦିନଠାରୁ ବାପାଙ୍କୁ କାନ୍ଧରେ ନେବା ପର୍ଯ୍ୟନ୍ତ ପ୍ରତ୍ୟେକ ଘଟଣା ଆଖି ସାମ୍ନାରେ ନାଚି ଯାଇଥାଏ। ଭାଙ୍ଗି ଯାଇଥାଏ ସାମାଜିକ ସୁରକ୍ଷାର ବିଶାଳ ପ୍ରାଚୀର।

ଦିନେ ଯେଉଁ ବାପା ସନ୍ତାନଟିଏ ପାଇଲା ପରେ ଫୁଲର ପାହାଡ଼ ଉପରେ ବସିଥିଲେ, ସେହି ସନ୍ତାନ ତାଙ୍କ ପାଇଁ ଆଜି ପାଲଟିଛି କଣ୍ଟକିତ ପଥ। ସମାଜରେ ଅନେକ ବାପାଙ୍କର ଶେଷ ସମୟର ଦୁଃଖର କାରଣ ହେଉଛନ୍ତି ତାଙ୍କର ସନ୍ତାନମାନେ। ସନ୍ତାନମାନେ ଚାକିରି ପାଇବା ପରେ ନିଜ ପରିବାର ସହିତ ବାହାରେ ରହୁଛନ୍ତି। ଫଳରେ ଘର ଜଗିବା କାର୍ଯ୍ୟ ବାପାଙ୍କ ଉପରେ ନ୍ୟସ୍ତ। ବାପା ନିଃସଙ୍ଗତାକୁ ସାଥି କରି ଏହି କାର୍ଯ୍ୟ ତୁଲାଇଥାଆନ୍ତି। ଯଦି ବୋଉ ଆରପାରିକୁ ଚାଲି ଯାଇଥାଏ, ତା'ହେଲେ ସେ ନିଃସଙ୍ଗତା ଅବର୍ଣ୍ଣନୀୟ। ସନ୍ତାନମାନଙ୍କ ମଧ୍ୟରେ ମନୋମାଳିନ୍ୟ, ସମ୍ପତ୍ତି ପାଇଁ ସଂଘର୍ଷ ଏବଂ ବାପାଙ୍କ ଦେଖାଶୁଣା କରିବା ପାଇଁ ସନ୍ତାନମାନଙ୍କ ମଧ୍ୟରେ ଅନିଚ୍ଛା ତାଙ୍କୁ ଦେଇଥାଏ ଅସହ୍ୟ ମାନସିକ ଯନ୍ତ୍ରଣା। ଶେଷରେ ବାପାଙ୍କର ରହିବାର ଠିକଣା ବଦଳି ହୋଇ ଯାଇଥାଏ ବୃଦ୍ଧାଶ୍ରମ।

ଯେଉଁ ବାପା ଦିନେ ଆମକୁ ବାଇକ୍‌ଟିଏ କିଣି ଦେବାକୁ ଯାଇ ନିଜେ ଚାଲିଚାଲି ଯିବାଆସିବା କରୁଥିଲେ, ସେ କ'ଣ କେବେ ଆମଠୁ ଏହା ବଦଳରେ ଏପରି ନିଷ୍ଠୁରତା ଆଶା କରିଥିବେ। ଆମେ ରହିବା ପାଇଁ ସୁନ୍ଦର ଘର ନିର୍ମାଣ କରିଥିବା ବାପା, କ'ଣ କେବେ ଆଶା କରିଥିବେ ଯେ, ତାଙ୍କର ଅନ୍ତିମ ରହଣିସ୍ଥଳ ତାଙ୍କର ନିଜ ଘର ନ ହୋଇ ବୃଦ୍ଧାଶ୍ରମ ହେବ ବୋଲି। ବାପାଙ୍କ ପ୍ରତି ଏପରି ନିଷ୍ଠୁରତା ଦେଖାଇବା ପୂର୍ବରୁ ସେହି ସନ୍ତାନମାନେ ଥରେ ଚିନ୍ତା କରିବା ଉଚିତ ଯେ, ସେ ବାପା ହେଲାବେଳେ ତାଙ୍କ ସନ୍ତାନଠୁ ଯେଉଁ ସୁଖ ଆଶା କରିଥିଲେ, ତାଙ୍କ ବାପା ମଧ୍ୟ ସେ ଜନ୍ମ ହେବା ବେଳେ ତାଙ୍କଠୁ ସେହି ସୁଖ ଆଶା କରିଥିବେ। ବୃଦ୍ଧାବସ୍ଥାରେ ଉପନୀତ ବାପାଙ୍କ ସେବା କରିବା, ସନ୍ତାନମାନଙ୍କ ପାଇଁ କେବଳ ଏକ କର୍ତ୍ତବ୍ୟ ନୁହେଁ ବରଂ ଏକ ବିରାଟ ସୁଯୋଗ, ଯେଉଁ ସୁଯୋଗ ସେହିମାନଙ୍କ ଭାଗ୍ୟରେ ନାହିଁ, ଯେଉଁମାନେ ସେମାନଙ୍କ ବାପାଙ୍କୁ ହରାଇ ସାରିଛନ୍ତି। ଆଜି ଆମେ ଆମ ବାପାଙ୍କ ପ୍ରତି ଆମର କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦନ କଲେ, ଆମଠୁ ଶିଖି ଆମ ସନ୍ତାନମାନେ ଆମ ବୃଦ୍ଧାବସ୍ଥାରେ ଆମ ପାଇଁ ମଧ୍ୟ ସମାନ କର୍ତ୍ତବ୍ୟ କରିବେ। କାରଣ ଆମେ ବି ଦିନେ ଆମ ବାପାଙ୍କ ଭଳି ବୃଦ୍ଧାବସ୍ଥାରେ ଉପନୀତ ହେବା।

– ସାହାଡ଼ା, ଜାନକାଦେଇପୁର,
ବୋରିକିନା, ଜଗତ୍‌ସିଂହପୁର,
ମୋ–୯୪୩୮୨୮୨୮୨୫

## ଏଇ ଭାରତରେ

ଚା ଗଛର ପତ୍ରରୁ ସ୍ୱାଦିଷ୍ଟ ଚା ପିଇବାରେ ଆମେ ଅଭ୍ୟସ୍ତ। କିନ୍ତୁ ବାମ୍ବୋ ଲିଫ୍ ଟି ବା ବାଉଁଶ ପତ୍ର ଚା କେବେ ପିଇଛନ୍ତି କି? ଏମିତି ଚା ପ୍ରସ୍ତୁତ କରୁଛନ୍ତି ତ୍ରିପୁରାର ସମୀର ଜାମାତିଆ। ବାଉଁଶପତ୍ର ଚା'କୁ ସେ ୟୁରୋପ ଏବଂ ଇଂଲଣ୍ଡକୁ ରପ୍ତାନି କରୁଛନ୍ତି। ଏକ କେଜି ଚା ମୂଲ୍ୟ ୧୨୦ ଟଙ୍କା। ଏବେ ସୁଦ୍ଧା ସେ ୬୦୦ କେଜି ଚା ରପ୍ତାନି କରିସାରିଲେଣି। ସମୀରଙ୍କ ବୟସ ୩୬। ତାଙ୍କ ଘର ଗୋମତି ଜିଲା ଗରଜି ଗାଁରେ। ସେ ମଧ୍ୟ ବାଉଁଶରୁ ବିଭିନ୍ନ ଉତ୍ପାଦ ନିର୍ମାଣ କରନ୍ତି। ତାଙ୍କୁ ବାମ୍ବୋ ଟେକ୍ନୋଲୋଜିଷ୍ଟ ଭାବେ ସମସ୍ତେ ଜାଣନ୍ତି। ସେ ଚାଇନାରେ ବାମ୍ବୋ ଟେକ୍ନୋଲୋଜିରେ ଡିପ୍ଲୋମା କରିଛନ୍ତି। ୨୦୦୮ରେ ଚାଇନାରୁ ଫେରି ସେ ଏହି ଚା ପ୍ରସ୍ତୁତ କରିବାକୁ ଅନୁସନ୍ଧାନ ଚଳାଇ ଶେଷରେ ସଫଳ ହୋଇଛନ୍ତି । ଏହାବାଦ୍ ବାଉଁଶର ଉପଯୋଗିତା ସମ୍ପର୍କରେ ଜାଣିବା ଲାଗି ସେ କାମ୍ବୋଡିଆ ଏବଂ ଭିଏତ୍‌ନାମ ଯାଇଛନ୍ତି। ତ୍ରିପୁରାରେ ୩୦ ପ୍ରକାର ବାଉଁଶ ରହିଛି ଓ ପ୍ରତ୍ୟେକରୁ ପ୍ରସ୍ତୁତ ଚା'ର ସ୍ୱାଦ ଭିନ୍ନ ବୋଲି କହନ୍ତି ସମୀର। କଅଁଳିଆ ବାଉଁଶ ପତ୍ର ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ସଂଗ୍ରହ କରି ସେ ଚା ପ୍ରସ୍ତୁତ କରୁଛନ୍ତି। ଏଭଳି ଚା ପ୍ରସ୍ତୁତ କରିବା ପଛରେ ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ଅବଦୁଲ କଲାମଙ୍କ ପ୍ରେରଣା ରହିଛି ବୋଲି ସମୀର କହନ୍ତି । ପୂର୍ବୋତ୍ତର ରଜ୍ୟରେ ବାଉଁଶ କାରିଗରି ଉପରେ ଡ. କଲାମ ତାଙ୍କୁ ସମ୍ମାନିତ କରିବା ଅବସରରେ ତାଙ୍କଠାରୁ ସେ ଏଭଳି ପ୍ରେରଣା ଲାଭ କରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୧୧ ଜୁନ୍ ୧୯୯୬

- ଏକାଧିକ କୋଟି ଟଙ୍କା ହାୱାଲା ମାମଲାର ମୁଖ୍ୟ ସନ୍ଦିଗ୍ଧ ଅମୀର ଭାଇଙ୍କୁ ହଂକଂ ପୋଲିସ ସିବିଆଇ ଅନୁରୋଧ କ୍ରମେ ଗିରଫ କରିଛି।
- କେନ୍ଦ୍ରୀୟ ସମତା ପାର୍ଟି ନିଜର ଆଦର୍ଶରୁ ବିଚ୍ୟୁତ ହୋଇ ଭାଜପା ଭଳି ସାମ୍ପ୍ରଦାୟିକ ଶକ୍ତି ସହିତ ସାଲିସ କରିଥିବା ପ୍ରତିବାଦରେ ଓଡ଼ିଶା ଶାଖା ସମତା ପାର୍ଟି ମୂଳ ପାର୍ଟିରୁ ଅଲଗା ହୋଇଯାଇଛି।
- ଆନ୍ଧ୍ରର ବିଜୟ ନଗରମ ଓ ଶ୍ରୀକାକୁଲମ ଜିଲାରେ ବଜ୍ରପାତ ଘଟି ୧୦ ଜଣଙ୍କ ମୃତ୍ୟୁ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | 1 | | | | |
| 4 | | | | | | 3 | | |
| 3 | | 5 | | | 9 | 7 | | |
| 5 | | 9 | | | | | | |
| 7 | | | 6 | 5 | 3 | | | 9 |
| | | | | | | 4 | | |
| | | | | | | | 5 | 2 |
| | | | 1 | 9 | | | | |
| 9 | 3 | | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 2 | 6 | 5 | 8 | 3 | 4 | 9 |
| 4 | 6 | 9 | 2 | 3 | 7 | 1 | 5 | 8 |
| 5 | 8 | 3 | 1 | 9 | 4 | 6 | 2 | 7 |
| 1 | 2 | 5 | 9 | 4 | 3 | 8 | 7 | 6 |
| 3 | 4 | 8 | 7 | 6 | 2 | 9 | 1 | 5 |
| 6 | 9 | 7 | 5 | 8 | 1 | 4 | 3 | 2 |
| 2 | 3 | 4 | 8 | 7 | 9 | 5 | 6 | 1 |
| 8 | 5 | 1 | 3 | 2 | 6 | 7 | 9 | 4 |
| 9 | 7 | 6 | 4 | 1 | 5 | 2 | 8 | 3 |

ଗତକାଲିର ଉତ୍ତର

# କରୋନାର ବୈଜ୍ଞାନିକ ବିଶ୍ଳେଷଣ



ସଂଜୟ କୁମାର ସାମନ୍ତରାୟ

ସେଦିନ ଥିଲା ୨୦୧୯ ଡିସେମ୍ବର ୩୧ ତାରିଖ। ଚାଇନାର ଉହାନ୍ ସହରରୁ ଆରମ୍ଭ ହୋଇଥିବା କୋଭିଡ୍–୧୯ ପ୍ରଥମ ଅବସ୍ଥାରେ ଭୂତାଣୁଜନିତ ନିମୋନିଆରୁ ଆରମ୍ଭ ହୋଇଥିଲା। ଏହା ଗୋଟିଏ ନୂଆ କରୋନା ଭୂତାଣୁ (ସାରସ୍–କୋଭ୍–୨)ରୁ ସୃଷ୍ଟି। କରୋନା ଭୂତାଣୁର ଜିନୀୟକ୍ରମ ପ୍ରଥମେ ୨୦୨୦ ଜାନୁୟାରୀ ୧୦ରେ ପ୍ରକାଶିତ ହୋଇଥିଲା। କ୍ଷିପ୍ର ବେଗରେ ଏହି ଭୂତାଣୁ ବ୍ୟାପୁଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୨୦୨୦ ମାର୍ଚ୍ଚ ୧୧ରେ ଏହି ନୂଆ ରୋଗକୁ ବିଶ୍ୱସ୍ତରୀୟ ମହାମାରୀ ରୂପେ ଘୋଷଣା କରିଥିଲା। ଭୂତାଣୁ ଅଧିକରୁ ଅଧିକ ଲୋକଙ୍କୁ ସଂକ୍ରମିତ କରୁଥିବାରୁ ଏହା ମାନବ ଶରୀରରେ ନୂତନ ମାଇକ୍ରୋ ପରିବେଶର ସମ୍ମୁଖୀନ ହୁଏ ଏବଂ ଛୋଟ ଛୋଟ ପରିବର୍ତ୍ତନ ଯୋଗ କରେ। ସମୟ ସହିତ ଭୂତାଣୁ ଜିନୋମରେ ଏହି ପରିବର୍ତ୍ତନର ସଂଖ୍ୟା ମଧ୍ୟ ବୃଦ୍ଧିପାଏ। ନୋଭେଲ କରୋନା ଭାଇରସ୍ ସାରସ୍–କୋଭ–୨ର ବିବର୍ତ୍ତନ ହେତୁ କୋଭିଡ୍–୧୯ ମହାମାରୀ ସଂକଟର ମୁକାବିଲା ପାଇଁ ଏକ ବିଜ୍ଞାନଭିତ୍ତିକ ବିଶ୍ଳେଷଣର ଆବଶ୍ୟକତା ବୈଜ୍ଞାନିକମାନଙ୍କ ପାଇଁ ଆଜିର ଆହ୍ୱାନ।

ଏପିଡେମୋଲୋଜିକାଲ ତଥ୍ୟ ଏବଂ ଜେନେଟିକ କ୍ରମ ବିଶ୍ଳେଷଣ ଦର୍ଶାଏ ଯେ କରୋନା ଭାଇରସ୍ ଷ୍ଟ୍ରେନ୍ ପ୍ରାଚୀନ କାଳରୁ ଅନେକ ପଶୁ ହୋଷ୍ଟରେ ବିଶେଷତଃ ବାଦୁଡ଼ି ମଧ୍ୟରୁ ଉତ୍ପନ୍ନ ହୋଇଥିଲେ। ଏହି ଜୀବାଣୁ ମାନବକୁ ସ୍ଥାନାନ୍ତରିତ ହେବା ପୂର୍ବରୁ ଅନେକ ଥର ପରିବର୍ତ୍ତନ ଏବଂ ହୋଷ୍ଟ ଆଦାନ ପ୍ରଦାନ କରିଥିଲେ। ଜଳବାୟୁ ପରିବର୍ତ୍ତନର ପ୍ରଭାବ, ପରିବେଶ ପ୍ରଦୂଷଣ, ସାମ୍ପ୍ରତିକ ଆଧୁନିକୀକରଣ ଓ ଅନ୍ୟାନ୍ୟ କେତେକ କାରଣରୁ ଏହି ଭୂତାଣୁର ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେଉଛି। କୌଣସି ବ୍ୟକ୍ତିଙ୍କଠାରେ କୋଭିଡ୍ ଲକ୍ଷଣ ଆସିବା ପରେ ଏହା ନିଶ୍ଚିତ ହେବା ପାଇଁ ଓ ରୋଗ ନିରୂପଣ ପାଇଁ କୋଭିଡ୍ ପରୀକ୍ଷା କରାଯାଇଥାଏ। ଏହି ପରୀକ୍ଷା ମୁଖ୍ୟତଃ ଦୁଇ ପ୍ରକାର। ପ୍ରଥମଟି ହେଲା ଆରଟି ପିସିଆର ଓ ଦ୍ୱିତୀୟଟି ହେଲା ଆଣ୍ଟିଜେନ୍ ପରୀକ୍ଷା।

କରୋନା ରୋଗୀଠାରୁ ସୁସ୍ଥ ବ୍ୟକ୍ତି ପାଖକୁ ରୋଗୀର କାଶ, ଛିଙ୍କିବାବେଳେ ବାହାରୁଥିବା କ୍ଷୁଦ୍ର କଣିକା ଦ୍ୱାରା ଖୁବ୍ ଶୀଘ୍ର ବ୍ୟାପିଥାଏ। ଏହି ରୋଗର ଭୂତାଣୁ ପବନ ଦ୍ୱାରା ଜଣେ ବ୍ୟକ୍ତିଙ୍କ ପାଖରୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ପାଖକୁପହଞ୍ଚିଥାଏ। ଏକଗବେଷଣାରୁ ଜଣାପଡ଼ିଛି ଯେ, ଅତି କମ୍‌ରେ ଏକ ହଜାରଟି କରୋନା ଭୂତାଣୁ ଜଣେ ବ୍ୟକ୍ତିର ନାକରେ ପଶିଲେ ଉକ୍ତ ବ୍ୟକ୍ତିଟି କରୋନାରେ ସଂକ୍ରମିତ ହୋଇଥାଏ। ପୁନଶ୍ଚ ଅଧ ଘଣ୍ଟା ମଧ୍ୟରେ ଯେ କୌଣସି ସୁସ୍ଥ ଲୋକଙ୍କୁ କରୋନା ଭୂତାଣୁ ଆକ୍ରାନ୍ତ କରିପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଯେଉଁ ବ୍ୟକ୍ତି ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ଥାଆନ୍ତି ଓ କୌଣସି ଲକ୍ଷଣ ଦେଖାଇ ନଥାନ୍ତି ସେମାନେ ୫୮% ଲୋକଙ୍କୁ ଏହି ରୋଗର ଭୂତାଣୁ ଦେଇପାରନ୍ତି। ଭୂତାଣୁ ସଂସ୍ପର୍ଶରେ ଥିବା ରୋଗୀର ଜିନିଷପତ୍ର, ଜାଗାର ସଂସ୍ପର୍ଶରେ ଆସିଲେ ମଧ୍ୟ ଏହା ବ୍ୟାପିଥାଏ। ଏହି ଭୂତାଣୁ ରୋଗୀର ମଳ, ମୂତ୍ର ଓ ରକ୍ତରେ ମଧ୍ୟ ଦେଖାଯାଏ। ସେହିପରି ଅନ୍ୟ ଦୁଇଟି ଭୂତାଣୁ ଯଥା– ଏସ୍‌ଏଆର୍‌ଏସ୍ ମୁଖ୍ୟତଃ ଜଣକ ପାଖରୁ ଅନ୍ୟ ଜଣକୁ ବ୍ୟାପୁଥିବା ବେଳେ ଏମ୍‌ଇଆର୍‌ଏସ୍ ମୁଖ୍ୟତଃ ହସ୍‌ପିଟାଲରୁ ମନୁଷ୍ୟକୁ ସଂକ୍ରମିତ ହୋଇଥାଏ।

ଏସ୍‌ଏଆର୍‌ଏସ୍–କୋଭ–୨ ମାନବ ଶରୀରରେ ପ୍ରବେଶ କରିବା ପରେ କୋଭିଡ୍–୧୯ ଜନିତ ଲକ୍ଷଣ ଆରମ୍ଭ ହେବା ପାଇଁ ପ୍ରାୟ ୫ ରୁ ୬ ଦିନ ସମୟ ଲାଗିଥାଏ। ସେହିପରି ଏସ୍‌ଏଆର୍‌ଏସ୍ ଭୂତାଣୁ ପାଇଁ ଏହି ସମୟ ୪ ଦିନ ଓ ଏମଇଆର୍‌ଏସ୍ ଭୂତାଣୁ ପାଇଁ ଏହି ସମୟ ୫ ଦିନ। ଏସ୍‌ଏଆର୍‌ଏସ୍, ଏମ୍‌ଇଆର୍‌ଏସ୍ ଏବଂ ଏସ୍‌ଏଆର୍‌ଏସ–ସିଓଭି–୨ ଦ୍ୱାରା ସମସ୍ତ ବୟସର ଲୋକ ଆକ୍ରାନ୍ତ ହେବାର ସମ୍ଭାବନା ଥିବାବେଳେ ପିଲାମାନଙ୍କଠାରେ ଏ ରୋଗର ଲକ୍ଷଣ ପ୍ରାୟତଃ ଦେଖାଯାଇ ନ ଥାଏ। ଏସ୍‌ଏଆର୍‌ଏସ୍–ସିଓଭି–୨ ଦ୍ୱାରା ଆକ୍ରାନ୍ତ ମନୁଷ୍ୟଙ୍କ ମଧ୍ୟରୁ ହାରାହାରି ୨.୩% ମୃତ୍ୟୁବରଣ କରୁଥିବାବେଳେ (ସିଏଫ୍‌ଆର) ଅନ୍ୟ ରୋଗଗ୍ରସ୍ତ ମନୁଷ୍ୟଙ୍କ କ୍ଷେତ୍ରରେ ଏହି ହାର ଅଧିକ । କିନ୍ତୁ ଏମ୍‌ଇଆର୍‌ଏସ୍ ଦ୍ୱାରା ହେଉଥିବା ହାରାହାରି ମୃତ୍ୟୁହାର (ସିଏଫ୍‌ଆର୍) ୩୫.୫%। କୋଭିଡ୍–୧୯ ଆକ୍ରାନ୍ତଙ୍କ ମଧ୍ୟରୁ ପ୍ରାୟ ୬୮% ପୁରୁଷ ହୋଇଥିବା ବେଳେ ୩୨% ମହିଳା। ବୈଜ୍ଞାନିକମାନଙ୍କ ମତରେ ମହିଳାମାନେ କମ୍ ଆକ୍ରାନ୍ତ ହେବାର କାରଣ ସେମାନଙ୍କ ଶରୀରରେ ଥିବା ଏକ୍ସ କ୍ରୋମୋଜୋମ୍ ଏବଂ ସେକ୍ସ ହରମୋନ ସେମାନଙ୍କଠାରୁ ଏହି ଭୂତାଣୁ ସୁରକ୍ଷା ପ୍ରଦାନ କରିଥାଏ। ଅନ୍ୟପକ୍ଷରେ ଏସ୍‌ଏଆର୍‌ଏସ୍ ଭୂତାଣୁ ପୁରୁଷଙ୍କ ତୁଳନାରେ ମହିଳାଙ୍କୁ ପ୍ରାୟ ୧.୨୫ଗୁଣ ଅଧିକ ମାତ୍ରାରେ ଆକ୍ରାନ୍ତ କରିଥାଏ।

ଏବେ ନୋଭେଲ କରୋନା ଭାଇରସ୍‌ର ଦ୍ୱିତୀୟ ଲହର ଭାରତକୁ ଆଣିଛି ମହାମାରୀର ମହାସଙ୍କଟ। ଟ୍ରିପଲ ମ୍ୟୁଟାଣ୍ଟକୁ ନେଇ ଭୟ ଓ ଆଶଙ୍କା ଦେଖାଦେଲାଣି। ବୈଜ୍ଞାନିକଙ୍କ କହିବାନୁସାରେ, କରୋନା ଭୂତାଣୁର ଟ୍ରିପଲ ମ୍ୟୁଟାଣ୍ଟ ଭାରିଆଣ୍ଟ ପଶ୍ଚିମବଙ୍ଗ ଓ ବିଦେଶରେ ଅଧିକ ନଜରକୁ ଆସିଛି। ପୂର୍ବରୁ ଠାବ ହୋଇଥିବା ଡବଲ ମ୍ୟୁଟାଣ୍ଟ ଷ୍ଟ୍ରେନରେ ୨ଟି ରୂପାନ୍ତରର ଗୁଣ ପ୍ରକାଶ ପାଉଥିଲା। ପୁଣି ସେଥିରେ ଆଉ ଏକ ମ୍ୟୁଟେଶନ ହୋଇ ମୋଟ ୩ଟି ଷ୍ଟ୍ରେନ୍‌ର ଗୁଣ ପ୍ରକାଶ ପାଇଛି। ଏହି ଷ୍ଟ୍ରେନ୍ ଦ୍ରୁତ ସଂକ୍ରମଣ ସହ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ହଠାତ୍ ହ୍ରାସ କରି ଦେଉଛି। ଏପରିକି ଟିକା ନେଇଥିବା ବ୍ୟକ୍ତିଙ୍କୁ ବି ପୁନଃ ଆକ୍ରାନ୍ତ ହେବାର ଅନେକ ଆଶଙ୍କା ଅଛି ବୋଲି ବିଶେଷଜ୍ଞଙ୍କ ମତ। ଏହି ରୋଗକୁ ପ୍ରତିରୋଧ କରିବା ପାଇଁ ଟିକାକରଣ ଏକାନ୍ତ ଆବଶ୍ୟକ। ଡାକ୍ତରଙ୍କ ଚିକିତ୍ସା ସହ ଔଷଧ ସେବନ ଅପରିହାର୍ଯ୍ୟ। ପୁନଶ୍ଚ ଏହି ରୋଗର ନିଦାନ ସହ ମାସ୍କ ବ୍ୟବହାର କରିବା, ସାମାଜିକ ଦୂରତ୍ୱ, (୬ ଫୁଟ୍ ଦୂରତାରେ ରହିବା), ବାରମ୍ବାର ସାବୁନରେ ଓ ସାନିଟାଇଜରରେ ହାତ ସଫା କରିବା, ନାକ ପାଟି ଓ ଆଖିରେ ହାତ ନ ମାରିବା, ସବୁବେଳେ ଘରେ ରହିବା, ଅତି ଆବଶ୍ୟକ ପଡ଼ିଲେ ଘରୁ ବାହାରିବା, ନିର୍ଦ୍ଦିଷ୍ଟ ସମୟରେ ଖାଇବା ଓ ଦିନକୁ ୮ ରୁ ୧୦ ଘଣ୍ଟା ସୁଖ ନିଦ୍ରାରେ ଶୋଇବା ନିତ୍ୟାନ୍ତ ଆବଶ୍ୟକ। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଗରମ ଓ ସୁଷମ ଖାଦ୍ୟ ପ୍ରତିଦିନ ଖାଆନ୍ତୁ। ତାହା ସହ ଆବଶ୍ୟକ ମୁତାବକ ସତେଜ ଫଳ ଓ ପନିପରିବା ଖାଆନ୍ତୁ। ଆବଶ୍ୟକ ମୁତାବକ ଯୋଗ, ପ୍ରାଣାୟାମ ଓ ବ୍ୟାୟାମ କରନ୍ତୁ। ପ୍ରତିଦିନ ୪୫ ମିନିଟ୍ ପ୍ରାତଃ ଭ୍ରମଣ କରନ୍ତୁ। ସୂର୍ଯ୍ୟ କିରଣରେ ୧ ଘଣ୍ଟା ବସନ୍ତୁ।

କୋଭିଡ୍–୧୯ ଭାଇରସ୍ ଦ୍ୱାରା ପୃଥିବୀର ୨୨୦ ରାଷ୍ଟ୍ର କ୍ଷତିଗ୍ରସ୍ତ ହୋଇଛନ୍ତି। ଏହାର ଅନେକ କାରଣ ଅଛି। କିନ୍ତୁ ବର୍ତ୍ତମାନର ପରିବର୍ତ୍ତିତ ଜଳବାୟୁରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ, ବୈଷୟିକ ଜ୍ଞାନ ଓ ଅନୁସନ୍ଧାନରେ ଅଗ୍ରଗତି କରିଥିବା ମାନବ ଜାତି ପାଇଁ ନିଶ୍ଚୟ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷଣୀୟ ବିଷୟ। ଭବିଷ୍ୟତରେ ମଧ୍ୟ ଏହିପରି ମହାମାରୀ ଭିନ୍ନ ରୂପରେ ଦେଖାଦେବାର ଆଶଙ୍କା ରହିଛି। ଏଣୁ କୋଭିଡ୍–୧୯ ମହାମାରୀରୁ ଶିକ୍ଷାନେଇ ପ୍ରକୃତି ଉପରେ ମାନବୀୟ ନକାରାତ୍ମକ ପ୍ରଭାବକୁ ହ୍ରାସ କରି, ପ୍ରାକୃତିକ ନିୟମର ବଶବର୍ତ୍ତୀ ହୋଇ ଓ ତଦନୁଯାୟୀ ପ୍ରସ୍ତୁତ ହୋଇ ରହିଲେ ଆମେ ଭବିଷ୍ୟତରେ ଏହିପରି ମହାମାରୀଠାରୁ ମାନବଜାତିକୁ ଅଧିକ ସୁରକ୍ଷିତ ରଖିପାରିବା, ଏଥିରେ ସନ୍ଦେହ ନାହିଁ – ଏହା ହିଁ ଆଜିର ବୈଜ୍ଞାନିକଙ୍କର ଅନୁଚିନ୍ତା।

ପ୍ରାଧ୍ୟାପକ,ପ୍ରତିଷ୍ଠାତା ସଭାପତି, ଭାରତୀୟ ଜଳବାୟୁ କଂଗ୍ରେସ
ଓ ପ୍ରାକ୍ତନ ଅଧକ୍ଷ ଓୟୁଏଟି, ଭୁବନେଶ୍ୱର,
ମୋ –୯୪୩୮୧୨୬୯୯୪

## ପାଠକ ଶ୍ରେଷ୍ଠ ବିଚାରକ

### ଜଳ ସଂରକ୍ଷଣ ନା ଜଳ ନଷ୍ଟ

ମହାଶୟ,

ଆମ ଦେଶରେ ଅନେକ ବଡବଡ ସହର ଯଥା ଦିଲ୍ଲୀ, ହାଇଦ୍ରାବାଦ, ଚେନ୍ନାଇ, ବାଙ୍ଗାଲୋର ଭଳି ସହରରେ ଭୂତଳ ଜଳସ୍ତର ଦିନକୁ ଦିନ କମିବାରେ ଲାଗିଛି, ଫଳରେପାଣି ପାଇଁ ଲୋକମାନେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି। ଗୋଟିଏ ସଦ୍ୟ ଆକଳନରୁ ଜଣାଯାଏ, ୨୦୨୫ ସୁଦ୍ଧା ବିଶ୍ୱରେ ୨୦% ଲୋକ ପିଇବା ପାଣି ନ ପାଇ ମୃତ୍ୟୁବରଣ କରିବେ। ଭାରତ କାହିଁକି ଓଡିଶାରେ ମଧ୍ୟ ପାନୀୟ ଜଳର ତିରୋଟ ସମୟରେ ଲୋକମାନେ ବାଲଟି ଡେକଚି ଧରି ମାଇଲ ମାଇଲ ବାଟ ଯାଇ ଜଳ ସଂଗ୍ରହ ପାଇଁ ଯିବାକୁ ପଡୁଛି। ଜଟଣୀ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ବର୍ଷା ଜଳ ସଂରକ୍ଷଣ ପାଇଁ ନନ୍ଦ ବସାଇ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ପୌର ପରିଷଦ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପିଇବା ପାଣି ଯୋଗାଣ ପାଇଁ ଷ୍ଟାଣ୍ଡ ପୋଷ୍ଟ ଗୁଡ଼ିକରେ ଟ୍ୟାପ ନ ଲାଗିବା ଦ୍ୱାରା ହଜାର ହଜାର ଲିଟର ପାଣି ତଳେ ବୋହି ଯାଉଛି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଅଭିଯୋଗକୁ ଗୁରୁତ୍ୱ ଦେଉନାହାନ୍ତି। ପ୍ରଧାନମନ୍ତ୍ରୀ ଜଳ ସଂରକ୍ଷଣ ପାଇଁ ବାରମ୍ବାର ଆହ୍ୱାନ ଦେଉଛନ୍ତି। ଗୋଟିଏ ବୁନ୍ଦା ଜଳ କେତେ ମୂଲ୍ୟବାନ ତାହା ମଧ୍ୟ ବୁଝାଇଛନ୍ତି। ସାଧାରଣ ଲୋକମାନେ କିଛି ବୁଝୁଥିଲେ ମଧ୍ୟ ବିଭାଗୀୟ ଅଫିସର ଏବଂ କର୍ମଚାରୀମାନେ ବୁଝିବା ବର୍ତ୍ତମାନ ସମୟର ଆବଶ୍ୟକତା ମନେ ହୁଏ।

–ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସକଳ ପ୍ରଦୀପ ନିଭିଗଲା ଆଜି ପୁରେ
ବିଜୟ ଶଙ୍ଖ ନ ଉଠିଲା ବାଜି ଦୂରେ
କାହା ଆଗମନ ପାଇଁ ଆଶାହୀନ ତୁ ରେ !
ଚକିତ ନୟନେ ରହୁ ଚଉପାଶେ ଚାହିଁ
ପଥ କାହିଁ ? ପଥ କାହିଁ ?
–(ପଥ କାହିଁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଡକାୟତି ଯୋଜନା: ୬ ଗିରଫ

ବନ୍ଧୁକ, ଗୁଳି, ବାଇକ୍ ଜବତ



**କଟକ ଅଫିସ, ୧୦।୬:** ଡକାୟତି ଯୋଜନାବେଳେ ମଙ୍ଗଳାବାଗ ପୋଲିସ ୬ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନା ଅଧୀନ ଇଚ୍ଛାପୁର ଗ୍ରାମର ବିଶ୍ୱଜିତ୍ ଦାସ, କଟକ ସଦର ଥାନା ଦଧିବାମନପୁର ଅଞ୍ଚଳର ସଞ୍ଜୟ ସାମଲ, ଭଦ୍ରକ ଜିଲା ଦୋହରାପାଟଣା ଅଞ୍ଚଳର ବୁଟୁ ନାୟକ, ଜଗତ୍‌ପୁର ଥାନା ମଙ୍ଗଳାସାହି ଅଞ୍ଚଳର ପ୍ରଶାନ୍ତ ବାରିକ, ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଜଗନ୍ନାଥପୁରର ରାଜେଶ ଖଟୁଆ ଓ ନିଆଳି ଥାନା କସର୍ଦ୍ଦା ଅଞ୍ଚଳର ଶୁଭଦର୍ଶନ ଦାସ। ସେମାନଙ୍କଠାରୁ ୫ଟି ବନ୍ଧୁକ, ୩୦ ଗୁଳି, ୬ ମୋବାଇଲ ଫୋନ୍ ଓ ଦୁଇଟି ବାଇକ୍ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୫୧/୨୧) ରୁଜୁ ହୋଇଛି। ଡିସିପି ପ୍ରତୀକ୍ ସିଂଙ୍କ ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ମହାନଦୀକୂଳ ହାଡିଆପଠାରେ ଅଭିଯୁକ୍ତମାନେ ଡକାୟତି ପାଇଁ ଯୋଜନା କରୁଥିବା ମଙ୍ଗଳାବାଗ ଥାନା ଅଧିକାରୀ ଖବର ପାଇଥିଲେ। ତୁରନ୍ତ ସେଠାରେ ପୋଲିସ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସେମାନେ ହାଉଡା ମୋଟର ପେଟ୍ରୋଲ ପମ୍ପରେ ଡକାୟତି ପାଇଁ ଯୋଜନା କରୁଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଥିଲା। ବିଭିନ୍ନ ସମୟରେ କେନ୍ଦ୍ରାପଡା, ଯାଜପୁର, ବାଲେଶ୍ୱର, ଭୁବନେଶ୍ୱର, ଖୋର୍ଦ୍ଧା, ଜଗତ୍‌ସିଂହପୁର, ବ୍ରହ୍ମପୁର, ଗଞ୍ଜାମ ଓ କଟକ ଗ୍ରାମାଞ୍ଚଳରେ ଡକାୟତି, ଲୁଟ୍, ଚୋରି ମାମଲାରେ ସେମାନଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଛି।

### କରୋନାରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଦେହାନ୍ତ

**ଦିଗପହଣ୍ଡି/ଗଞ୍ଜାମ,(ଡି.ଏନ.ଏ.)/ ରମ୍ଭା,୧୦।୬:** ଦିଗପହଣ୍ଡି ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଅଶୋକ କୁମାର ପାହାନଙ୍କ ଗୁରୁବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ କରୋନାରେ ମୃତ୍ୟୁ ଘଟିଛି। ସେ ଗତ ଏପ୍ରିଲ ୨୪ ତାରିଖରେ ଅସୁସ୍ଥତା ଅନୁଭବ କରିବାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ଯାଇଥିଲେ। କୋଭିଡ୍ ଟେଷ୍ଟ କରାଇବା ପରେ ରିପୋର୍ଟ ପଜିଟିଭ ଆସିଥିଲା। ବ୍ରହ୍ମପୁରସ୍ଥିତ ବାସଭବନରେ ରହି ଚିକିତ୍ସିତ ହେଉଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ପୁଣି ଗୁରୁତର ହୋଇପଡ଼ିଥିଲା। ଅମ୍ଳଜାନସ୍ତର କମିବାରେ ଲାଗିବାରୁ ପରିବାର ଲୋକେ ଅଶୋକଙ୍କୁ ଏପ୍ରିଲ ୨୯ ତାରିଖରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଆଣିଥିଲେ। ଦୀର୍ଘ ଏକ ମାସରୁ ଊର୍ଦ୍ଧ୍ୱ ଚିକିତ୍ସା ଚାଲିଥିଲେ ମଧ ଗୁରୁବାର ସକାଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସୂଚନାଯୋଗ୍ୟ, ୨୦୧୮ରେ ଅଶୋକ ଦିଗପହଣ୍ଡି ପୂର୍ତ୍ତବିଭାଗ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଖୁବ କମ୍ ଦିନରେ ସେ ପଦୋନ୍ନତି ପାଇ ସହକାରୀ ଯନ୍ତ୍ରୀ ଭାବେ ସମସ୍ତ କାର୍ଯ୍ୟକୁ ସୂଚାରୁରୂପେ ତୁଲାଇ ଆସୁଥିଲେ।



# ରଥଯାତ୍ରା ପରିଚାଳନା ପାଇଁ ଏସ୍‌ଓପି ପ୍ରସ୍ତୁତ ହେବ

**ଶ୍ରଦ୍ଧାଳୁଙ୍କ ବିନା ହୋଇପାରେ ସ୍ନାନଯାତ୍ରା**

- ଟିକା ଅବଧି କୋହଳ ଦାବି କଲେ ସେବାୟତ
- ସରକାରଙ୍କ ଘୋଷଣା ସ୍ୱାଗତଯୋଗ୍ୟ: ବିନାୟକ

**ପୁରୀ ଅଫିସ, ୧୦।୬**

କରୋନା ମହାମାରୀ ଯୋଗୁ ଗତବର୍ଷ ଭଳି ଚଳିତବର୍ଷ ମଧ କୋଭିଡ୍ କଟକଣା ଭିତରେ ମହାପ୍ରଭୁଙ୍କ ଘୋଷଯାତ୍ରାକୁ ବିନା ଭକ୍ତରେ କରିବା ପାଇଁ ଗୁରୁବାର ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହି ଘୋଷଣାକୁ ସେବାୟତମାନେ ସ୍ୱାଗତ କରିଥିବା ବେଳେ ଏ ନେଇ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିବ ବୋଲି ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ଜିଲାପାଳ କହିଛନ୍ତି, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ରଥଯାତ୍ରା ବିନା ଭକ୍ତରେ ହେବ। ପୁରୀ ଜିଲାରେ ଏବେ ବି ସଂକ୍ରମଣର ମାତ୍ରା ଅଧିକ ରହିଛି। ଏଣୁ କୋଭିଡ୍ ଗାଇଡ୍‌ଲାଇନ୍ ମାନି ରଥଯାତ୍ରା ଆୟୋଜନ ଲାଗି ପଦକ୍ଷେପ ନିଆଯିବ। ଏନେଇ ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି। ରଥ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ଅନୁଯାୟୀ ଚାଲିଥିବାବେଳେ ଠିକ ସମୟରେ ଶେଷ ହେବ ବୋଲି ଆଶା ରହିଛି। ଆପାତତଃ ସମସ୍ତ ସେବାୟତଙ୍କର ପ୍ରଥମ ପର୍ଯ୍ୟାୟ ଟିକାକରଣ ସରିଛି। ଖୁବ୍‌ଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ କରାଯିବ। ଯେଉଁ ସେବାୟତ ଓ କର୍ମଚାରୀମାନେ ରଥଯାତ୍ରା କାର୍ଯ୍ୟରେ ନିୟୋଜିତ ହେବେ, ସେମାନଙ୍କ ପାଇଁ ଆର୍‌ଟି-ପିସିଆର୍ ଟେଷ୍ଟ ବାଧ୍ୟତାମୂଳକ। ଯେଉଁମାନେ କୋଭିଡ୍ ନେଗେଟିଭ୍ ହେବେ କେବଳ ସେମାନଙ୍କୁ ହିଁ ରଥଯାତ୍ରା କାର୍ଯ୍ୟରେ ନିୟୋଜିତ ହେବାର ସୁଯୋଗ ମିଳିବ। ରଥଯାତ୍ରା ପରିଚାଳନା ଲାଗି ଜିଲା ପ୍ରଶାସନ ଏକ ଏସ୍‌ଓପି ପ୍ରସ୍ତୁତ କରିବ। ଏ ନେଇ ସମସ୍ତ ଅଂଶୀଦାରଙ୍କ ପରାମର୍ଶ ନିଆଯିବ। ପୁରୀ ସହରବାସୀ ବଡ଼ଦାଣ୍ଡକୁ ନ ଆସି ଯେଭଳି ଘରେ ରହି ସିଧା ପ୍ରସାରଣ ମାଧ୍ୟମରେ ରଥଯାତ୍ରା ଦେଖିପାରିବେ ତାହା ସୁନିଶ୍ଚିତ କରିବା ଜିଲା ପ୍ରଶାସନ ପାଇଁ ଏକ ବଡ଼ ଆହ୍ୱାନ। ସେହିପରି ମେକାପ, ଖୁଣ୍ଟିଆ ଓ ପୂଜାପଣ୍ଡା ସେବାୟତଙ୍କ ସହ ସ୍ନାନଯାତ୍ରା ନେଇ ଆଲୋଚନା ହୋଇଛି। ଶ୍ରଦ୍ଧାଳୁଙ୍କ ବିନା ଉପସ୍ଥିତିରେ ଦେବସ୍ନାନ କରିବା ପାଇଁ ସେବାୟତମାନେ ମତ ରଖୁଛନ୍ତି। ଏନେଇ ଆଗାମୀ ଦିନରେ ବୈଠକ ହେବ। କେଉଁ ନିଯୋଗରୁ କେତେଜଣ ସେବାୟତଙ୍କ ଦ୍ୱାରା ସ୍ନାନଯାତ୍ରା କରାଯିବ, ସେ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜିଲାପାଳ କହିଛନ୍ତି।

ଅନ୍ୟପକ୍ଷରେ ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, କୋଭିଡ୍ କଟକଣା ମଧ୍ୟରେ ବିନା ଭକ୍ତରେ ରଥଯାତ୍ରା ଆୟୋଜନ ଲାଗି ରାଜ୍ୟ ସରକାରଙ୍କ ଘୋଷଣା ସ୍ୱାଗତଯୋଗ୍ୟ। ମାତ୍ର ଏସ୍‌ଓପିରେ ଅନେକ ପ୍ରସଙ୍ଗକୁ ନେଇ ସମ୍ବେଦନଶୀଳ ଭାବେ ବିଚାର କରାଯିବା ଆବଶ୍ୟକ। ସ୍ନାନଯାତ୍ରା ଓ ରଥଯାତ୍ରା ବେଳକୁ ଅନେକ ସେବାୟତଙ୍କର ପ୍ରଥମ ଡୋଜ୍ ଟିକାକରଣକୁ ୪୨ ଦିନର ଅବଧି ପୂରଣ ହୋଇ ନ ଥିବ। ଏଣୁ ରାଜ୍ୟ ସରକାର ନିୟମ କୋହଳ କଲେ ସମ୍ପୃକ୍ତ ସେବାୟତମାନେ କୋଭିଡ୍ ଟିକାର ୨ୟ ଡୋଜ୍ ନେଇପାରନ୍ତେ। ସେହିପରି ଶ୍ରୀମନ୍ଦିର ଏବଂ ପୁରୀ ଜିଲା ପ୍ରଶାସନ ମିଳିତ ଭାବେ ବିଭିନ୍ନ ନିଯୋଗର କେତେ ସଂଖ୍ୟକ ସେବକ ସ୍ନାନଯାତ୍ରା ଓ ରଥଯାତ୍ରାରେ ନିୟୋଜିତ ହେବେ, ତାହା ନିର୍ଦ୍ଧାରଣ କରିବା ଉଚିତ। ଦଇତାପତି ସେବାୟତମାନେ ବର୍ଷକରେ ଗୋଟିଏ ମାସ ମହାପ୍ରଭୁଙ୍କ ସେବା କରିବାର ସୁଯୋଗ ପାଆନ୍ତି। ଏହାବ୍ୟତୀତ ଦଇତାପତିଙ୍କ ସେବା ହେଉଛି ଗୋଷ୍ଠୀସେବା। ତେଣୁ ଦଇତାପତିଙ୍କ ସଂଖ୍ୟାରେ କାଟଛାଣ୍ଟକୁ ଗ୍ରହଣ କରାଯିବ ନାହିଁ। ପୂର୍ବରୁ ଯେତିକି ଦଇତାପତି ସେବାରେ ଲାଗୁଥିଲେ ଏବେ ମଧ ସେତିକି ସେବାୟତଙ୍କୁ ଅନୁମତି ମିଳିବା ଦରକାର। ଅନ୍ୟପକ୍ଷରେ ଦଇତାପତି ସେବାୟତମାନେ ମାସେ ରୋଜଗାର ଆଣିଲେ ବର୍ଷେ ଚଳନ୍ତି। ଏବେ କରୋନା ଯୋଗୁ ଦାନ ଦକ୍ଷିଣା ମିଳୁ ନାହିଁ। ଏଣୁ ପ୍ରଶାସନ କ୍ଷତିପୂରଣ ଦେବାକୁ ନିଷ୍ପତ୍ତି ନେଉ ବୋଲି ଦାସମହାପାତ୍ର କହିଛନ୍ତି।

# ସାଙ୍ଗଙ୍କୁ ପିଟି ହତ୍ୟା କଲେ ସାଙ୍ଗ



ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

**ଝାରସୁଗୁଡ଼ା ଅଫିସ,୧୦।୬**

ଝାରସୁଗୁଡ଼ା ଜିଲା ବେଲପାହାଡ ଥାନା ଲୁହୁରାପଡା ପାଣିଟାଙ୍କି ନିକଟରେ ବୁଧବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକ ତାଙ୍କ ସାଙ୍ଗଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଛନ୍ତି। ମୃତକ ହେଲେ ଗୁମାଡେରା ଖମାରପଡାର ମନୋଜ ବିଶ୍ୱାଳ (୩୧)। ମୃତକଙ୍କ ଜେଜ ମଙ୍ଗଶିର ବିଶ୍ୱାଳ ତାଙ୍କ ନାତିଙ୍କୁ ହତ୍ୟା କରାଯାଇଛି ବୋଲି ଥାନାରେ ଗୁରୁବାର ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଥାନା କେସ୍ (ନଂ.୧୧୩/୨୧) ଦଫା ୩୦୨ ଆଇପିସିରେ ମାମଲା ରୁଜୁ କରିଛି। ଝାରସୁଗୁଡା ସଦର ଡିଏସ୍‌ପି ରୋହିତ ଥାଟ୍, ବେଲପାହାଡ ଥାନା ଆଇଆଇସି ରଞ୍ଜନ ବିଶ୍ୱାଳ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଘଟଣାରେ ସମ୍ପୃକ୍ତ ହତ୍ୟାକାରୀ ସାଙ୍ଗ ଗୁମାଡେରା ଗୌନ୍ତିଆପଡାର ପ୍ରମୋଦ ଭୋଇ(୩୧)ଙ୍କୁ ପୋଲିସ ଗିରଫକରି ଝାରସୁଗୁଡ଼ା କୋର୍ଟ ଚାଲାଣ କରିଛି। ଏହି ମାମଲାର ନିଜେ ଡିଏସ୍‌ପି ଥାଟ୍ ତଦନ୍ତ କରୁଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ବୁଧବାର ରାତି ସାଢେ ୭ଟାରେ ଦୁଇସାଙ୍ଗ ମନୋଜଙ୍କ ଘରୁ ବାହାରିଥିଲେ। ରାସ୍ତାରେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଏଥିରେ ପ୍ରମୋଦ ଉତ୍‌କ୍ଷିପ୍ତ ହୋଇ ପାଖରେ ପଡିଥିବା ଏକ ବାଉଁଶ ବାଡିରେ ସାଙ୍ଗ ମନୋଜଙ୍କ ମୁଣ୍ଡକୁ ବାରମ୍ବାର ଆଘାତ କରିଥିଲେ। ଫଳରେ ପ୍ରବଳ ରକ୍ତସ୍ରାବ ହେବାରୁ ସେ ଅଚେତ ଅବସ୍ଥାରେ ପଡିରହିଥିଲେ। ଖବରପାଇ ଘରଲୋକ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ଟାଟା କ୍ରୋସାକୀ ହସ୍ପିଟାଲ୍‌କୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମନୋଜଙ୍କ ସ୍ତ୍ରୀ ଓ ୨ ପୁଅ ଅଛନ୍ତି।

# ୟୁସିଡିଏ ପକ୍ଷରୁ ଭୁବନେଶ୍ୱରରେ ସେରୋସର୍ଭିଲାନ୍ସ କ୍ୟାମ୍ପ




କ୍ୟାମ୍ପ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଆଗାମୀ ଦିନରେ ସାରା ରାଜ୍ୟରେ ହେବ**

**ଭୁବନେଶ୍ୱର,୧୦।୬(ବ୍ୟୁରୋ)**

କରୋନାର ଦ୍ୱିତୀୟ ଲହର ଜାରି ରହିଥିବାବେଳେ ଔଷଧ ବ୍ୟବସାୟୀ ଓ କର୍ମଚାରୀଙ୍କ ପାଇଁ ଭୁବନେଶ୍ୱରରେ ଦୁଇଦିନିଆ ସେରୋ ସର୍ଭେ ଆରମ୍ଭ ହୋଇଛି। ଉତ୍କଳ କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନ (ୟୁସିଡିଏ) ପକ୍ଷରୁ ଗୁରୁବାର ଏହି ସେରୋସର୍ଭିଲାନ୍ସ (ଆଣ୍ଟିବଡି ଆଇଜିଜି) କ୍ୟାମ୍ପ ଆସୋସିଏଶନ ସଭାକକ୍ଷ ଅଟଳ ଭବନରେ ଉଦ୍‌ଘାଟିତ ହୋଇଛି। ଶରୀରରେ କେତେ ମାତ୍ରାରେ ଆଣ୍ଟିବଡ଼ି ସୃଷ୍ଟି ହୋଇଛି ତାହା ଜାଣିବାକୁ ରିଜିଓନାଲ ମେଡ଼ିକାଲ ରିସର୍ଚ୍ଚ ସେଣ୍ଟର (ଆର୍‌ଏମ୍‌ଆର୍‌ସି) ଭୁବନେଶ୍ୱର ସହଯୋଗରେ ପରୀକ୍ଷଣ ସହ ନମୁନା ସଂଗ୍ରହ କରାଯାଉଛି। ଆର୍‌ଏମ୍‌ଆରସିର ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡା. ଦେବଦତ୍ତ ଭଟ୍ଟାଚାର୍ଯ୍ୟ, ଡା. ଅମିୟ ରଞ୍ଜନ ମହାନ୍ତ, ମାତୃଜ୍ୟୋତି ପଟ୍ଟନାୟକ, ମିସ୍ ଚିନ୍ମୟୀ ଡୋଲେ ଏବଂ ସାଥୀଙ୍କ ଦ୍ୱାରା ଏହି କ୍ୟାମ୍ପ ଆୟୋଜିତ ହୋଇଛି। ଯେଉଁମାନେ କରୋନାରୁ ମୁକ୍ତ ହୋଇଛନ୍ତି, ପ୍ରଥମ ଡୋଜ୍ ଟିକା ଗ୍ରହଣ କରିଛନ୍ତି, ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି ଓ ଯେଉଁମାନଙ୍କୁ କରୋନା ହୋଇ ନାହିଁ ସେମାନଙ୍କୁ ୪ଟି ବିଭାଗରେ ବିଭକ୍ତ କରି ଏହି ନମୁନା ସଂଗ୍ରହ କରାଯାଉଛି। ମୋଟ ୨ହଜାର ନମୁନା ସଂଗ୍ରହର ଲକ୍ଷ୍ୟ ରହିଥିବାବେଳେ ପ୍ରଥମ ଦିନରେ ୪ଶହ ଔଷଧ ବ୍ୟବସାୟୀ ଓ କର୍ମଚାରୀଙ୍କଠାରୁ ନିଆଯାଇଛି। ଔଷଧ ବ୍ୟବସାୟୀ ସିଧାସଳଖ କରୋନା ରୋଗୀ ବା ସାଧାରଣ ଜନତାଙ୍କ ସଂସ୍ପର୍ଶରେ ଆସୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଏଭଳି କ୍ୟାମ୍ପ କରାଯାଉଛି। ଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ ଜିଲାରେ ଏହି କ୍ୟାମ୍ପ୍ ଆୟୋଜନ କରାଯିବ ବୋଲି ଆସୋସିଏଶନ ସଭାପତି ପି.ସତ୍ୟନାରାୟଣ ସୂଚନା ଦେଇଛନ୍ତି। ସରକାର ଔଷଧ ବ୍ୟବସାୟୀଙ୍କୁ ଟିକାକରଣରେ ଅଗ୍ରାଧିକାର ଦେଇଥିବାରୁ ସେ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। କାର୍ଯ୍ୟକ୍ରମକୁ ୟୁସିଡିଏ ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର ପରିଚାଳନା କରିଥିବାବେଳେ ଖୋର୍ଦ୍ଧା ଜିଲାର ସଭାପତି ପ୍ରଗତି ରଞ୍ଜନ ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ସଭ୍ୟ ଉପସ୍ଥିତ ଥିଲେ।

# ଢାବା କର୍ମଚାରୀଙ୍କୁ ବୀଭତ୍ସ ହତ୍ୟା

- ମାଲିକାନା ଜାହିରକୁ ନେଇ ହତ୍ୟାକାଣ୍ଡ
- ୨ ଗିରଫ, ରକ୍ତଭିଜା କୁରାଢ଼ି ଜବତ

**ସମ୍ବଲପୁର,୧୦।୬ (ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ଥାନାର ଜାତୀୟ ରାଜପଥ କଡରେ ଥିବା ପଞ୍ଚମୁଖି ଢ଼ାବାରେ ବୁଧବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଢ଼ାବା କର୍ମଚାରୀଙ୍କୁ ଅନ୍ୟ ଦୁଇ ସହଯୋଗୀ ବୀଭତ୍ସ ଭାବେ ହତ୍ୟା କରିଛନ୍ତି। ଏପରିକି ପ୍ରମାଣ ନଷ୍ଟ ପାଇଁ ଅଭିଯୁକ୍ତମାନେ ମୃତକଙ୍କ ମୁହଁ ପୋଡିଦେଇଛନ୍ତି। ହତ୍ୟାର ଶିକାର ହୋଇଥିବା ଯୁବକ ହେଲେ ବୁର୍ଲା ଥାନା ଗେଟ କଲୋନୀର ଶରତ ଜେନା (୩୫)। ମାଲିକାନା ଜାହିରକୁ ନେଇ ହତ୍ୟାକାଣ୍ଡ ଘଟିଥିବା ପୋଲିସ ସୂଚନା ଦେଇଛି। ପୋଲିସ ଘଟଣାସ୍ଥଳରୁ ରକ୍ତଭିଜା କୁରାଢ଼ି ଜବତ ସହ ରକ୍ତ ନମୁନା ସଂଗ୍ରହ କରିଛି। ଏ ନେଇ ଥାନାରେ କେସ୍ ନଂ.୩୪୬/୨୧ରେ ହତ୍ୟା ମାମଲା ରୁଜୁ ହୋଇଛି। ଘଟଣାସ୍ଥଳରେ ବୁର୍ଲା ଥାନା ଅଧିକାରୀ କମଳଲୋଚନ ପଣ୍ଡା, ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାରେ ଢ଼ାବାରେ କାର୍ଯ୍ୟରତ ବରଗଡ ଜିଲା ବରାହଗୁଡାର ମୁନା ନନ୍ଦ ଓ ସୁରୁ ବେହେରାଙ୍କୁ ପୋଲିସ ଗିରଫ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

ବୁର୍ଲା ଥାନାଧିକାରୀ ପଣ୍ଡା କହିଛନ୍ତି, ପଞ୍ଚମୁଖି ଢ଼ାବାରେ ମୁନା, ସୁରୁ ଓ ଶରତ କାମ କରୁଥିଲେ। ଲକଡାଉନ ଜାରି ରହିଥିବାରୁ ଢ଼ାବାରେ ଠିକ୍ ଭାବେ ବ୍ୟବସାୟ ହେଉ ନ ଥିଲା। ମାଲିକଙ୍କ ଦେହ ଅସୁସ୍ଥ ହେବାରୁ ସେ ମଧ ନିୟମିତ ଆସିପାରୁ ନ ଥିଲେ। ବୁଧବାର ରାତିରେ ୩ଜଣ ଏକାଠି ଦେଶୀ ଓ ବିଦେଶୀ ମଦ ପିଇଥିଲେ। ଶରତଙ୍କୁ ଅଧିକ ନିଶା ହେବା ସୁଯୋଗରେ ମୁନା ଓ ସୁରୁ ତାଙ୍କୁ କୁରାଢ଼ିରେ ଆକ୍ରମଣ କରିଥିଲେ। ଶରତଙ୍କ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହୋଇଥିଲା ଏବଂ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ସେମାନେ ପ୍ରମାଣ ନଷ୍ଟ କରିବା ପାଇଁ ଢ଼ାବା ଗେଟ ପର୍ଯ୍ୟନ୍ତ ମୃତଦେହ ଘୋସାରି ନେଇ ଖବରକାଗଜ ପକାଇ ପୋଡି ଦେଇଥିଲେ। ଖବର ପାଇବା ପରେ ପୋଲିସ ପହଞ୍ଚି ମୁନା ଓ ସୁରୁଙ୍କୁ ପଚରାଉଚୁରା କରିଥିଲା। ହେଲେ ପାରିପାର୍ଶ୍ୱିକ ସ୍ଥିତି ଓ ଅଭିଯୁକ୍ତମାନଙ୍କ ବୟାନରେ ତାଳମେଳ ରହୁ ନ ଥିବାରୁ ସେମାନଙ୍କ ଉପରେ ସନ୍ଦେହ ହୋଇଥିଲା। ବିଭିନ୍ନ ଦିଗରୁ ଯାଞ୍ଚ କରିବା ପରେ ଅଭିଯୁକ୍ତ ମୁନା ଓ ସୁରୁ ହତ୍ୟା କରିଥିବା ସ୍ପଷ୍ଟ ହୋଇଛି।

# ‘ଧାନ ଏମ୍‌ଏସ୍‌ପିରେ ୭୨ ଟଙ୍କା ବୃଦ୍ଧି କଟା ଘା’ରେ ଚୂନ ସଦୃଶ’

**ବଲାଙ୍ଗୀର ଅଫିସ, ୧୦।୬**

କେନ୍ଦ୍ର ସରକାର ବୁଧବାର ଧାନ ସମେତ ଅନ୍ୟ ୧୪ଟି ଖରିଫ ଫସଲର ନୂତନ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଧାନର ଏମଏସ୍‌ପି କୁଇଣ୍ଟାଲ ପିଛା ୭୨ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ବର୍ତ୍ତମାନ ଧାନ କୁଇଣ୍ଟାଲ ପିଛା ୧୯୪୦ ଟଙ୍କାରେ ପହଞ୍ଚିଛି। କେନ୍ଦ୍ର ସରକାରଙ୍କ ନୂତନ ଏମ୍‌ଏସ୍‌ପିକୁ ନେଇ ଓଡିଶା ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ୨୦୧୪



ନରସିଂହ ମିଶ୍ର

ନିର୍ବାଚନରେ ଚାଷୀଙ୍କୁ ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତିକୁ ପ୍ରଧାନମନ୍ତ୍ରୀ ଭୁଲି ଯାଇଛନ୍ତି। ମୋଦି ସେ ସମୟରେ ଚାଷୀଙ୍କୁ କଥା ଦେଇଥିଲେ କେନ୍ଦ୍ରରେ ଭାଜପା ସରକାର ଆସିଲେ ଚାଷୀଙ୍କୁ ଅମଳ ଖର୍ଚ୍ଚର ଦେଢଗୁଣା ପର୍ଯ୍ୟନ୍ତ ଏମ୍‌ଏସ୍‌ପି ଯୋଗାଇ ଦିଆଯିବ। କିନ୍ତୁ, ଗତ ୭ ବର୍ଷ ହେଲା କ୍ଷମତାରେ ରହିବା ପରେ ମଧ ସରକାର ଚାଷୀଙ୍କୁ ଧାନ ଅମଳ ଖର୍ଚ୍ଚର ସର୍ବନିମ୍ନ ସହାୟକ ମୂଲ୍ୟ ଦେଇପାରୁ ନାହାନ୍ତି। ଚଳିତବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ ମାତ୍ର ୭୨ ଟଙ୍କା ବଢାଇବା ଚାଷୀଙ୍କ କଟା ଘା’ରେ ଚୂନ ସଦୃଶ ହୋଇଛି। ଯଦି କେନ୍ଦ୍ର ସରକାର ଚାଷୀଙ୍କୁ ତାଙ୍କ ଉତ୍ପାଦିତ ଦ୍ରବ୍ୟର ଠିକ ମୂଲ୍ୟ ଦେବାକୁ ଚାହୁଁଛନ୍ତି ତେବେ, ସ୍ୱାମୀନାଥନ କମିଶନଙ୍କ ସୁପାରିଶ ଆଧାରରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଯୋଗାଇ ଦିଅନ୍ତୁ ବୋଲି ବିଧାୟକ ମିଶ୍ର କହିଛନ୍ତି ।



ସାବିତ୍ରୀ ଅମାବାସ୍ୟା ଅବସରରେ ଗୁରୁବାର ସାଗର ବିଜେ ନୀତି ପାଇଁ ଅମାବାସ୍ୟା ନାରାୟଣଙ୍କୁ ପୁରୀ ସମୁଦ୍ର କୂଳକୁ ନିଆଯାଉଛି।

# ‘ମାଟ୍ରିକ ଫଳ ଆଧାରରେ ଯୁକ୍ତ ୨ ମୂଲ୍ୟାୟନ ହେଉ’

**କଟକ, ୧୦।୬(ବ୍ୟୁରୋ)**

କରୋନା ମହାମାରୀ ସମୟରେ ଛାତ୍ରୀଛାତ୍ରଙ୍କ ଜୀବନକୁ ସର୍ବାଧିକ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଯୁକ୍ତ ଦୁଇ ପରୀକ୍ଷା ବାତିଲ କରିଛନ୍ତି। ହେଲେ ମୂଲ୍ୟାୟନକୁ ନେଇ ଛାତ୍ରୀଛାତ୍ର, ଅଭିଭାବକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏଭଳି ସମୟରେ ମାଟ୍ରିକ ପରୀକ୍ଷା ଫଳ ଆଧାରରେ ଯୁକ୍ତ ୨ ପରୀକ୍ଷାର ମୂଲ୍ୟାୟନ କରିବାକୁ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟର ପୂର୍ବତନ ନିର୍ଦ୍ଦେଶକ ଡ. ସତ୍ୟକାମ ମିଶ୍ର। ନିଖିଳ ଓଡ଼ିଶା ବେସରକାରୀ ରାଜ୍ୟ ଦରମାପ୍ରାପ୍ତ ଶିକ୍ଷକ ସଂଘ ଦ୍ୱାରା ଆୟୋଜିତ ଯୁକ୍ତ ୨ ମୂଲ୍ୟାୟନ ସମ୍ପର୍କିତ ଏକ ୱେବିନାରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହି ମତପୋଷଣ କରିଛନ୍ତି। ଏହି ଅବସରରେ ମେଧାବୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ଯଥାସମ୍ଭବ ତୁରନ୍ତ ବିକଳ୍ପ ପରୀକ୍ଷା ପଦ୍ଧତି ଅବଲମ୍ବନ କରିବାକୁ ଡ. ମିଶ୍ର ଯୁକ୍ତି ଉପସ୍ଥାପନ କରିଥିଲେ। ସଂଘର ରାଜ୍ୟ ଆବାହକ ଡ. କମଳ ପ୍ରସାଦ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ଡ. କୈଳାସ ଚନ୍ଦ୍ର ରାଉତ ଯୋଗଦେଇ ଯୁକ୍ତ୨ ପରିଷଦ ପୂର୍ବ ପ୍ରଚଳିତ ପଦ୍ଧତିକୁ ଅନୁସରଣ କରି ମୂଲ୍ୟାୟନ କରିବାକୁ ମତ ରଖିଥିଲେ। କେନ୍ଦ୍ରାପଡ଼ା ତୁଳସୀ ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଅଜୟ ସାମଲ, ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘର ଶିକ୍ଷକ ନେତା ଡ. ଯୁଧିଷ୍ଠିର ଖଟୁଆ, ନେତାଜୀ ସୁଭାଷ ସିଟି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରଭାତ ରାଉତରାୟ, କିଶୋରନଗର କଲେଜ ଅଧ୍ୟକ୍ଷ ଡ. ରତ୍ନାକର ରାୟ, ବାଲକାଟି କଲେଜ ଅଧ୍ୟକ୍ଷ ଲକ୍ଷ୍ମୀଧର ପ୍ରଧାନ, ପ୍ରାଧ୍ୟାପିକା ଡ. ଗୀତିରାଣୀ ଦାଶ, ଡ. ନମିତା ମହାନ୍ତି, ଡ. ନିଶିଗନ୍ଧା ପଣ୍ଡା, ଶଙ୍କର ନାୟକ, ପ୍ରେମାନନ୍ଦ ପଟେଲ, ଖଗେଶ୍ୱର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବର୍ଷକରେ ୫ଗୁଣା ବଢ଼ିଲା ଲୁହାପଥର ମୂଲ୍ୟ

- ଜୁନ୍ ୨୦୨୦ରେ ୨୨ଶହ, ଏବେ ୧୧,୬୧୨ ଟଙ୍କା
- ଚିନ୍ତାରେ ରାଜ୍ୟର ଇସ୍ପାତ ଶିଳ୍ପ
- ନିଜସ୍ୱ ଖଣି ନ ଥିବା କାରଖାନା ବନ୍ଦ ହେବା ଆଶଙ୍କା

**ଯାଜପୁର ଅଫିସ,୧୦।୬**

ଲୁହାପଥର ଅଭାବ ଓ ଅହେତୁକ ମୂଲ୍ୟବୃଦ୍ଧି ଯୋଗୁ ରାଜ୍ୟରେ ଗଢ଼ିଉଠିଥିବା ଇସ୍ପାତ୍ କାରଖାନାଗୁଡିକ ବନ୍ଦ ହେବା ଆଶଙ୍କା ସୃଷ୍ଟି ହୋଇଛି। ଗତ ବର୍ଷକ ମଧ୍ୟରେ ଲୁହାପଥର ଦର ପ୍ରାୟ ୫ ଗୁଣାରୁ ଅଧିକ ବଢ଼ିଛି। କରୋନା ମହାମାରୀ ପ୍ରଭାବରେ ଦୋହଲି ଯାଇଥିବା ବିଶ୍ୱ ଅର୍ଥନୀତିକୁ ସଜାଡ଼ିବାରେ ଇସ୍ପାତ ଶିଳ୍ପ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ହେଲେ ବିଡମ୍ବନାର ବିଷୟ ଯେ ଶିଳ୍ପ ସମୃଦ୍ଧ ରାଜ୍ୟ ଓଡ଼ିଶାରେ ଲୁହାପଥର ଉତ୍ପାଦନ କ୍ରମେ ହ୍ରାସ ପାଉଥିବା ହେତୁ ଲୁହାପଥରର ଅହେତୁକ ମୂଲ୍ୟବୃଦ୍ଧି ଘଟିଛି। ନିଜସ୍ୱ ଲୁହାପଥର ଖଣି ନ ଥିବା ଶିଳ୍ପସଂସ୍ଥାଗୁଡିକ ବର୍ତ୍ତମାନ ପରିସ୍ଥିତିରେ ବର୍ଦ୍ଧିତ ମୂଲ୍ୟରେ ଲୁହାପଥର କିଣି କାରଖାନା ଚଳାଇବା ସମ୍ଭବପର ହେଉନାହିଁ। ଫଳରେ ସମ୍ପୃକ୍ତ ଶିଳ୍ପସଂସ୍ଥାଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀ ଓ ଶ୍ରମିକମାନଙ୍କ ଜୀବନଜୀବିକା ବିପନ୍ନ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ମତପ୍ରକାଶ ପାଇଛି।

ସୂଚନା ଅନୁଯାୟୀ ୨୦୧୯-୨୦ ଆର୍ଥିକ ବର୍ଷରେ ରାଜ୍ୟରେ ଲୁହାପଥର ଉତ୍ପାଦନ ୧୪୨ ମିଲିୟନ ଟନ୍ ଥିବାବେଳେ ୨୦୨୦-୨୧ ଆର୍ଥିକ ବର୍ଷରେ ଏହା ୩୧ ମିଲିୟନ ଟନ ହ୍ରାସ ପାଇ ୧୧୧ ମିଲିୟନ ଟନ୍ ହୋଇଛି। ସେହିପରି ୨୦୧୯-୨୦ରେ ୧୭.୪ ମିଲିୟନ ଟନ୍ ଲୁହାପଥର ଓଡ଼ିଶା ବାହାରକୁ ରପ୍ତାନି କରାଯାଇଥିବାବେଳେ ୨୦୨୦-୨୧ ଆର୍ଥିକ ବର୍ଷରେ ଏହା ୧୧.୬ ମିଲିୟନ ଟନ୍ ବୃଦ୍ଧି ପାଇ ୨୯ ମିଲିୟନ ଟନ୍‌ରେ ପହଞ୍ଚିଛି। ଫଳରେ ରାଜ୍ୟରେ ଗତ ବର୍ଷ ତୁଳନାରେ ଏହି ବର୍ଷ ୪୨ ମିଲିୟନ ଟନ୍ ଲୁହାପଥରର ଅଭାବ ଦେଖାଦେଇଛି। ଏହି କାରଣରୁ ଲୁହାପଥର ଦର ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି।

ଜୁନ୍ ୨୦୨୦ରେ ଲୁହାପଥର ମୂଲ୍ୟ ଟନ୍ ପିଛା ୨୨୦୦ ଟଙ୍କା ଥିଲାବେଳେ ଜୁନ ୨୦୨୧ରେ ଏହା ଅଭୂତପୂର୍ବ ଭାବେ ବୃଦ୍ଧି ପାଇ ଟନ୍ ପିଛା ପ୍ରାୟ ୧୨ ହଜାର ଟଙ୍କାରେ ପହଞ୍ଚିଛି। ଲୁହା ପଥର କମ୍ ଉତ୍ପାଦନ ଯୋଗୁ ଇ-ନିଲାମ ପ୍ରକ୍ରିୟାରେ ନିଜସ୍ୱ ଖଣି ନ ଥିବା ଲୁହାପଥର ଖରିଦକାରୀ ଇସ୍ପାତ୍ ଶିଳ୍ପ ସଂସ୍ଥାଗୁଡ଼ିକ ବିପୁଳ କ୍ଷତି ସହି ଆସୁଛନ୍ତି। ଏପରି କି ଲୁହାପଥରର ଅଭାବୀ ଯୋଗାଣ ଯୋଗୁ ପଶ୍ଚିମବଙ୍ଗ ଓ ଛତିଶଗଡ଼ ରାଜ୍ୟର ଇସ୍ପାତ୍ କାରଖାନାଗୁଡ଼ିକ ନିଜ କାରଖାନାର ଲୁହାପଥର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଗତ ୨।୬।୨୦୨୧ରେ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଦ୍ୱାରା ଆହୂତ ଇ-ନିଲାମରେ ଭାଗ ନେଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟ କଥା ନିଜସ୍ୱ ଲୁହାପଥର ଖଣି ଥିବା କେତେକ ଶିଳ୍ପ ସଂସ୍ଥା ମଧ ଭାଗ ଏଥିରେ ନେଇଥିଲେ। ଲୁହାପଥର ଦର ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ନିଲାମ ପ୍ରକ୍ରିୟାରେ ନିଜସ୍ୱ ଖଣି ଥିବା ଶିଳ୍ପ ସଂସ୍ଥାଗୁଡ଼ିକ ଭାଗ ନେଇଥିଲେ ବୋଲି କୁହାଯାଇଛି। ଫଳରେ ନିଲାମ ପାଇଁ ରଖାଯାଇଥିବା ଲୁହାପଥରର ଟନ୍ ପିଛା ମୂଲ୍ୟ ୧୧,୬୧୨ ଟଙ୍କାକୁ ବୃଦ୍ଧି ପାଇଛି। ଯାହାକି ଗତ ଏପ୍ରିଲ ପ୍ରଥମ ସପ୍ତାହରେ ହୋଇଥିବା ନିଲାମ ଦର ଠାରୁ ଏହା ପ୍ରାୟ ୪ହଜାର ଟଙ୍କା ଅଧିକ । ଆର୍ଥିକ ମାନ୍ଦାବସ୍ଥା ସମୟରେ ଲୁହାପଥରର ଅହେତୁକ ମୂଲ୍ୟ ବୃଦ୍ଧି ନିଜସ୍ୱ ଖଣି ନ ଥିବା ଇସ୍ପାତ୍ ଶିଳ୍ପ ସଂସ୍ଥାଗୁଡ଼ିକ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ରାଜ୍ୟରେ ଗଢ଼ିଉଠିଥିବା ଇସ୍ପାତ୍ କାରଖାନା ଯଥା ଆଧୁନିକ ଇସ୍ପାତ୍, କନ୍‌କାଷ୍ଟ ଇସ୍ପାତ୍, ଏମ୍‌ଏସ୍‌ପି ଇସ୍ପାତ୍ କାରଖାନାଗୁଡ଼ିକ ବନ୍ଦ ହୋଇଯାଇଥିବାବେଳେ ଇସ୍ପାତ୍ ରାଜଧାନୀ ବୋଲାଉ ଥିବା କଳିଙ୍ଗନଗର ଶିଳ୍ପାଞ୍ଚଳ ଏବେ ରଙ୍ଗହୀନ ହୋଇପଡ଼ିଛି। ଏଠାରେ ଗଢ଼ିଉଠିଥିବା ନୀଳାଚଳ ଇସ୍ପାତ ନିଗମ, ମେସ୍କୋ ଷ୍ଟିଲ ପ୍ଲାଣ୍ଟ, ମଇଥାନ ଇସ୍ପାତ୍ ଓ ରୋହିତ କାରଖାନା ବନ୍ଦ ହୋଇଯାଇଥିବାବେଳେ କେତେକ କାରଖାନା ଏପରି ପରିସ୍ଥିତିରେ ସଂଘର୍ଷ କରୁଛନ୍ତି। କଳିଙ୍ଗନଗର ଶିଳ୍ପ ସଂଘ ପକ୍ଷରୁ ଏହିସମ୍ବେଦନଶୀଳଘଟଣା ପ୍ରତିମୁଖ୍ୟମନ୍ତ୍ରୀ, ମୁଖ୍ୟଶାସନ ସଚିବ ଏବଂ ଇସ୍ପାତ ଓ ଖଣି ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## କରୋନାରେ ୨ ପୋଲିସ କର୍ମଚାରୀଙ୍କ ମୃତ୍ୟୁ

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ଆଦର୍ଶ ଥାନାର ହାବିଲଦାର ମଳୟ କୁମାର ଦାସ(୫୮)ଙ୍କ ଗୁରୁବାର କରୋନାରେ ମୃତ୍ୟୁ ଘଟିଛି। ତାଙ୍କ ଘର ତିର୍ତ୍ତୋଲ ଥାନା ଅନ୍ତର୍ଗତ ତାରପୁରରେ। ସେ ସପ୍ତାହେ ହେବ କରୋନାରେ ଆକ୍ରାନ୍ତ ଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ମଳୟଙ୍କ ମୃତ୍ୟୁ ଘଟିଛି। ସେହିପରି ପାରାଦୀପ ସାମୁଦ୍ରିକ ଥାନା ପାଟ୍ରୋଲିଂ ବୋଟ୍‌ର ଇଞ୍ଜିନ ଡ୍ରାଇଭର ଅଜୟ ସାହୁ (୫୦)ଙ୍କ କରୋନାରେ ମୃତ୍ୟୁ ଘଟିଛି।



**ସଂକ୍ଷେପରେ**

## ବିନା ସୂଚନା ଫଳକରେ ଚାଲିଛି ପାନୀୟ ଜଳ ପ୍ରକଳ୍ପ



ନାଉଗାଁ,୧୦।୬(ସ୍ୱ.ପ୍ର.): ଗାଁ ଗହଳିର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ମିଳିତ ଆନୁକୂଲ୍ୟରେ ସୁଉଚ୍ଚ ପାଣିଟାଙ୍କି ନିର୍ମାଣ କରାଯାଉଛି। ପ୍ରତ୍ୟେକଙ୍କ ଘରକୁ ପାଇପ ସଂଯୋଗ କରାଯାଉଛି। କିନ୍ତୁ ଉକ୍ତ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ନାଉଗାଁ ବ୍ଲକର ଘୋଡାଂଶ ପଞ୍ଚାୟତ ବ୍ଲକ ଛକଠାରୁ ରୋହିଆକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ପାର୍ଶ୍ୱ ଦେଇ ପାଇପ ବିଛା କାର୍ଯ୍ୟ ଚାଲୁ ରହିଛି। କାମ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଠିକାଦାର ଏ ପର୍ଯ୍ୟନ୍ତ କାର୍ଯ୍ୟର କୌଣସି ସୂଚନା ଫଳକ ଲଗାଇ ନ ଥିବା ଅଭିଯୋଗ ହେଉଛି। ତେଣୁ କାର୍ଯ୍ୟରେ କେତେ ଅର୍ଥ ବ୍ୟୟ ବରାଦ କରାଯାଉଛି ତାହା ସାଧାରଣ ଲୋକ ଜାଣି ପାରୁନାହାନ୍ତି। ସେହିପରି ଗ୍ରାମ୍ୟ ଉନ୍ନୟନ ରାସ୍ତା ପାର୍ଶ୍ୱ ଖୋଳା ହେବା ଦ୍ୱାରା ମାଟି ପଡି ବର୍ଷା ହେଲେ ରାସ୍ତା କାଦୁଅ ହେବା ସହ ଯାତାୟାତରେ ବାଧା ସୃଷ୍ଟି ହେଉଛି। ନିୟମ ମୁତାବକ ଯେତିକି ଗଭୀରରେ ପାଇପ ଯିବା କଥା ସେତିକି ଖୋଳା ଯାଉନାହିଁ। ଅଳ୍ପ ଖୋଳି ପାଇପ ବିଛାଯାଉଛି। ବିଛା ଯାଉଥିବା ପାଇପ ନିମ୍ନମାନର ହୋଇଥିବା ଯୋଗୁ କାର୍ଯ୍ୟର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ନିର୍ମାଣ କରାଯାଉଥିବା ସୁଉଚ୍ଚ ପାଣିଟାଙ୍କିରେ ନିମ୍ନମାନର ନାଲି ଇଟା ବ୍ୟବହାର କରାଯାଉଛି। କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ପ୍ରଦୀପ୍ତ ବରାଳଙ୍କୁ ପଚାରିବାରେ କାର୍ଯ୍ୟର ତଦାରଖ କରିବା ପରେ ଯାହା ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଖାଦ୍ୟ, ଯୋଗାଣ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



ନାଉଗାଁ,୧୦।୬(ସ୍ୱ.ପ୍ର.):କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଓଡ଼ିଶା ସରକାର ବିତରଣ କରୁଥିବା ଚାଉଳ ନିମ୍ନମାନର। ଏହାସତ୍ତ୍ୱେ ସମ୍ପୃକ୍ତ ମନ୍ତ୍ରୀ ଓ ସଚିବଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ନାଉଗାଁ ବ୍ଲକରେ ଛାତ୍ର କଂଗ୍ରେସ ପକ୍ଷରୁ ଗୁରୁବାର ଏଭଳି ଅଭିଯୋଗ କରାଯାଇ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବ୍ଲକ ଅନ୍ତର୍ଗତ ଶିଖରଘାଟ-ବାଲିଭଉଁରୀ ମୁଖ୍ୟ ରାସ୍ତା ର ନାଉଗାଁ କଂଗ୍ରେସ କାର୍ଯ୍ୟାଳୟ ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଛାତ୍ର କଂଗ୍ରେସ ସଭାପତି ସ୍ମିତିରଞ୍ଜନ ଜେନା, ପୂର୍ବତନ ଜିଲା ଛାତ୍ର ସଭାପତି ପ୍ରିତମ ପରିଜା, ଅମନଦୀପ ରାଉତ, ସୁନିଲ ମଲିକ, ବିକାଶ ନାୟକ, ନିଗମାନନ୍ଦ ସ୍ୱାଇଁ, ପଙ୍କଜ ବେହୁରା ଓ ଅମିସ ଲେଙ୍କା ପ୍ରମୁଖ ସାମିଲ ହୋଇଥିଲେ।

# ଗ୍ରାମାଞ୍ଚଳଠାରୁ ସହରରେ ଅଧିକ

କେନ୍ଦ୍ରାପଡ଼ା ଅଫିସ, ୧୦।୬

■ ଜବରଦଖଲ ଜିଲା ବିକାଶରେ ବାଧକ

■ ଅନୁପ୍ରବେଶକାରୀଙ୍କ ଦଖଲରେ ଉପାନ୍ତର ଜଙ୍ଗଲ ଜମି

■ ମହାମାରୀ ପାଇଁ ସରକାରୀ କଳ ନିଷ୍କ୍ରିୟ



ସହର ରାସ୍ତାରେ ସର୍ବଦା ଟ୍ରାଫିକ ଜାମ୍। ପାଣିନାଳ ଉପରେ ଘର। ବର୍ଷା ହେଲେ ଘରେ ପାଣି ପଶୁଛି। ମାତ୍ର ୫ ବର୍ଷ ପୂର୍ବରୁ କେନ୍ଦ୍ରାପଡ଼ା ସହର ମଧ୍ୟରେ ୨୪ଟି ପୋଖରୀ ଥିବା ବେଳେ ଏବେ ମାତ୍ର ୬ଟିର କେବଳ ଚିହ୍ନ ରହିଛି। ଗୋବରୀ ନଦୀପଠାରେ ଗୋଟିଏ ପରେ ଗୋଟିଏ କୋଠା ନିର୍ମାଣ ହେଉଛି। ଜବରଦଖଲର ଏହି ଚିତ୍ର କେବଳ ସହର ମଧ୍ୟରେ ସୀମିତ ନାହିଁ। ଜିଲାର ଉପାନ୍ତ ଅଞ୍ଚଳ ଭାବେ ପରିଚିତ ମହାକାଳପଡ଼ା, ରାଜନଗର, ରାଜକନିକା ଅଞ୍ଚଳରେ ଅନୁପ୍ରବେଶକାରୀ ଭର୍ତ୍ତି ହୋଇ ଗଲେଣି। ଜାତୀୟ ଉଦ୍ୟାନ ଭିତରକନିକା ଏଥିରୁ ବାଦ୍ ପଡିନି। ଜଙ୍ଗଲ ଜମିକୁ ଲୋକେ ଜବରଦଖଲ କରି ଘର ସହ ଚିଙ୍ଗୁଡ଼ି ଘେରି କରୁଛନ୍ତି। ଚିଙ୍ଗୁଡ଼ି ଘେରିରୁ ଉଦ୍‌ବୃତ୍ତ ରାସାୟନିକ ବର୍ଜ୍ୟ ଜଳ ଚାଷ ଓ ଜଙ୍ଗଲକୁ ନଷ୍ଟ କରୁଛି। ଏ ନେଇ ଅଭିଯୋଗ କଲେ କରୋନା ଆଳ ଦେଖାଇ ସରକାରୀ କଳ ନୀରବ ରହୁଛି। ଜବରଦଖଲ ଏବେ ଜିଲାର ମୁଖ୍ୟ ସମସ୍ୟା ପାଲଟିଛି। ଏହାଦ୍ୱାରା ଜିଲା ବିକାଶରେ ବାଧା ସୃଷ୍ଟି ହେଉଥିବା ବହୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ଲୋକ ମତ ଦେଇଛନ୍ତି।

ଏ ସମ୍ପର୍କରେ ସହରର ଖଡିଅଙ୍ଗସ୍ଥ କ୍ଷିତୀଶ କୁମାର ସିଂହ କହିଛନ୍ତି, ସହର ମଧ୍ୟରେ ଜବରଦଖଲ ଏକ ସମସ୍ୟା ହୋଇଛି। ଗୋବରୀ ନଦୀପଠା ଏବେ ଜବରଦଖଲକାରୀଙ୍କ ନିକଟକୁ ଚାଲିଯାଇଛି। ଫଳରେ ବର୍ଷାଋତୁରେ ନଦୀରେ ଜଳ ପ୍ରବାହ ଠିକ୍ ଭାବେ ହେଉନାହିଁ। ସେହିପରି କନିଆ ଯୋରରେ ଥିବା ପାଣିନାଳ ଉପରେ ଘର ହୋଇଥିବାରୁ ବର୍ଷାଜଳ ନିଷ୍କାସନରେ ବାଧକ ସାଜିଛି। ଏହି ସମସ୍ୟା ଗୋଟିଏ ସ୍ଥାନର ନୁହଁ। ପୌରାଞ୍ଚଳରେ ଥିବା ପ୍ରତ୍ୟେକ ନାଳ ଉପରେ ଘର ନିର୍ମାଣ ହେଉଛି। ଏପରି କି ରାସ୍ତା ଉପରକୁ ଘର ନିର୍ମାଣ ହେଉଥିବାରୁ ସର୍ବଦା ଟ୍ରାଫିକ ଜାମ୍ ହେଉଛି। ଏ ନେଇ ପୌର ଅଧିକାରୀଙ୍କ ସମେତ ଜିଲାପାଳଙ୍କୁ ସ୍ଥାନୀୟ ଲୋକ ଅବଗତ କରୁଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଫଳରେ ସ୍ୱିରେଜ ସିଷ୍ଟମ, ଟ୍ରାଫିକ ବ୍ୟବସ୍ଥା, ବିଦ୍ୟୁତୀକରଣ ଓ ସହରର ସୌନ୍ଦର୍ଯ୍ୟକରଣରେ ବାଧା ସୃଷ୍ଟି ହୋଇଛି। ରାଜନଗରର ହରିହର ସାହୁ, ମହାକାଳପଡ଼ାର ଲକ୍ଷ୍ମୀକାନ୍ତ ସ୍ୱାଇଁ, ଅମିତାଭ ଚାନ୍ଦ ପ୍ରମୁଖ କହିଛନ୍ତି, ଉପାନ୍ତ ଅଞ୍ଚଳ ଏବେ ଜବରଦଖଲକାରୀଙ୍କ ହାତରେ ରହିଛି। ଭୂମିହୀନ ଦର୍ଶାଇ ଅଥବା କୁଜଙ୍ଗ ରାଜାଙ୍କ ମିଛ ହାତପଟ୍ଟା ଦ୍ୱାରା ଜଙ୍ଗଲ ଜମିକୁ ଜବରଦଖଲ କରାଯାଉଛି। ଏପରି ଘଟଣା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ବେଶି ଦେଖିବାକୁ ମିଳୁଛି। ପେର୍‌ଛେଲାଠାରୁ ରଙ୍ଗଣୀ ପର୍ଯ୍ୟନ୍ତ ଅନୁପ୍ରବେଶକାରୀ ଏହାର ଫାଇଦା ନେଉଛନ୍ତି। ସେହିପରି ଗମନାଗମନ ପାଇଁ ସୁବିଧା ନ ଥିବା ଜିଲାର ୧୭ ପଞ୍ଚାୟତରେ ଜବରଦଖଲ ସାମାନ୍ୟ ଘଟଣା ହୋଇଛି। କେବଳ ଜବରଦଖଲ ସମସ୍ୟାକୁ ନେଇ ୨ ମାସରେ ୧୬ଟି ମାମଲା ସ୍ଥାନୀୟ ଥାନାଗୁଡ଼ିକରେ ହୋଇଛି। ଏହା ବ୍ୟତୀତ ଚିଙ୍ଗୁଡ଼ି ଘେରି ପାଇଁ ସମୁଦ୍ରତଟ ଅଞ୍ଚଳର ଜଙ୍ଗଲ ଜମି ଜବରଦଖଲ ହେଉଛି। ଉଚ୍ଚ ନ୍ୟାୟାଳୟ ଏହି ଜବରଦଖଲକାରୀଙ୍କ ନାମରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଉଥିଲେ ମଧ୍ୟ କରୋନା ମହାମାରୀ ଆଳ ଦେଖାଇ ସରକାରୀ କଳ ନୀରବଦ୍ରଷ୍ଟା ସାଜିଛି। ଏହି କାରଣ ଯୋଗୁ ଜାତୀୟ ଉଦ୍ୟାନ ଭିତରକନିକା ବିଶ୍ୱ ଐତିହ୍ୟ ତାଲିକାରୁ ୨୦୧୭ରେ ବାଦ୍ ପଡ଼ିଥିଲେ ମଧ୍ୟ ପ୍ରଶାସନ ଓ ରାଜନେତାମାନେ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତି, ଜବରଦଖଲକାରୀଙ୍କ ବିରୋଧରେ ମାମଲା ରୁଜୁ ହେଉଛି। ସହର ମଧ୍ୟରେ ଜବରଦଖଲକାରୀଙ୍କୁ ହଟାଇବାକୁ ଯୋଜନା ରହିଛି ବୋଲି ସେ ମତ ଦେଇଛନ୍ତି।

## ଘଟଣାସ୍ଥଳରେ ଏସ୍‌ପି ପହଞ୍ଚି ତଦନ୍ତ କଲେ



ହତ୍ୟା ମାମଲାର ତଦନ୍ତ କରୁଛନ୍ତି ଏସପି ସମ୍ପତ ଓ ଅନ୍ୟମାନେ।

**ମହେନ୍ଦ୍ର ଦାସ ହତ୍ୟା ମାମଲା**

ଡେରାବିଶ, ୧୦।୬ (ସ୍ୱ.ପ୍ର.)

ଡେରାବିଶ ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଛଞ୍ଚଣା (ମିର୍ଜାଇପାଟଣା) ଗାଁରେ ବାନାମ୍ବର ଦାସଙ୍କ ଏକମାତ୍ର ପୁତ୍ର ମହେନ୍ଦ୍ରଙ୍କ ହତ୍ୟାକାଣ୍ଡକୁ ଇତିମଧ୍ୟରେ ୧୩ ଦିନ ବିତିଗଲାଣି। ତେବେ ଗୁରୁବାର ମଧ୍ୟାହ୍ନରେ ଘଟଣାସ୍ଥଳରେ ଜିଲା ଏସ୍‌ପି ମଡକର ସନ୍ଦିପ ସମ୍ପତ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହତ୍ୟାକାଣ୍ଡ କାରଣର ଖିଅ ଖୋଜିବା ସହ ଅଭିଯୋଗକାରୀ ବାନାମ୍ବର ଓ ମୃତ ମହେନ୍ଦ୍ରଙ୍କ ସ୍ତ୍ରୀ ଝୁନୁଲତାଙ୍କୁ ଘଟଣା ସମ୍ପର୍କରେ ପଚାରି ବିଝିଛନ୍ତି। ଏଥିସହ ବାନାମ୍ବରଙ୍କ ବାଡି ପଛପଟରୁ ଉଦ୍ଧାର ହୋଇଥିବା ମହେନ୍ଦ୍ର ମୃତଦେହ ପଡିଥିବାସ୍ଥଳକୁ ଏସ୍‌ପି ଯାଇ ତାଙ୍କ ମୃତ୍ୟୁର କାରଣ ଖୋଜିବାକୁ ତଦନ୍ତ କରିଛନ୍ତି। ଏସ୍‌ପିଙ୍କ ସହ ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ସ୍ପେଶାଲ ସ୍କ୍ୱାଡ ଅଧିକାରୀ ପି.କେ. କାନୁନ୍‌ଗୋ, ଡେରାବିଶ ଥାନା ଅଧିକାରୀ ସୁମନ୍ତ କିଷାନ ପ୍ରମଖ ଘଟଣାସ୍ଥଳରେ ଉପସ୍ଥିତ ରହି ହତ୍ୟାକାଣ୍ଡର ବିଭିନ୍ନ ଦିଗ ପ୍ରତି ଅନୁଧ୍ୟାନ କରିଥିଲେ। ଏ ସମ୍ପର୍କରେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ କେବେ ଧରାଯିବ ବୋଲି ପଚରା ଯିବାରୁ ଏସ୍‌ପି ସମ୍ପତ ତଦନ୍ତ ପରେ ନିଶ୍ଚିତ ଅଭିଯୁକ୍ତମାନଙ୍କୁ ଧରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ ମହେନ୍ଦ୍ର ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ଧରିବାରେ ଡେରାବିଶ ପୋଲିସର ପ୍ରତିବାଦରେ ସୋମବାର ଛଞ୍ଚଣା ଗ୍ରାମବାସୀ ଏସ୍‌ପି ଓ ଜିଲାପାଳଙ୍କୁ ଭେଟି ତୁରନ୍ତ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଥାନା ଘେରାଉ କରାଯିବ ବୋଲି ଦାବିପତ୍ର ପ୍ରଦାନ କରିଥିଲେ।

# ଜମିରେ ଧାନ ଗଜା, ସହାୟତା ଦାବି

ମହାକାଳପଡ଼ା,୧୦।୬(ଡି.ଏନ୍.ଏ.)

**ବାତ୍ୟା ୟାସ୍ ପ୍ରଭାବରେ ଭାଗଚାଷୀଙ୍କ ଡାଲୁଅ ଧାନ ନଷ୍ଟ**



ବଳିପାଳ ପଞ୍ଚାୟତ ଅନ୍ଧୁଲି ଗାଁର କ୍ଷତିଗ୍ରସ୍ତ ଭାଗଚାଷୀ ଜମିରୁ ଧାନ ଉପରକୁ ନେଉଛନ୍ତି।

ବାତ୍ୟା ୟାସ୍ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ବିଶେଷକରି ଚାଷୀଙ୍କ ପନିପରିବା ଓ ଖରାଦିନିଆ ଡାଲୁଅ ଧାନ ଉଜୁଡ଼ିଯାଇଛି। ଭାଗଚାଷୀମାନେ ଜମି ମାଲିକଙ୍କୁ ଫସଲ ଦେବାକୁ ଅସମର୍ଥ। ଅନ୍ୟପକ୍ଷରେ ଭାଗ ଚାଷୀମାନେ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀରୁ ଋଣ ନେଇ ଚାଷରେ ଖର୍ଚ୍ଚ କରିଥିଲେ। ଏହି ଅର୍ଥ କେଉଁଠୁ ପୂରଣ କରିବେ ସେ ନେଇ ଭାଳେଣି ପଡିଛି। ଏଭଳି ଘଟିଛି, ମହାକାଳପଡ଼ା ବ୍ଲକ ବଳିପାଳ ପଞ୍ଚାୟତର ଅନ୍ଧୁଲି ଗ୍ରାମର ଭାଗଚାଷୀଙ୍କ କ୍ଷେତ୍ରରେ। ଭାଗଚାଷୀମାନଙ୍କ କହିବା କଥା, ଗାଁ ମଠ ସମ୍ପତ୍ତିର ୧୨ ଏକର ଜମିରେ କେତେଜଣ ଭାଗଚାଷୀ ଚାଷ କରିଥିଲୁ। ରାସାୟନିକ ସାର, ଔଷଧ, ବିହନ, ହଳ ସମେତ ଅନ୍ୟ ବାବଦରେ ଖର୍ଚ୍ଚ କରିଥିଲୁ। ତେବେ ୟାସ୍ ପ୍ରଭାବରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ବହିବା ଯୋଗୁ ଧାନଜମିରେ ପାଣି ଜମି ଗଜା ହେବା ସହ ନଷ୍ଟ ହେଲା। ଯାହା କିଛି ଧାନ ଅଛି କାଟି ବାନ୍ଧିଲା ବେଳକୁ ଝଡି ପଡୁଛି। ଏହି ଗଜାଧାନକୁ ନିକଟ ରାସ୍ତାରେ ଖରାରେ ଶୁଖାଇ ଅମଳ କରିବୁ। କିନ୍ତୁ ଧାନ ରଙ୍ଗ ବେରଙ୍ଗ ହେବା ଦେଖାଯାଇଛି। ଘରୋଇ ଋଣ ନେଇ ଚାଷ କରିଥିଲେ ମଧ୍ୟ ଏଥିରେ ବହୁ କ୍ଷତି ହୋଇଛି। ସ୍ଥାନୀୟ ଗାଁର ତ୍ରିଲୋଚନ ମଳିକ, ସୁନାକର ମଳିକ, କେଶବ ମହାରଣା, ଅର୍ଜୁନ ରାଉତ, ଶଙ୍କର ଦାସ, ମଙ୍ଗୁଳି ରାଉତ, ସନାତନ ରାଉତ, ନାରାୟଣ ରାଉତ ଭାଗଚାଷୀମାନେ ସରକାରୀ ଭାବେ ତଦନ୍ତ କରି ସହାୟତା ଦେବା ପାଇଁ କହିଛନ୍ତି। ଏହି ଭାଗଚାଷୀଙ୍କୁ ବ୍ଲକ କୃଷି ବିଭାଗ ପକ୍ଷରୁ କୌଣସି କୃଷି ସଚେତନତା କି ସହାୟତା ମିଳିଲା ନାହିଁ। ଦୌଡି ଦୌଡି ବିଭାଗ ବିହନ ଦେଲା ନାହିଁ। ବାଧ୍ୟ ହୋଇ ଖୋଲା ବଜାରରୁ ଚଢ଼ା ଦରରେ ସଙ୍କରଜାତୀୟ ମମତା ପ୍ଲସ, ସିଲିକ୍ ଧାନ ବିହନ କିଣି ଚାଷ କରିଛୁ। ଘରୋଇ ଋଣ ଓ ଜମି ମାଲିକଙ୍କ ଭାଗ ଧାନ କେଉଁଠୁ ଆଣିବୁ ବୋଲି ଦୁଃଖର ସହ ସେମାନେ କହିଛନ୍ତି। ୩ ମାସ ଜମିରେ ପରିଶ୍ରମ କରି ଫଳାଇଥିବା ଫସଲକୁ ୟାସ୍ ନେଇଗଲା ବୋଲି ସେମାନେ କହିଛନ୍ତି।

## କାଳିଆ ଯୋଜନା ହିତାଧିକାରୀ ଚୟନରେ ତ୍ରୁଟି

ପଟ୍ଟାମୁଣ୍ଡାଇ,୧୦।୬(ସ୍ୱ.ପ୍ର.)

**ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ**

କାଳିଆ ଯୋଜନା ହିତାଧିକାରୀ ଚୟନରେ ଅବ୍ୟବସ୍ଥା ଲାଗି ରହିଛି। ଏହାକୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ବୁଧବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ବର୍ତ୍ତମାନ ମହାମାରୀ କରୋନା ଯୋଗୁ ରାଜ୍ୟରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଚାଲିଛି। ବାତ୍ୟା ୟାସ୍ ଯୋଗୁ ପନିପରିବା ସହିତ ଡାଲୁଅ ଧାନ ମଧ୍ୟ ନଷ୍ଟ ହୋଇଛି। ଏପରି ପରିସ୍ଥିତିରେ ପ୍ରକୃତ ଚାଷୀ ପରିବାର କାଳିଆ ଯୋଜନାରୁ ବାଦ୍ ପଡିଛନ୍ତି। ଅପରପକ୍ଷେ ଆଉ କେତେଜଣ ଚାଷୀ ପ୍ରଥମ କିସ୍ତି ପାଇଥିଲେ ମଧ୍ୟ ଦ୍ୱିତୀୟ କିସ୍ତି ପାଉନାହାନ୍ତି। ସେମାନଙ୍କୁ କେଉଁଠି ବଡ଼ ଚାଷୀ କହି ତାଲିକାରୁ କାଟି ଦିଆଯାଇଛି ତ ସ୍ଥଳ ବିଶେଷରେ ପରିବାରରେ ସରକାରୀ କର୍ମଚାରୀ ଅଛନ୍ତି ବୋଲି ଦର୍ଶାଇ ସେମାନଙ୍କୁ କାଳିଆ ଯୋଜନାରୁ ବଞ୍ଚିତ କରାଯାଉଛି। ଏହି ଘଟଣାର ତଦନ୍ତ କରାଯାଇ ବଞ୍ଚିତ ଚାଷୀମାନଙ୍କୁ ତୁରନ୍ତ ଏହି ଯୋଜନାରେ ସାମିଲ କରିବାକୁ କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ବ୍ଲକ ଅଳପୁଆ, ତରଡିପାଳ, ପେଣ୍ଠପାଳ, ସିଂହଗାଁ, ଅଣ୍ଟରା, ଅମୃତମଣୋହି ଓ ବଲୁରିଆ ଗ୍ରାମ ପଞ୍ଚାୟତର କୃଷକମାନଙ୍କ ପକ୍ଷରୁ ଦାବି କରାଯାଇଛି। ଚାଷୀ ରବୀନ୍ଦ୍ରନାଥ ପରିଡ଼ା, ଡ. ଗଦାଧର ମଲ୍ଲିକ, ନାରଦ ଚନ୍ଦ୍ର ବିଶ୍ୱାଳ, କୁଳମଣି ମଲ୍ଲିକ, ଗଗନ ମାହାଲିକ, ଚିତ୍ତରଞ୍ଜନ ମଲ୍ଲିକ, ସିଦ୍ଧାର୍ଥ ଦାସ, ଧନେଶ୍ୱର ପ୍ରଧାନ, ଅଜୟ ବିଶ୍ୱାଳ, ଅଞ୍ଜନ କୁମାର ବାରିକ, ଉଲ୍ଲାସ ଚନ୍ଦ୍ର ମଲ୍ଲିକ, ଅଲେଖ ଚନ୍ଦ୍ର ମଲ୍ଲିକ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଚାଷ ଜମିରେ ମାଡୁଛି ଲୁଣାପାଣି



ସ୍ଲୁଇସ୍‌ରେ ଗେଟ ଲାଗି ନ ଥିବାରୁ ଲାଣି ପାଣି ଚାଷ ଜମିରେ ମାଡିଯାଉଛି।

ରାଜନଗର, ୧୦।୬(ଡି.ଏନ୍.ଏ.)

**୩ ବର୍ଷ ହେଲା ମୁକୁଳା ପଡ଼ିଛି ସ୍ଲୁଇସ୍**

୩ ବର୍ଷ ହେଲା ସ୍ଲୁଇସ୍ ନିର୍ମାଣ ସରିଲାଣି। ମାତ୍ର ଆଜିଯାଏ ସ୍ଲୁଇସ୍‌ରେ ଗେଟ ଲାଗିନି। ନଦୀରେ ଜୁଆର ସମୟରେ ଲୁଣାପାଣି ଭେଡା ଭିତରକୁ ପଶି ଚାଷ ଜମିରେ ଲହଡି ଭାଙ୍ଗୁଛି। ସ୍ଲୁଇସ୍‌ରେ ଗେଟ ନ ଥିବାରୁ ଭେଡା ମଧ୍ୟରେ ଜମି ରହୁଥିବା ପାଣି ମଧ୍ୟ ନିଷ୍କାସନ ହୋଇପାରୁନି। ଏହାକୁ ନେଇ ରାଜନଗର ବ୍ଲକ ଅଧୀନ ୭ଟି ପଞ୍ଚାୟତର ଚାଷୀଙ୍କ ମଧ୍ୟରେ ବଡ଼ଧରଣର ଆନ୍ଦୋଳନ ଦାନା ବାନ୍ଧୁଛି। ସ୍ଲୁଇସ୍ ନିର୍ମାଣ କରିଥିବା ଡ୍ରେନେଜ ବିଭାଗ ନିକଟରେ ଚାଷୀମାନେ ୩ ବର୍ଷ ହେଲା ଅଭିଯୋଗ କରି ଆସୁଥିଲେ ମଧ୍ୟ ବିଭାଗ ପଦକ୍ଷେପ ନେବା ବଦଳରେ ଚୁପ୍ ବସିଛି।

ରାଜନଗର ବ୍ଲକର ଗୁପ୍ତି, କଣ୍ଡିରା, ଭିତରଗଡ ପ୍ରଭୃତି ପଞ୍ଚାୟତ ସମେତ ଚାନ୍ଦିବାଉଁଶମୂଳ, କୁରୁଣ୍ଟି, ଡେରା ପଞ୍ଚାୟତର କେତେକ ଚାଷ ଜମିରୁ ବର୍ଷା ପାଣି ଗୁପ୍ତି–ଚକମନପୁର ରାସ୍ତାରେ ଥିବା ସ୍ଲୁଇସ୍ ଦେଇ ନିଷ୍କାସନ ହୋଇଥାଏ। ୨୦୧୮ରେ ଡ୍ରେନେଜ ବିଭାଗ ପକ୍ଷରୁ ଏହି ଡ୍ରେନର ପୁନରୁଦ୍ଧାର କରାଯିବା ସହ ଏଠାରେ ଏକ ସ୍ଲୁଇସ୍ ନିର୍ମାଣ କରାଯାଇଛି। ସ୍ଲୁଇସ୍‌ରେ ଗେଟ ଲାଗି ନ ଥିବାରୁ ପାଟଶାଳା ନଦୀର ଲୁଣା ଜୁଆର ପାଣି ଭେଡା ଭିତରକୁ ପଶୁଛି। ୟାସ୍ ସମୟରେ ସମୁଦ୍ରରୁ ଉଚ୍ଚ ଜୁଆର ଉଠି ଏହି ମୁକୁଳା ସ୍ଲୁଇସ୍ ଦେଇ ଲୁଣା ଜୁଆର ପାଣି ହଜାର ହଜାର ଏକର ଚାଷ ଜମିରେ ମାଡ଼ିଯାଇଛି। ପ୍ରବଳ ବର୍ଷା ସାଙ୍ଗକୁ ଲୁଣା ଜୁଆର ପାଣି ମିଶି ଘର ଭିତରେ ପଶିଥିଲା। ବାତ୍ୟା ପରଠୁ ନଦୀ ଫୁଲି ରହୁଥିବାରୁ ଜଳ ନିଷ୍କାସନ ହୋଇପାରୁନି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ୭ଟି ପଞ୍ଚାୟତର ଶତାଧିକ ଚାଷୀ ଡ୍ରେନେଜ ବିଭାଗର ନିର୍ବାହୀଯନ୍ତ୍ରୀଙ୍କୁ ଏ ନେଇ ଲିଖିତ ଭାବେ ଜଣାଇଛନ୍ତି। ଭେଡାରେ ଜମିଥିବା ପାଣି ନିଷ୍କାସନ ସହ ସ୍ଲୁଇସରେ କବାଟ ଲଗାଇବାକୁ ଦାବି କରିଛନ୍ତି। ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ସ୍ଲୁଇସ୍‌ରେ କବାଟ ନ ଲଗାଇଲେ ଆମେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ପାରେଶ୍ୱର ଜେନା, ଜଗବନ୍ଧୁ ଦାସ, ସୁରେନ୍ଦ୍ର ଜେନା, ବିଚିତ୍ର କୁମାର ରାଉତ, ପାଣ୍ଡବ ମଳିକ, ଅଭୟ ରାଉତ ପ୍ରମୁଖ ଶତାଧିକ ଚାଷୀ ଜଣାଇଛନ୍ତି।

# ପ୍ରବାସୀ ଓଡ଼ିଆଙ୍କ ଗଣଧାରଣା

ରାହାମା,୧୦।୬(ଡି.ଏନ୍.ଏ.)



ବଣିତୋ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପ୍ରବାସୀମାନେ ଧାରଣା ଦେଇଛନ୍ତି।

କୁଜଙ୍ଗ ବ୍ଲକ ବଣିତୋ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଗୁରୁବାର ପ୍ରବାସୀ ଓଡ଼ିଆମାନେ ଗଣଧାରଣା ଦେଇଥିଲେ। ଅଭିଯୋଗ ଅନୁଯାୟୀ, ୨୦୨୦ରେ କରୋନା ମହାମାରୀ ସମୟରେ ଘରକୁ ଫେରୁଥିବା ପ୍ରବାସୀ ଓଡ଼ିଆଙ୍କ ପାଇଁ ସଙ୍ଗରୋଧରେ ରହିଲେ ୨୦୦୦ ଟଙ୍କା ଦିଆଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ପ୍ରବାସୀ ସେତେବେଳେ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ଇତିମଧ୍ୟରେ ବର୍ଷେ ବିତିଯାଇଥିଲେ ମଧ୍ୟ ସେମାନଙ୍କୁ କୌଣସି ଟଙ୍କା ମିଳିନାହିଁ। ଏ ନେଇ ବାରମ୍ବାର ସରପଞ୍ଚ ଓ ବିଡିଓଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ ବୋଲି ପ୍ରବାସୀମାନେ କହିଛନ୍ତି। ତୁରନ୍ତ ଉକ୍ତ ଟଙ୍କା ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ଏହି ଧାରଣାରେ ହୃଷୀକେଶ ଦାସ, କ୍ଷୀରୋଦ ଦାସ, ସୁଶାନ୍ତ ଜେନା, ନିରଞ୍ଜନ ସ୍ୱାଇଁ, ନୀହାରକାନ୍ତ ସ୍ୱାଇଁ, ଶଶୀଭୂଷଣ ସ୍ୱାଇଁ, ଉଲ୍ଲାସ ଚନ୍ଦ୍ର ନାୟକ ପ୍ରମୁଖ ସାମିଲ ହୋଇଥିଲେ।

**ଝିମାଣି ଡକାୟତି ମାମଲା**

# ୨ ମୁଖ୍ୟ ଅଭିଯୁକ୍ତ କୋର୍ଟ ଚାଲାଣ

ଜଗତ୍‌ସିଂହପୁର ଅଫିସ, ୧୦।୬

■ ବହୁ ସୁନା ଅଳଙ୍କାର, ମୋବାଇଲ ଜବତ

■ ପୂର୍ବରୁ ୩ ଅଭିଯୁକ୍ତ ଧରାପଡ଼ିଥିଲେ

ପାରାଦୀପ ଲକ୍ ଥାନା ଝିମାଣି ଗାଁରେ ଏପ୍ରିଲ ୨୮ରେ ଡକାୟତି ହୋଇଥିଲା। ଡକାୟତମାନେ ସଫଳା ତରାଇଙ୍କ ଘରେ ପଶି ପରିବାର ଲୋକଙ୍କୁ ଭୟଭୀତ କରିଥିଲେ। ପରେ ଯୋଜନା ମୁତାବକ ସୁନା ଅଳଙ୍କାର ସମେତ ଟଙ୍କା ନେଇ ଯାଇଥିଲେ। ଏ ନେଇ ତରାଇ ଏପ୍ରିଲ ୨୯ରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୧୨୩/୨୧ରେ ମାମଲା ରୁଜୁ କରିଥିଲା। ପୂର୍ବରୁ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଥିଲା। ବୁଧବାର ଏହି ମାମଲାର ୨ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରମାକାନ୍ତ ପରିଡ଼ା ଓରଫ କାଳିଆ ଏବଂ ଅମିତ କୁମାର କର ଓରଫ ଆଦିତ୍ୟ। ସେମାନଙ୍କ ନିକଟରୁ ଏକ ହଳ କାନ ଫୁଲ, ଏକ ହଳ ସୁନା ଶଙ୍ଖା, ୨ ସୁନା ନାକ ଫୁଲ, ଗୋଟିଏ ହାତ ଘଣ୍ଟା ଏବଂ ୩ ମୋବାଇଲ ଜବତ କରାଯାଇଛି। ଏ ନେଇ ଏସ୍‌ପି ପ୍ରକାଶ ଆର ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି।

୨୮ ଏପ୍ରିଲ ରାତିରେ ୧୦ରୁ ୧୨ ଜଣ ଅଜଣା ବ୍ୟକ୍ତି ବଳପୂର୍ବକ ତରାଇଙ୍କ ଘରେ ପଶି ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ଦୁର୍ବୃତ୍ତମାନେ ପରିବାର ଲୋକଙ୍କୁ ନିର୍ଯାତନା ଦେବା ସହ ବିଷାକ୍ତ ତରଳ ପଦାର୍ଥ ପିଆଇ ଦେଇଥିଲେ। ଥାନାରେ ଅଭିଯୋଗ ହେବା ପରେ ଏସ୍‌ପି ପ୍ରକାଶ ଆର୍ ଘଟଣାକୁ ଗମ୍ଭୀରତାର ସହ ନେଇଥିଲେ। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ସେ ଜୋର ଦେଇଥିଲେ। ପୋଲିସ ପକ୍ଷରୁ ଏକ ତଦନ୍ତକାରୀ ଦଳ ଗଠନ କରାଯାଇଥିଲା। ଥାନା ଆଇଆଇସି ରାଜେଶ ମହାଲି ଏହାର ନେତୃତ୍ୱ ନେଇଥିଲେ। ତଦନ୍ତ ପରେ ରାଜେଶ ମହାଲି ଓରଫ ରାଜା, ଶଙ୍କର ରାଉତ ଓରଫ ରାଉଳ ଏବଂ ଦୀପକ କୁମାର ସୁତାର ଓରଫ ପଦ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ଗୋଟିଏ ସୁନା ମଙ୍ଗଳସୂତ୍ର, ୨ ମୋବାଇଲ ଏବଂ ଗୋଟିଏ ଟାଟା ଏସ୍‌ଇ ଜବତ ହୋଇଥିଲା। ମେ' ୨୨ ଓ ୨୪ରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।



ଜବତ ଚୋରି ସାମଗ୍ରୀ ସହ ଗିରଫ ଅଭିଯୁକ୍ତ ଦ୍ୱୟ।

# ଶତାଧିକ ଲୋକଙ୍କ ଇନ୍ଦିରାଆବାସ ଅର୍ଥ ହଡ଼ପ

ମହାକାଳପଡ଼ା,୧୦।୬ (ଡି.ଏନ୍.ଏ.)

■ ପଲିଥିନ ତଳେ ବିତୁଛି ବୃଦ୍ଧ ଦମ୍ପତିଙ୍କ ଜୀବନ

■ ଥରେ ମିଳିଥିବାରୁ ଆଉ ମିଳୁନି



ଇନ୍ଦିରା ଆବାସ ଅର୍ଥ ହଡ଼ପର ଶିକାର ବୃଦ୍ଧ ଦମ୍ପତି ପଲିଥିନ ତଳେ ରହୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକରେ ୧୯୯୯ ମହାବାତ୍ୟା ବହୁ ଧନଜୀବନ ନଷ୍ଟ କରିଥିଲା। ଗରିବ ଲୋକଙ୍କ ପାଇଁ ସରକାର ଦେଇଥିବା ଇନ୍ଦିରା ଆବାସ ଯୋଜନା ଅଟକଳ ମୂଲ୍ୟ ସେତେବେଳେ ୨୨ ହଜାର ଟଙ୍କା ଥିଲା। ଶତାଧିକ ଲୋକଙ୍କୁ ମିଳିଥିବା ଆବାସ ଅର୍ଥକୁ ସେତେବେଳେ ଜନପ୍ରତିନିଧି ଓ ସରକାରୀ କର୍ମଚାରୀ ହଡ଼ପ କରିଥିବା ଅଭିଯୋଗ କରିଛନ୍ତି ବୃଦ୍ଧ ଦମ୍ପତି। ପଞ୍ଚାୟତ ତାଲିକାରେ ନାଁ ନ ଥିବାରୁ ବୃଦ୍ଧ ଦମ୍ପତି ପଲିଥିନ୍ ତଳେ ରହି ଜୀବନ ବିତାଉଛନ୍ତି।

ବ୍ଲକ ଅଧୀନ ଦେଉଳପଡ଼ା ପଞ୍ଚାୟତ ନଳପଦା ଗାଁର ଭ୍ରମରବର ବେହେରାଙ୍କ ପରିବାର। ବୃଦ୍ଧ ଦମ୍ପତିଙ୍କ କହିବା କଥା, ମହାବାତ୍ୟା ପରେ ୨୦୦୧ରେ ଇନ୍ଦିରା ଆବାସ ଯୋଜନାରେ ଘର ଖଣ୍ଡେ ମିଳିଥିଲା। କିନ୍ତୁ ସେତେବେଳେ ଦାୟିତ୍ୱରେ ଥିବା ଜନପ୍ରତିନିଧି, ସରକାରୀ କର୍ମଚାରୀ ଆମକୁ ୭ ହଜାର ଦେଇ ଅବଶିଷ୍ଟ ୧୫ ହଜାର ଟଙ୍କା ଉଠାଇ ନେଇଥିଲେ। ସରକାରୀ ନିୟମ ଅନୁସାରେ, ପୂର୍ବରୁ ଇନ୍ଦିରା ଆବାସ ଯୋଜନାରେ ହିତାଧିକାରୀ ଗୃହ ନିର୍ମାଣରେ ଅର୍ଥ ଉଠାଇଥିଲେ ପରେ ଆବାସ ମିଳିବାରେ କଟକଣା ରହିଛି। ପଞ୍ଚାୟତ ସରପଞ୍ଚ ଦେବଦତ୍ତ ପରିଡ଼ାଙ୍କୁ ଭ୍ରମରବର ଆବାସ ଯୋଜନାରେ ସାମିଲ ପାଇଁ ଅନୁରୋଧ କରିଥିଲେ ମଧ୍ୟ ତାଲିକାରେ ନାଁ ନ ଥିବାରୁ ସାମିଲ ହୋଇପାରିନାହିଁ। ପରେ ଏହି ବୃଦ୍ଧ ଦମ୍ପତିଙ୍କ ପୁତ୍ର ନାମରେ ତାଲିକାରେ ସାମିଲ ପାଇଁ ପ୍ରଶାସନକୁ ଅନୁରୋଧ କରିବେ ବୋଲି ସରପଞ୍ଚ ପରିଡ଼ା କହିଛନ୍ତି। ସେହିଭଳି ବିଭିନ୍ନ ସମୟରେ ଇନ୍ଦିରା ଆବାସ, ବିଜୁ ପକ୍କାଘର, ମୋ କୁଡ଼ିଆ ଯୋଜନାରେ ବାସ୍ତବ ହିତାଧିକାରୀଙ୍କ ନାମରେ ସମ୍ପୂର୍ଣ୍ଣ ଅର୍ଥ ସରକାରୀ ଖାତାରେ ଦିଆଯାଇଥିବା ଦର୍ଶାଯାଇଥିଲେ ହେଁ ବାସ୍ତବରେ ଗୃହ ଭୂମିରୁ ଉଠିନି। ପଞ୍ଚାୟତରେ ଭ୍ରମରବରଙ୍କ ଭଳି ଶହେରୁ ଅଧିକ ହିତାଧିକାରୀଙ୍କ ଅର୍ଥ ହଡ଼ପ ଯୋଗୁ ଗୃହ ନିର୍ମାଣ ହୋଇ ନ ଥିବା ଜଣାପଡ଼ୁଛି। ତୁରନ୍ତ ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରିବା ସହ ପଞ୍ଚାୟତରେ ଆବାସ ଯୋଜନାରେ ହୋଇଥିବା ଅର୍ଥ ହଡ଼ପରେ ସମ୍ପୃକ୍ତ ଥିବା ଦଲାଲ ଓ ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ଏ ସମ୍ପର୍କରେ ସରପଞ୍ଚ ପରିଡ଼ାଙ୍କୁ ପଚାରିବାରେ ପଞ୍ଚାୟତରେ ପୂର୍ବରୁ ଅନେକ ଗରିବ ହିତାଧିକାରୀଙ୍କ ନାମରେ ଗୃହ ଅର୍ଥ ହଡ଼ପ କରାଯାଇଛି। ତାଲିକାରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଛି। ବାସ୍ତବରେ ବହୁ ଗରିବ ଲୋକଙ୍କ ଚାଳଛପର ଘରକୁ ସରଜମିନ ଓ ନିରପେକ୍ଷ ତଦନ୍ତ କରି ଆବାସ ଯୋଜନାରେ ସାମିଲ କରାଯାଉ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗରିବ ଲୋକଙ୍କ ପକ୍କାଘର ନ ଥିବାରୁ ନିକଟ ସ୍କୁଲ, ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଉଛି। ଜିଲା ପ୍ରଶାସନ ପକ୍ଷରୁ ପଞ୍ଚାୟତର ଗରିବ ହିତାଧିକାରୀଙ୍କ ଅଭିଯୋଗ ପୁନଃବିଚାର କରାଯାଉ। ଏହି ସମସ୍ୟା ସମାଧାନ ପାଇଁ ବ୍ଲକ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସରପଞ୍ଚ ପରିଡ଼ା ଅନୁରୋଧ କରିଛନ୍ତି।

## ଓଏନ୍‌ଜିସିର ଅଏଲ, ଗ୍ୟାସ୍ ଫିଲ୍ଡ ନିଲାମ ହେବ

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓଏନ୍‌ଜିସି ଏବଂ ଅଏଲର ପ୍ରମୁଖ ତୈଳ ଏବଂ ବାଷ୍ପ କ୍ଷେତ୍ରଗୁଡ଼ିକୁ ସରକାର ନିଲାମ କରିବେ। ଏହାଦ୍ୱାରା ହାଇଡ୍ରୋକାର୍ବନ ଉତ୍ପାଦନକୁ ପ୍ରୋତ୍ସାହିତ କରାଯିବ ବୋଲି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର କହିଛନ୍ତି।

**ସଂକ୍ଷେପରେ**

### ପାସେଞ୍ଜର ଯାନ ରିଟେଲ ବିକ୍ରି ୫୯% କମିଲା

ନୂଆଦିଲ୍ଲୀ,୧୦।୬: ଚଳିତ ବର୍ଷ ମେ ମାସରେ ପାସେଞ୍ଜର ଯାନର ରିଟେଲ ବିକ୍ରି ୫୯% ହ୍ରାସ ଘଟି ୮୫,୭୩୩ ୟୁନିଟ ରହିଛି। କୋଭିଡ୍-୧୯ ଯୋଗୁ ଏଭଳି ସମସ୍ୟା ଉପୁଜିଥିବା ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏସନ୍ସ(ଏଫ୍‌ଏଡିଏ) ପକ୍ଷରୁ ସୂଚନା ମିଳିଛି। ଏହି ସମୟରେ ୨ଚକିଆ ଯାନ ବିକ୍ରି ୫୩% ନିମ୍ନରେ ରହି ୪.୧୦ ଲକ୍ଷ ରହିଛି। ଅପରପକ୍ଷରେ ବାଣିଜ୍ୟିକ ବର୍ଗରେ ବିକ୍ରି ୬୬% କମି ୧୭,୫୩୪ ୟୁନିଟକୁ ଖସିଛି। ୩ ଚକିଆ ବର୍ଗରେ ବିକ୍ରି ୭୬% ହ୍ରାସ ହାଇ ୫୨୧୫ ୟୁନିଟ ଥିବା ବେଳେ ଟ୍ରାକ୍ଟର ବିକ୍ରି ମଧ ୫୭% କମି ୧୬,୬୧୬ ୟୁନିଟ ରହିଛି। ବିଭିନ୍ନ ବର୍ଗରେ ଯାନ ପଞ୍ଜୀକରଣ ୫୫% ନିମ୍ନରେ ରହି ୫.୩୫ ଲକ୍ଷ ୟୁନିଟ ରହିଛି। ଲକ୍‌ଡାଉନ ଯୋଗୁ ଯାନ ବିକ୍ରି ପ୍ରଭାବିତ ରହିଥିବା ଏଫ୍‌ଏଡିଏ ସଭାପତି ଭିଙ୍କେଶ ଗୁଲାଟି କହିଛନ୍ତି।

### ପୌରାଞ୍ଚଳ ଠିକା, ସାମୟିକ କର୍ମଚାରୀ ପାଇବେ ଇଏସ୍‌ଆଇ ସୁବିଧା

ନୂଆଦିଲ୍ଲୀ,୧୦।୬: ଦେଶର ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ପୌରସଂସ୍ଥାଗୁଡିକରେ କାର୍ଯ୍ୟରତ ଠିକା ଏବଂ ସାମୟିକ କର୍ମଚାରୀଙ୍କୁ କର୍ମଚାରୀ ରାଜ୍ୟ ବୀମା (ଇଏସ୍‌ଆଇ) ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରାଯାଇଛି। କେନ୍ଦ୍ର ଶ୍ରମ ରାଷ୍ଟ୍ର ମନ୍ତ୍ରୀ ସନ୍ତୋଷ କୁମାର ଗଙ୍ଗୱାର ଏ ସମ୍ପର୍କରେ ଘୋଷଣା କରିଛନ୍ତି। ସେ କହିଛନ୍ତି, କର୍ମଚାରୀ ରାଜ୍ୟବୀମା ଆଇନ ୧୯୪୮ ଅନୁସାରେ ଦେଶର ସବୁ ପୌରାଞ୍ଚଳର ଚୁକ୍ତି ଭିତ୍ତିକ ଓ ସାମୟିକ କର୍ମଚାରୀ, ଶ୍ରମିକ ଏହି ସୁବିଧା ପାଇବେ। ସମ୍ପୃକ୍ତ ରାଜ୍ୟ ସରକାରଙ୍କ ସହ ପରାମର୍ଶକ୍ରମେ ଏହି ସୁବିଧା ଏହି ବର୍ଗ କର୍ମଚାରୀଙ୍କୁ ପ୍ରଦାନ କରିବାକୁ ଇଏସ୍‌ଆଇ କର୍ପୋରେଶନକୁ ନିର୍ଦ୍ଦେଶ ଦିଆଯାଇଛି। ଇଏସ୍‌ଆଇ ନିଜର ଅଧିକାରଭୁକ୍ତ ଅଞ୍ଚଳ ବା ରାଜ୍ୟରେ ଏହି ମର୍ମରେ ଆବଶ୍ୟକ ବିଜ୍ଞପ୍ତି ପ୍ରକାଶ କରିବେ। ପୌର ପରିଷଦ ନିଗମ ଓ ପୌରାଞ୍ଚଳ ଚୁକ୍ତି ଭିତ୍ତିକ କର୍ମଚାରୀ, ସାମୟିକ ଶ୍ରମିକଙ୍କ ସହିତ ଏହି ସବୁ ପରିଷଦ ସହ ସମ୍ପୃକ୍ତ ହୋଇ କାର୍ଯ୍ୟ କରୁଥିବା ସଂସ୍ଥା ଓ ପ୍ରତିଷ୍ଠାନର ସମାନ ଧରଣର କର୍ମଚାରୀଙ୍କୁ ମଧ ଇଏସ୍‌ଆଇ ସୁବିଧା ମିଳିବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

# କୋଭିଡ୍ ସାମଗ୍ରୀ ଟିକସ କମିପାରେ

**୧୨ରେ ଜିଏସ୍‌ଟି ପରିଷଦ ବୈଠକ**




ନୂଆଦିଲ୍ଲୀ,୧୦।୬

ଚଳିତ ମାସ ୧୨ତାରିଖରେ ଜିଏସ୍‌ଟି ପରିଷଦ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। କୋଭିଡ୍-୧୯ ସାମଗ୍ରୀ ଏବଂ ବ୍ଲାକ୍ ଫଙ୍ଗସ୍ ମେଡିସିନ ଉପରେ ଟିକସ ହ୍ରାସ ନେଇ ବୈଠକରେ ନିଷ୍ପତ୍ତି ନିଆଯାଇପାରେ ବୋଲି ଆଶା ରହିଥିବା ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ଗୁରୁବାର କହିଛନ୍ତି। ଏହା ପୂର୍ବରୁ ଗତ ମାସ ୨୮ରେ ଜିଏସ୍‌ଟି ପରିଷଦ ବୈଠକ ବସିଥିଲା। ଏଥିରେ ପିପିଇ କିଟ୍, ମାସ୍କ ଏବଂ ଭାକ୍ସିନ ଭଳି କୋଭିଡ୍ ସହ ଜଡ଼ିତ ସାମଗ୍ରୀ ଉପରେ ଟିକସ ହାର ନିର୍ଦ୍ଧାରଣ କରିବା ଲାଗି ମନ୍ତ୍ରୀ ଗୋଷ୍ଠୀ (ଜିଓଏମ୍) ଗଠନ ନେଇ ନିଷ୍ପତ୍ତି ହୋଇଥିଲା। ୨୯ ମେ'ରେ ଏ ନେଇ ୯ ଜଣିଆ ମନ୍ତ୍ରୀ ଗୋଷ୍ଠୀ ଗଠନ କରାଯାଇଥିଲା। ମେଘାଳୟ ମୁଖ୍ୟମନ୍ତ୍ରୀ କେ.ସାଙ୍ଗମାଙ୍କୁ ଏହି ମନ୍ତ୍ରୀ ଗୋଷ୍ଠୀର କନ୍‌ଭେନର ଭାବେ ନିଯୁକ୍ତ କରାଯାଇଥିଲା। ୭ ଜୁନ୍‌ରେ ରିପୋର୍ଟ ଦେବାକୁ ସମୟ ଦିଆଯାଇଥିଲା।

ଅଧିକାରୀ ଜଣକ କହିଛନ୍ତି, ହେବାକୁ ଥିବା ବୈଠକରେ ମନ୍ତ୍ରୀ ଗୋଷ୍ଠୀ ଦେଇଥିବା ପ୍ରସ୍ତାବ ଉପରେ ଟିକସ ହ୍ରାସ ସମ୍ପର୍କରେ ନିଷ୍ପତ୍ତି ହେବ। ମନ୍ତ୍ରୀ ଗୋଷ୍ଠୀରେ ଥିବା ବିଭିନ୍ନ ରାଜ୍ୟର ଅର୍ଥମନ୍ତ୍ରୀମାନେ କୋଭିଡ୍ ସାମଗ୍ରୀ ଉପରୁ ଟିକସ ହ୍ରାସ ନେଇ ଦାବି ଉଠାଇଛନ୍ତି। ଜିଓଏମ୍‌ର ସଦସ୍ୟ ତଥା ଉତ୍ତର ପ୍ରଦେଶର ଅର୍ଥମନ୍ତ୍ରୀ ସୁରେଶ କୁମାର ଖାନ୍ନା ବୁଧବାର କହିଛନ୍ତି, ବର୍ତ୍ତମାନ ସମୟରେ କୋଭିଡ୍ ଯୋଗୁ ଲୋକମାନେ ସମସ୍ୟା ସାମ୍ନା କରୁଛନ୍ତି। ଟିକସ ହ୍ରାସ ହେବାର ଆବଶ୍ୟକତା ରହିଛି। ମାତ୍ର ଚୂଡ଼ାନ୍ତ ନିଷ୍ପତ୍ତି ଜିଏସ୍‌ଟି ପରିଷଦ ଗ୍ରହଣ କରିବ।

ଟିକସ ହ୍ରାସ ସମ୍ଭାବନା ଥିବା ସାମଗ୍ରୀ ମଧ୍ୟରେ ମେଡିକାଲ ଗ୍ରେଡ୍ ଅକ୍ସିଜେନ, ପଲ୍ସ ଅକ୍ସିମିଟର, ହ୍ୟାଣ୍ଡ ସାନିଟାଇଜର, ଅକ୍ସିଜେନ ଥେରାପିରେ ବ୍ୟବହାର ହେଉଥିବା ଉପକରଣ ଯଥା କନ୍‌ସେନ୍‌ଟ୍ରେଟର, ଭେଣ୍ଟିଲେଟର, ପିପିଇ କିଟ୍, ଏନ୍-୯୫ ଏବଂ ସର୍ଜିକାଲ ମାସ୍କ ଏବଂ ତାପମାତ୍ରା ମାପିବା ଲାଗି ଉପକରଣ ସାମିଲ ରହିଛି। ଏହାବାଦ କୋଭିଡ୍ ଭାକ୍ସିନ, କୋଭିଡ୍ ଚିକିତ୍ସା ଲାଗି ବ୍ୟବହାର ହେଉଥିବା ଡ୍ରଗ୍, ମେଡିସିନ ଏବଂ କୋଭିଡ୍ ଯାଞ୍ଚ କ୍ଷେତ୍ରରେ ବ୍ୟବହାର ହେଉଥିବା ଟେଷ୍ଟିଂ କିଟ୍ ଉପରେ ଟିକସ ହାର ନେଇ ମଧ ଜିଓଏମ୍‌କୁ ରିପୋର୍ଟ ଦେବାକୁ କୁହାଯାଇଥିଲା। ବର୍ତ୍ତମାନ ଦେଶ ମଧ୍ୟରେ ପ୍ରସ୍ତୁତ ହେଉଥିବା କୋଭିଡ୍ ଭାକ୍ସିନ ଉପରେ ୫% ଜିଏସ୍‌ଟି ଲାଗୁଛି। ସେହିଭଳି କୋଭିଡ୍ ମେଡିସିନ ଏବଂ ଅକ୍ସିଜେନ କନ୍‌ସେନଟ୍ରେଟର ଉପରେ ୧୨% ଜିଏସ୍‌ଟି ଦେବାକୁ ପଡୁଛି। ବିରୋଧୀ ଦଳ ଏବଂ ସାମାଜିକ ସଙ୍ଗଠନଗୁଡିକ ମଧ କୋଭିଡ୍ ଟିକସ କମାଇବା ଲାଗି ଦାବି କରୁଛନ୍ତି।

# ଏଟିଏମ୍ ଇଣ୍ଟରଚେଞ୍ଜ ଦେୟ ବଢ଼ାଇଲା ଆର୍‌ବିଆଇ

ନୂଆଦିଲ୍ଲୀ,୧୦।୬

**ପ୍ରତି ନେଣଦେଣ ପିଛା ଦେବାକୁ ପଡ଼ିବ ୧୭ ଟଙ୍କା**



ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଏଟିଏମ୍ ଇଣ୍ଟରଚେଞ୍ଜ ଦେୟରେ ବୃଦ୍ଧି ନିଷ୍ପତ୍ତି ନେଇଛି। ଏଣିକି ଫାଇନାନ୍ସିଆଲ ନେଣଦେଣ ପିଛା ଫି ଭାବେ ୧୭ ଟଙ୍କା ଦେବାକୁ ପଡ଼ିବ। ଏହା ପୂର୍ବରୁ ୧୫ ଟଙ୍କା ରହିଥିଲା। ସେହିଭଳି ଅଣ ଫାଇନାନ୍ସିଆଲ ନେଣଦେଣ ୬ ଟଙ୍କାକୁ ବଢ଼ିଛି। ପ୍ରାୟ ୯ ବର୍ଷ ପରେ ଆର୍‌ବିଆଇ ଏଭଳି ଦେୟରେ ବୃଦ୍ଧି କରିଥିବା ଜଣାପଡିଛି। ଅଗଷ୍ଟ ପହିଲାରୁ ନୂଆ ନିୟମ କାର୍ଯ୍ୟକାରୀ ହେବ। ବ୍ୟାଙ୍କଗୁଡିକ ଏବଂ ହ୍ୱାଇଟ ଲେବଲ ଏଟିଏମ୍ ପରିଚାଳକଙ୍କ ପକ୍ଷରୁ ଏଟିଏମ୍ ସ୍ଥାପନ ଏବଂ ପରିଚାଳନା ଖର୍ଚ୍ଚ ବଢୁଥିବା ପ୍ରସଙ୍ଗକୁ ବିଚାର କରି ଆର୍‌ବିଆଇ ଏଭଳି ନିଷ୍ପତ୍ତି ଗ୍ରହଣ କରିଛି। କାର୍ଡ ଇସ୍ୟୁ କରିଥିବା ବ୍ୟାଙ୍କ ପରିବର୍ତ୍ତେ ଗ୍ରାହକ ଅନ୍ୟ ବ୍ୟାଙ୍କର ଏଟିଏମ୍‌ରେ ଟ୍ରାଞ୍ଜାକଶନ କଲେ କାର୍ଡ ଇସ୍ୟୁ କରିଥିବା ବ୍ୟାଙ୍କ ଏଟିଏମ୍ ଅପରେଟରଙ୍କୁ ଇଣ୍ଟରଚେଞ୍ଜ ଫି ଦେବାକୁ ପଡ଼ିଥାଏ। ଇଣ୍ଟରଚେଞ୍ଜ ଫି ବଢ଼ାଇବା ଲାଗି ଏଟିଏମ୍ ଅପରେଟରମାନେ ଦାବି କରିଆସୁଥିଲେ। ଏ ପ୍ରସଙ୍ଗରେ ୨୦୧୯ରେ ଆର୍‌ବିଆଇ ଏ ନେଇ ଏକ କମିଟି ଗଠନ କରିଥିଲା।

# ଓଏସ୍‌ଏଚ୍‌ସି ପକ୍ଷରୁ ବ୍ୟାପକ ଗୃହ ନିର୍ମାଣ ପ୍ରକଳ୍ପ

ଭୁବନେଶ୍ୱର,୧୦।୬

ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡ କର୍ପୋରେଶନ (ଓଏସ୍‌ଏଚ୍‌ସି)ର ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଗରିବ ଲୋକଙ୍କ ପାଇଁ ହାଉସିଂ ବୋର୍ଡର ବ୍ୟାପକ ଗୃହ ନିର୍ମାଣ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ମଳିପଡ଼ା ମୌଜାର ଜଗନ୍ନାଥପ୍ରସାଦ ଓ ମଦନପୁର ଅଞ୍ଚଳର ପ୍ରାୟ ୬୦ ଏକର ଜମି ଉପରେ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍) ଏବଂ ନିମ୍ନ ଆୟକାରୀ ବର୍ଗ (ଏଲ୍‌ଆଇଜି) ଓ ମଧ୍ୟମ ଆୟକାରୀ ବର୍ଗ (ଏମ୍‌ଆଇଜି) ଶ୍ରେଣୀଙ୍କୁ ସୁଲଭ ମୂଲ୍ୟରେ ଗୃହ ନିର୍ମାଣକରି ଯୋଗାଇଦେବାକୁ କର୍ପୋରେଶନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାକୁ ପର୍ଯ୍ୟାୟକ୍ରମେ ନିର୍ମାଣ କରି ଆଗାମୀ ବର୍ଷେ ମଧ୍ୟରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଯୋଗାଇ ଦିଆଯିବ। ଏହାଛଡ଼ା ଭୁବନେଶ୍ୱର ଏମ୍ସ ନିକଟବର୍ତ୍ତୀ ସୁଆଙ୍ଗ ମୌଜା, ପାତ୍ରପଡ଼ା ଏବଂ ରଣସିଂହପୁର ମୌଜାର ପ୍ରାୟ ୪୦ ଏକର ଜମିରେ ସଂସ୍ଥା ସୁଲଭ ମୂଲ୍ୟରେ ଫ୍ଲାଟ୍ ନିର୍ମାଣ କରି ଉପରୋକ୍ତ ବର୍ଗର ଲୋକଙ୍କୁ ଯୋଗାଇଦେବ ବୋଲି ନିଷ୍ପତ୍ତି ହୋଇଛି। ସେହିଭଳି ରାଉରକେଲାର ବାସନ୍ତୀ କଲୋନି , ବ୍ରହ୍ମପୁରର ଛତ୍ରପୁର ମୌଜାରେ ବହୁତଳ ବିଶିଷ୍ଟ ଅଟ୍ଟାଳିକା ନିର୍ମାଣ ପ୍ରକଳ୍ପ ଉପରେ ମଧ ନିଷ୍ପତ୍ତି ହୋଇଛି। ଏହିସବୁ ପ୍ରକଳ୍ପ ରାଜ୍ୟ ସରକାରଙ୍କ ବିଭିନ୍ନ ଗୃହ ନିର୍ମାଣ ନିୟମ ଅନୁଯାୟୀ ନିର୍ମାଣ କରିବା ପାଇଁ ବିଭାଗୀୟ ସଚିବ ଯନ୍ତ୍ରୀ ଓ ସ୍କିମ୍ ଅଫିସରମାନଙ୍କୁ କହିଥିଲେ। ସେହିପରି ସ୍ୱଳ୍ପ ସମୟ ଏବଂ ଆନୁମାନିକ ପ୍ରକଳ୍ପ ଆକଳନ ମୂଲ୍ୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସାରିବା ସହ ପ୍ରକଳ୍ପଗୁଡିକୁ ଇପିସି ଏବଂ ଜେଭିପି ମାଧ୍ୟମରେ କାର୍ଯ୍ୟକାରୀ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଗୃହନିର୍ମାଣ ବୋର୍ଡର ଅଧ୍ୟକ୍ଷ ଏହି ସବୁ ପ୍ରସ୍ତାବିତ ପ୍ରକଳ୍ପକୁ ଆଗାମୀ ୨ମାସ ମଧ୍ୟରେ ଚୂଡ଼ାନ୍ତ ରୂପରେଖ ଦେଇ କାର୍ଯ୍ୟ ଆରମ୍ଭ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମଥର ପାଇଁ ସେକ୍ରେଟାରୀଙ୍କ ଉଦ୍ୟମକ୍ରମେ ଜୁମ୍ ପ୍ଲାଟ୍‌ଫର୍ମରେ ଏହି ବୈଠକ ହୋଇଥିଲା। ଏହି ଅବସରରେ ସଂସ୍ଥାର ରାଉରକେଲା,କଟକ,ପୁରୀ ଏବଂ ଭୁବନେଶ୍ୱରର ମୁଖ୍ୟ କାର୍ଯ୍ୟାଳୟ ଆଦିରୁ ୩୦ ଜଣ ବରିଷ୍ଠ ଅଧିକାରୀଙ୍କ ସହ ସଂସ୍ଥାର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇଥିଲେ।

### ସୋନିର ନୂଆ କାର୍ ଅଡିଓ ମୋବାଇଲ ଇଏସ୍ ସିରିଜ୍

ଭୁବନେଶ୍ୱର,୧୦।୬

ସୋନି ଇଣ୍ଡିଆ କାର୍ ନିମନ୍ତେ ନୂତନ ମୋବାଇଲ ଇଏସ୍ ଲାଇନ୍-ଅପ୍‌କୁ ଉପସ୍ଥାପନ କରିଛି। ଏକ୍ସଏସ୍୧୬୨ଇଏସ୍, ଏକ୍ସଏସ୍-୧୬୦ଇଏସ୍, ଏକ୍ସଏସ୍-୬୯୦ଇଏସ୍ ଏବଂ ଏକ୍ସଏସ୍-ଡବ୍ଲ୍ୟୁ୧୦୪ଇଏସ୍ ସହ ମୋବାଇଲ ଇଏସ୍ ଲାଇନ୍-ଅପ୍‌କାର୍‌ସ୍ପିକରଓସବଉଫରଗୁଡ଼ିକୁ ଉପସ୍ଥାପନ କରିଛି। ମାଇକା ରେନଫୋର୍ସଡ ସେଲୁଲାର(ଏମ୍‌ସିଆର୍) ହେଉଛି ସୋନିର ଅସଲି ସ୍ପିକର ଡାୟାଫ୍ରାଗ୍ରାମ ସାମଗ୍ରୀ, ହାଲୁକା ଡିଜାଇନ ସହିତ ଅତ୍ୟନ୍ତ କଠିନତା ଏବଂ ଉମଇରନାଲ ପାଇଁ ପ୍ରସ୍ତୁତ କରାଯାଏ। ଉଫର ସରାଉଣ୍ଡ ସୋନି ଟେକ୍ନୋଲୋଜିର ଅନ୍ୟ ଏକ ମାଲିକାନାକୁ ଦର୍ଶାଏ। ଏହି ମଡେଲଗୁଡ଼ିକର ବଜାର ଦର ୧୬,୯୯୦ଟଙ୍କାରୁ ୨୪,୯୯୦ ଟଙ୍କା ରହିଛି।

### ବଜାରରେ 'ପ୍ରତିଚୀ' ବ୍ରାଣ୍ଡ କ୍ଷୀର



ଭୁବନେଶ୍ୱର,୧୦।୬

ଘରୋଇ ଦୁଗ୍ଧ କମ୍ପାନୀ ପ୍ରତିଚୀ ଡେରୀ ପ୍ରଡକ୍ଟସ ପ୍ରା.ଲି. ପକ୍ଷରୁ କ୍ଷୀର ସମେତ ବିଭିନ୍ନ ଦୁଗ୍ଧଜାତୀୟ ପ୍ରଡକ୍ଟର ବଜାର ପ୍ରବେଶ କରାଯାଇଛି। ଗତ ବୁଧବାର କମ୍ପାନୀର ନିମାପଡ଼ା ସ୍ଥିତ କାରଖାନାରୁ ଏହି ନୂତନ ବ୍ରାଣ୍ଡ 'ପ୍ରତିଚୀ'ର ଶୁଭାରମ୍ଭ ହୋଇଛି। ଏସ୍‌ବିଆଇର ଡିଜିଏମ୍ ଆନନ୍ଦ ବିକ୍ରମଙ୍କ ଭର୍ଚୁଆଲ ଉପସ୍ଥିତିରେ କମ୍ପାନୀର ନିର୍ଦ୍ଦେଶକ ହରେକୃଷ୍ଣ ଦାସ ଓ ଗୀତାଞ୍ଜଳୀ ଦାସ ଆନୁଷ୍ଠାନିକ ଭାବେ ଫିତା କାଟି ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏସ୍‌ବିଆଇର ଏଜିଏମ୍ ହରିହର ପଟ୍ଟନାୟକ ଓ ଏସ୍‌ଏମ୍‌ଇ ଶାଖା ପ୍ରବନ୍ଧକ ପଞ୍ଚାନନ ଦାସ ପ୍ରମୁଖ ଭର୍ଚୁଆଲ ଜରିଆରେ ଯୋଗ ଦେଇଥିଲେ। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଚିନ୍ମୟ ରଞ୍ଜନ ଦାସ ଉତ୍ପାଦର ଗୁଣବତ୍ତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେହିଭଳି ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ପ୍ରଧାନ ପ୍ରତିଚୀ ବ୍ରାଣ୍ଡ ଆଗାମୀ ଦିନରେ ରାଜ୍ୟବାସୀଙ୍କୁ ଉନ୍ନତ ମାନର କ୍ଷୀର, ଦହି, ମିଠାଦହି, ପନିର, ଖୁଆ, ରାବିଡ଼ି, ଘିଅ, ପେଡ଼ା, ଘୋଳଦହି, ଲସି ଇତ୍ୟାଦି ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କମ୍ପାନୀ ପକ୍ଷରୁ ପୁରୀ ଓ ନିକଟତର ଜିଲାର ଦୁଗ୍ଧଚାଷୀମାନେ ଉଚିତ ମୂଲ୍ୟରେ ନିଜ ଉତ୍ପାଦକୁ ନଗଦ ମୂଲ୍ୟରେ ବିକ୍ରି କରିପାରିବେ ବୋଲି କମ୍ପାନୀର ସିଏ ମିହିର ରଞ୍ଜନ ସାହୁ କହିଥିଲେ। ପରିଶେଷରେ କମ୍ପାନୀର ଉପଦେଷ୍ଟା ପ୍ରିୟଦର୍ଶିନୀ ଖୁଲାର ଓ ଦୀପକ ଦାସ ଧନ୍ୟବାଦ ଦେଇଥିଲେ।

**ଖେଳ ଖବର..**

# ଟିମ୍ ଇଣ୍ଡିଆର ପ୍ରଥମ ଗ୍ରୁପ୍ ଟ୍ରେନିଂ

ସାଉଥାମ୍ପଟନ,୧୦।୬(ପି.ଟି.)

ଇଂଲଣ୍ଡରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପ୍ରଥମ ଗ୍ରୁପ ଟ୍ରେନିଂ ସେସନରେ ଅଭ୍ୟାସ କରିଛି। ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବାର ଠିକ୍ ୮ ଦିନ ପୂର୍ବରୁ ଭାରତକୁ ଗୁରୁବାର ପ୍ରଥମଥର ପାଇଁ ଦଳଗତ ଅଭ୍ୟାସର ସୁଯୋଗ ମିଳିଛି। ସୀମିତ ଅଭ୍ୟାସ କରିବାର ୫ ଦିନ ପରେ ଭାରତୀୟ ଖେଳାଳିମାନେ ମିଳିତ ଭାବେ ଅଭ୍ୟାସ କରିଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ସାଉଥାମ୍ପଟନର

**ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍**

ରୋଜ ବାଉଲ ଗ୍ରାଉଣ୍ଡରେ ଆସନ୍ତା ୧୮ରୁ ୨୨ ତାରିଖ ମଧ୍ୟରେ ଆୟୋଜନ ହେବ। ଏବେ ଭାରତ ତା'ର ପ୍ରସ୍ତୁତି ଆହୁରି ଜୋରଦାର କରିବା ଲକ୍ଷ୍ୟରେ ରହିଛି।

ୟୁନାଇଟେଡ କିଙ୍ଗଡମ୍‌ରେ ୩ ଦିନିଆ ହାର୍ଡ କ୍ୱାରାଣ୍ଟାଇନ୍ ଶେଷ କରିବା ପରେ ଭାରତୀୟ ଖେଳାଳିମାନେ ପ୍ରଥମେ ବିଭିନ୍ନ ସମୟରେ ଜିମ୍‌ରେ ବ୍ୟାୟାମ କରିଥିଲେ। ସେହିପରି ଖେଳ ପଡ଼ିଆରେ ଅନୁମତି ଅନୁଯାୟୀ ବିଭିନ୍ନ ସମୟରେ ଖେଳାଳିମାନେ ଅଭ୍ୟାସ କରିଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଟୁଇଟର ମାଧ୍ୟମରେ ଏକ ଛୋଟ ଭିଡିଓ ପୋଷ୍ଟ କରି ଏ ସଂକ୍ରାନ୍ତରେ ସୂଚନା ଦେଇଛି। ଆମେ ପ୍ରଥମ ଗ୍ରୁପ୍ ଟ୍ରେନିଂରେ ଜୋରଦାର ଅଭ୍ୟାସ କରିଛୁ ବୋଲି ବୋର୍ଡ ଉଲ୍ଲେଖ କରିଛି।

ଏହି ଫୁଲ୍ ନେଟ୍ ସେସନରେ ଅଧିନାୟକ ବିରାଟ କୋହଲି, ରୋହିତ ଶର୍ମା, ଚେତେଶ୍ୱର ପୂଜାରା, ରିଷଭ ପନ୍ତ ବହୁ ସମୟ ବ୍ୟାଟିଂ ଅଭ୍ୟାସ କରିଥିଲେ। ପନ୍ତ ଛକା ମାରିବାର ଅଭ୍ୟାସ କରିଥିଲେ। ସେହିପରି କୋହଲି ଓ ରୋହିତ କଭର ଡ୍ରାଇଭର ଅଭ୍ୟାସ କରିଥିଲେ। ବୋଲରମାନେ ମଧ ନେଟ୍ସରେ ଜୋରଦାର ଅଭ୍ୟାସ କରିଥିଲେ। ଅଭିଜ୍ଞ ଦ୍ରୁତ ବୋଲର ଇଶାନ୍ତ ଶର୍ମା, ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ ଓ ରବିଚନ୍ଦ୍ରନ ଅଶ୍ୱିନ ବୋଲିଂ ଅଭ୍ୟାସ କରିଥିଲେ। ଏହାପରେ ଫିଲ୍ଡିଂ କୋଚ୍ ଆର. ଶ୍ରୀଧରନଙ୍କ ତତ୍ତ୍ୱାବଧାନରେ ଖେଳାଳିମାନେ ଜୋରଦାର ଫିଲ୍ଡିଂ ଅଭ୍ୟାସ କରିଥିଲେ। ବିଶେଷକରି ଖେଳାଳିମାନେ ସ୍ଲିପ୍ କର୍ଡନରେ କ୍ୟାଚ ଧରିବା ଉପରେ ମନୋନିବେଶ କରିଥିଲେ। ପୂର୍ବରୁ ଖେଳାଳିମାନେ ସେମାନଙ୍କର ବ୍ୟକ୍ତିଗତ ଟ୍ରେନିଂ ଆରମ୍ଭ କରିଥିଲେ। ନିଜ ନିଜ ରୁମ୍‌ରେ ବ୍ୟାୟାମ କରିବାକୁ ଖେଳାଳିମାନଙ୍କୁ ବିଭିନ୍ନ ମୌଳିକ ସରଞ୍ଜାମ ଉପଲବ୍ଧ କରାଯାଇଥିଲା। ଗ୍ରୁପ୍ ଟ୍ରେନିଂରେ ମୋଟ ଉପରେ ୧୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। ବୋଲିଂ ଅଭ୍ୟାସ ବେଳେ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ଓ ବୋଲିଂ କୋଚ୍ ଭରତ ଅରୁଣ ଉପସ୍ଥିତ ଥିଲେ। ବୁମ୍‌ରା ଓ ସାମି ୟର୍କର ପକାଇବାକୁ ପ୍ରୟାସ କରିଥିଲେ। ସିରାଜ ଓ ଇଶାନ୍ତ ନିୟନ୍ତ୍ରଣରେ ବୋଲିଂ କରିଥିଲେ। ପୂଜାରା ଡିଫେନ୍ସ ଓ ଲେଗ୍ ସାଇଡ୍‌ରେ ଶଟ୍ ଖେଳିବାକୁ ଚେଷ୍ଟା କରିଥିଲେ। ଶୁବମନ ଗିଲ ଓ ଜାଡେଜା ବ୍ୟାଟିଂ ଅଭ୍ୟାସ କରିଥିଲେ। କୋହଲି ମଧ ଅଭ୍ୟାସ ବେଳର ଫଟୋ ଟୁଇଟରରେ ଶେୟାର କରିଛନ୍ତି।

ଭାରତ ଗତ ୩ ତାରିଖରେ ଇଂଲଣ୍ଡରେ ପହଞ୍ଚିଥିଲା। ୩ ଦିନର କ୍ୱାରାଣ୍ଟାଇନ୍ ପରେ ଭାରତୀୟ ଖେଳାଳିମାନେ ୬ ତାରିଖରୁ ଟ୍ରେନିଂ କରିଥିଲେ। ତେବେ ଖେଳାଳିଙ୍କୁ ଏକା ଅଭ୍ୟାସ କରିବାକୁ ଅନୁମତି ମିଳିଥିଲା। ଅନ୍ୟପଟେ ନ୍ୟୁଜିଲାଣ୍ଡ ଦଳ ମେ' ୧୭ ତାରିଖରେ ଇଂଲଣ୍ଡରେ ପହଞ୍ଚିଥିଲା। ୧୨ ଦିନର ଟ୍ରେନିଂ ପରେ ଦଳ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଟେଷ୍ଟ ଖେଳିଛି। ଗୁରୁବାରଠାରୁ ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହୋଇଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପରେ ଭାରତ ଇଂଲଣ୍ଡ ବିପକ୍ଷରେ ଅଗଷ୍ଟ ୪ରୁ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି।



ବିରାଟ କୋହଲି, ଶୁବମନ ଗିଲ ଓ ଚେତେଶ୍ୱର ପୂଜାରା।

### ଚ୍ୟାଲେଞ୍ଜ ସୃଷ୍ଟି କରିବ ନ୍ୟୁଜିଲାଣ୍ଡ ପେସ୍ ଆଟାକ୍

ନୂଆଦିଲ୍ଲୀ, ୧୦।୬ (ପି.ଟି.)

ଇଂଲଣ୍ଡରେ ଖେଳାଯିବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ନ୍ୟୁଜିଲାଣ୍ଡର ପେସ୍ ଆଟାକ୍ ଏବଂ ସେଠାକାର କଣ୍ଡିଶନ ଭାରତ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ। ଏକ ଘରୋଇ ଟିଭି ଚ୍ୟାନେଲକୁ ସାକ୍ଷାତ୍କାର ଅବସରରେ ଭାରତର ପୂର୍ବତନ ପେସ୍ ବୋଲର ଅଜିତ ଅଗରକର ଏହା ପ୍ରକାଶ କରିଛନ୍ତି। ଏହି ବହୁ ପ୍ରତୀକ୍ଷିତ ମ୍ୟାଚ ଜୁନ୍ ୧୮ରୁ ୨୨ ପର୍ଯ୍ୟନ୍ତ ସାଉଥାମ୍ପଟନରେ ହେବ। ନ୍ୟୁଜିଲାଣ୍ଡ ପେସ୍ ବାହିନୀରେ ଭେରାଇଟି ବୋଲର ରହିଛନ୍ତି। କାଇଲ ଜେମିସନଙ୍କ ଭଳି ଡେଙ୍ଗା ବୋଲର ଭିନ୍ନ ଚ୍ୟାଲେଞ୍ଜ ସୃଷ୍ଟି କରିବେ। ନ୍ୟୁଜିଲାଣ୍ଡ ଦଳରେ ନିଲ୍ ୱାଗନରଙ୍କ ବ୍ୟତୀତ ଦୁଇ ପୁରୁଖା ବୋଲର ଟ୍ରେଣ୍ଟ ବୋଲ୍ଟ ଓ ଟିମ୍ ସୌଦି ରହିଛନ୍ତି। ୱାଗନର ଆକସ୍ମିକ ତାଙ୍କ ବୋଲିଂର ସ୍ପିଡ୍ ବଦଳାଇପାରନ୍ତି। ଏଜାସ୍ ବାଓଲର କଣ୍ଡିଶନ ନ୍ୟୁଜିଲାଣ୍ଡର ଜଳବାୟୁ ସହ ଅନେକ ମେଳ ରହିଛି। ମ୍ୟାଚ୍ ଡ୍ୟୁକ୍ ବଲ୍‌ରେ ଖେଳାଯିବାକୁ ଥିବାରୁ ବଲ୍ ଭଲ ସୁଇଂ କରିବ। ଏଥିରୁ ନ୍ୟୁଜିଲାଣ୍ଡ ବୋଲରମାନେ ଫାଇଦା ଉଠାଇବାକୁ ଚେଷ୍ଟା କରିବେ। ପୁନଶ୍ଚ ଅଷ୍ଟ୍ରେଲିଆ ଟୁର୍ ପରଠାରୁ ଭାରତ ନିକଟ ଅତୀତରେ ବିଦେଶ ମାଟିରେ କୌଣସି ଟେଷ୍ଟ କ୍ରିକେଟ ଖେଳିନାହିଁ। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ କଣ୍ଡିଶନ ମଧ୍ୟରେ ଅନେକ ପ୍ରଭେଦ ରହିଛି। ତେଣୁ ଭାରତ ଫାଇନାଲ ମ୍ୟାଚ ପାଇଁ କିଭଳି ନିଜକୁ ପ୍ରସ୍ତୁତ କରିଛି ତାହା ଗୁରୁତ୍ୱପୂର୍ଣ୍ଣ। ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ଭାରତ ପ୍ରଥମେ ପଛୁଆ ଥାଇ ପରେ ପ୍ରତ୍ୟାବର୍ତ୍ତନ ସହ ବିଜୟ ଲାଭ କରିଥିଲା।


ଅଜିତ ଅଗରକର

### 'ଦି ହଣ୍ଡ୍ରେଡ୍'ରେ ୫ ଭାରତୀୟ ମହିଳା ଖେଳିବେ

ଲଣ୍ଡନ, ୧୦।୬(ପି.ଟି.)

ୟୁନାଇଟେଡ କିଙ୍ଗଡମ୍‌ରେ ଚଳିତ ମାସ ୨୧ରୁ ଆରମ୍ଭ ହେବାକୁ ଯାଉଥିବା 'ଦି ହଣ୍ଡ୍ରେଡ' କ୍ରିକେଟ ଟୁର୍ନାମେଣ୍ଟରେ ଭାରତର ୫ ମହିଳା ଖେଳାଳି ଅଂଶଗ୍ରହଣ କରିବେ। ଭାରତୀୟ ଟି୨୦ ଅଧିନାୟିକା ହରମନପ୍ରୀତ କୌର ମାଞ୍ଚେଷ୍ଟର ଅରିଜିନାଲ୍ସ ଏବଂ ଶେଫାଳି ବର୍ମା ବର୍ମିଂହାମ ଫୋଏନିକ୍ସରୁ ପ୍ରତିନିଧିତ୍ୱ କରିବେ। ଅନ୍ୟ ଭାରତୀୟଙ୍କ ମଧ୍ୟରେ ଓପନର ସ୍ମୃତି ମନ୍ଧାନା, ଅଲରାଉଣ୍ଡର ଦୀପ୍ତି ଶର୍ମା ଏବଂ ବ୍ୟାଟ୍ସଓମ୍ୟାନ ଜେମିମା ରୋଡ୍ରିଗ୍ସେଜ ଏହି ୧୦୦ ବଲ୍ ଟୁର୍ନାମେଣ୍ଟରେ ଖେଳିବେ। ପ୍ରତିଯୋଗିତାରେ ୮ ମହିଳା ଓ ପୁରୁଷ ଦଳ ଭାଗନେବେ। ଟି୨୦ ର୍‍ୟାଙ୍କିଙ୍ଗର ନମ୍ବରୱାନ ସ୍ଥାନରେ ଥିବା ୧୭ ବର୍ଷୀୟା ଶେଫାଳି ନ୍ୟୁଜିଲାଣ୍ଡର ସୋଫି ଡିଭାଇନ୍‌ଙ୍କ ସ୍ଥାନରେ ବର୍ମିଂହାମ ଫୋଏନିକ୍ସରୁ ଖେଳିବେ। ଦୀପ୍ତି ଲଣ୍ଡନ ସ୍ପିରିଟ, ଭାରତୀୟ ଟି୨୦ ଉପ-ଅଧିନାୟିକା ସ୍ମୃତି ସର୍ଦ୍ଦର୍ନ ବ୍ରେଭ୍ ଏବଂ ରୋଡ୍ରିଗ୍ସେଜ ନର୍ଦ୍ଦର୍ନ ସୁପରଚାର୍ଜର୍ସ ପକ୍ଷରୁ ପ୍ରତିନିଧିତ୍ୱ କରିବେ।




ବିସ୍ଫୋରକ ବ୍ୟାଟିଂ ପାଇଁ ବିଶେଷ ପରିଚିତ ହରମନପ୍ରୀତ ମାଞ୍ଚେଷ୍ଟର ଦଳ ପକ୍ଷରୁ ଉଦ୍‌ଘାଟନୀ ମ୍ୟାଚ ଖେଳିବେ। ଦି ହଣ୍ଡ୍ରେଡ ଟୁର୍ନାମେଣ୍ଟର ସର୍ବପ୍ରଥମ ଗେମ୍ ଖେଳିବାକୁ ଯାଉଥିବାରୁ ସେ ଖୁବ୍ ଉତ୍ସାହିତ ବୋଲି ହରମନପ୍ରୀତ ପ୍ରକାଶ କରିଛନ୍ତି। ପୂର୍ବରୁ ରୋଡ୍ରିଗ୍ସେଜ, ହରମନପ୍ରୀତ, ସ୍ମୃତି ଓ ଦୀପ୍ତି ୨୦୧୯ରେ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡର ଟି୨୦ ଘରୋଇ ଟୁର୍ନାମେଣ୍ଟ କିଆ ସୁପର ଲିଗ୍ (କେଏସ୍‌ଏଲ)ରେ ଖେଳିଥିଲେ। ଏହି ଟୁର୍ନାମେଣ୍ଟ ଏବେ 'ଦି ହଣ୍ଡ୍ରେଡ୍'ରେ ପରିଣତ ହୋଇଛି। କୋଭିଡ୍-୧୯ ମହାମାରୀ ଯୋଗୁ ଦି ହଣ୍ଡ୍ରେଡ ଟୁର୍ନାମେଣ୍ଟ ଗତବର୍ଷ ସ୍ଥଗିତ ରହିଥିଲା। ଚଳିତ ମାସ ୨୧ ତାରିଖରେ ଏହା ଆରମ୍ଭ ହେବ। ମାଞ୍ଚେଷ୍ଟର ଓରିଜିନାଲ୍ସ ଏବଂ ଦି ଓଭାଲ ଇନ୍‌ଭିସିବଲ୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ''ଭାରତର କେତେକ ସୁପରଷ୍ଟାର କ୍ରିକେଟର ସାମିଲ ହେବା ବହୁ ଖୁସିର କଥା। ଏହା ପ୍ରତିଯୋଗିତାକୁ ଅଧିକ ସଂଘର୍ଷପୂର୍ଣ୍ଣ କରିବ'' ବୋଲି ଦି ହଣ୍ଡ୍ରେଡ ପ୍ରତିଯୋଗିତା ମୁଖ୍ୟ ବେଥ୍ ବେରେଟ-ୱିଲ୍ଡ ପ୍ରକାଶ କରିଛନ୍ତି।

### ବ୍ରାଜିଲ ଦଳରେ ନେମାର, ସିଲ୍‌ଭା ସାମିଲ

ସାଓ ପାଉଲୋ,୧୦।୬(ଏପି)

କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହେବାର ଦୁଇଦିନ ପୂର୍ବରୁ ବ୍ରାଜିଲ ଏକ ୨୪ ଜଣିଆ ଦଳ ଘୋଷଣା କରିଛି। ତାରକା ଷ୍ଟ୍ରାଇକର ନେମାର ଓ ଅଭିଜ୍ଞ ଡିଫେଣ୍ଡର ଥିଆଗୋ ସିଲଭାଙ୍କୁ ଏହି ଦଳରେ ସାମିଲ କରାଯାଇଛି।

ହେଡ୍ କୋଚ୍ ଟିଟେ ବୁଧବାର ଏହି

**କୋପା ଆମେରିକା ଫୁଟ୍‌ବଲ**

ଦଳ ଘୋଷଣା କରିଛନ୍ତି। ଏହି ଟୁର୍ନାମେଣ୍ଟ ରବିବାର ଆରମ୍ଭ ହେବାକୁ ଯାଉଛି। କୋଭିଡ୍-୧୯ କାରଣରୁ କଲମ୍ବିଆ ଓ ଆର୍ଜେଣ୍ଟିନା ଏହି ଟୁର୍ନାମେଣ୍ଟ ଆୟୋଜନରୁ ଓହରିଯାଇଥିଲେ। ଏହାପରେ ବ୍ରାଜିଲକୁ ଏହି ଆୟୋଜନ ଅଧିକାର ମିଳିଥିଲା। ଟୋକିଓ ଅଲିମ୍ପିକ୍ସ ଖେଳିବାକୁ ନେମାର ଇଚ୍ଛା ପ୍ରକାଶ କରିଥିଲେ। ତେବେ ଦୁଇଟି ଯାକ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ଅସମ୍ଭବ ମନେ ହେଉଛି। ୨୦୧୬ ରିଓ ଅଲିମ୍ପିକ୍ସରେ ଘରୋଇ ପରିବେଶରେ ନେମାରଙ୍କ ନେତୃତ୍ୱରେ ବ୍ରାଜିଲ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଜୁଲାଇ ୧୦ରେ ଐତିହାସିକ ମାରାକାନା ଷ୍ଟାଡିୟମରେ କୋପା ଆମେରିକା ଫାଇନାଲ ଖେଳାଯିବ। ଟୋକିଓ ଅଲିମ୍ପିକ୍ସର ଉଦ୍‌ଘାଟନୀ ମ୍ୟାଚ୍ ଜୁଲାଇ ୨୨ରେ ୟୋକୋହାମାରେ ଖେଳାଯିବ। ଏଥିରେ ଜର୍ମାନୀ ଓ ବ୍ରାଜିଲ ମୁହାଁମୁହିଁ ହେବେ। ସେହିପରି ଫାଇନାଲ ଅଗଷ୍ଟ ୭ରେ ଖେଳାଯିବ। କୋପା ଆମେରିକାରେ ବ୍ରାଜିଲ ଭେନେଜୁଆଲ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ବିନା ଦର୍ଶକରେ ଏହି ମ୍ୟାଚ୍ ଖେଳାଯିବ। କୋଭିଡ୍-୧୯ ମହାମାରୀ ପ୍ରକୋପ ଜାରି ରହିବା ସତ୍ତ୍ୱେ ବ୍ରାଜିଲ ଏହି ଟୁର୍ନାମେଣ୍ଟ ଆୟୋଜନ କରୁଥିବାରୁ ଖେଳାଳିମାନେ ନିଜ ଦେଶରେ କଡ଼ା ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି।


ଥିଆଗୋ ସିଲଭା ଓ ନେମାର।



# କୁମ୍ଭୀର ନାଁ ଲାଡେନ୍

କାମ୍ପାଲା: ଆଫ୍ରିକାର ଉଗାଣ୍ଡାରେ ଏକ ୧୬ ଫୁଟ ଲମ୍ବ କୁମ୍ଭୀର ଯୋଗୁ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ଘଡ଼ିଆଳ କୁମ୍ଭୀରଟି ୮୦ ଜଣ ଲୋକଙ୍କୁ ଜିଅନ୍ତା ଖାଇଥିଲା। ସ୍ଥାନୀୟ ଲୁଙ୍ଗାଗା ଗାଁରେ ଥିବା ଭିକ୍ଟୋରିଆ ହ୍ରଦରେ ଏହି କୁମ୍ଭୀରଟି ରହିଥିଲା। ଏହାର ଆତଙ୍କ ଯୋଗୁ ଲୋକେ ତାକୁ ଆତଙ୍କବାଦୀ ଓସାମା ବିନ୍ ଲାଡେନ୍ ଭାବେ ନାମିତ କରିଥିଲେ। କୁମ୍ଭୀର ଶରୀରରେ ଓସାମା ଆତ୍ମା ପ୍ରବେଶ କରିଥିବା ଲୋକେ ବିଶ୍ୱାସ କରୁଥିଲେ। ୭୫ ବର୍ଷର ଏହି କୁମ୍ଭୀର ୧୯୯୧ରୁ ୨୦୦୫ ମଧ୍ୟରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ରଚିଥିଲା। ପରେ ଏହି ଅଞ୍ଚଳର ୫୦ଟି ଗାଁ ଲୋକେ ମିଳିତ ହୋଇ କୁମ୍ଭୀରକୁ ଧରିବା ପାଇଁ ଯୋଜନା କରିଥିଲେ। ଶେଷରେ ଲାଡେନ୍ ଧରା ପଡ଼ିଥିଲା। ମାତ୍ର ଏହାକୁ ହତ୍ୟା କରା ଯାଇ ନ ଥିଲା। ଲୋକେ ଲାଡେନ୍‌କୁ ମାରିବାକୁ ଚାହୁଁଥିଲେ ମଧ୍ୟ ସରକାର ଅନୁମତି ଦେଇ ନ ଥିଲେ। ଏବେ ଲାଡେନ୍‌କୁ ଉଗାଣ୍ଡାର କୁମ୍ଭୀର ପ୍ରଜନନ କେନ୍ଦ୍ରରେ ରଖାଯାଇଛି।

# ମହାମାରୀରେ ସୁରକ୍ଷିତ ସହର 'ଅକ୍‌ଲାଣ୍ଡ'

**ମହାମାରୀ ସମୟରେ ସବୁଠାରୁ ସୁରକ୍ଷିତ ସହରର ନାମ କ'ଣ? ଏଭଳି ଏକ ପ୍ରଶ୍ନ ହୁଏତ ଅନେକଙ୍କୁ ଦ୍ୱନ୍ଦ୍ୱରେ ପକାଇପାରେ। କାରଣ ବିଶ୍ୱବ୍ୟାପୀ କରୋନା ଆତଙ୍କ ଲାଗି ରହିଥିବାବେଳେ ଭୂତାଣୁ ଭୟ ନ ଥିବା ସ୍ଥାନ ଖୋଜି ବାହାର କରିବା କାଠିକର ପାଠ। ତେବେ ମହାମାରୀର ଶିକାର ହୋଇଥିବା ୧୪୦ ଦେଶକୁ ନେଇ କରାଯାଇଥିବା ସର୍ଭେରେ ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡ ସବୁଠାରୁ ସୁରକ୍ଷିତ ସହରର ମାନ୍ୟତା ପାଇଛି। ଭୂତାଣୁ ଉପରେ ଦ୍ରୁତ ନିୟନ୍ତ୍ରଣ ଏବଂ ସମାନ୍ତରାଳ ଭାବେ ଅର୍ଥନୀତିକୁ ଗତିଶୀଳ କରାଇବାରେ ଏହି ସୌନ୍ଦର୍ଯ୍ୟମୟୀ ସହର ଉଦାହରଣ ସୃଷ୍ଟି କରିଛି।**

**ଅକ୍‌ଲାଣ୍ଡ:** କରୋନା ସମୟରେ ବିଶ୍ୱର ବଛା ବଛା ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକଳ ଚିତ୍ର ପଦାରେ ପଡ଼ିଯାଇଛି। ସୁରକ୍ଷିତ ଜୀବନଯାପନ କରିବା ଭଳି ଯୋଗ୍ୟ ଦେଶ ର୍‍ୟାଙ୍କିଙ୍ଗ୍‌ରେ ଗତ ବର୍ଷକ ଭିତରେ ଅନେକ ପରିବର୍ତ୍ତନ ହୋଇଛି। ଲୋକମାନେ ସେହି ସହରଗୁଡ଼ିକୁ ବେଶି ପସନ୍ଦ କରୁଛନ୍ତି, ଯେଉଁ ସହର କୋଭିଡ୍‌କୁ ଭଲ ଭାବେ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଛି। ଏ କ୍ଷେତ୍ରରେ ଶୀର୍ଷରେ ରହିଛି ନ୍ୟୁଜିଲାଣ୍ଡର ପୂର୍ବତନ ରାଜଧାନୀ ତଥା ଦେଶର ଅନ୍ୟତମ ସମୃଦ୍ଧିଶାଳୀ ସହର ଅକ୍‌ଲାଣ୍ଡ। 'ଦି ଇକୋନୋମିଷ୍ଟ ଇଣ୍ଟେଲିଜେଣ୍ଟ ୟୁନିଟ୍' (ଇଆଇୟୁ) ପକ୍ଷରୁ କରାଯାଇଥିବା ବିଶ୍ୱସ୍ତରୀୟ ସୁରକ୍ଷିତ ବାସସ୍ଥଳୀ ର୍‍ୟାଙ୍କିଙ୍ଗ୍-୨୦୨୧ରେ ଏହି ତଥ୍ୟ ପଦାକୁ ଆସିଛି।

କରୋନା ମହାମାରୀ କାଳରେ କେଉଁ ସହର ସବୁଠାରୁ ସୁରକ୍ଷିତ ବାସୋପଯୋଗୀ ଜାଣିବା ଲାଗି ୧୪୦ ଦେଶରେ ସର୍ଭେ ହୋଇଥିଲା। ଏଥିରେ ହସ୍ପିଟାଲ, ମେଡିକାଲ ଭିତ୍ତିଭୂମି, ଶିକ୍ଷା ସମେତ ଅନ୍ୟ ମାନଦଣ୍ଡକୁ ସାମିଲ କରାଯାଇଥିଲା। ବିଶ୍ୱର ସମୃଦ୍ଧିଶାଳୀ ବୋଲାଉଥିବା ଅଥଚ କରୋନାରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ୟୁରୋପୀୟ ଦେଶଗୁଡ଼ିକ ତାଲିକାରେ ମାନଦଣ୍ଡ ପୂରଣ କରି ନ ପାରି ତଳକୁ ଖସି ଆସିଛନ୍ତି। ଏପରି କି ବ୍ରିଟେନର କୌଣସି ସହର ଶ୍ରେଷ୍ଠ ୧୦ ଭିତରେ ସ୍ଥାନ ପକ୍କା କରିପାରି ନାହିଁ। ଅନ୍ୟପଟେ ଲୋକମାନେ ସୁରକ୍ଷିତ ଦେଶ ଭାବେ ନ୍ୟୁଜିଲାଣ୍ଡ, ଜାପାନ, ଅଷ୍ଟ୍ରେଲିଆକୁ ବେଶି ପସନ୍ଦ କରିଛନ୍ତି। ଅକ୍‌ଲାଣ୍ଡ ପରେ ତାଲିକାରେ ଜାପାନର ଓସାକା, ଅଷ୍ଟ୍ରେଲିଆର ଆଡିଲେଡ୍, ନ୍ୟୁଜିଲାଣ୍ଡର ୱେଲିଂଟନ୍ ଏବଂ ଜାପାନର ରାଜଧାନୀ ଟୋକିଓ ପର୍ଯ୍ୟାୟକ୍ରମେ ରହିଛନ୍ତି।

ସର୍ଭେରୁ ଅକ୍‌ଲାଣ୍ଡ ସମ୍ପର୍କରେ ଅନେକ ତଥ୍ୟ ପଦାକୁ ଆସିଛି। ଏହି ସହର କରୋନାର ଶିକାର ହୋଇଥିଲେ ହେଁ ସଂକ୍ରମଣକୁ ଶୀଘ୍ର ନିୟନ୍ତ୍ରଣ କରିପାରିଥିଲା। ନାଗରିକଙ୍କ ଜୀବନହାନି ନଗଣ୍ୟ ଥିବାବେଳେ ସ୍ୱାଭାବିକ ଜୀବନ ଜିଇବା ଲାଗି ସେମାନଙ୍କ ଉପରେ କୌଣସି କଟକଣା ଲାଗୁ କରାଯାଇ ନ ଥିଲା। ସୂଚନାଯୋଗ୍ୟ, ନ୍ୟୁଜିଲାଣ୍ଡର ସର୍ବାଧିକ ଜନବହୁଳ ସହର ହେଉଛି ଅକ୍‌ଲାଣ୍ଡ। ନିଆରା କଳା, ସଂସ୍କୃତି, ନୃତ୍ୟଗୀତ, ସ୍ୱାଦିଷ୍ଟ ଭୋଜନ, ଦାମୀ ମଦ ଲାଗି ଏହା ଦୀର୍ଘଦିନରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଆସିଛି। ତେଣୁ ପ୍ରତିବର୍ଷ ଲକ୍ଷାଧିକ ପର୍ଯ୍ୟଟନପ୍ରେମୀ ଏଠାକୁ ବୁଲିବାକୁ ଆସିଥାଆନ୍ତି। ଏହାକୁ ବାଦ୍‌ଦେଲେ ଅକ୍‌ଲାଣ୍ଡରେ ୪୮ରୁ ଊର୍ଦ୍ଧ୍ୱ ଆଗ୍ନେୟଗିରି ରହିଛି, ଯାହା ପ୍ରାକୃତିକ ଶୋଭାକୁ ଆହୁରି ବଢ଼ାଇ ଦେଇଥାଏ। ଲୋକଙ୍କ ଜୀବନଯାପନ ଶୈଳୀ ମଧ୍ୟ ଖୁବ୍ ଉଚ୍ଚକୋଟୀର। ତେଣୁ ବିଶ୍ୱସ୍ତରୀୟ ସହର ତାଲିକାରେ ଅକ୍‌ଲାଣ୍ଡ ଦୀର୍ଘଦିନରୁ ସ୍ଥାନ ପକ୍କା କରି ଆସିଛି।

ସମୁଦ୍ର ଆଡଭେଞ୍ଚର ଲାଗି ଅକ୍‌ଲାଣ୍ଡ ସ୍ୱତନ୍ତ୍ର। ଜଳ ପରିବେଷ୍ଟିତ ଏହି ସହର 'ସିଟି ଅଫ୍ ସେଲ୍ସ' ନାମରେ ପରିଚିତ। ସୌଖୀନ ଜଳଯାତ୍ରା ଲାଗି ଏଠାରେ ବିଶାଳକାୟ ଜାହାଜଠାରୁ ଛୋଟ ନୌକା ଯାଏ ଭଡ଼ାରେ ମିଳେ, ଯେଉଁଥିରେ



ପର୍ଯ୍ୟଟକଙ୍କ ଲାଗି ସମସ୍ତ ସୁବିଧା ଉପଲବ୍ଧ। ଏହି ସୌନ୍ଦର୍ଯ୍ୟମୟୀ ନଗରୀ ୧୮୪୨ରୁ ୧୮୬୫ ଯାଏ ନ୍ୟୁଜିଲାଣ୍ଡର ରାଜଧାନୀ ଥିଲା। ପରବର୍ତ୍ତୀ ସମୟରେ ସମୁଦ୍ରପଥରେ ଯାତାୟାତରେ ସମସ୍ୟା ଉପୁଜିବାରୁ ୱେଲିଂଟନ ରାଜଧାନୀର ମାନ୍ୟତା ପାଇଥିଲା।



ରିଆ ଚକ୍ରବର୍ତ୍ତୀ

# ଦ୍ରୌପଦୀ ହୋଇପାରନ୍ତି ରିଆ

ମୁମ୍ବାଇ: ଡ୍ରଗ୍ସ ମାମଲାରେ ଜେଲ ଯାଇ ଫେରିଥିବା ବଲିଉଡ୍ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ ଏକ ବଡ଼ ପ୍ରୋଜେକ୍ଟରେ ନଜର ଆସିବେ ବୋଲି ଖବର ପ୍ରକାଶ ପାଇଛି। ଏସ୍ ଏସ୍ ରାଜାମୌଳିଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେବାକୁ ଥିବା 'ମହାଭାରତ'ରେ ଦ୍ରୌପଦୀ ଚରିତ୍ରରେ ଅଭିନୟ ପାଇଁ ତାଙ୍କ ନିକଟକୁ ଅଫର୍ ଯାଇଥିବା ଜଣାପଡ଼ିଛି। ଏହାକୁ ନେଇ ରିଆ ବହୁତ ଖୁସି ଅଛନ୍ତି। ପୂର୍ବରୁ ଅଭିନେତ୍ରୀ ବିଦ୍ୟା ବଲାନଙ୍କୁ ଏହି ଚରିତ୍ରରେ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଥିଲା। ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ଏବଂ ଡ୍ରଗ୍ସ ମାମଲାରେ ଛନ୍ଦି ହୋଇପଡ଼ିଥିବା ରିଆ ଏବେ ପୂର୍ବ ଘଟଣାରୁ ବାହାରିବାକୁ ଚେଷ୍ଟା କରୁଛନ୍ତି। ଶେଷଥର ପାଇଁ ଫିଲ୍ମ 'ଜଲେବି'ରେ ସେ ନଜର ଆସିଥିଲେ, ଯାହା ଏକ ରୋମାଣ୍ଟିକ୍ ଡ୍ରାମା ଥିଲା। ଏବେ ତାଙ୍କର ଆଗାମୀ ଫିଲ୍ମ 'ଚେହେରେ' ରିଲିଜ ଅପେକ୍ଷାରେ ରହିଛି। ରୁମି ଜାଫରୀଙ୍କ ଏହି ଫିଲ୍ମରେ ଅମିତାଭ ବଚ୍ଚନ, ଅନୁ କପୁର, ଇମ୍ରାନ ହାସମୀ ଏବଂ କ୍ରିଷ୍ଟାଲ ଡିସୁଜା ରହିଛନ୍ତି। ଏବେ ରିଆଙ୍କ ନିକଟକୁ 'ମହାଭାରତ'ରେ ଅଭିନୟ ପାଇଁ ବଡ଼ ଅଫର ଆସିଥିବା କୁହାଯାଉଛି। ରିଆ ପୂର୍ବରୁ 'ବ୍ୟାଙ୍କ୍ ଚୋର୍', 'ହାଫ୍ ଗର୍ଲଫ୍ରେଣ୍ଡ' ଏବଂ 'ମେରେ ଡ୍ୟାଡ୍ କି ମାରୁତି'ରେ ନଜର ଆସିଥିଲେ। ଆଜିକାଲି ରିଆ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍ ରହୁଛନ୍ତି।

# ଅନ୍ୟମନସ୍କରେ ଯୁବକଙ୍କୁ ୨ ଡୋଜ୍ ଟିକା



**ଲଳିତପୁର:** ଉତ୍ତରପ୍ରଦେଶର ଲଳିତପୁରରେ ଜଣେ ଯୁବକଙ୍କୁ ୫ ମିନିଟ୍ ମଧ୍ୟରେ ଟିକାର ୨ଟି ଡୋଜ୍ ଦିଆଯାଇଛି। ନର୍ସିଂ ଷ୍ଟାଫ୍ ନିଜ ନିଜ ମଧ୍ୟରେ ଗପୁଗପୁ ଅନ୍ୟମନସ୍କରେ ଏଭଳି କରିଛନ୍ତି। ଯୁବକଙ୍କୁ ୨ ଡୋଜ୍ ଟିକା ଦିଆଯିବା ସମ୍ପର୍କରେ ନର୍ସିଂ ଷ୍ଟାଫ୍ ଜାଣିଥିଲେ ମଧ୍ୟ ଯୁବକ ଜାଣି ପାରି ନ ଥିଲେ। ଟିକା ନେଇ ସମ୍ପୃକ୍ତ ଯୁବକ ଘରକୁ ଫେରିବା ପରେ ଗୁରୁତର ହୋଇପଡ଼ିଛନ୍ତି। ରାଓ୍ୱରପୁରା ଟିକାଦାନ କେନ୍ଦ୍ରରେ ଏହି ଘଟଣା ଘଟିଛି। ଏ ସମ୍ପର୍କରେ ଚିଫ୍ ମେଡିକାଲ ଅଫିସର(ସିଏମ୍‌ଓ)ଙ୍କୁ ଅବଗତ କରାଯିବା ସହିତ ଏହାର ତଦନ୍ତ ଜାରି ରହିଛି। ସମ୍ପୃକ୍ତ ନର୍ସିଂ ଷ୍ଟାଫ୍‌ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏମ୍‌ଓଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ପାର୍ଲାମେଣ୍ଟରେ ମୁଥ ମରାମରି

ଲା ପାଜ୍: ବଲିଭିଆ ପାର୍ଲାମେଣ୍ଟରେ ମୁଥ ମରାମରି ହେବା ସହିତ ଚୁଟି ଟଣାଟଣି ହେବା ଭଳି ଅପ୍ରୀତିକର ଘଟଣା ଘଟିଛି। ପୂର୍ବତନ ରାଷ୍ଟ୍ରପତି ଜେନିନ୍ ଅନେଜ୍‌ଙ୍କ ଗିରଫକୁ ନେଇ ଶାସକ ଏବଂ ବିରୋଧୀ ଦଳ ସଦସ୍ୟ ମୁହାଁମୁହିଁ ହୋଇଛନ୍ତି। ସଦସ୍ୟମାନେ ପରସ୍ପରକୁ ଗାଳି ଗୁଲଜ କରିବା ସହିତ ଫିଙ୍ଗା ଫୋପଡ଼ା କରିଥିଲେ। ଏଥିରେ ମହିଳା ସଦସ୍ୟମାନେ ଅଧିକ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ମାର୍ଚ୍ଚରେ ଜେନିନ୍‌ଙ୍କୁ ଗିରଫ କରାଯାଇଥିଲା। ବିରୋଧୀ ଦଳ ଏନେଇ ଅସନ୍ତୁଷ୍ଟ ଥିଲେ। ନିର୍ବାଚନରେ ଦୁର୍ନୀତି ନେଇ ତାଙ୍କ ବିରୋଧରେ ଅଭିଯୋଗ ଅଣାଯାଇଥିଲା।

# ହଜାରେ ବର୍ଷର କୁକୁଡ଼ା ଅଣ୍ଡା



**ତେଲ୍‌ଆଭିଭ୍:** ଇସ୍ରାଏଲ୍‌ରେ ମାଟିତଳୁ ୧,୦୦୦ ବର୍ଷ ତଳର କୁକୁଡ଼ା ଅଣ୍ଡା ମିଳିଛି। ଏହି ଅଣ୍ଡା ଦଶମ ଶତାବ୍ଦୀ ସମୟର ବୋଲି ଗବେଷକ ଅନୁମାନ କରିଛନ୍ତି। ତେବେ ସଫା କରୁଥିବା ସମୟରେ ଅଣ୍ଡାଟି ଭାଙ୍ଗି ଯାଇଛି। ୟାବନେ ସହରରେ ଖନନବେଳେ ଅଣ୍ଡାଟି ମିଳିଥିବା ନେଇ ପ୍ରତ୍ନତତ୍ତ୍ୱ ବିଭାଗର ବିଶେଷଜ୍ଞ ଡ. ଲି ପେରି ଗାଲ୍ ସୂଚନା ଦେଇଛନ୍ତି। କୁକୁଡ଼ା ପାଳନ ୬ ହଜାର ବର୍ଷ ତଳେ ପ୍ରଥମେ ଦକ୍ଷିଣ ପୂର୍ବ ଏସିଆରେ ହୋଇଥିବା ସେ କହିଛନ୍ତି।

ଆଡଭାନ୍ସ ନେଉନ୍ତୁ, ଧୋକା ଦେଉନ୍ତୁ
ହିନ୍ଦୁସ୍ତାନ ଫାଇନାନ୍ସ
ଆଧାରକାର୍ଡ, ଗ୍ରୁପ୍ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର୍, ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% ଛାଡ଼ 50%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଯୋଗାଯୋଗ କରନ୍ତୁ
08765087341
09473641974
Sasane Nagar, Pune

# ଅଧା ପୃଥିବୀ ବୁଲିଲା ଗ୍ରେ ହ୍ୱେଲ୍



ୱିଣ୍ଡହୋକ୍: ପୃଥିବୀର ବୃହତ୍ ସ୍ତନ୍ୟପାୟୀ ପ୍ରାଣୀ ଅଧା ପୃଥିବୀ ବୁଲି ଏବେ ରେକର୍ଡ କରିଛି। ଏହା ହେଉଛି ଏକ ଗ୍ରେ ହ୍ୱେଲ୍(ଧୂସର ତିମି)। ଇତିମଧ୍ୟରେ ତିମିଟି ୨୦ ହଜାର କିଲୋମିଟର ସମୁଦ୍ରରେ ବୁଲି ସାରିଲାଣି। ୨୦୧୩ରେ ଏହି ତିମିକୁ ଆଫ୍ରିକାର ନାମ୍ବିଆ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଦେଖିବାକୁ ମିଳିଥିଲା। ଆଟଲାଣ୍ଟିକ୍ ସାଗରର ଥଣ୍ଡାପାଣିରେ ଏହି ପ୍ରଜାତିର ତିମି ବାସ କରନ୍ତି। ଏହି ପ୍ରଜାତିର ବାୟୋଲୋଜିକାଲ ନାମ ହେଉଛି ଏସ୍କ୍ରିଚିୟସ୍ ରୋବଷ୍ଟସ୍। ତିମିଟି ଉତ୍ତର ପ୍ରଶାନ୍ତ ମହାସାଗରରୁ ଆସିଥିବା ନେଇ ବ୍ରିଟେନ୍‌ର ଡରହମ ବିଶ୍ୱବିଦ୍ୟାଳୟର ପ୍ରଫେସର ରସ୍ ହୋଲ୍‌ଜେଲ୍ କହିଛନ୍ତି। ତିମିର ନମୁନା ପରୀକ୍ଷାରୁ ଏହା ଜଣାପଡ଼ିଥିବା ସେ କହିଛନ୍ତି। ଏହା ଏକ ଅଣ୍ଡିରା ତିମି। ପୃଥିବୀର ପରିଧି ୪୦ ହଜାର କିଲୋମିଟରରୁ ଅଧିକ ଥିବାବେଳେ ତିମିଟି ଏହାର ଅଧା ଅତିକ୍ରମ କରିସାରିଛି। ଏହା ପୂର୍ବରୁ ଏକ ବ୍ଲୁ ହ୍ୱେଲ୍ ୭ ହଜାର କିଲୋମିଟର ଅତିକ୍ରମ କରିଥିଲା।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ଡାଃ ମଦନ ମୋହନ ମିଶ୍ର
ଆବିର୍ଭାବ: ୦୧।୦୭।୧୯୩୩
ତିରୋଧାନ: ୦୧।୦୬।୨୦୨୧
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତିକୁ ଆମ୍ଭେମାନେ କେହି ବିଶ୍ୱାସ କରିପାରୁ ନାହୁଁ। ଏପରି ସମୟରେ ଆମକୁ ଛାଡ଼ି ଚାଲିଗଲେ ଯେ କେହି ବନ୍ଧୁ ପରିଜନ ଆପଣଙ୍କର ଶେଷ ଦର୍ଶନ କରିବାର ସୁଯୋଗ ପାଇଲେନି। ବିଧିର ବିଧାନ କେ କରିବ ଆନ। ଆପଣଙ୍କ ପରି କର୍ତ୍ତବ୍ୟନିଷ୍ଠ, ସଚ୍ଚୋଟ, ସମୟାନୁବର୍ତ୍ତୀ, ଜ୍ଞାନ ପୀପାସୁ, ଧର୍ମପ୍ରାଣ, ପରୋପକାରୀ, ନିଷ୍କପଟ ଓ ସୀମାହୀନ ସହନଶୀଳ ବ୍ୟକ୍ତିତ୍ୱ ଏ ସଂସାରରେ ବିରଳ। ଆପଣଙ୍କ ଅବର୍ତ୍ତମାନରେ ଏହି ଶୂନ୍ୟସ୍ଥାନ ସର୍ବଦା ଅପୂରଣୀୟ। ଆପଣଙ୍କ ଆଦର୍ଶ, ସ୍ନେହ, ମମତା, ସେବା, ଧର୍ମ ଆମ୍ଭର ପାଥେୟ ହେଉ। ଆପଣଙ୍କ ପବିତ୍ର ପୁଣ୍ୟ ଆତ୍ମାର ଶାନ୍ତି ଓ ସଦ୍‌ଗତି ଲାଭ ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା।
ବନ୍ଧୁ ଓ ପରିଜନବର୍ଗ
ଧ-୨୦୮୬୮

୮ମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପ୍ରହ୍ଲାଦ ନାୟକ
(Uco Bank, Puri)
ଆବିର୍ଭାବ: ୦୪।୦୩।୧୯୫୪
ତିରୋଧାନ: ୦୯।୦୬।୨୦୧୩ (ଜ୍ୟେଷ୍ଠ ଶୁକ୍ଳ ପ୍ରତିପଦ)
ବାପା, ଚାହୁଁ ଚାହୁଁ ୮ବର୍ଷ ବିତିଗଲାଣି, କିନ୍ତୁ ଏବେବି ଲାଗେ ତୁମେ ଏଇଠି କୋଉଠି ଯାଇଛ। ଆଉ ସଙ୍ଗେ ସଙ୍ଗେ ଆସିଯିବ। ସବୁ ସୁଖ ଓ ଦୁଃଖରେ ତୁମ ଉପସ୍ଥିତି ଆମେ ଅନୁଭବ କରିଛୁ, କାଳିଆ ଠାକୁର ପାଖେ ସବୁବେଳେ ଏତିକି ବିନତି ସେ ତୁମକୁ ସବୁବେଳେ ଖୁସିରେ ରଖିଥାନ୍ତୁ।
ବନ୍ଧୁ ଓ ପରିବାରବର୍ଗ।
ଧ-୬୧୯୨୯

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰କାଞ୍ଚନମାଳା ସାହୁ
ବନପୁର, ଜୟନ୍ତରା, ଦଶରଥପୁର, ଯାଜପୁର
ଆବିର୍ଭାବ: ୨୯।୧୨।୧୯୮୮
ତିରୋଧାନ: ୦୧।୦୬।୨୦୨୧
ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତିକୁ ମୁଁ ଅନୁଭବ କରୁଛି। ତୁମର ପ୍ରତିଟି ସ୍ମୃତି ମୋ ପାଇଁ ଅଭୁଲା। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଆମର ପାଥେୟ ହେଉ। ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛି।
ଶୋକସନ୍ତପ୍ତ: ସ୍ୱାମୀ: ସତ୍ୟସାରଥୀ ବେହେରା ଏବଂ ପୂରା ବେହେରା ପରିବାର।
ଧ-୨୦୮୬୯

ଏକାଦଶାହ ଉପଲକ୍ଷେ



୰ଇଂ. ଗୋପୀନାଥ ହୋତା
(ରାସ୍ତା ଓ ଗୃହ ନିର୍ମାଣ ବିଭାଗ)
ଆବିର୍ଭାବ: ୧୪।୦୬।୧୯୪୨
ତିରୋଧାନ: ୦୧।୦୬।୨୦୨୧
(ଜ୍ୟେଷ୍ଠ କୃଷ୍ଣ ସପ୍ତମୀ)
ତୁମର ଅନାବିଳ ସ୍ନେହ, ଉନ୍ନତ ଶାସନ, ପ୍ରଜ୍ଞା, ସରଳତା, ଶ୍ରଦ୍ଧା, ଭଲପାଇବା ଆମ ସମସ୍ତଙ୍କ ପାଇଁ ଅଭୁଲା ସ୍ମୃତିହୋଇ ରହିଲା ଓ ରହିଥିବ। ଏକାଦଶାହ ଉପଲକ୍ଷେ ଶ୍ରଦ୍ଧା ସୁମନ ଅର୍ପଣ କରୁଛୁ। ଯଦି ପୁନର୍ଜନ୍ମ ଥାଏ ପୁଣିଥରେ ନୂଆ ରୂପ ନେଇ ଫେରିଆସ।
ପ୍ରାର୍ଥନା ସହ ଶୋକସନ୍ତପ୍ତ ପରିବାର: ଧର୍ମପତ୍ନୀ, ବୁବୁ, ଶିବୁ, କୁନୁ, ପିଙ୍କି, ତିତିଲି, ଓମ୍‌ବାବା
ଧ-୨୦୮୬୫

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପ୍ରାଧ୍ୟାପକ ଅଶୋକ କୁମାର ତ୍ରିପାଠୀ
(ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅର୍ଥନୀତି ବିଭାଗ)
ଗୁଡ଼ିଆସାହି, ରାମାୟଣୀ ଲେନ୍, ପୁରୀ
ଆବିର୍ଭାବ: ୦୩।୦୫।୧୯୬୦
(ସାବିତ୍ରୀ ଅମାବାସ୍ୟା)
ତିରୋଧାନ: ୧୬।୦୫।୨୦୧୮
(ଜ୍ୟେଷ୍ଠ ଶୁକ୍ଳ ପ୍ରତିପଦ)
ବାବା, ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ଆତ୍ମୀୟତା, ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମକୁ ଚିରକାଳ ଅନୁପ୍ରାଣିତ କରୁଥିବ। ଦୀର୍ଘ ୩ବର୍ଷ ଧରି ତୁମର ଅନୁପସ୍ଥିତି ଆମ ପାଇଁ ଏକ ଶକ୍ତ ଧକ୍କା। ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଆମେ ପରମାତ୍ମାଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। -:ଶୋକସନ୍ତପ୍ତ:- ପୁତୁରା: ପ୍ରଶାନ୍ତ କୁମାର ଶତପଥୀ, ମଧୁସୂଦନ ଶତପଥୀ, କନ୍ୟା: ଡାକ୍ତର ଶ୍ରୀପଦା ତ୍ରିପାଠୀ, ପୁତ୍ର: ଓଁକାରନାଥ ତ୍ରିପାଠୀ, ପତ୍ନୀ: ପ୍ରିୟମ୍ବଦା, ବନ୍ଧୁବାନ୍ଧବ, ସାଙ୍ଗସାଥୀ ଓ ଛାତ୍ରଛାତ୍ରୀମାନେ।
ଧ-୨୦୮୬୭

# ଭାରତ ପାଇଁ ବଡ଼ ସୁଯୋଗ



ନିର୍ମଳ କୁମାର ମିଶ୍ର

ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଦ୍ୱାରା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲୁଟିସି) ଫାଇନାଲ ଜୁନ୍ ୧୮ରୁ ୨୨ ପର୍ଯ୍ୟନ୍ତ ଇଂଲଣ୍ଡର ସାଉଥାମ୍ପଟନ୍‌ଠାରେ ଅନୁଷ୍ଠିତ ହେବ। ବିଶ୍ୱ କ୍ରିକେଟର ଦୁଇ ଶକ୍ତିଶାଳୀ ଦଳ ଭାରତ ଏବଂ ନ୍ୟୁଜିଲାଣ୍ଡ ଏହି ହାଇପ୍ରୋଫାଇଲ ମ୍ୟାଚରେ ଟାଇଟଲ ପାଇଁ ମୁହାଁମୁହିଁ ହେବେ। ପୂର୍ବରୁ ଏହି ମ୍ୟାଚ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ହେବାର ଥିଲା। ମାତ୍ର ଭାରତ ନିକଟରୁ ଇଂଲଣ୍ଡ ଘରୋଇ ଟେଷ୍ଟ ସିରିଜରେ ୧-୩ରେ ପରାସ୍ତ ହେବା ଫଳରେ ପ୍ରତିଯୋଗିତାରୁ ବାଦ୍ ପଡିଥିଲା। ଫଳରେ ଲର୍ଡ୍ସ ଗ୍ରାଉଣ୍ଡରେ ଏହି ପ୍ରତିଯୋଗିତା ନ ହୋଇ ସାଉଥାମ୍ପଟନ୍ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ ବୋଲି ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଆଇସିସିକୁ ଜଣାଇଥିଲା। ଏଥିପାଇଁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଜୁନ ୨ ତାରିଖରୁ ୟୁନାଇଟେଡ କିଙ୍ଗଡମ୍ (ୟୁକେ)ରେ ପହଞ୍ଚି ସାରିଛି।

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବା ସହ ଟିମ୍ ଇଣ୍ଡିଆ ନୂଆ ଇତିହାସ ରଚିବ। ଭାରତୀୟ ଦଳ ଏହାର ୮୯ବର୍ଷର ଟେଷ୍ଟ ଇତିହାସରେ ପ୍ରଥମ ଥର ପାଇଁ ନିରପେକ୍ଷ ଭେନ୍ୟୁରେ ମ୍ୟାଚ ଖେଳିବ। ଆଇସିସି ଦ୍ୱାରା ଟେଷ୍ଟ ମାନ୍ୟତା ପ୍ରାପ୍ତ ୧୨ଟି ଦେଶ ମଧ୍ୟରୁ କେବଳ ଦୁଇଟି ଦେଶ ଭାରତ ଏବଂ ବାଂଲାଦେଶ ଏପର୍ଯ୍ୟନ୍ତ ନିରପେକ୍ଷ ଭେନ୍ୟୁରେ ଟେଷ୍ଟମ୍ୟାଚ ଖେଳିନାହାନ୍ତି। ୧୯୯୯ରେ ଏପରି ଏକ ସୁଯୋଗକୁ ଟିମ୍ ଇଣ୍ଡିଆ ଏସିଆ ଟେଷ୍ଟ ଚମ୍ପିୟନଶିପରେ ହାତଛଡା କରିଥିଲା। ଏହି ମୁକାବିଲା ପାକିସ୍ତାନ ଏବଂ ଶ୍ରୀଲଙ୍କା ମଧ୍ୟରେ ବାଂଲାଦେଶର ଢାକାରେ ଖେଳାଯାଇଥିଲା।

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପର ଫାଇନାଲ ବ୍ୟକ୍ତିଗତଭାବେ ବିରାଟ କୋହଲିଙ୍କ ପାଇଁ ସ୍ମରଣୀୟ ହେବାକୁ ଯାଉଛି। ଅଧିନାୟକ ଭାବରେ ସେ ସର୍ବାଧିକ ମ୍ୟାଚରେ ଭାରତର ନେତୃତ୍ୱ ନେବେ। ଯଦି ଏହି ଟେଷ୍ଟ ମ୍ୟାଚରେ ଭାରତ ବିଜୟୀ ହୁଏ ତେବେ ବିଶ୍ୱର ସର୍ବଶ୍ରେଷ୍ଠ ଅଧିନାୟକ ତାଲିକାରେ ତାଙ୍କର ସ୍ଥାନ ୪ନଂ.ରେ ରହିବ। ବିରାଟ କୋହଲି ଏବଂ ମହେନ୍ଦ୍ର ସିଂ ଧୋନୀ ଉଭୟ ୬୦ଟି ଟେଷ୍ଟ ମ୍ୟାଚରେ ଅଧିନାୟକ ଦାୟିତ୍ୱ ତୁଲାଇ ଥିବା ବେଳେ ବିରାଟ ସର୍ବାଧିକ ୩୬ଟି ଟେଷ୍ଟ ମ୍ୟାଚରେ ଭାରତକୁ ବିଜୟୀ କରାଇଛନ୍ତି। ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ କ୍ରିକେଟର କ୍ଲାଇବ ଲଏଡ୍ ଅଧିନାୟକ ଭାବେ ୱେଷ୍ଟଇଣ୍ଡିଜକୁ ୭୪ଟି ମ୍ୟାଚରୁ ୩୬ଟିରେ ବିଜୟୀ କରାଇଛନ୍ତି। ନମ୍ବର ୱାନ ସ୍ଥାନରେ ଅଛନ୍ତି ଦକ୍ଷିଣ ଆଫ୍ରିକାର ଗ୍ରାହାମ ସ୍ମିଥ। ୧୦୯ଟି ଟେଷ୍ଟରୁ ନିଜ ଦେଶକୁ ୫୩ଟିରେ ବିଜୟୀ କରାଇ ଆଗରେ ରହିଛନ୍ତି।

ଇଂଲଣ୍ଡ ସହିତ ୩-୧ରେ ଘରୋଇ ଟେଷ୍ଟ ସିରିଜ ଜିତିବା ସହିତ ଟିମ୍ ଇଣ୍ଡିଆ ସଂପ୍ରତି ଡବ୍ଲୁଟିସି ପଏଣ୍ଟ ତାଲିକାରେ ପ୍ରଥମ ସ୍ଥାନରେ ରହିଛି। ମେ' ୩ ସୁଦ୍ଧା ଟିମ୍ ଇଣ୍ଡିଆ ୬ଟି ଦ୍ୱିପାକ୍ଷିକ ସିରିଜ ଖେଳି ୧୨ଟି ଟେଷ୍ଟ ମ୍ୟାଚ ବିଜୟ, ୪ଟି ପରାଜୟ ସହ ଶୀର୍ଷରେ ରହିଥିବା ବେଳେ ନ୍ୟୁଜିଲାଣ୍ଡ ୫ଟି ଦ୍ୱିପାକ୍ଷିକ ଟେଷ୍ଟ ସିରିଜ ଖେଳି ୭ ବିଜୟ ଏବଂ ୪ଟି ପରାଜୟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଆଇସିସିର ନିୟମ ଅନୁସାରେ ୨ଟି ଟେଷ୍ଟ ମ୍ୟାଚ ସିରିଜ ଜିତିବା ପାଇଁ ୬୦, ଟାଇ ଲାଗି ୩୦ ଏବଂ ଡ୍ର ପାଇଁ ୨୦ ପଏଣ୍ଟ ରହିଥିବା ବେଳେ ୩ଟି ଦ୍ୱିପାକ୍ଷିକ ଟେଷ୍ଟ ସିରିଜ ଜିତିବା ଲାଗି ୪୦ପଏଣ୍ଟ, ଟାଇ ପାଇଁ ୨୦ପଏଣ୍ଟ ଏବଂ ଡ୍ର ଲାଗି ୧୩ପଏଣ୍ଟ, ସେହିପରି ୪ଟି ଟେଷ୍ଟ ଶୃଙ୍ଖଳାରେ ଜିତିବା ପାଇଁ ଗୋଟିଏ ଟେଷ୍ଟକୁ ୩୦ ପଏଣ୍ଟ, ଟାଇ ଲାଗି ୧୫ ପଏଣ୍ଟ ଏବଂ ଡ୍ର ପାଇଁ ୧୦ ପଏଣ୍ଟ ଏବଂ ସର୍ବାଧିକ ୫ଟି ଟେଷ୍ଟ ମ୍ୟାଚ ସିରିଜ ଲାଗି ଗୋଟିଏ ବିଜୟକୁ ୨୪ ପଏଣ୍ଟ, ଟାଇ ପାଇଁ ୧୨ ପଏଣ୍ଟ ଏବଂ ଡ୍ର ଲାଗି ୮ ପଏଣ୍ଟ ରହିଛି।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଅଜିଙ୍କ୍ୟ ରାହାନେ (ଉପ ଅଧିନାୟକ), ମୟଙ୍କ ଅଗ୍ରୱାଲ, ରବିଚନ୍ଦ୍ରନ ଅଶ୍ୱିନ, ଯଶପ୍ରୀତ ବୁମ୍‌ରା, ରବୀନ୍ଦ୍ର ଜାଡେଜା, ମହମ୍ମଦ ସାମି, ମହମ୍ମଦ ସିରାଜ, ରିଷଭ ପନ୍ତ (ଉଇକେଟକିପର), ଅକ୍ଷର ପଟେଲ, ଚେତେଶ୍ୱର ପୂଜାରା, ଲୋକେଶ ରାହୁଲ, ଋଦ୍ଧିମାନ ଶାହା (ଉଇକେଟ କିପର), ରୋହିତ ଶର୍ମା, ଈଶାନ୍ତ ଶର୍ମା, ଶୁବମନ ଗିଲ, ଶାର୍ଦ୍ଦୂଳ ଠାକୁର, ହନୁମା ବିହାରୀ, ୱାଶିଂଟନ ସୁନ୍ଦର ଓ ଉମେଶ ଯାଦବ।

ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗରେ ଟିମ୍ ଇଣ୍ଡିଆ ୧୨୧ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ନିଉଜିଲାଣ୍ଡ ୧୨୦ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଆଇସିସି ଟେଷ୍ଟ ବ୍ୟାଟିଂ ର୍‍ୟାଙ୍କିଙ୍ଗରେ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ୍ ପ୍ରଥମ ସ୍ଥାନରେ ରହିଥିବା ବେଳେ ଭାରତରୁ ବିରାଟ କୋହଲି, ରିଷଭ ପନ୍ତ ଏବଂ ରୋହିତ ଶର୍ମା ଟପ୍-୧୦ରେ ସ୍ଥାନ ପାଇଛନ୍ତି। ସେହିପରି ବୋଲିଂରେ ଷ୍ଟାର ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଏବଂ ନ୍ୟୁଜିଲାଣ୍ଡ ଫାଷ୍ଟ ବୋଲର ଟିମ୍ ସୌଦୀ ଶୀର୍ଷ ୧୦ ତାଲିକାରେ ରହିଛନ୍ତି। ରେକର୍ଡ ଦୃଷ୍ଟି କୋଣରୁ ଦେଖିଲେ ଟିମ୍ ଇଣ୍ଡିଆ ବହୁ ଆଗରେ ରହିଛି। ୧୯୫୫ରୁ ୨୦୨୦ ମଧ୍ୟରେ ଉଭୟ ଦଳ ୨୧ଟି ଦ୍ୱିପାକ୍ଷିକ ସିରିଜ ଖେଳିଛନ୍ତି। ଟିମ୍ ଇଣ୍ଡିଆ ୧୧ଟିରେ ବିଜୟୀ ହୋଇଥିବା ବେଳେ ନ୍ୟୁଜିଲାଣ୍ଡ ୬ଟିରେ ବିଜୟୀ ହୋଇଛି। ୪ଟି ସିରିଜ ବିନା ହାରଜିତ୍‌ରେ ସମାପ୍ତ ହୋଇଛି। ଦ୍ୱିପାକ୍ଷିକ ସିରିଜରେ ଟିମ୍ ଇଣ୍ଡିଆ ୨୧ଟି ମ୍ୟାଚରେ ବିଜୟୀ ହୋଇଥିବା ବେଳେ ନ୍ୟୁଜିଲାଣ୍ଡ ୧୨ଟି ମ୍ୟାଚରେ ବିଜୟୀ ହୋଇଛି। ୨୬ଟି ମ୍ୟାଚ ଡ୍ର ରହିଛି। ନ୍ୟୁଜିଲାଣ୍ଡରେ ଖେଳାଯାଇଥିବା ଶେଷ ସିରିଜରେ ଘରୋଇ ଦଳ ୨-୦ରେ ସିରିଜ ବିଜୟୀ ହୋଇଛି।

ସମଗ୍ର ବିଶ୍ୱ କ୍ରିକେଟର ନଜର ଏହି ଟେଷ୍ଟ ଚାମ୍ପିୟନଶିପର ଫାଇନାଲ ଉପରେ ରହିଛି। ଇଂଲଣ୍ଡ ପରିବେଶ ସହ ନ୍ୟୁଜିଲାଣ୍ଡ ଖେଳାଳିମାନେ ବେଶ୍ ଅଭ୍ୟସ୍ତ। ବର୍ଷା ଏବଂ କୋହଲା ପାଗ ନ୍ୟୁଜିଲାଣ୍ଡକୁ ସୁହାଇବ। ଏପରି ପରିବେଶରେ ବଲ ଭଲ ମୁଭ୍ କରିଥାଏ ଏବଂ ଭାରତୀୟ ବ୍ୟାଟ୍ସମ୍ୟାନମାନେ ଏପରି ବଲ୍‌କୁ ଖେଳିବାରେ ଅସୁବିଧା ଅନୁଭବ କରିପାରନ୍ତି ବୋଲି ବିଶେଷଜ୍ଞମାନେ ପୂର୍ବାନୁମାନ କରୁଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ପୂର୍ବରୁ ନ୍ୟୁଜିଲାଣ୍ଡ ଘରୋଇ ଇଂଲଣ୍ଡ ସହିତ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳି ନିଜକୁ ପ୍ରସ୍ତୁତ କରିଛି। ଖେଳାଳିମାନେ ପାଗ ଓ ପରିବେଶ ସହିତ ମଧ ଅଭ୍ୟସ୍ତ ହୋଇଛନ୍ତି। ମାତ୍ର ଭାରତୀୟ ଦଳ ପାଇଁ କୌଣସି ଅଭ୍ୟାସ ମ୍ୟାଚର ସୁଯୋଗ ନାହିଁ। ଇଂଲଣ୍ଡ ବିପକ୍ଷ ପ୍ରଥମ ଡ୍ର ଟେଷ୍ଟରେ ନ୍ୟୁଜିଲାଣ୍ଡ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଡେଭନ କନୱେ ଦ୍ୱିଶତକ ହାସଲ କରି ଫର୍ମର ପରିଚୟ ଦେଇଛନ୍ତି। ତେଣୁ ଏହି ଦଳ ଆକ୍ରମଣାତ୍ମକ ଖେଳିବାକୁ ନିଶ୍ଚିତ ପସନ୍ଦ କରିବ। ଭାରତର ଶକ୍ତିଶାଳୀ ବ୍ୟାଟିଂ ଲାଇନ୍‌ଅପ୍ ଏବଂ ସ୍ପିନରମାନେ ଭଲ କରିବା ଆଶା କରାଯାଏ। ଯଦିଓ ଭାରତ ପାଖରେ ଇଂଲଣ୍ଡ କଣ୍ଡିସନରେ ସୁଇଂ ବୋଲିଂ କରିବାର ଦକ୍ଷ ବୋଲର ଅଛନ୍ତି ତଥାପି ଟ୍ରେଣ୍ଟ ବୋଲ୍ଟ, ଟିମ୍ ସୌଦିଙ୍କ ପରି ବୋଲରଙ୍କୁ ସଫଳତାର ସହିତ ମୁକାବିଲା କରିବା ଭାରତୀୟ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ୍‌ମାନଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ ହେବ। ଶୁଭମନ ଗିଲ୍‌ଙ୍କ ପାଇଁ ଇଂଲଣ୍ଡ ଗସ୍ତ ପ୍ରଥମ। ପାଗ ଯଦି ଶୃଙ୍ଖଳା ରହେ ତେବେ ଏକ ରୋମାଞ୍ଚକ ମ୍ୟାଚ ନିଶ୍ଚିତ ଦେଖିବାକୁ ମିଳିବ। ଆଇସିସି ପ୍ଲେଇଁ କଣ୍ଡିସନ୍ ଅନୁସାରେ ମ୍ୟାଚ ଡ୍ର କିମ୍ବା ଟାଇ ରହିଲେ ଉଭୟ ଦଳକୁ ଯୁଗ୍ମ ଚାମ୍ପିୟନ ଘୋଷଣା କରାଯିବ।

**ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ହେନେରୀ ନିକୋଲ୍ସ, ରସ ଟେଲର, କଲିନ୍ ଡି ଗ୍ରାଣ୍ଡହୋମ, ରାଚିନ ରବୀନ୍ଦ୍ର, ୱିଲ ୟଙ୍ଗ, ଜ୍ୟାକବ ଡଫି, ଡାରିଲ ମିଚେଲ, ମିଚେଲ ସାଣ୍ଟନର, ଟମ୍ ବ୍ଲଣ୍ଡେଲ, ଡେଭନ କନୱେ, ଟମ୍ ଲାଥମ, ବିଜେ ୱାଟଲିଂ, ଟ୍ରେଣ୍ଟ ବୋଲ୍ଟ, ଡଗ୍ ବ୍ରାସୱେଲ, ମ୍ୟାଟ ହେନେରୀ, କାଏଲ ଜେମିଶନ, ଅଜାଜ ପଟେଲ, ଟିମ ସୌଦି ଓ ନିଲ ୱାଗନର।

**ଆଇସିସି ଆନୁକୂଲ୍ୟରେ ଇଂଲଣ୍ଡର ସାଉଥାମ୍ପଟନରେ ଆୟୋଜନ ହେବାକୁ ଯାଉଛି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ । ଏହି ହାଇପ୍ରୋଫାଇଲ ମ୍ୟାଚ୍‌ରେ ବିଶ୍ୱର ଶ୍ରେଷ୍ଠ ଦୁଇ ଦଳ ଭାରତ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ। ଏବେ ସାରା ବିଶ୍ୱର ନଜର ଏହି ମ୍ୟାଚ୍ ଉପରେ ରହିଛି। ବିଜୟୀ ହେଲେ ଟେଷ୍ଟ ଫର୍ମାଟ୍‌ରେ ଭାରତ ପୁଣି ଥରେ ନିଜର ପତିଆରା ଜାହିର କରିବାରେ ସଫଳ ହେବ।**



କେନ୍ ୱିଲିୟମସନ

ବିରାଟ କୋହଲି

**ଡବ୍ଲ୍ୟୁଟିସି ଫାଇନାଲ ମ୍ୟାଚ୍**

ଦଳ: ଭାରତ ବନାମ ନ୍ୟୁଜିଲାଣ୍ଡ
ତାରିଖ: ଜୁନ ୧୮ରୁ ୨୨
ଭେନ୍ୟୁ: ରୋଜ ବାଉଲ ଗ୍ରାଉଣ୍ଡ, ସାଉଥାମ୍ପଟନ
ଆରମ୍ଭ: ଅପରାହ୍ନ ୩.୩୦
ସିଧା ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

# ଛେତ୍ରୀଙ୍କ ରେକର୍ଡ

ଭାରତୀୟ ଫୁଟବଲ ସୁପରଷ୍ଟାର ତଥା ଅଧିନାୟକ ସୁନୀଲ ଛେତ୍ରୀ ଆଉଏକ ବିଶ୍ୱସ୍ତରୀୟ ସଫଳତା ଅର୍ଜନ କରିଛନ୍ତି। ଗୋଲ ସ୍କୋର କରିବାରେ ସେ ଏହି ଗୌରବ ହାସଲ କରିଛନ୍ତି। ସେ ଏବେ ଆର୍ଜେଣ୍ଟିନା ତାରକା ଫୁଟବଲର ଲିଓନେଲ ମେସିଙ୍କୁ ପଛରେ ପକାଇ ଆଗକୁ ଯାଇଛନ୍ତି। ୩୬ ବର୍ଷୀୟ ଛେତ୍ରୀ ଏଥିସହ କ୍ୟାରିୟରରେ ଏକ ନୂଆ ସୋପାନରେ ପହଞ୍ଚିଛନ୍ତି। ୧୧୭ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୭୪ଟି ଗୋଲ ସ୍କୋର କରିଛନ୍ତି। ଆଉ ଦୁଇଟି ଗୋଲ ସ୍କୋର କଲେ ସେ କିମ୍ବଦନ୍ତୀ ଫୁଟ୍‌ବଲର ପେଲେଙ୍କୁ ପଛରେ ପକାଇବେ। ତେବେ ମେସିଙ୍କ ସହ ତାଙ୍କୁ କରାଯାଉଥିବା ତୁଳନାକୁ ଛେତ୍ରୀ ନାପସନ୍ଦ କରିଛନ୍ତି। ଫୁଟବଲ ସମ୍ପର୍କରେ ଯଦି ଜ୍ଞାନ ଥିବ ତେବେ ଜଣେ ବ୍ୟକ୍ତି ମୋତେ ମେସିଙ୍କ ସହ ତୁଳନା କରିବେ ନାହିଁ। ଦେଶ ପାଇଁ ୧୦୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବାରୁ ଗୌରବ ଅନୁଭବ କରୁଛି ବୋଲି ସେ କୁହନ୍ତି।

ବାଂଲାଦେଶ ବିପକ୍ଷ ୨୦୨୨ ଫିଫା ବିଶ୍ୱକପ୍ ଓ ୨୦୨୩ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟରରେ ଛେତ୍ରୀ ଡବଲ୍ ଗୋଲ ଦେଇ ଏକ ଐତିହାସିକ ସଫଳତା ଅର୍ଜନ କରିଛନ୍ତି। ଦୀର୍ଘ ୬ ବର୍ଷ ପରେ ଏଥିସହିତ ଭାରତ ବିଶ୍ୱକପ୍ କ୍ୱାଲିଫାୟର୍ସରେ ପ୍ରଥମ ବିଜୟ ହାସଲ କରିଥିଲା।

**ଗୋଲ ସ୍କୋର କରିବାରେ ଭାରତୀୟ ତାରକା ଷ୍ଟ୍ରାଇକର ସୁନୀଲ ଛେତ୍ରୀ ଆର୍ଜେଣ୍ଟିନା ସୁପରଷ୍ଟାର ଲିଓନେଲ ମେସିଙ୍କୁ ପଛରେ ପକାଇଛନ୍ତି। ବାଂଲାଦେଶ ବିପକ୍ଷ ବିଶ୍ୱକପ୍ କ୍ୱାଲିଫାୟରରେ ସେ ଡବଲ୍ ସ୍କୋର କରି ଦଳକୁ ବିଜୟୀ କରାଇବା ସହ ଏହି ସଫଳତା ପାଇଛନ୍ତି। ତେବେ ମେସିଙ୍କ ସହ ତାଙ୍କର ତୁଳନାକୁ ସେ ନାପସନ୍ଦ କରିଛନ୍ତି।**

ଅନ୍ତର୍ଜାତୀୟ ଫୁଟ୍‌ବଲରେ ସକ୍ରିୟ ଥିବା ଫୁଟ୍‌ବଲରମାନଙ୍କ ମଧ୍ୟରେ ଏବେ ଛେତ୍ରୀ ପର୍ତ୍ତୁଗାଲର ଖ୍ରୀଷ୍ଟିଆନୋ ରୋନାଲ୍ଡୋ (୧୦୩ ଗୋଲ)ଙ୍କ ପଛରେ ରହି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମେସି ୭୨ଟି ଗୋଲ ସ୍କୋର କରିଥିବା ବେଳେ ଛେତ୍ରୀ ୭୪ଟି ଗୋଲ ସ୍କୋର କରିଛନ୍ତି। ଆଉ ମାତ୍ର ଗୋଟିଏ ଗୋଲ ସ୍କୋର କରିପାରିଲେ ଛେତ୍ରୀ ସର୍ବକାଳୀନ ଶ୍ରେଷ୍ଠ-୧୦ ଗୋଲ ସ୍କୋରରଙ୍କ ମଧ୍ୟରେ ସ୍ଥାନ ପାଇବେ ଓ ନୂଆ ଏଲିଟ୍ କ୍ଲବର ସଦସ୍ୟ ହେବେ। ଏବେ ସେ ଜାପାନର ହଙ୍ଗେରୀର ସାଣ୍ଡୋର କୋକ୍‌ସିସ୍, କୁନିଶିଗୋ କାମାମୋତୋ ଓ କୁଏଟର ବଶାର ଅବଦୁଲ୍ଲାଙ୍କ ପଛରେ ରହିଛନ୍ତି। ଏହି ଫୁଟ୍‌ବଲରମାନେ ୭୫ଟି ଲେଖାଏ ଗୋଲ ସ୍କୋର କରିଛନ୍ତି।

**ଟପ୍-୧୦ ଗୋଲ ସ୍କୋରର**

| ଫୁଟ୍‌ବଲର | ଦେଶ | ମ୍ୟାଚ୍ | ଗୋଲ |
|---|---|---|---|
| ଅଲି ଡେଇ | ଇରାନ | ୧୪୯ | ୧୦୯ |
| ଖ୍ରୀଷ୍ଟିଆନୋ ରୋନାଲ୍ଡୋ | ପର୍ତ୍ତୁଗାଲ | ୧୭୪ | ୧୦୩ |
| ମୋଖ୍‌ତାର ଦାହାରି | ମାଲେସିଆ | ୧୪୨ | ୮୯ |
| ଫେରେଙ୍କ୍ ପୁକାସ | ହଙ୍ଗେରୀ | ୮୫ | ୮୪ |
| ଗଡଫ୍ରେ ଚିଟାଲୁ | ଜାମ୍ବିଆ | ୧୧୧ | ୭୯ |
| ହୁସେନ ସଇଦ୍ | ଇରାକ | ୧୩୭ | ୭୮ |
| ପେଲେ | ବ୍ରାଜିଲ | ୯୨ | ୭୭ |
| କୁନିଶିଗୋ କାମାମୋତୋ | ଜାପାନ | ୭୬ | ୭୫ |
| ବଶାର ଅବଦୁଲ୍ଲା | କୁଏଟ | ୧୩୪ | ୭୫ |
| ସାଣ୍ଡୋର କୋକ୍‌ସିସ୍ | ହଙ୍ଗେରୀ | ୬୮ | ୭୫ |
| ସୁନୀଲ ଛେତ୍ରୀ | ଭାରତ | ୧୧୭ | ୭୪ |



# ନୀରଜଙ୍କ ନଜର ୯୦ ମିଟର

ଜୁଲାଇ ୨୩ରୁ ଅଗଷ୍ଟ ୮ ଯାଏ ଟୋକିଓ ଅଲିମ୍ପିକ୍ସ ଆୟୋଜନ ହେବ। ଅଲିମ୍ପିକ୍ ଯୋଗ୍ୟତାଧାରୀ ଭାରତୀୟ ଜାଭେଲିନ୍ ଥ୍ରୋୟର୍ ନୀରଜ ଚୋପ୍ରାଙ୍କ ପାଇଁ ଅଛି ଖୁସି ଖବର। ସେ ଯେଉଁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇ ଅଲିମ୍ପିକ୍ ପ୍ରସ୍ତୁତି ପରଖିବାକୁ ବ୍ୟାକୁଳ ଥିଲେ ତାହା ତାଙ୍କୁ ମିଳିଯାଇଛି। ଇତିମଧ୍ୟରେ ସେ ଫ୍ରାନ୍ସ ଯାତ୍ରା କରିଛନ୍ତି। ଫ୍ରାନ୍ସରେ କ୍ୱାରାଣ୍ଟାଇନ୍ ରହିବା ପରେ ତାଙ୍କ ବିଶେଷ ତାଲିମ୍ ଆରମ୍ଭ ହେବ ଏବଂ ପ୍ରକ୍ରିୟା ଶେଷ କରି ସେ ଯିବେ ସ୍ୱିଡେନ୍। ଏହା ପରେ ସେ ଚେକ୍ ରିପବ୍ଲିକ୍ ଓ ଫିନଲାଣ୍ଡ୍ ଯାଇ ଅନ୍ତର୍ଜାତୀୟ ପ୍ରତିଯୋଗିତା ସାମ୍ନା କରିବେ। ଏବେ ପଟିଆଲା ଶିବିରରେ ରହି ନୀରଜ ତାଲିମ୍ ନେଉଛନ୍ତି। ନୀରଜ ଭାରତ ସମେତ ଏସିଆ ମହାଦେଶର ୧ ନଂ. ଜାଭେଲିନ୍ ଥ୍ରୋୟର ବିବେଚିତ ହେଉଛନ୍ତି। ସେ ଭାରତର ଜାତୀୟ ରେକର୍ଡଧାରୀ। ୨୦୧୬ରେ ପୋଲାଣ୍ଡରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତିବା ପରଠୁ ସେ ଅଗ୍ରଗତି କରି ଚାଲିଛନ୍ତି। ସେ ରେକର୍ଡ ୮୬. ୪୮ ମିଟର ଦୂରକୁ ଜାଭେଲିନ୍ ଫିଙ୍ଗିଥିଲେ। ଚଳିତବର୍ଷ ମାର୍ଚ୍ଚ ୫ ତାରିଖରେ ସେ ୮୮ ମିଟର ୭ ସେଣ୍ଟିମିଟର ଦୂରକୁ ଜାଭେଲିନ୍ ଫିଙ୍ଗି ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏଥିସହ ସେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିଲେ। ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ସୀମା ଥିଲା ୮୫ ମିଟର। ଏହା ପୂର୍ବରୁ କେବଳ ଜର୍ମାନୀର ଜୋହାନେସ୍ ଭିଟର ୮୭.୨୭ ମିଟର ଦୂରକୁ ଫିଙ୍ଗି ଶ୍ରେଷ୍ଠ ବିବେଚିତ ହୋଇଥିଲେ। ପଟିଆଲାରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୩ରେ ପଞ୍ଚମ ଉଦ୍ୟମରେ ସେ ସର୍ବଶ୍ରେଷ୍ଠ ୮୮.୦୭ ମିଟର ଜାଭେଲିନ୍ ଫିଙ୍ଗିଥିଲେ। ଯୁପିର ଅଲିମ୍ପିକ୍ ଯୋଗ୍ୟତାଧାରୀ ଜାଭେଲିନ୍ ଥ୍ରୋୟର୍ ଶିବପାଲ ସିଂ ୮୧.୬୩ ମିଟର ଫିଙ୍ଗି ଦ୍ୱିତୀୟ ଏବଂ ହରିୟାଣାର ସାହିଲ୍ ସିଲୱାଲ୍ ୮୦. ୬୫ ମିଟର ସହ ତୃତୀୟ ସ୍ଥାନ ହାସଲ କରିଥିଲେ। ନୀରଜଙ୍କ ସମେତ ମୋଟ ୧୧ ଜଣ ବ୍ୟକ୍ତିଗତ ଆଥଲେଟ୍ ଟୋକିଓ ଅଲିମ୍ପିକ୍ସରେ ଟ୍ରାକ୍ ଏଣ୍ଡ ଫିଲ୍ଡ ଇଭେଣ୍ଟରେ ଭାଗ ନେବେ। ଜାକର୍ତ୍ତା ଏସିଆନ୍ ଗେମ୍ସ ଏବଂ ଅଷ୍ଟ୍ରେଲିଆର ଗୋଲ୍ଡ କୋଷ୍ଟରେ ଆୟୋଜିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ନୀରଜ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ୨୦୧୮ ମସିହା ଜାକର୍ତ୍ତା ଏସିଆନ୍ ଗେମ୍ସରେ ଜାଭେଲିନ୍ ଥ୍ରୋ ଦୂରତା ଥିଲା ୮୮ ମିଟର ୬ ସେଣ୍ଟିମିଟର।

**ଭାରତୀୟ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଟୋକିଓ ଅଲିମ୍ପିକ୍ସରେ ୯୦ ମିଟର ଦୂରତା ଉପରେ ନଜର ରଖିଛନ୍ତି। ଏଥିରେ ସଫଳ ହେଲେ ସେ ପଦକ ସମ୍ଭାବନା ସୃଷ୍ଟି କରିପାରିବେ।**

ହରିୟାଣାର ପାନିପତ୍ ଜିଲା ଅନ୍ତର୍ଗତ କାଣ୍ଡରା ଗ୍ରାମରେ ୨୩ ବର୍ଷୀୟ ନୀରଜଙ୍କ ଜନ୍ମ। ତାଙ୍କ ପିତା, ମାତା ହେଲେ ସତୀଶ କୁମାର ଓ ସରୋଜା ଦେବୀ। ୨୦୧୮ ଦୋହା ଡାଇମଣ୍ଡ ଲିଗ୍ ଚାମ୍ପିୟନଶିପ୍‌ରେ ନୀରଜ ୮୭.୪୩ ମିଟର ଜାଭେଲିନ୍ ଫିଙ୍ଗି ଚାମ୍ପିୟନ୍ ହେବା ସହ ସାନି ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ୨୦୧୭ ଭୁବନେଶ୍ୱର ଏସିଆନ୍ ଚାମ୍ପିୟନ୍‌ଶିପ୍‌ରେ ୮୫.୨୩ ମିଟରକୁ ଫିଙ୍ଗି ସ୍ୱର୍ଣ୍ଣ ପଦକ ଜିତିଥିଲେ। ବର୍ତ୍ତମାନ ସେ ଜର୍ମାନ୍‌ର ଶରୀର ବିଶେଷଜ୍ଞ କ୍ଲଜ୍ ବାର୍ତୋନୀଜ୍‌ଙ୍କ ନଜରରେ ରହି ତାଲିମ ଗ୍ରହଣ କରୁଛନ୍ତି। ଏହାପୂର୍ବରୁ ସେ ଗାରୀ କଲଭର୍ଟ, ୱର୍ଣ୍ଣର୍ ଡାନିଏଲ୍ସ, ୱୀ ହନ୍‌ଙ୍କଠାରୁ ପ୍ରଶିକ୍ଷଣ ନେଉଥିଲେ। ଜାଭେଲିନ୍ ଥ୍ରୋରେ ଏବେ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଅଛନ୍ତି। ପ୍ରତ୍ୟେକ ୮୮, ୮୯ ମିଟର ପାଖାପାଖି ଥ୍ରୋ କରୁଛନ୍ତି। ତାଙ୍କ ଆନ୍ତର୍ଜାତିକ କ୍ରୀଡ଼ା ଜୀବନ ଆରମ୍ଭ ହୋଇଥିଲା ୨୦୧୩ ମସିହା ବିଶ୍ୱ ଯୁବ ଚାମ୍ପିୟନଶିପ୍, ୟୁକ୍ରେନ୍‌ରେ। ସେଠାରେ ସେ ୬୬.୭୫ ମିଟର ଦୂରତାକୁ ଫିଙ୍ଗି ୧୯ ତମ ସ୍ଥାନରେ ରହିଥିଲେ। ୨୦୧୫ ଏସିଆନ ଚାମ୍ପିୟନଶିପ୍, ଚାଇନାରେ ୭୦.୫୦ ମିଟର ଦୂରକୁ ଫିଙ୍ଗିଥିଲେ ଏବଂ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହିଭଳି ୨୦୧୭ରୁ ୨୧ପର୍ଯ୍ୟନ୍ତ ତାଙ୍କ ଥ୍ରୋ ସଫଳତାକୁ ଦୃଷ୍ଟିପାତ କଲେ ନିରଜଙ୍କ କ୍ରମାଗତ ପ୍ରଗତି ସୂଚାଉଛି। ଏବେ ସେ ୯୦ ମିଟର ଟାର୍ଗେଟ୍ କରିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ସେ ଏହି ଦୂରତା ହାସଲ କରିବେ ବୋଲି ଆଶାବାଦୀ।



ଅଦ୍ୟାବଧି ସେ ୨୩ଟି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଅଂଶ ଗ୍ରହଣ କରି ୧୨ଟିରେ ପଦକ ହାସଲ କରିଛନ୍ତି। ତେଣୁ ମୋଟାମୋଟି ଭାବେ ନୀରଜଙ୍କ ଯାତ୍ରା ସଫଳ ରହିଛି। ୨୦୧୬ ରିଓ ଅଲିମ୍ପିକରେ ଥମାସ୍ ରୋହଲାର୍ (୯୦. ୩୦ ମିଟର)ସ୍ୱର୍ଣ୍ଣ, ଜୁଲିଅସ୍ ୟେଗୋ( ୮୮. ୨୪) ରୌପ୍ୟ ଏବଂ କେଶୋର୍ନ ୱାଲକଟ୍( ୮୫. ୩୮) ବ୍ରୋଞ୍ଜ ପଦକ ହାସଲ କରିଥିଲେ।

**ସ୍ୱାଗତ ସମ୍ପଦ,**
ବଡ଼ବଜାର,ବାରିପଦା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୧୧/୨୦୨୧ Bhubaneswar, Friday, June 11/ 2021





ଫ୍ରେଞ୍ଚ ଓପନ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲ ଅବସରରେ ରିଟର୍ନ ଶଟ୍ ଖେଳୁଛନ୍ତି ରୁଷିଆର ଆନାସ୍ତାସିଆ ପାଭ୍ଲ୍ୟୁଚେଙ୍କୋଭା। ମିକ୍ସଡ ଡବଲ୍ସ ଚାମ୍ପିୟନ ଡେଜାରେ କ୍ରାକ୍‌ଜିକ୍ ଓ ଜୋ ସାଲିସବରୀ ଟ୍ରଫି ସହ।

# ପାଭ୍ଲ୍ୟୁଚେଙ୍କୋଭା ଫାଇନାଲରେ

**ପ୍ୟାରିସ, ୧୦।୬**

ରୁଷିଆର ଆନାସ୍ତାସିଆ ପାଭ୍ଲ୍ୟୁଚେଙ୍କୋଭା ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସେ ସ୍ଲୋଭାନିଆର ତମାରା ଜିଡାନସେକ୍‌ଙ୍କୁ ୭-୫, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। କୌଣସି ଗ୍ରାଣ୍ଡସ୍ଲାମର ଫାଇନାଲରେ ପ୍ରବେଶ କରିବା ପାଭ୍ଲ୍ୟୁଚେଙ୍କୋଭାଙ୍କ ପାଇଁ ଏହା ପ୍ରଥମ। ସେ ପୂର୍ବରୁ ମହିଳା ସିଙ୍ଗଲ୍ସରେ ୨୦୧୭, ୨୦୧୯ ଓ ୨୦୨୦ ଅଷ୍ଟ୍ରେଲିଆନ ଓପନ , ୨୦୧୬ ୱିମ୍ବେଲଡନ ଏବଂ ୨୦୧୧ ୟୁଏସ୍ ଓପନ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଥିଲେ। ସେହିପରି ମହିଳା ଡବଲ୍ସରେ ମଧ୍ୟ ସେ ୨୦୧୩ ଅଷ୍ଟ୍ରେଲିଆନ ଓପନ, ୨୦୧୩ ଫ୍ରେଞ୍ଚ ଓପନ, ୨୦୧୩ ୱିମ୍ବେଲଡନ ଏବଂ ୨୦୧୫ ଓ ୨୦୧୮ ୟୁଏସ୍ ଓପନ କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇ ପାରିଥିଲେ। ଚଳିତ ବର୍ଷର ମହିଳା ଡବଲ୍ସ କ୍ୱାର୍ଟର ଫାଇନାଲରୁ ମଧ୍ୟ ସେ ବିଦାୟ ନେଇଥିଲେ।

## ଗୋଲୁବେଭ-ବୁବ୍ଲିକ୍ ବିଜୟୀ

ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି କାଜାଖସ୍ତାନର

**ଫ୍ରେଞ୍ଚ ଓପନ ଟେନିସ**

ଆନ୍ଦ୍ରେ ଗୋଲୁବେଭ ଏବଂ ଆଲେକଜାଣ୍ଡର ବୁବ୍ଲିକ୍। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଏହି କାଜାଖ ଯୋଡ଼ି ସ୍ପେନର ପାବ୍ଲୋ ଆନ୍ଦୁଜାର ଏବଂ ପେଡ୍ରୋ ମାର୍ଟିନେଜ୍‌ଙ୍କୁ ୧-୬, ୬-୪, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଗୋଲୁବେଭ-ବୁବ୍ଲିକ ପ୍ରଥମ ରାଉଣ୍ଡରେ ସହଜରେ ହାରିଥିଲେ ହେଁ ପରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। କାଜାଖ ଯୋଡ଼ି ଫାଇନାଲରେ ଫ୍ରାନ୍ସର ପିଏରେ-ହ୍ୟୁଗ୍ସ ହର୍ବର୍ଟ ଓ ନିକୋଲାସ ମାହୁଟଙ୍କୁ ଭେଟିବେ। ଫ୍ରେଞ୍ଚ ଯୋଡ଼ି ହର୍ବର୍ଟ-ମାହୁଟ ଦ୍ୱିତୀୟ ସେମିଫାଇନାଲରେ ୬-୭(୨/୭), ୭-୬(୭/୨), ୬-୪ ସେଟ୍‌ରେ କଲମ୍ବିଆର ଜୁଆନ ସେବାଷ୍ଟିଆନ କାବାଲ ଓ ରବର୍ଟ ଫାରା ଯୋଡ଼ିଙ୍କୁ ପରାସ୍ତ କରିଛନ୍ତି।

## କ୍ରାକ୍‌ଜିକ୍-ସାଲିସବରୀ ଚାମ୍ପିୟନ

ଆମେରିକାର ଡେଜାରେ କ୍ରାକ୍‌ଜିକ୍ ଓ ବ୍ରିଟେନର ଜୋ ସାଲିସବରୀ ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ମିକ୍ସଡ ଡବଲ୍ସ ଚାମ୍ପିୟନ ହୋଇଛନ୍ତି। ଗୁରୁବାର ଅନୁଷ୍ଠିତ ଫାଇନାଲରେ ଏହି ଆମେରିକା-ବ୍ରିଟେନ ଯୋଡ଼ି ରୁଷିଆର ଅସଲାନ କାରାତ୍ସେଭ ଓ ଏଲିନା ଭେସନିନାଙ୍କୁ ୨-୬, ୬-୪, ୧୦-୫ ସେଟ୍‌ରେ ପରାସ୍ତ କରିଛନ୍ତି। ଏଥିସହ ସାଲିସବରୀ ଫ୍ରେଞ୍ଚ ଓପନର ମୁଖ୍ୟ ଡ୍ର’ରେ ୩୯ ବର୍ଷର ଟାଇଟଲ ଶୂନ୍ୟତାର ଅନ୍ତ ଘଟାଇଛନ୍ତି। ମୁଖ୍ୟ ଡ୍ର’ର ୫ ଇଭେଣ୍ଟ ମଧ୍ୟରୁ ଶେଷ ବ୍ରିଟିଶ୍ ଖେଳାଳିଭାବେ ଜନ୍ ଲୟଡ ୧୯୮୨ରେ ମିକ୍ସଡ ଡବଲ୍ସ ଟାଇଟଲ ଜିତିଥିଲେ। ସେ ଅଷ୍ଟ୍ରେଲିଆର ୱେଣ୍ଡି ଟର୍ନବୁଲଙ୍କୁ ସାଥିକରି ଖେଳିଥିଲେ। ଉଭୟ କ୍ରାକ୍‌ଜିକ୍ ଏବଂ ସାଲିସବରୀ ସେମାନଙ୍କ ପାର୍ଟନର ସହ ଡବଲ୍ସ ଇଭେଣ୍ଟର ପ୍ରାରମ୍ଭିକ ପର୍ଯ୍ୟାୟରୁ ହାରି ଯାଇଥିଲେ। ଫଳରେ ସେମାନେ ମିକ୍ସଡ ଡବଲ୍ସ ଉପରେ ଫୋକସ କରିଥିଲେ।

## ଧାୱନ୍ ଅଧିନାୟକ

**ନୂଆଦିଲ୍ଲୀ, ୧୦।୬:** ଶ୍ରୀଲଙ୍କା ବିପକ୍ଷ ସୀମିତ ଓଭର କ୍ରିକେଟ ସିରିଜ ପାଇଁ ଗୁରୁବାର ଶିଖର ଧାୱନଙ୍କ ନେତୃତ୍ୱରେ ୨୦ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଜୁଲାଇ ୧୩ରୁ ୨୫ ମଧ୍ୟରେ ଶ୍ରୀଲଙ୍କା ବିପକ୍ଷରେ ଭାରତ କଲମ୍ବୋରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଓ ସମାନ ସଂଖ୍ୟକ ଟି୨୦ ମ୍ୟାଚ ଖେଳିବ। **ଭାରତୀୟ ଦଳ:** ଶିଖର ଧାୱନ (ଅଧିନାୟକ), ଭୁବନେଶ୍ୱର କୁମାର, ପୃଥ୍ୱୀ ଶ’, ଦେବଦତ୍ତ ପଡିକାଲ, ଋତୁରାଜ ଗାଏକ୍ୱାଡ୍, ସୂର୍ଯ୍ୟକୁମାର ଯାଦବ, ମନୀଷ ପାଣ୍ଡେ, ହାର୍ଦ୍ଦିକ ପାଣ୍ଡ୍ୟା, ନୀତୀଶ ରାଣା, ଈଶାନ କିଶନ, ସଞ୍ଜୁ ସାମସନ, ୟୁଜବେନ୍ଦ୍ର ଚହଲ, ରାହୁଲ ଚହର, କ୍ରିଷ୍ଣାପ୍ପା ଗୋଥାମ, କୃନାଲ ପାଣ୍ଡ୍ୟା, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଦୀପକ ଚହର, ନବଦୀପ ସଇନୀ, ଚେତନ ସାକାରିଆ।

## କୋଭିଡ୍ କର୍ଫ୍ୟୁ ଯୋଗୁ ଫ୍ରେଞ୍ଚ ଓପନ ପ୍ରେମୀଙ୍କ ଅସନ୍ତୋଷ

**ପ୍ୟାରିସ, ୧୦।୬ (ଏପି)**

ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସରେ ବୁଧବାର ରାତି ୧୧ଟା ବେଳେ ଆକସ୍ମିକ କରୋନା ଭାଇରସ୍ କର୍ଫ୍ୟୁ ଜାରି ହେବାରୁ ଖେଳପ୍ରେମୀଙ୍କ ମହଲରେ ଏନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଲୋକେ ନୋଭାକ୍ ଜୋକୋଭିଚ୍ ବନାମ ମାଟେଓ ବେରେଟେନି କ୍ୱାର୍ଟରଫାଇନାଲ ମ୍ୟାଚ ଦେଖିବାକୁ ଆସିଥିଲେ। କର୍ଫ୍ୟୁ ଲାଗୁ ହେବା ପରେ ଷ୍ଟାଡିୟମରୁ ଦର୍ଶକ ଖାଲି କରିବାକୁ ପଡ଼ିଥିଲା। ୨୨ ମିନିଟ ବିଳମ୍ବରେ ଖେଳ ଆରମ୍ଭ ହୋଇଥିଲା। ମହାମାରୀଜନିତ କଟକଣା କୋହଳ କରାଯିବା ପରେ ପ୍ରଥମେ ୧,୦୦୦ ଦର୍ଶକଙ୍କୁ ଅନୁମତି ମିଳିଥିଲା। ବୁଧବାର କୋର୍ଟ ଫିଲପ୍ ଚାଟ୍ରିଅରଠାରେ ମ୍ୟାଚ ଦେଖିବାକୁ ବୁଧବାର ୫,୦୦୦ ଦର୍ଶକଙ୍କୁ ଅନୁମତି ଦିଆଯାଇଥିଲା। ତେଣୁ ଆକସ୍ମିକ କରୋନା କର୍ଫ୍ୟୁ ଜାରି ପରେ ପରିସ୍ଥିତି କ’ଣ ହୋଇଥିବ ତାହା ସହଜେ ଅନୁମେୟ। ପରେ ଯେତେବେଳେ ମ୍ୟାଚ ଖେଳାଗଲା ଜୋକୋଭିଚ୍ ୬-୩, ୬-୨, ୬-୭(୫), ୭-୫ରେ ମ୍ୟାଚ୍ ଜିତିଥିଲେ। ଏଥିସହିତ ସେ ତାଙ୍କ ୪୦ତମ ଗ୍ରାଣ୍ଡସ୍ଲାମ ସେମିଫାଇନାଲରେ ପ୍ରବେଶ କରିଥିଲେ। ଜୋକୋଭିଚ୍ କହିଛନ୍ତି ମ୍ୟାଚ ବେଳେ ଦର୍ଶକଙ୍କଠାରୁ ଉତ୍ସାହ ମିଳିଲେ ଶକ୍ତି ବୃଦ୍ଧି ଘଟିଥାଏ। କର୍ଫ୍ୟୁରେ କେତେକ ସମର୍ଥକ ବିରକ୍ତି ପ୍ରକାଶ କରି କହିଥିଲେ ମ୍ୟାଚ ଦେଖିବା ଲାଗି ଆମେ ଟଙ୍କା ଖର୍ଚ୍ଚ କରିଛୁ, ତେଣୁ ଆମେ ଷ୍ଟାଡିୟମ ଛାଡ଼ିବୁ ନାହିଁ। କର୍ଫ୍ୟୁ ପାଇଁ ଉଭୟ ଖେଳାଳି ରାତି ୧୦ଟା ୫୫ରେ ଯେତେବେଳେ ସେମାନଙ୍କ ବ୍ୟାଗ୍ ସହ କୋର୍ଟ ପରିତ୍ୟାଗ କଲେ ଖେଳପ୍ରେମୀଙ୍କ ମଧ୍ୟରେ କୋଳାହଳ ସୃଷ୍ଟି ହୋଇଥିଲା। ଖେଳ ସ୍ଥଗିତ ରଖାଯିବା ବେଳେ ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଜୋକୋଭିଚ୍ ୨-୧ ସେଟ୍‌ରେ ଅଗ୍ରଣୀ ରହିଥିଲେ ଏବଂ ଚତୁର୍ଥ ସେଟ୍‌ରେ ୩-୨ରେ ଆଗୁଆ ରହିଥିଲେ।



କର୍ଫ୍ୟୁ ପରେ ଦର୍ଶକମାନେ ଷ୍ଟାଡିୟମ ଛାଡୁଛନ୍ତି।

## ବର୍ନ୍ସ ଇଂଲଣ୍ଡ ସମ୍ମାନ ରଖିଲେ

**ବର୍ମିଂହାମ, ୧୦।୬**

ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ଗୁରୁବାରଠାରୁ ଏଠାରେ ଆରମ୍ଭ ହୋଇଛି। ନ୍ୟୁଜିଲାଣ୍ଡ ବୋଲରମାନେ ଚମତ୍କାର ବୋଲିଂ କରିଥିଲେ ହେଁ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି ଇଂଲଣ୍ଡର ସମ୍ମାନ ରଖିଛନ୍ତି ଓପନର ରୋରି ବର୍ନ୍ସ। ପ୍ରଥମ ଦିବସରେ ଖବର ମିଳିବା ବେଳକୁ ଇଂଲଣ୍ଡ ୭ ଉଇକେଟ ହରାଇ ୨୫୮ ରନ ସଂଗ୍ରହ କରିଛି। ଡାନିଏଲ ଲରେନ୍ସ ୬୭ ରନରେ ଅପରାଜିତ ରହିଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଇଂଲଣ୍ଡ। ବର୍ନ୍ସ ଓ ଡୋମିନିକ୍ ସିବ୍‌ଲେ ଓପନିଂ ଯୋଡ଼ିରେ ୭୨ ରନ ସଂଗ୍ରହ କରି ଦୃଢ଼ ମୂଳଦୁଆ ପକାଇଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ ନ୍ୟୁଜିଲାଣ୍ଡ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ୮୪ ବଲ୍‌ରୁ ୩୫(୫ ଚୌକା) ରନ କରିଥିବା ଡୋମିନିକ୍ ସିବ୍‌ଲେଙ୍କୁ ଆଉଟ କରି ନ୍ୟୁଜିଲାଣ୍ଡକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ ମ୍ୟାଟ ହେନରି। ପରେପରେ ଜ୍ୟାକ କ୍ରାଲି ଖାତା ଖୋଲିବା ପୂର୍ବରୁ ଏବଂ ଅଧିନାୟକ ଜୋ ରୁଟ୍ ମାତ୍ର ୪ ରନ କରି ଆଉଟ ହେବାରୁ ଇଂଲଣ୍ଡ ସ୍କୋର ୮୫/୩ ହୋଇ ଯାଇଥିଲା। ଓଲି ପୋପ୍ ଭଲ ଆରମ୍ଭ କରିଥିଲେ ହେଁ ତାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ ସେ ୪୯ ବଲ୍‌ରୁ ୧୯ ରନକରି ଆଉଟ ହୋଇଥିଲେ। ଭଲ ଖେଳି ଶତକ ଆଡ଼କୁ ଅଗ୍ରସର ହେଉଥିବା ବର୍ନ୍ସ ଚା’ ବିରତି ପରେ ଆଉଟ ହୋଇ ଯାଇଥିଲେ। ୧୮୭ଟି ବଲ୍‌ର ସମ୍ମୁଖୀନ ହୋଇଥିବା ବର୍ନ୍ସ ୧୦ ଚୌକା ସହାୟତାରେ ୮୧ ରନ କରିଥିବାବେଳେ ଟ୍ରେଣ୍ଟ ବୋଲ୍ଟଙ୍କ ବଲ୍‌ରେ ଦ୍ୱିତୀୟ ସ୍ଲିପ୍‌ରେ ଟମ୍ ଲଥାମଙ୍କୁ ଲୋ-କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲକୁ ଦୃଷ୍ଟିରେ ରଖି ନ୍ୟୁଜିଲାଣ୍ଡ ୬ ପରିବର୍ତ୍ତନ ସହ ପଡ଼ିଆକୁ ଓହ୍ଲାଇଥିଲା। ଆହତ ସମସ୍ୟା ଯୋଗୁ ଅଧିନାୟକ କେନ୍ ୱିଲିୟମସନ ଖେଳିବେ ନାହିଁ ବୋଲି ପୂର୍ବରୁ ସ୍ପଷ୍ଟ କରାଯାଇଥିଲା। ତାଙ୍କ ସ୍ଥାନରେ ଟମ୍ ଲଥାମଙ୍କୁ ଦଳର ନେତୃତ୍ୱ ଦିଆଯାଇଥିଲା। ପିଠିରେ ଯନ୍ତ୍ରଣା ଯୋଗୁ ଉଇକେଟ କିପର ବିଜେ ୱାଟଲିଂ ଶେଷ ମୁହୂର୍ତ୍ତରେ ଓହରି ଯାଇଥିଲେ। ତାଙ୍କ ସ୍ଥାନରେ ଟମ୍ ବ୍ଲଣ୍ଡେଲଙ୍କୁ ନିଆ ଯାଇଥିଲା। ସେହିପରି ୱିଲ୍ ୟଙ୍ଗ୍, ଡାରିଲ ମିଚେଲ, ଆଜାଜ ପଟେଲ, ଟ୍ରେଣ୍ଟ ବୋଲ୍ଟ ଏବଂ ମ୍ୟାଟ୍ ହେନରି ଚୂଡ଼ାନ୍ତ ଦଳରେ ସ୍ଥାନ ପାଇଥିଲେ। ଇଂଲଣ୍ଡ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଏହି ମ୍ୟାଚ ଖେଳିବା ସହ ଇଂଲଣ୍ଡର ସର୍ବାଧିକ ଟେଷ୍ଟ କ୍ୟାପ୍‌ଧାରୀ ହୋଇଥିଲେ। ଏହା ହେଉଛି ଆଣ୍ଡରସନଙ୍କର ୧୬୨ତମ ମ୍ୟାଚ। ଏ କ୍ଷେତ୍ରରେ ସେ ସାର୍ ଆଲିଷ୍ଟର କୁକ୍ (୧୬୧ ଟେଷ୍ଟ)ଙ୍କ ରେକର୍ଡକୁ ଅତିକ୍ରମ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ବୋଲ୍ଟ, ମ୍ୟାଟ୍ ହେନରି ଓ ଆଜାଜ ପଟେଲ ୨ଟି ଲେଖାଏ ଏବଂ ନେଲ୍ ୱାଗନର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ରନ୍ ନେବା ଅବସରରେ ରୋରି ବର୍ନ୍ସ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୨୫୮/୭ (ରୋରି ବର୍ନ୍ସ-୮୧, ଡାନିଏଲ ଲରେନ୍ସ-୬୭*, ଡୋମିନିକ ସିବ୍‌ଲେ-୩୫, ଟ୍ରେଣ୍ଟ ବୋଲ୍ଟ-୨/୬୦, ମ୍ୟାଟ୍ ହେନରି-୨/୬୬, ଆଜାଜ ପଟେଲ-୨/୩୪, ନେଲ୍ ୱାଗନର-୧/୬୨)।

## ମୋର୍ଗାନ, ବଟଲରଙ୍କ ପାଇଁ ଆଇପିଏଲ୍ ଅଡୁଆ

**ନୂଆଦିଲ୍ଲୀ, ୧୦।୬ (ପି.ଟି.)**

ଇଂଲଣ୍ଡର ଦୁଇ ଖେଳାଳି ଇଅନ ମୋର୍ଗାନ ଓ ଜୋସ୍ ବଟଲର ଯଦି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅବଶିଷ୍ଟାଂଶରୁ ଓହରି ଯାଆନ୍ତି ତେବେ ସେମାନେ ସେମାନଙ୍କ ଫ୍ରାଞ୍ଚାଇଜ୍ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଓ ରାଜସ୍ଥାନ ରୟାଲ୍ସଠାରୁ ଦଣ୍ଡିତ ହେବାରୁ ବଞ୍ଚିଯାଇପାରନ୍ତି। ଏହି ଦୁଇ ଖେଳାଳି ୨୦୧୭ରେ ଭାରତୀୟଙ୍କ ଉପରେ ଜାତିଆଣ ଟୁଇଟ୍ କରିଥିଲେ। ମୁସ୍‌ଲିମ ଓ ଏସିଆନଙ୍କ ବିରୋଧରେ ଜାତିବାଦ ଓ ଯୌନବାଦ ଟୁଇଟ୍ କରିଥିବା ଅଭିଯୋଗରେ ଇଂଲଣ୍ଡ କ୍ରିକେଟ ବୋର୍ଡ (ଇସିବି) ନିକଟରେ ପେସ୍ ବୋଲର ଓଲି ରବିନସନଙ୍କୁ ସସ୍‌ପେଣ୍ଡ କରିବା ଦ୍ୱାରା ଇଂଲିଶ କ୍ରିକେଟ ସିଷ୍ଟମ୍ ଦୋହଲି ଯାଇଥିଲା। ଓଲିଙ୍କୁ ଯେତେବେଳେ ମାତ୍ର ୧୮ବର୍ଷ ବୟସ ହୋଇଥିଲା, ସେତେବେଳେ ସେ ଏହି ଟୁଇଟ୍ କରିଥିଲେ କିନ୍ତୁ ସୋସିଆଲ ମିଡିଆରେ ତାହା ପୁଣି ଦେଖିବାକୁ ମିଳିବାରୁ ତାଙ୍କୁ ଏବେ ଦଣ୍ଡ ଭୋଗିବାକୁ ପଡ଼ିଛି। କୋଭିଡ୍ ପାଇଁ ସ୍ଥଗିତ ରଖାଯାଇଥିବା ଆଇପିଏଲ୍ ୟୁଏଇରେ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାର ଅଛି। ମୋର୍ଗାନ ଓ ବଟଲର ଭାରତୀୟମାନେ କିଭଳି ଇଂଲିଶ କହିଥାନ୍ତି ତାହାକୁ ନେଇ ପରିହାସ କରି ଟୁଇଟ୍ କରିଥିଲେ। ଭାରତୀୟମାନଙ୍କ ପ୍ରତି ସେମାନଙ୍କର ମନୋଭାବ କ’ଣ ଏଥିରୁ ସ୍ପଷ୍ଟ ହୋଇଯାଉଛି। ଶାହାରୁଖ ଖାନ୍ ଓ ମନୋଜ ବଦାଲେ ଯଦି ସେମାନଙ୍କ ଫ୍ରାଞ୍ଚାଇଜର ସମ୍ମାନ ପ୍ରତି ଧ୍ୟାନ ଦିଅନ୍ତି ତେବେ ଉଭୟ ମୋର୍ଗାନ ଓ ବଟଲରଙ୍କୁ କ୍ଷମା ମଗାଇପାରନ୍ତି। ଭାରତୀୟଙ୍କୁ ପରିହାସ କରି ହୋଇଥିବା ଏକ ଆଲୋଚନାରେ କେକେଆର ମୁଖ୍ୟ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମ ମଧ୍ୟ ସାମିଲ ହୋଇଥିଲେ। ବିସିସିଆଇର ଜଣେ ବରିଷ୍ଠ କର୍ମକର୍ତ୍ତା ନିଜ ନାମ ଗୋପନ ସର୍ତ୍ତରେ କହିଛନ୍ତି, କେବଳ କ୍ଷମାପ୍ରାର୍ଥନା ହିଁ ଯଥେଷ୍ଟ। ଜାତୀୟ ଦଳ ପାଇଁ ଦାୟିତ୍ୱ ରହିଥିବାରୁ ଇସିବି ଆଇପିଏଲ୍‌ର ଦ୍ୱିତୀୟ ପର୍ଯ୍ୟାୟରେ ଖେଳିବା ଲାଗି ଏହାର ଖେଳାଳିମାନଙ୍କୁ ଅନୁମତି ଦେବନାହିଁ। ଏହି ପରିସ୍ଥିତିରେ ସେମାନଙ୍କୁ ଯଦି ସସ୍‌ପେଣ୍ଡ କରାଯାଏ ତେବେ ଏହା ଲୋକଦେଖାଣିଆ ଭଳି ହେବ ବୋଲି ସେ କହିଛନ୍ତି। କେକେଆର୍ ପାଇଁ ଆଇପିଏଲ୍‌ର ଅବଶିଷ୍ଟାଂଶରେ ଶ୍ରେଷ୍ଠ ୪ ମଧ୍ୟରେ ସ୍ଥାନ ପାଇବା ସମ୍ଭାବନା ଖୁବ୍‌କମ। ତେଣୁ ମୋର୍ଗାନଙ୍କୁ ସସ୍‌ପେଣ୍ଡ କରାଗଲେ ଦୋଷ ତୁଟିଯିବ ବୋଲି କେକେଆର ବିଚାର କରିପାରେ। ଅନ୍ୟପକ୍ଷରେ କେକେଆର ମ୍ୟାନେଜମେଣ୍ଟ ମ୍ୟାକ୍‌କୁଲମଙ୍କ ବିରୋଧରେ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଲକ୍ଷ୍ୟ କରିବାର କଥା। ଫ୍ରାଞ୍ଚାଇଜର ପ୍ରମୁଖ ମାଲିକ ଶାହାରୁଖ ହୁଏତ କ୍ଷମା ପ୍ରାର୍ଥନା, ଅବା ଜରିମାନା କିମ୍ବା ସସ୍‌ପେଣ୍ଡ କରିପାରନ୍ତି।



ଇଅନ ମୋର୍ଗାନ






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଶିକ୍ଷକଙ୍କ ପଦୋନ୍ନତିକୁ ନେଇ ଚିନ୍ତା

- ସାନି ସଂଶୋଧନ ତାଲିକା ପ୍ରକାଶନ ପରେ ବି ଉପେକ୍ଷା
- ପୁଣି ଜିଲା ପଦୋନ୍ନତି କମିଟି ବସାଇବାକୁ ନେଇ ଉଠିଲା ପ୍ରଶ୍ନ
- ଡିଇଓଙ୍କ ବଦଳି ପାଇଁ ଶିକ୍ଷକଙ୍କ ଗୁପ୍ତ ବୈଠକ

**ନୟାଗଡ଼ ଅଫିସ,୧୦।୬**

ରାଜ୍ୟର ୨୯ ଜିଲାରେ ଲେଭୁଲ-୫(କ) ଶିକ୍ଷକଙ୍କ ପଦୋନ୍ନତି ହୋଇ ସାରିଲାଣି। ହେଲେ ନୟାଗଡ଼ ଜିଲାରେ ସେହି ତାଲିକା ପ୍ରକାଶ ପାଇନାହିଁ । ପଦୋନ୍ନତି ତାଲିକା ସଂଶୋଧନ ହୋଇ ପ୍ରକାଶନ ପରେ ଜିଲା ପଦୋନ୍ନତି କମିଟିର ପୁନର୍ବାର ମଞ୍ଜୁରୀ କ'ଣ ପାଇଁ ବୋଲି ଶିକ୍ଷକମାନେ ପ୍ରଶ୍ନ କରିଛନ୍ତି । ଏହାକୁ ନେଇ ଶିକ୍ଷକମାନେ ଏକ ଗୁପ୍ତ ବୈଠକ ଡାକି ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ସୁପାରିସ କରିବାକୁ ଯୋଜନା ପ୍ରସ୍ତୁତ କରୁଥିବା ଖବର ମିଳିଛି। ଏହା ଡିଇଓଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ଚର୍ଚ୍ଚା ହେଉଛି ।

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନୂତନ ଶିକ୍ଷାନୀତି ବିଜ୍ଞପ୍ତି ତଥା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶ ଅନୁଯାୟୀ ବିଭିନ୍ନ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଲେଭୁଲ-୫(କ) ଶିକ୍ଷକମାନଙ୍କ ପଦୋନ୍ନତି ବ୍ୟବସ୍ଥା କରାଯାଇଛି। ଯେଉଁ ଶିକ୍ଷକମାନେ ନିରବଚ୍ଛିନ୍ନ ଭାବେ ଲେଭୁଲ-୫(କ)ରେ ୪ବର୍ଷ ଧରି କାର୍ଯ୍ୟ କରିଥିବେ, ସେମାନଙ୍କୁ ଲେଭୁଲ-୫(ଖ)କୁ ପଦୋନ୍ନତି ମିଳିବା ପାଇଁ ନିର୍ଦ୍ଦେଶ ଅଛି । ସେହି ଅନୁଯାୟୀ ରାଜ୍ୟର ୨୯ ଜିଲାରେ ଶିକ୍ଷକଙ୍କୁ ପଦୋନ୍ନତି ମିଳି ସାରିଲାଣି । ହେଲେ ନୟାଗଡ଼ ଜିଲାରେ ଲେଭୁଲ-୫(କ) ଶିକ୍ଷକମାନଙ୍କୁ ପଦୋନ୍ନତି ଦେବାରେ ଶିକ୍ଷା ବିଭାଗ ପକ୍ଷରୁ ଜାଣିଶୁଣି ବିଳମ୍ବ କରାଯାଉଥିବା ଅଭିଯୋଗ ହୋଇଛି। ନୟାଗଡ଼ ଜିଲାରେ ୧ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ପଦୋନ୍ନତି ଅପେକ୍ଷାରେ ଅଛନ୍ତି ।

ନୟାଗଡ଼ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଦେଶନାମା ନଂ.-୭୭୩୬/ ୩ ।୧୨।୨୦୨୦ରିଖରେ ଏକ ପଦୋନ୍ନତି ତାଲିକା ପ୍ରକାଶ ପାଇଥିଲା । ଏଥିରେ ବ୍ୟାପକ ତ୍ରୁଟି ରହିଥିଲା । ଏନେଇ ଜିଲା ପ୍ରାଥମିକ ଶିକ୍ଷକ ସଙ୍ଗଠନ ପକ୍ଷରୁ ଅଭିଯୋଗ ହେବା ପରେ ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ ପ୍ରକାଶିତ ପଦୋନ୍ନତି ବିଜ୍ଞପ୍ତିକୁ ବାତିଲ କରି ତୁରନ୍ତ ସାନି ସଂଶୋଧିତ ତାଲିକା ପଠାଇବା ପାଇଁ ଜିଲାର ସମସ୍ତ ବ୍ଲକ ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ ବ୍ଲକ ଶିକ୍ଷାଧିକାରୀମାନେ ସାନି ସଂଶୋଧିତ ଶିକ୍ଷକ ତାଲିକା ଜିଲା ଶିକ୍ଷା କାର୍ଯ୍ୟାଳୟକୁ ପଠାଇଥିଲେ । ଏହାପରେ ବି ପଦୋନ୍ନତି ହୋଇ ନ ଥିଲା । ଫଳରେ ବିଭିନ୍ନ ଶିକ୍ଷକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ଧମକ ମିଳିଥିଲା । ଏହାପରେ ଗତ ଏପ୍ରିଲ ୭ରେ ବିଭିନ୍ନ ଶିକ୍ଷକ ସଂଘର ପ୍ରତିନିଧିମାନଙ୍କୁ ଡକାଇ ପଦୋନ୍ନତି ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଆଲୋଚନା କରିବା ପରେ ଆନ୍ଦୋଳନ ସ୍ଥଗିତ ରହିଥିଲା । ଆଲୋଚନା ଅନୁଯାୟୀ ଶିକ୍ଷକମାନଙ୍କ ଚୂଡ଼ାନ୍ତ ପଦୋନ୍ନତି ତାଲିକା ଏପ୍ରିଲ ଶେଷ ସପ୍ତାହ ସୁଦ୍ଧା ପ୍ରକାଶ ପାଇବ ବୋଲି ଶିକ୍ଷକ ପ୍ରତିନିଧିମଣ୍ଡଳୀକୁ ଜିଲା ଶିକ୍ଷାଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ୨ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପଦୋନ୍ନତି ତାଲିକା ପ୍ରକାଶ ପାଇଲା ନାହିଁ । ଶିକ୍ଷକମାନେ ଏନେଇ ପ୍ରତିବାଦ ପରେ ଜିଲା ପଦୋନ୍ନତି କମିଟି ବସୁ ନ ଥିବାରୁ ଶିକ୍ଷକମାନଙ୍କ ପଦୋନ୍ନତିରେ ବିଳମ୍ବ ହେଉଥିବା ଜିଲା ଶିକ୍ଷା ଅଧିକାରୀ ସଫେଇ ଦେଇଥିଲେ। ଏଭଳି ସ୍ଥଳେ ଶିକ୍ଷକମାନେ ଜିଲା ଶିକ୍ଷା ବିଭାଗର ଏପରି ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ୨୦୨୦ ଡିସେମ୍ବରରେ ପ୍ରକାଶିତ ପଦୋନ୍ନତି ତାଲିକାକୁ ସଂଶୋଧନ କରି ପ୍ରକାଶ କରିବା ପରେ ଜିଲା ପଦୋନ୍ନତି କମିଟିର ପୁନର୍ବାର ମଞ୍ଜୁରୀର ଆବଶ୍ୟକତା ନାହିଁ ବୋଲି ବିଭିନ୍ନ ଶିକ୍ଷକ ସଂଘ ପକ୍ଷରୁ କୁହଯାଇଛି। ଶିକ୍ଷକମାନଙ୍କ ପଦୋନ୍ନତି ସମସ୍ୟାକୁ ତୁରନ୍ତ ସମାଧାନ କରିବା ପାଇଁ ଜିଲାର ବିଭିନ୍ନ ଶିକ୍ଷକ ସଙ୍ଗଠନ ପକ୍ଷରୁ ଜିଲାପାଳ ଓ ନୟାଗଡ଼ ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ଡ. ଅରୁଣ କୁମାର ସାହୁଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ପାଇଁ ନିବେଦନ କରାଯାଇଛି ।

ଏନେଇ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଭକ୍ତ ରଞ୍ଜନ ମିଶ୍ର କୁହନ୍ତି, ଶିକ୍ଷକ ପଦୋନ୍ନତି ନେଇ ଜିଲା ଶିକ୍ଷା ଅଧିକାରୀ ବାରମ୍ବାର ସମୟ ଗଡ଼ାଇ ଚାଲିଛନ୍ତି। ଏବେ କହୁଛନ୍ତି, ଜିଲା ପଦୋନ୍ନତି କମିଟିର ସ୍ୱୀକୃତି ନ ହେଲେ ପଦୋନ୍ନତିରେ ବିଳମ୍ବ ହେବ। ରଜ ପରେ ପଦୋନ୍ନତି ତାଲିକା ପ୍ରକାଶ ପାଇବ ବୋଲି ସେ କହିଛନ୍ତି। ଏହାକୁ ନେଇ ବିଭିନ୍ନ ଶିକ୍ଷକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚାଲିଛି ବୋଲି ସେ ସୂଚନା ଦେଇଛନ୍ତି। ଜଣେ ଶିକ୍ଷକ ନିଜ ନାମ ଗୋପନ ରଖି କହିଛନ୍ତି, ଜିଲା ଶିକ୍ଷା ଅଧିକାରୀ ଏବେ ଶିକ୍ଷକମାନଙ୍କୁ ହଇରାଣ କରିବା ଆରମ୍ଭ କରିଛନ୍ତି । ନିକଟରେ ଲେଭୁଲ ୫ ଏକ୍ସ କ୍ୟାଡର ଶିକ୍ଷକଙ୍କ ଏରିୟର ଟଙ୍କା ପାଇଁ ବାରମ୍ବାର ସମୟ ଗଡ଼ାଇ ଚାଲିଥିଲେ। ନୟାଗଡ଼ ବିଧାୟକ ସାହୁଙ୍କ ହସ୍ତକ୍ଷେପ ପରେ ତରବରିଆ ଭାବେ ସେହି ଟଙ୍କା ପ୍ରଦାନ କରିଥିଲେ। ବିଭିନ୍ନ କାର୍ଯ୍ୟ ପାଇଁ ଶିକ୍ଷକମାନେ ହଇରାଣ ହେଉଥିବାରୁ ଜିଲା ଶିକ୍ଷା ଅଧିକାରୀଙ୍କ ବଦଳି ପାଇଁ ପ୍ରୟାସ ଚାଲିଛି ବୋଲି ସେ କହିଛନ୍ତି । ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ ଏ ସଂକ୍ରାନ୍ତରେ କୁହନ୍ତି, ଜିଲା ପଦୋନ୍ନତି କମିଟି ବସି ନ ଥିବାରୁ ପଦୋନ୍ନତିରେ ବିଳମ୍ବ ହେଉଛି। ତୁରନ୍ତ ଏହାର ସମାଧାନ ପାଇଁ ଚେଷ୍ଟା କରାଯାଉଛି ।

## ସଂକ୍ଷେପରେ

### ବିଭିନ୍ନ ପଞ୍ଚାୟତରେ ଆରମ୍ଭ ହେଲା ଟିକାକରଣ

**ଖଣ୍ଡପଡ଼ା,୧୦।୬(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ରାଣୀଛେଲ୍ଲି ପଞ୍ଚାୟତରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କ ଟିକାକରଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ ମୋବାଇଲ ଟିମ୍ ମାଧ୍ୟମରେ ଏଣିକି ଟିକାକରଣ କରାଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅଭିସାର ପଣ୍ଡା ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମ ଅନୁଯାୟୀ, ରାଣୀଛେଲ୍ଲି ପଞ୍ଚାୟତରେ ସମୁଦାୟ ୨୦୫ ଜଣଙ୍କୁ ଟିକାକରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି । ସୂଚନାଯୋଗ୍ୟ,ପୂର୍ବରୁ ବିଭିନ୍ନ ପ୍ରାଥମିକ ଓ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ସୁବିଧା ଉପଲବ୍ଧ ହେଉଥିବା ବେଳେ ଗୁରୁବାରଠାରୁ ଏହି କାର୍ଯ୍ୟକ୍ରମ ବିଭିନ୍ନ ପଞ୍ଚାୟତରେ ମୋବାଇଲ ଟିମ୍ ମାଧ୍ୟମରେ ଆରମ୍ଭ ହେଉଥିବା ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କ ସୂତ୍ରରୁ ସୂଚନା ମିଳିଛି । ଏହି ମୋବାଇଲ କାର୍ଯ୍ୟକ୍ରମ ଦ୍ୱାରା ବୟସ୍କ ଓ ଦୂରାରୋଗ୍ୟ ବ୍ୟାଧି ଥିବା ଲୋକେ ଉପକୃତ ହେବେ । ଶୃଙ୍ଖଳିତ ଭାବେ ଏହି ଟିକାକରଣ କାର୍ଯ୍ୟକ୍ରମ ପରିଚାଳନା ହେଉଥିବା ଏବଂ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ପାଇଁ ଭିଡରୁ ମଧ ମୁକ୍ତି ମିଳିଥିବା ବିପିଏମ୍ଓ ଶୁଭ ସଙ୍କେତ ପଣ୍ଡା କହିଛନ୍ତି । ଶୁକ୍ରବାର ମର୍ଦ୍ଦରାଜପୁର ଓ ଶିଖରପୁର ପଞ୍ଚାୟତରେ ଟିକାକରଣ କାର୍ଯ୍ୟକ୍ରମ ମୋବାଇଲ ଟିମ୍ ମାଧ୍ୟମରେ ହେବ ବୋଲି ସୂଚନା ମିଳିଛି ।

### ବାଇକ୍ ସହ ୧୦ କେଜି ଗଞ୍ଜେଇ ଜବତ, ଦମ୍ପତି ଗିରଫ

ନୟାଗଡ଼ ଅଫିସ,୧୦।୬:ନୂଆଗାଁ ଥାନା ପୋଲିସ ମହିତମାଠାରୁ ବାଇକ୍ ସହ ୧୦ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ପୋଲିସ ଖୋର୍ଦ୍ଧା ଆଦର୍ଶ ଥାନା ଭାଲିଆବାଡିର ଦୀପକ ପ୍ରଧାନ(୨୭) ଓ ତାଙ୍କ ସ୍ତ୍ରୀ ହିନା ବିବି(୨୬)ଙ୍କୁ ଗିରଫ କରିଛି। ଉଭୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ । ଗଞ୍ଜେଇ ଜବତ ପରେ ପୋଲିସ ଏକ ମାମଲା(ନଂ.୭୪/୨୧)ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପ୍ରଦୀପଙ୍କ ସୂଚନା ଅନୁସାରେ ଫୁଲବାଣୀର ଜଣେ ଗଞ୍ଜେଇ ବ୍ୟବସାୟୀ ତାଙ୍କୁ ୧୦ କେଜି ଗଞ୍ଜେଇ ଦଶପଲ୍ଲାରେ ଦେଇଥିଲେ । ସେ ଦଶପଲ୍ଲାରୁ ଏକ ବାଇକ୍(ନଂ.ଓଡି୦୨ସି ୦୯୫୬)ରେ ଗଞ୍ଜେଇ ନେଇ ଯୋଗେ ଖୋର୍ଦ୍ଧା ଯାଉଥିଲେ।

### ମଦ ବ୍ୟବସାୟୀ ଜେଲ ଗଲେ

**ନୟାଗଡ଼ ଅଫିସ,୧୦।୬:** ନୟାଗଡ଼ ସଦର ଥାନା ପୋଲିସ ମାଛିପଡା ପଞ୍ଚାୟତ ରୋଡରୁ ୧୦ ଲିଟର ଦେଶୀ ମଦ ଜବତ କରିଛି । ଏହି ଘଟଣାରେ ମାଛିପଡ଼ାର ମଦ ବ୍ୟବସାୟୀ ପଞ୍ଚାନନ ବାରିକଙ୍କୁ ବୁଧବାର ଗିରଫ କରାଯାଇଥିଲା । ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ପୋଲିସ ଏକ ମାମଲା(ନଂ.୮୩/୨୧) ରୁଜୁ କରିଛି ।

## ୧୨୦ କରୋନା ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ,୧୦।୬**

ନୟାଗଡ଼ ଜିଲାରେ ବୁଧବାର ୧୨୦ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହି ସଂଖ୍ୟାକୁ ମିଶାଇ ୨ୟ ଲହରରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧ ହଜାର ୬୪ରେ ପହଞ୍ଚିଛି । ଗୁରୁବାର ଭାପୁର ବ୍ଲକରେ ୬, ଦଶପଲ୍ଲା ବ୍ଲକରେ ୨୧, ଗଣିଆ ବ୍ଲକ ୪, ଖଣ୍ଡପଡା ବ୍ଲକରେ ୧୪, ନୟାଗଡ ବ୍ଲକରେ ୨୪, ନୂଆଗାଁ ବ୍ଲକରେ ୧୫, ଓଡଗାଁ ବ୍ଲକ ୧୩, ରଣପୁର ବ୍ଲକ ୧୫, ନୟାଗଡ ପୌରାଞ୍ଚଳରେ ୮ଜଣ ଚିହ୍ନଟ ହୋଇଛନ୍ତି। କରୋନାର ପ୍ରଥମ ଓ ୨ୟ ପର୍ଯ୍ୟାୟ ଲହର ନୟାଗଡ଼ ଜିଲାରୁ ୫୪ ଜୀବନ ନେଇ ସାରିଛି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ

**ନୟାଗଡ଼ ଅଫିସ,୧୦।୬**

ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ସ୍ୱର୍ଗତ ଅଶୋକ କୁମାର ତ୍ରିପାଠୀଙ୍କ ୬୧ ତମ ଜନ୍ମ ବାର୍ଷିକୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ କୋଭିଡ-୧୯ ସହାୟତା ପାଇଁ ୧୦ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଛି। ପ୍ରାଧ୍ୟାପକଙ୍କ କନ୍ୟା ଯୋଗଜାତା ତ୍ରିପାଠୀ ଓ ଓଁମକାର ନାଥ ଏହି ଚେକ୍କୁ ନୟାଗଡ ଜିଲାପାଳ ପୋମା ଟୁଡୁଙ୍କୁ ମଙ୍ଗଳବାର ପ୍ରଦାନ କରିଛନ୍ତି ।

# ୫ ପଞ୍ଚାୟତରେ ୪୮ ଘଣ୍ଟା ବିଦ୍ୟୁତ୍ କାଟ

## ପ୍ରତିବାଦରେ ଟାୟାର ଜାଳି ରାସ୍ତା ଅବରୋଧ

**ନୟାଗଡ଼ ଅଫିସ,୧୦।୬**

ନୟାଗଡ଼ ଜିଲାରେ ବିଦ୍ୟୁତ୍ ବିଭ୍ରାଟ ବଢ଼ିବାରେ ଲାଗିଛି । ବର୍ଷା ଓ ପବନର ଆଭାସ ମିଳିଲେ ବିଦ୍ୟୁତ୍ କଟି ଯାଉଛି । ନୟାଗଡ଼ ବ୍ଲକ ଲାଠିପଡା ଗ୍ରୀଡ ଅଧୀନରେ ଥିବା ଲାଠିପଡ଼ା, ଗମ୍ଭାରଡିହି, ଇକିରି, କେନ୍ଦୁଡ଼ିପ ଓ ନୋତର ଆଦି ୫ ପଞ୍ଚାୟତ ୩୦ରୁ ଊର୍ଦ୍ଧ୍ୱ ଗାଁରେ ୪୮ ଘଣ୍ଟା ହେଲା ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଫଳରେ ପ୍ରାୟ ୬ ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ହଇରାଣ ହେଉଛନ୍ତି । ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ବାରମ୍ବାର ଅଭିଯୋଗ ପରେ ସୁଫଳ ମିଳୁନାହିଁ। ଅନ୍ୟପକ୍ଷେ ସ୍ଥାନୀୟ ଲୋକ ବିଦ୍ୟୁତ୍ କାଟ ସମ୍ପର୍କରେ ଫୋନ କଲେ କୌଣସି ଅଧିକାରୀ ଫୋନ ଉଠାଉ ନାହାନ୍ତି । ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ କୋଭିଡ ନିୟମକୁ ମାନି ଲାଠିପଡ଼ା ଗ୍ରୀଡଠାରେ ଟାୟାର ଜାଳି ଗୁରୁବାର ଅପରାହ୍ନ ୩ଟାରୁ ପ୍ରତାପପ୍ରସାଦ-ଦର୍ପନାରାୟଣପୁର ରାସ୍ତାକୁ ଅବରୋଧ କରିଛନ୍ତି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିଛି । ଆନ୍ଦୋଳନ ଯୋଗୁ ନୟାଗଡ଼ ଓ ରଣପୁରକୁ ଯାନବାହନ ଚଳାଚଳ ବନ୍ଦ ରହିଛି । ଜିଲା ସଦର ମହକୁମାର ବ୍ଲକରେ ଏପରି ଅବସ୍ଥା ହୋଇଥିବାବେଳେ ଅନ୍ୟ ବ୍ଲକଗୁଡ଼ିକରେ ବିଦ୍ୟୁତ୍ ବିଭ୍ରାଟ ନେଇ ଅସନ୍ତୋଷ ବଢ଼ି ଚାଲିଛି ।



ଗ୍ରାମବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି ।

## ସାବିତ୍ରୀ ବ୍ରତ ପାଳନ କଲେ କିନ୍ନର

**ନୟାଗଡ଼ ଅଫିସ,୧୦।୬**

ନୟାଗଡ଼ ସହର ଏମ୍ଆଇ କଲୋନୀ ତ୍ରିନାଥ ମନ୍ଦିରରେ କିନ୍ନରମାନେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି । ନିଜ ଗୁରୁଙ୍କ ଦୀର୍ଘମୟ ଜୀବନଯାପନ ପାଇଁ ବ୍ରତ ପାଳନ କରିଥିଲେ । ପୂଜାର୍ଚ୍ଚନା ପରେ ଗୁରୁଙ୍କ ପାଦଧୂଳି ନେଇ ଥିଲେ । ପୂଜାରେ କିନ୍ନର ପ୍ରିୟଙ୍କା ମହାରଣା, ଚୁମୁକି ନାୟକ, ଟୁନି କିନ୍ନର, ଲିନା ସିଂ, ସ୍ୱପ୍ନା ସାହୁ, ଝୁମୁରି ପ୍ରଧାନ ସାମିଲ ହୋଇ ଥିଲେ ।



କିନ୍ନରମାନେ ସାବିତ୍ରୀ ବ୍ରତ ପାଳନ କରୁଛନ୍ତି ।

## ଘରେ ହେଲା ସାବିତ୍ରୀ ବ୍ରତ ପୂଜା

**ଖଣ୍ଡପଡ଼ା,୧୦।୬(ସ୍ୱ.ପ୍ର.)**

କୋଭିଡ୍ କଟକଣା ଯୋଗୁ ମହିଳାମାନେ ଘରେ ସାବିତ୍ରୀ ବ୍ରତ ପୂଜା କରିଛନ୍ତି । ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ, ମର୍ଦ୍ଦରାଜପୁର, ବେଣାଗାଡିଆ, ଖଳିସାହି, କୋସକା, ଢୋଲମରା, ସିଧାମୂଳା ଆଦି ଅଞ୍ଚଳର ମହିଳାମାନେ ଲକ୍ଷ୍ମୀନାରାୟଣଙ୍କୁ ପୂଜାର୍ଚ୍ଚନା କରିବା ପାଇଁ ଗୁରୁବାର ସକାଳୁ ଗ୍ରାମ ନିକଟ ବିଭିନ୍ନ ମନ୍ଦିରକୁ ଯାଇଥିଲେ । ହେଲେ ପୋଲିସ ସେମାନଙ୍କୁ ମନ୍ଦିର ଭିତରକୁ ଯିବାକୁ ବାରଣ କରିଥିଲା । ଫଳରେ କେତେଜଣ ମହିଳା ମନ୍ଦିର ବାହାରେ ପୂଜା କରିଥିବା ବେଳେ ଅଧିକାଂଶ ମହିଳା ମନ୍ଦିରକୁ ନ ଯାଇ ନିଜ ଘରେ ଥିବା ତୁଳସୀ ଚଉରା ମୂଳେ ଲକ୍ଷ୍ମୀନାରାୟଣଙ୍କ ଫଟୋ ସ୍ଥାପନ କରି ସାବିତ୍ରୀ ପୂଜା କରିଥିଲେ । ତେବେ ନାରାୟଣୀ ପୀଠରେ ବ୍ରତଧାରିଣୀମାନେ ପୂଜକ ଓ ପ୍ରଶାସନର ନୀତି ନିୟମକୁ ବେଖାତିର କରି ପୂଜା ପାଇଁ ଭିଡ ଲଗାଇଥିବା ଦେଖିବାକୁ ମିଳିଥିଲା । ସେଠାରେ କରୋନା କଟକଣା ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଛି।



ମହିଳାମାନେ ନିଜ ଘରର ତୁଳସୀ ଚଉଁରା ମୂଳେ ପୂଜା କରୁଛନ୍ତି ।

## ମୌସୁମୀ ବର୍ଷାକୁ ଅପେକ୍ଷା

**ଖଣ୍ଡପଡ଼ା,୧୦।୬(ସ୍ୱ.ପ୍ର.)**

ଗତ କିଛିଦିନ ହେବ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଲୁଗୁଲି ଜନ ଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି । ଗାଁରୁ ସହର ପର୍ଯ୍ୟନ୍ତ ଏହି ପରିସ୍ଥିତି ସୃଷ୍ଟି ହୋଇଛି । କେଉଁଠି ନଳକୂପରେ ପାଣି ଆସୁନି ତ ଅନେକ ସ୍ଥାନରେ ପାଇପ ଜଳ ଯୋଗାଣ ବ୍ୟବସ୍ଥା ଲୋକଙ୍କ ଆବଶ୍ୟକତା ପୂରଣ କରି ପାରିନାହିଁ । କୂଅ, ପୋଖରୀ ଶୁଖିଲା ପଡିଛି । ମହାନଦୀ କୂଳବର୍ତ୍ତୀ ସିଧାମୂଳା, ଘଣାଶାଳିଆ, ରତନପୁର, କୁମୁଣ୍ଡି, ବାଣପୁର, କଣ୍ଟିଲୋ, ପଥରଚକଡା, କରବର, ପଦ୍ମାବତୀ ଆଦି ଅଞ୍ଚଳର ଲୋକମାନେ ମହାନଦୀ ଉପରେ ଭରସା କରିଛନ୍ତି । ସେଥିପାଇଁ ଲୋକେ ମୌସୁମୀ ବର୍ଷାକୁ ଚାହିଁ ରହିଛନ୍ତି ।

## ହାତୀ ଆକ୍ରମଣରେ ପ୍ରାତଃ ଭ୍ରମଣକାରୀ ମୃତ

**ଭଞ୍ଜନଗର/ବୁଗୁଡ଼ା, ୧୦।୬(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଦକ୍ଷିଣ ଘୁମୁସର ବନଖଣ୍ଡ ବୁଗୁଡ଼ା ରେଞ୍ଜ ଅଞ୍ଚଳରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ହାତୀ ଆକ୍ରମଣରେ ପ୍ରାତଃ ଭ୍ରମଣରେ ଯାଉଥିବା ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଜିଲିବା ଗ୍ରାମର ବାଞ୍ଛାନିଧି ସେଠୀ (୭୦)। ସେହିପରି କେଳାପଙ୍କାଳ ଗ୍ରାମର ସବିତା ପରିଡ଼ା ଗାଧୋଇ ଯାଉଥିବା ବେଳେ ହାତୀପଲ ହାବୁଡ଼ରେ ପଡ଼ି ଗୁରୁତର ଆହତ ହୋଇଛନ୍ତି। ଭଞ୍ଜନଗର ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଛି।

ଲଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳରେ ହାତୀପଲ ଘୁରି ବୁଲୁଥିବା ବେଳେ ରବିବାର ରାତିରେ ୧୧ କେ.ଭି. ବିଦ୍ୟୁତ୍ ତାରରେ ଲାଗି ଏକ ଦନ୍ତାର ମୃତ୍ୟୁ ଘଟିଥିଲା । ପରେ ଉକ୍ତ ପଲରେ ଥିବା ଆଉ ୭ଟି ହାତୀ ଏବେ ଘୁମୁସର ଉତ୍ତର ଓ ଦକ୍ଷିଣ ବନଖଣ୍ଡ ଅଞ୍ଚଳରେ ଆତଙ୍କ ସୃଷ୍ଟି କରୁଛନ୍ତି। ଗୁରୁବାର ଜିଲିବା ଗ୍ରାମର ବାଞ୍ଛାନିଧିଙ୍କ ସମେତ ବହୁ ଲୋକ ପ୍ରାତଃ ଭ୍ରମଣରେ ଯାଉଥିବା ବେଳେ କୁରେଇଶୁଣି ପାହାଡ଼ ପଟୁ ହାତୀପଲ ରାସ୍ତାକୁ ଚାଲି ଆସିଥିଲେ। ହାତୀ ଦେଖି ଲୋକେ ଦୌଡାଦୌଡ଼ି କରିଥିଲେ। ବାଞ୍ଛାନିଧି ଯାଇ ନ ପାରିବାରୁ ହାତୀ ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ। ହାତୀପଲ ଯିବା ପରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବେଲଗୁଣ୍ଠା ଡାକ୍ତରଖାନାକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେଉରା, ରେଞ୍ଜର ଫକୀର ଚରଣ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ବେଲଗୁଣ୍ଠା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏହି ଘଟଣାର କିଛି ସମୟ ପରେ କେଳାପଙ୍କାଳର ସବିତା ନଦୀକୁ ଗାଧୋଇବାକୁ ଯିବାବେଳେ ହାତୀପଲ ହାବୁଡ଼ରେ ପଡ଼ି ଆହତ ହୋଇଥିଲେ। ଉତ୍ୟକ୍ତ ହାତୀପଲ ଯୋଗୁ ଏଭଳି ସମସ୍ୟା ହୋଇଛି ବୋଲି ଡିଏଫ୍ଓ ବେଉରା କହିଛନ୍ତି।

## ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

**ବ୍ରହ୍ମପୁର ଅଫିସ,୧୦।୬:** ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଶୁକ୍ରବାର ଲଘୁଚାପ ରୂପନେବ । ଏହାର ପ୍ରଭାବରେ ୧୧ ତାରିଖଠାରୁ ୧୪ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ତେଣୁ ଆସନ୍ତା ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବା ପାଇଁ ମନା କରାଯାଇଥିବା ଗୋପାଳପୁର ପାଣିପାଗ କେନ୍ଦ୍ର ବିଶେଷଜ୍ଞ ଡ.ଏସ୍.କେ.ମୂର୍ତ୍ତିଙ୍କଠାରୁ ପ୍ରକାଶ।

## ପିକ୍‌ଅପ୍ ଭ୍ୟାନ୍ ସହ ୫ ଗୋରୁ ଅଟକ

**କାଶୀନଗର,୧୦।୬(ଡି.ଏନ.ଏ.):** ଗଜପତି ଜିଲା କାଶୀନଗର ବ୍ଲକ ଅଧୀନ ହାଡୁଭାଙ୍ଗଠାରେ ଥିବା ଆନ୍ଧ୍ର-ଓଡ଼ିଶା ନାକା ଗେଟ୍‌ରେ କାଶୀନଗର ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ଦ୍ୱାରା ଗୁରୁବାର ଯାଞ୍ଚ ଚାଲିଥିଲା । ଏହି ସମୟରେ କୋତାଗୁଡା ଗ୍ରାମରୁ ୫ ବଳଦ ସହ ଏକ ପିକ୍‌ଅପ୍ ଭ୍ୟାନ୍ (ନଂ ଏପି ୦୩ ୱାଇ ୫୧୮୩)କୁ ଜବତ କରି ଥାନାରେ ଅଟକ ରଖାଯାଇଛି। ଗୋଚାଲାଣ କରିଥିବା ଅଭିଯୁକ୍ତ ବାଡିଲି ଜୀବ ରତ୍ନମ୍ ହିରମଣ୍ଡଳ ବାସିନ୍ଦା (ଆନ୍ଧ୍ରପ୍ରଦେଶ) କୋତାଗୁଡାଠାରୁ ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ ଥିବା ଶ୍ରୀକାକୁଲମକୁ ଗୋଚାଲାଣ କରୁଥିବା ବେଳେ ପୋଲିସ ହାବୁଡ଼ରେ ପଡିଥିଲେ। ଏହି ଘଟଣାରେ ଗୋ-ନିରୋଧ ଆଇନ ବଳରେ ନଂ. ୫୭/୨୧ରେ ଏକ ମକଦ୍ଦମା ରୁଜୁ କରାଯାଇଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।



ଅଟକ ଗୋରୁ ସହ ପିକ୍‌ଅପ୍ ଭ୍ୟାନ ।

சர்தார் வல்லபாய் படேல் சர்வதேச ஜவுளி மற்றும் மேலாண்மை கல்லூரி
सरदार वल्लभभाई पटेल इंटरनेशनल स्कूल ऑफ टेक्सटाइल्स एंड मैनेजमेंट
SARDAR VALLABHBHAI PATEL
International School of Textiles & Management
Autonomous Institute, Ministry of Textiles, Government of India
1483, Avinashi Road, Peelamedu, COIMBATORE – 641004 Ph : 0422 – 2571675, 2592205
ADMISSION 2021 - 22. Applications Are Invited For SVP Entrance Test
B.Sc. • Textiles | MBA • Textile / Apparel / Retail
Applications are also open: 12 Weeks Online Short-term Certificate Courses In Medical Textile Management & Non-woven Textile Management for all.
Application forms available in the institute website
Last date for the receipt of application is 25.06.2021
For admission details call 88704 79675, 98438 14145
For short-term course details call 90036 45543
Visit www.svpistm.ac.in E-mail : admission@svpitm.ac.in



OFFICE OF THE PRINCIPAL
GOVT. COLLEGE (AUTO), ANGUL
QUOTATION
Sealed quotations are invited from registered manpower service providers for engagement of daily wage workers in Govt. College (Auto), Angul on outsourcing basis for the session 2021-22.
For more information refer college website: www.gaca.nic.in or college notice board.
Sd./- Principal

OFFICE OF THE REGULATED MARKET COMMITTEE, JAGATSINGHPUR
At: Gopalsagar, P.O./Dist.- Jagatsinghpur, Odisha, PIN - 754103
E-mail: rmcjspur@gmail.com
E-PROCUREMENT (INVITATION FOR BID)
TENDER CALL NOTICE No. 392 / Dt.09.06.2021
In pursuant to the advertisement vide No. 392 Dt.09.06.2021, the bid documents will be available for sale in the website www.tenderorissa.gov.in from 10.00 A.M. of 11.06.2021 to 5.00 P.M. of 21.06.2021 for online bidding.
Sd./- Sub Collector-cum-Chairman
RMC, Jagatsinghpur

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୧ ଜୁନ୍, ୨୦୨୧

## ୧୫ କନିଷ୍ଠ ଶିକ୍ଷକ ପାଇଲେ ପଦୋନ୍ନତି

ବୁଗୁଡ଼ା,(ଡି.ଏନ.ଏ.):ବୁଗୁଡା ବ୍ଲକରେ ୧୫ ଜଣ ପ୍ରାଥମିକ ଶିକ୍ଷକ ଓ ଶିକ୍ଷୟିତ୍ରୀ କନିଷ୍ଠ ପଦବୀରୁ ଲେଭେଲ ୫(ଏ) ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ପଦବୀକୁ ପଦୋନ୍ନତି ପାଇଛନ୍ତି। ବୁଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶ ସଂଖ୍ୟା - ୭୯୫ ପ୍ରକାରେ ୬ ବର୍ଷ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ ସମ୍ପାଦନ କଲାପରେ ଲେଭଲ ୫(ଏ) ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଭାବେ ବିଭୁ ସୁନ୍ଦର ସାହୁ, ବ୍ରହ୍ମାନନ୍ଦ ନାୟକ, ଦେବଦତ୍ତ ନାୟକ, କ୍ରିଷ୍ଣା କୁମାରୀ ପ୍ରଧାନ, କୃଷ୍ଣ ଚନ୍ଦ୍ର ସେଠୀ, ରିଙ୍କିନା ନିଶାଙ୍କ, ରୁନି ସାହୁ, ସନ୍ତୋଷିନୀ ନାୟକ, ସତିଶ କୁମାର ନାୟକ, ସୁମନ ଅର୍ପିତା ରଥ, ଶୁଭସ୍ମିତା ନାୟକ, ମିତାରାଣୀ ସ୍ୱାଇଁ, ଗଣେଶ ବେହେରା, ସୁଚରିତା ପ୍ରଧାନ ଓ ଦୀପ୍ତିମୟୀ ଶତପଥୀ ପ୍ରମୁଖଙ୍କୁ ନିଯୁକ୍ତି ଦିଆଯାଇଛି। ଉକ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏଣିକି ସମସ୍ତ ସରକାରୀ ସୁବିଧା ପାଇପାରିବେ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ବେହେରା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ନିର୍ଦ୍ଦେଶ ସତ୍ତ୍ୱେ ଛାତ୍ରୀଛାତ୍ରଙ୍କୁ ମିଳୁନି ଚାଉଳ, ଟଙ୍କା

ଖଜୁରିପଡ଼ା,୧୦।୬(ଡି.ଏନ.ଏ.): କରୋନା ମହାମାରୀ ଯୋଗୁ ସ୍କୁଲ ବନ୍ଦ ଥିବାରୁ ଶିକ୍ଷକମାନେ ପିଲାଙ୍କୁ ମଧ୍ୟାହ୍ନଭୋଜନ ବାବଦ ଚାଉଳ ଓ ଟଙ୍କା ଘରେ ଦିଆଯିବାକୁ ନିର୍ଦ୍ଦେଶ ରହିଛି। ଶିକ୍ଷକମାନେ ଘରକୁ ଘର ଯାଇ ଆଉଟ ଅଫ ସ୍କୁଲ (ଓଏସ୍‌ସି) ସର୍ଭେ ମଧ କରିବେ। ହେଲେ କନ୍ଧମାଳ ଜିଲାର ଗ୍ରାମାଞ୍ଚଳରେ ଥିବା ଅଧିକାଂଶ ସ୍କୁଲରେ ତାଲା ପଡିଥିବା ଅଭିଯୋଗ ହେଉଛି। ଯେଉଁଠି ବି ସ୍କୁଲ ଖୋଲୁଛି ସେଠି ଜଣେ ଶିକ୍ଷକ କିଛି ସମୟ ପାଇଁ ଆସି ଚାଲି ଯାଉଛନ୍ତି। ସରକାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଛାତ୍ରୀଛାତ୍ରଙ୍କୁ ଏପ୍ରିଲ, ମେ ଓ ଜୁନ ମାସ ୩୭ ଦିନର ମଧ୍ୟାହ୍ନ ଭୋଜନ ଚାଉଳ ଓ ଟଙ୍କା ପ୍ରଦାନ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମରୁ ୫ମ ଯାଏ ପିଲାଙ୍କୁ ଦିନକୁ ୧୦୦ ଗ୍ରାମ୍ ଲେଖାଏ ୩୭ ଦିନର ୩ କେଜି ୭୦୦ ଗ୍ରାମ୍ ଚାଉଳ, ୨୫୪ ଟଙ୍କା ଓ ଷଷ୍ଠରୁ ଅଷ୍ଟମ ଯାଏ ଛାତ୍ରୀଛାତ୍ରଙ୍କୁ ଦିନକୁ ୧୫୦ ଗ୍ରାମ୍ ଚାଉଳ ହିସାବରେ ୫ କେଜି ୫୫୦ ଗ୍ରାମ୍ ଚାଉଳ ସହ ୨୯୯ ଟଙ୍କା ୭୦ ପଇସା ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜିଲାର ୯୦ ଭାଗ ସ୍କୁଲର ପିଲା ଏଯାଏ ମଧ୍ୟାହ୍ନଭୋଜନ ଚାଉଳ ଓ ଟଙ୍କା ପାଇ ନାହାନ୍ତି। ସେହିପରି ଜାନୁୟାରୀରୁ ମାର୍ଚ୍ଚ ଯାଏ ମଧ କିଛି ସ୍କୁଲ ପିଲା ମଧ୍ୟାହ୍ନଭୋଜନ ଚାଉଳ କି ଟଙ୍କା ପାଇ ନ ଥିବା ମଧ ଅଭିଯୋଗ ହେଉଛି। ବର୍ତ୍ତମାନ ସ୍ଥିତିରେ ଲୋକଙ୍କ ପାଖରେ କାମଧନ୍ଦା ନାହିଁ, କିପରି ସେମାନଙ୍କ ପିଲାମାନଙ୍କୁ ପେଟ ପୂରା ଖାଇବାକୁ ଦେବେ ସେ ନେଇ ଅଭିଭାବକମାନେ ଚିନ୍ତାରେ ରହିଛନ୍ତି।

### ରାତି ଯାଏ ବିକ୍ରି ହେଉଛି ବିଦେଶୀ ମଦ

ଗୋପାଳପୁର, ୧୦।୬: କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟ ସରକାର ତାଲାବନ୍ଦ କରିଛନ୍ତି। ମଦ ବିକ୍ରି କେବଳ ଅନ୍‌ଲାଇନରେ ହେବା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ରଙ୍ଗେଇଲୁଣ୍ଡା ବ୍ଲକ ଅଞ୍ଚଳରେ ଏହା ଖୁଲମ୍‌ଖୁଲା ଉଲ୍ଲଂଘନ ହେଉଛି। ଗୋଳନ୍ଥରା ଅବକାରୀ ଅଧୀନରେ ଥିବା ହଳଦିଆପଦର ନିକଟରେ ଥିବା ଏକ ନିର୍ଦ୍ଦିଷ୍ଟ ବିଦେଶୀ ମଦ ବାର ଦିନ ୧୧ଟାରୁ ରାତି ୧୦ଟା ଯାଏ ଅଫଲାଇନରେ ନିର୍ଦ୍ଧାରିତ ଦରରୁ ୪୦ ଟଙ୍କା ଅଧିକ ଦାମରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ସେହିପରି ଡୁରା ଛକରେ ଥିବା ବିଦେଶୀ ଠିପି ବନ୍ଦ ମଦ ଦୋକାନରେ ପ୍ରତିଦିନ ଚଢ଼ା ଦରରେ ଅପମିଶ୍ରିତ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଗୋପାଳପୁର ବେଳାଭୂମି ନିକଟ ଓ ବସଷ୍ଟାଣ୍ଡଠାରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନ ସମ୍ମୁଖରେ ପିଇବା ସୁଯୋଗ ଦେଇ ସମାନ ଢଙ୍ଗରେ କାରବାର ଚାଲିଥିବା ଦେଖିବାକୁ ମିଳିଛି। ଫଳରେ ମଦ୍ୟପମାନେ ମଦ୍ୟପାନ କରି ବିଭିନ୍ନ ଆତଙ୍କ ସୃଷ୍ଟି କରିବା ସହ ଅଶାନ୍ତ ବାତାବରଣ ସୃଷ୍ଟି କରୁଥିବା ନଜିର ରହିଛି। ପୋଲିସ ଥାନା ଓ ଅବକାରୀ ବିଭାଗ କାର୍ଯ୍ୟାଳୟ ଥିଲେ ମଧ ସବୁ ଚୁପ ରହିବା ବରିଷ୍ଠ ନାଗରିକଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ଆଗକୁ ଯଦି ଏଥିପ୍ରତି ଜିଲା ଅବକାରୀ ବିଭାଗ ଓ ପୋଲିସ ବିଭାଗର ଉଚ୍ଚ ଅଧିକାରୀ ଦୃଷ୍ଟି ନ ଦିଅନ୍ତି ମଦମୃତ୍ୟୁର ଆଶଙ୍କା ରହିଛି। ଏଣୁ ବେଆଇନ ମଦ କାରବାରରେ ଲିପ୍ତ ଥିବା ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।

# ଗଞ୍ଜାମରେ ୨ ମାସରେ ଏକ କୋଟିରୁ ଊର୍ଦ୍ଧ୍ୱ ଶ୍ରମଦିବସ ସୃଷ୍ଟି

ଛତ୍ରପୁର,୧୦।୬(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମଜିଏନଆରଇଜିଏସ୍)ରେ ଚଳିତ ୨୦୨୧-୨୨ ଆର୍ଥିକ ବର୍ଷରେ ମାତ୍ର ୬୦ ଦିନରେ ୧ କୋଟିରୁ ଉର୍ଦ୍ଧ୍ୱ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ଏହା ରେକର୍ଡ ସୃଷ୍ଟି କରି ରାଜ୍ୟରେ ସର୍ବାଗ୍ରେ ରହିଛି । ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ମଧ ଗଞ୍ଜାମ ଶ୍ରମ ଦିବସ ସୃଷ୍ଟି କରି ରାଜ୍ୟରେ ପ୍ରଥମ ସ୍ଥାନରେ ରହିଥିଲା ।

ଗତବର୍ଷ କରୋନାର ପ୍ରଥମ ଲହର ବେଳେ ଜିଲାକୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରବାସୀ ଫେରିଥିଲେ । ସେମାନଙ୍କୁ କିଭଳି କର୍ମ ଯୋଗାଣ ହେବ ସେ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱାରୋପ କରିଥିଲେ । ଜିଲାରେ ଏମଜିଏନଆରଇଜିଏସରେ ଅଧିକରୁ ଅଧିକ ଲୋକଙ୍କୁ ଯେଭଳି କାମ ମିଳିବ ସେ ଉପରେ ପ୍ରଶାସନ ଗୁରୁତ୍ୱ ଦେଇଆସିଛି। ଚଳିତ ଆର୍ଥିକ ବର୍ଷରେ ମାତ୍ର ୨ ଦୁଇ ମାସରେ ୧ କୋଟି ୧ ଲକ୍ଷ ୪ ହଜାର ୯୮୯ ଶ୍ରମଦିବସ ସୃଷ୍ଟି ହୋଇପାରିଛି । ଚଳିତ ବର୍ଷ ଜିଲାକୁ ୩ କୋଟି ୨୮ ଲକ୍ଷ ୮୧ ହଜାର ୭୦୦ ଶ୍ରମଦିବସ ଟାର୍ଗେଟ ରହିଛି। ଲୋକଙ୍କୁ କାମ ଯୋଗାଇଦେବାରେ ଜିଲା ପ୍ରଶାସନ ପ୍ରମୁଖ ଭୂମିକା ନିର୍ବାହ କରିଛି । ଏଥିସହ ମୋ ସରକାର ପ୍ଲାଟଫର୍ମରେ


ଗାଁରେ ପାର୍କ ପ୍ରତିଷ୍ଠା ହୋଇଛି ।

## ଏମଜିଏନ୍‌ଆର୍‌ଇଜିଏସ୍‌ରେ ରାଜ୍ୟରେ ପ୍ରଥମ

ଏମଜିଏନଆରଇଜିଏସରେ କାମ କରିଥିବା ଶ୍ରମିକଙ୍କୁ ଠିକ୍ ସମୟରେ ମଜୁରୀ ମିଳିବା ଉପରେ ଗୁରୁତ୍ୱ ଦିଆଯାଉଛି । ପ୍ରାୟ ୯୯.୮୯ ପ୍ରତିଶତ ଶ୍ରମିକଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ମଜୁରୀ ପାଇଥିବା ସୂଚନା ମିଳିଛି । କିଭଳି ଅଧିକ ଶ୍ରମିକ ଉକ୍ତ ଯୋଜନାରେ କାମ ପାଇବେ ସେଥିପାଇଁ ଜିଲା ପ୍ରଶାସନ ଅଭିନବ ପଦକ୍ଷେପ ସ୍ୱରୂପ ଗାଁରେ ପାର୍କ , ପର୍ଯ୍ୟଟନସ୍ଥଳ, କେନାଲ ଓ ପୋଖରୀ ଉନ୍ନତୀକରଣ, ଚେକ୍ ଡ୍ୟାମ୍, ବିଭିନ୍ନ ଚାରାରୋପଣ, ଆଦର୍ଶ କୁକୁଡା ଘର, ଗାଈ ଗୁହାଳ, ମୋ ଉପକାରୀ ବଗିଚା ଆଦି କାର୍ଯ୍ୟକାରୀ କରିଛି। ୨୦୨୦-୨୧ରେ ଏହି ଯୋଜନାରେ ଜିଲାରେ ୨ କୋଟି ୪୧ ଲକ୍ଷ ଶ୍ରମଦିବସ ସୃଷ୍ଟି ସହ ୫୦୨ କୋଟି ୪୫ ଲକ୍ଷ ଟଙ୍କାର ଅନୁଦାନ ଖର୍ଚ୍ଚ ହୋଇଥିଲା । ଚଳିତବର୍ଷ ମୌସୁମୀ ସମୟରେ ଏହି ଯୋଜାନରେ ଜିଲାରେ ଏକ ଲକ୍ଷ ନଡିଆ ଗଛ ଓ ଅନ୍ୟାନ୍ୟ ଫଳଗଛ ଲଗାଇବାକୁ ପ୍ରଶାସନ ଲକ୍ଷ୍ୟ ରଖିଛି। ଏଥିସହ ପ୍ରତି ବ୍ଲକରେ ଗୋଟିଏ ଲେଖାଏ କ୍ୟାଟେଲ ହଷ୍ଟେଲ ନିର୍ମାଣ କରାଯିବ ବୋଲି ସୂଚନା ଦିଆଯାଇଛି । ଭୂମିହୀନ ଗୋପାଳକ ପାଇଁ ଏହା ସହାୟକ ହେବ । ଏହି ସଫଳତା ପାଇଁ ଡିଆରଡିଏ ଟିମ୍ ଏବଂ ସମସ୍ତ ବିଡିଓ ତାଙ୍କ ଟିମ୍‌ର ପ୍ରଶଂସା କରିବା ସହ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଥମ ମାସରେ ଏହି ଯୋଜନାରେ ୫୦ ଲକ୍ଷ ଶ୍ରମଦିବସ ସୃଷ୍ଟି ହୋଇଥିଲା ଏବଂ ତା'ପର ମାସରେ ଏହା ଦୁଇ ଗୁଣ ହେବା ଅତ୍ୟନ୍ତ ଖୁସିର କଥା ଏବଂ ଲୋକଙ୍କ ଜୀବନ ଜୀବିକାକୁ ଗୁରୁତ୍ୱ ଦିଆଯାଉଥିବା ଡିଆରଡିଏ ପିଡି ସିନ୍ଧେ ଦତାତ୍ରୟ ଭାଉସାହେବ କହିଛନ୍ତି।ଗୁରୁତ୍ୱ ଦିଆଯାଉଥିବା ଡିଆରଡିଏ ପିଡି ସିନ୍ଧେ ଦତାତ୍ରୟ ଭାଉସାହେବ କହିଛିଁ ।

# କନ୍ଧମାଳରେ ୧୧୨ ପଜିଟିଭ

ଫୁଲବାଣୀ ଅଫିସ, ୧୦।୬

କନ୍ଧମାଳ ଜିଲାରେ ଗତ ତିନି ଦିନ ହେବ ଦୈନିକ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଶହେ ଉପରେ ରହୁଛି। ଗୁରୁବାର ଜିଲାରେ ୧୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇଲେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୯୩୧ରେ ପହଞ୍ଚିଛି। ସହରାଞ୍ଚଳରେ ସଂକ୍ରମଣ ନିୟନ୍ତ୍ରଣରେ ଥିବା ବେଳେ ଗ୍ରାମାଞ୍ଚଳରେ ଅଧିକ ରହିଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଫୁଲବାଣୀ ପୌରାଞ୍ଚଳରୁ ୯, ବାଲିଗୁଡା ଏନଏସିରୁ ଜଣେ, ବାଲିଗୁଡା ଗ୍ରାମାଞ୍ଚଳରୁ ୭, ଚକାପାଦରୁ ୭ , ଜି.ଉଦୟଗିରିରୁ ୮, କୋଟଗଡରୁ ୧୪, ଫିରିଙ୍ଗିଆରୁ ୧୯, ଦାରିଙ୍ଗବାଡିରୁ ୨୦, ଖଜୁରିପଡାରୁ ୩, ଟିକାବାଲିରୁ ୭, କ.ନୂଆଗାଁରୁ ୩, ରାଇକିଆରୁ ୬ ଓ ତୁମୁଡିବନ୍ଧରୁ ୬ ଜଣ ଅଛନ୍ତି। ଫୁଲବାଣୀ ବ୍ଲକରେ ନୂଆ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି।

## ଜେଲରେ ମହିଳା ଅନ୍ତେବାସୀ ପାଳିଲେ ସାବିତ୍ରୀ ବ୍ରତ

ଆସିକା,୧୦।୬(ଡି.ଏନ.ଏ.)

କରୋନା କଟକଣା ଯୋଗୁ ମନ୍ଦିର ବନ୍ଦ ରହିଥିବାରୁ ଚଳିତବର୍ଷ ମହିଳାମାନେ ନିଜ ଘରେ ସାବିତ୍ରୀ ବ୍ରତ ପାଳନ କରିଥିଲେ । ଆସିକା ସବ୍‌ଜେଲରେ ଥିବା ୮ଜଣ ମହିଳା ଅନ୍ତେବାସୀ ମଧ ଜେଲ ପରିସରରେ ପାରମ୍ପରିକ ରିତିରେ ଏହି ବ୍ରତ ପାଳନ କରିଛନ୍ତି। ବିଧିବଦ୍ଧ ପୂଜାର୍ଚ୍ଚନା କରିବା ଲାଗି ଜେଲ ପ୍ରଶାସନ ପକ୍ଷରୁ ପୁରୋହିତ ବ୍ୟବସ୍ଥା କରାଯାଇଥିଲା। ମହିଳା ଅନ୍ତେବାସୀଙ୍କ ଲାଗି ଶାଢୀ, ଚୁଡି, ଫଳ ଓ ଅନ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଥିବା ଜେଲ ଅଧୀକ୍ଷକ ଦିଲୀପ କୁମାର ଜେନା ସୂଚନା ଦେଇଛନ୍ତି।

## ବରିଷ୍ଠ ଆଇନଜୀବୀଙ୍କ ବିୟୋଗରେ ଶୋକ

ଜି.ଉଦୟଗିରି,୧୦।୬(ଡି.ଏନ.ଏ.)

ବରିଷ୍ଠ ଓକିଲ ଶରତ ଚନ୍ଦ୍ର ଭୋଇଙ୍କ ପରଲୋକରେ ବୁଧବାର ଜି.ଉଦୟଗିରି ବାର ଆସୋସିଏଶନ ତରଫରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବାର ଆସୋସିଏଶନ ସଭାପତି ଦୀପକ ଭରଦ୍ୱାଜଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୋଇଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିବା ସହିତ ତାଙ୍କ ସମ୍ମାନରେ ବୁଧବାର କାର୍ଯ୍ୟ ବନ୍ଦ ନିଷ୍ପତ୍ତି ନିଆଯାଇଥିଲା। ଏହି ଶୋକସଭାରେ ସମ୍ପାଦକ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ଅନ୍ୟାନ୍ୟ ଆଇନଜୀବୀ ଯୋଗ ଦେଇଥିଲେ।

# ପ୍ରଶାସନ ବୁଝାଇବା ପରେ ନେଲେ ଟିକା

ଦାରିଙ୍ଗବାଡ଼ି,୧୦।୬(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକର ଅନୁସୂଚିତ ଜନଜାତି ଅଧ୍ୟୁଷିତ ଅଞ୍ଚଳରେ କୋଭିଡ୍‌କୁ ନେଇ ଭୟର ବାତାବରଣ ରହିଛି । ଜ୍ୱର ହେଲେ ଲୋକେ ଡାକ୍ତରଙ୍କ ପାଖକୁ ଯିବାକୁ ଭୟ କରୁଛନ୍ତି। ଡାକ୍ତରୀ ଦଳ ଗାଁରେ ଯାଇ ପହଞ୍ଚିଲେ ଲୋକେ ଜଙ୍ଗଲକୁ ଦୌଡ଼ି ପଳାଇବା ଭଳି ଦୃଶ୍ୟ ଏଠାର ଅନେକ ଗ୍ରାମରେ ଦେଖାଦେଇଛି । ସହରକୁ ଛାଡ଼ିଦେଲେ ଅପହଞ୍ଚ ଇଲାକାର ଲୋକେ ଏବେ କୋଭିଡ ଟିକାକରଣକୁ ମଧ ଭୟରେ ନା କରୁଛନ୍ତି। ଏଭଳିସ୍ଥିତିରେ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଜିଲା ଜରୁରୀକାଳିନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳଙ୍କ ନେତୃତ୍ୱରେ ସ୍ଥାନୀୟ ତହସିଲଦାର କଳାକୃଷ୍ଣ ପ୍ରଧାନ ଏବଂ ଡାକ୍ତରୀ ଦଳ ପର୍ଡ୍ଡାମାହା ପଞ୍ଚାୟତ କେର୍କେବାଡ଼ିରେ ଲୋକଙ୍କୁ ବୁଝାଶୁଝା କରି ଟିକା ଦେଇଛନ୍ତି। ପ୍ରାୟ ୬୦ରୁ ୭୦ ଲୋକ ଟିକା ନେଇଥିବା ତହସିଲଦାର ପ୍ରଧାନ କହିଛନ୍ତି। ଏଥିସହ ଉକ୍ତ ଅଞ୍ଚଳରେ ଲୋକଙ୍କୁ ବାରମ୍ବାର ହାତ ଧୋଇବା ଓ ମାସ୍କ ବ୍ୟବହାର କରିବାକୁ ଶିଖାଯାଇ ଥିଲା । ପ୍ରଶାସନ ପକ୍ଷରୁ ଲୋକଙ୍କୁ ମାସ୍କ ମଧ ବଣ୍ଟନ କରାଯାଇଥିଲା ।


ଟିକାକାରଣ ପାଇଁ ଲୋକଙ୍କୁ ବୁଝାଶୁଝା ଚାଲିଛି।

## ବିଭିନ୍ନ ସମସ୍ୟା ନେଇ ମୋ ୱାର୍ଡ ବୈଠକ

ହିଞ୍ଜିଳିକାଟୁ, ୧୦।୬(ଡି.ଏନ୍.ଏ)

ହିଞ୍ଜିଳିକାଟୁ ପୌର ପରିଷଦ ଅନ୍ତର୍ଗତ ଆଙ୍କେରଡ଼ା ଗ୍ରାମରେ ପୋଖରୀ ଜଳ ଓ ଚାଷୀଙ୍କ ସମସ୍ୟା ନେଇ ମୋୱାର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ମହାପାତ୍ର, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋରଞ୍ଜନ ସାହୁ, ଆସିକା ଏମ୍‌ପିଙ୍କ ପ୍ରତିନିଧି ନୀଳମଣି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମରେ ଥିବା ଯୋଗୀ ବନ୍ଧକୁ ଆଦର୍ଶ ପୋଖରୀ ପାଇଁ ୨୦୧୮ରୁ ଟେଣ୍ଡର ହୋଇ କାମ ଚାଲିଥିଲେ ମଧ ଏ ପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇନାହିଁ। ଗ୍ରାମର ପ୍ରାୟ ୪ହଜାର ଲୋକ ସେମାନଙ୍କ ସ୍ନାନ ଓ ଅନ୍ୟାନ୍ୟ ଦୈନନ୍ଦିନ କାର୍ଯ୍ୟ ପାଇଁ ଏହି ବନ୍ଧ ଉପରେ ନିର୍ଭର କରନ୍ତି। ହେଲେ ବିଭିନ୍ନ ସ୍ତରରେ ପୋଖରୀ କାର୍ଯ୍ୟ ସାରିବାକୁ ଗ୍ରାମବାସୀ ଦାବି କରି ଆସୁଥିଲେ ମଧ କୌଣସି ସୁଫଳ ମିଳୁ ନଥିବା ଅଭିଯୋଗ ହୋଇଛି। ଗ୍ରାମ ଚାଷ ଜମି ଦେଇ ଜୟମଙ୍ଗଳ କେନାଲ ଖାଲୁଆ ଅଞ୍ଚଳ ଦେଇ ଯାଉଛି। ଫଳରେ ଉକ୍ତ କେନାଲରେ ୨ଟି ଉଠା ଜଳସେଚନ ପମ୍ପ ଦ୍ୱାରା ପାଣି ଚାଷଜମିରେ ବ୍ୟବହାର କରାଯାଉଛି। ତେବେ କେନାଲରେ ପାଣି ନଥିଲେ ପାଣି ଯୋଗାଣ ଠପ ହୋଇ ଯାଉଛି। ତେଣୁ ୨ଟି ଗଭୀର ନଳକୂପ ଖନନ ପାଇଁ ମଧ ଦାବି ହୋଇଛି। ବର୍ତ୍ତମାନ ଜୟମଙ୍ଗଳ କେନାଲର ପୁନରୁଦ୍ଧାର ଚାଲିଛି। କେନାଲରେ ୩ ଫୁଟର ଉଚ୍ଚ ୱାଲ ନ କଲେ ଭବିଷ୍ୟତରେ ଚାଷୀମାନେ ପାଣି ପାଇ ପାରିବେ ନାହିଁ। ତେବେ ଉକ୍ତ ସମସ୍ୟାର ସମାଧାନ ପାଇଁ ବୈଠକରେ ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାକ୍ଷରିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିପ୍ରତି ପଦକ୍ଷେପ ନେବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଜରାଶ୍ରମ ଅନ୍ତେବାସୀଙ୍କୁ ଟିକାକରଣ

### ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଉଦ୍ୟମକୁ ପ୍ରଶଂସା

ପାରଳାଖେମୁଣ୍ଡି,୧୦।୬(ଡି.ଏନ.ଏ.)

ପାରଳାଖେମୁଣ୍ଡି ସହର ଉପକଣ୍ଠ ଫରେଷ୍ଟ ଗେଟ ନିକଟରେ ଥିବା ଆଶ୍ରା ଜରାଶ୍ରମ ଅନ୍ତେବାସୀଙ୍କ ଟିକାକରଣ ହୋଇଛି। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ମମତା ପାଢୀ ନିଜସ୍ୱ ଉଦ୍ୟମରେ ସେମାନଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇ ଟିକାକରଣ କରାଇଛନ୍ତି। ଦୀର୍ଘଦିନ ହେଲା କୋଭିଡ୍ ଟିକାକରଣ ଚାଲିଥିଲେ ମଧ ସେମାନଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇ ପାରୁ ନଥିଲା । ଏହାକୁ ଦୃଷ୍ଟିରେ ରଖି ଖଜୁରିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ପାଢୀ ଜରାଶ୍ରମ ଅନ୍ତେବାସୀଙ୍କୁ ଟିକାକରଣ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ପ୍ରଦୀପ କୁମାର ପାତ୍ରଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟ ଚିକିତ୍ସାଧିକାରୀ ଏଥିରେ ସମ୍ମତ ପ୍ରକାଶ କରିଥିଲେ। ତେଣୁ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀଣୀ ପାଢୀ ଗୁରୁବାର ଛୁଟି ଦିନରେ ନିଜସ୍ୱ ଖର୍ଚ୍ଚରେ ଅଟୋ ବ୍ୟବସ୍ଥା କରି ଆଶ୍ରା ଜରାଶ୍ରମ ଅନ୍ତେବାସୀଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଟିକାକରଣ ପାଇଁ ନେଇ ନିଜ ମହନୀୟତାର ପରିଚୟ ଦେଇଛନ୍ତି। ତାଙ୍କର ଏପରି ସେବା ମନୋବୃତ୍ତିକୁ ପ୍ରଶଂସା କରାଯାଇଛି।

# ବୃଦ୍ଧାଙ୍କୁ ଉଦ୍ଧାର କଲା ପୋଲିସ

## ଆର୍ଥିକ ଅନଟନରୁ ୨ ପୁଅ ଅସହାୟ

ଭଞ୍ଜନଗର/ଜଗନ୍ନାଥପ୍ରସାଦ, ୧୦।୬(ଡି.ଏନ.ଏ)

କରୋନା ମହାମାରୀ ଯୋଗୁ ଅନେକଙ୍କ ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ଦୋହଲିଗଲାଣି। ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗୁରୁବାର ଭଞ୍ଜନଗର ବାଇପାସ୍ ରୋଡ଼ ଲୋହରାଖଣ୍ଡି ନଦୀ କୂଳରୁ ପୋଲିସ ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରିଥିବା ବେଳେ ତାଙ୍କ ପାଖରେ ବସି ରହିଥିବା ପ୍ରାପ୍ତବୟସ୍କ ୨ ପୁଅଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ଉଦ୍ଧାର ବୃଦ୍ଧା ଜଣକ ଗୋଳନ୍ଥରା ଅଞ୍ଚଳର। ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁ ବୃଦ୍ଧା ଜଣକ ଜଗନ୍ନାଥପ୍ରସାଦରେ ଝିଅ ଘରେ ଆସି ରହୁଥିଲେ। ଲକ୍‌ଡାଉନରେ କାମଧନ୍ଦା ନ ପାଇ ତାଙ୍କ ଦିବ୍ୟାଙ୍ଗ ୨ ପୁଅ ମଧ କିଛିଦିନ ପୂର୍ବେ ଜଗନ୍ନାଥପ୍ରସାଦ ଚାଲି ଆସିଥିଲେ । ଝିଅ ବହୁ କଷ୍ଟରେ ନିଜ ପରିବାର ଚଳାଉଥିବା ବେଳେ ଦୁଇ ଭାଇ ଓ ମା'ଙ୍କୁ କିପରି ଚଳାଇବେ ସେହି ଚିନ୍ତାରେ ଥିଲେ। ବୁଧବାର ରାତିରେ ଭଉଣୀଭାଇଙ୍କ ମଧ୍ୟରେ ଆର୍ଥିକ ଅନାଟନକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ମା'ଙ୍କୁ ଧରି ଅସହାୟ ଦୁଇ ପୁଅ ଏକ ଅଟୋ ଭଡ଼ା କରି ଭଞ୍ଜନଗର ଅଭିମୁଖେ ଆସିଥିଲେ। ସେମାନେ ବୃଦ୍ଧା ମା'ଙ୍କୁ ନଦୀ କୂଳକୁ ଲାଗିଥିବା ଏକ ଜମିରେ ଶୁଆଇ ଦେଇ ବସି ରହିଥିଲେ। ଏହି ସମୟରେ ନଦୀକୁ ଗାଧୋଇବାକୁ ଯାଉଥିବା ଲୋକେ ଦୁଇଭାଇଙ୍କ ଗତିବିଧିକୁ ଦେଖି ସନ୍ଦେହ କରିଥିଲେ। ପରେ ପୋଲିସ ପହଞ୍ଚି ଆମ୍ବୁଲାନ୍ସ ଡକାଇ ବୃଦ୍ଧାଙ୍କୁ ଚିକିତ୍ସା ପାଇଁ ପଠାଇଥିଲା। ବୃଦ୍ଧା ଜଣକ ବର୍ତ୍ତମାନ କଥା କହିପାରୁ ନ ଥିବା ଯୋଗୁ ପ୍ରକୃତ ଘଟଣା ଜଣାପଡ଼ିନାହିଁ ।

# ବଜ୍ରପାତରେ ୬ ଗୋରୁ ମୃତ


ମୃତ ଗୋରୁ।

ବାଲିଗୁଡା,୧୦।୬(ଡି.ଏନ୍.ଏ.)

ବାଲିଗୁଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ବୁଧବାର ଅପରାହ୍ନରେ ବର୍ଷାପବନ ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ବାରଖମା ପଞ୍ଚାୟତରେ ୬ ଗୋରୁଙ୍କ ମୃତ୍ୟୁ ଘଟିଛି। ଗୋରୁପଲ ବାରଖମା ଫାଣ୍ଡି ନିକଟରେ ଚରୁଥିବା ବେଳେ ବର୍ଷା ହେବାରୁ ୬ଟି ଗୋରୁ ଗଛମୂଳକୁ ଆସି ଯାଇଥିଲେ। ବଜ୍ରପାତ ହେବାରୁ ସେମାନଙ୍କ ମୃତ୍ୟୁ ଘଟିଛି। ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଗୋରୁ ମାଲିକଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

# ବର୍ଷାଜଳ ସଂରକ୍ଷଣ ପ୍ରକଳ୍ପ ସାରିବାକୁ ନିର୍ଦ୍ଦେଶ

## କାର୍ଯ୍ୟ ଅନୁଧ୍ୟାନ କଲେ ଏନ୍‌ଏସି ନିର୍ବାହୀ ଅଧିକାରୀ

ଛତ୍ରପୁର,୧୦।୬(ଡି.ଏନ.ଏ.)

ସାଂପ୍ରତିକ ସମୟରେ ଜଳ ସଂରକ୍ଷଣ କରି ରଖିବା ଜରୁରୀ ହୋଇପଡିଛି। ସବୁଠି ଆବଶ୍ୟକ ଠାରୁ କମ୍ ପାଣି ଲୋକଙ୍କୁ ମିଳୁଛି । ନଦୀଗୁଡ଼ିକରୁ ବିଭିନ୍ନ ପ୍ରକଳ୍ପ ଜରିଆରେ ସହର ଓ ଶିଳ୍ପ ପ୍ରତିଷ୍ଠାନକୁ ପାଣି ଯୋଗାଣ ହୋଇଥାଏ । ଛତ୍ରପୁର ଏନ୍‌ଏସିକୁ ଋଷିକୁଲ୍ୟା ନଦୀ ଓ ତାମ୍ପରା ହ୍ରଦରୁ ପାଇପ୍ ଯୋଗେ ଜଳ ଯୋଗାଣ ହେଉଛି । ତଥାପି ଏନଏସିର ବିଭନ୍ନ ସ୍ଥାନରେ ଏବେ ବି ପାଣି ଅଭାବ ଲାଗି ରହିଛି । ବିଭିନ୍ନ ସାହିକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ହେଉଛି । ଖରାଦିନେ ପାଣି ସମସ୍ୟା ଦୁଇ ଗୁଣ ହେଉଛି। ଏସବୁ ସମସ୍ୟାର ସମାଧାନ ପାଇଁ ଛତ୍ରପୁର ଏନ୍‌ଏସି କର୍ତ୍ତୃପକ୍ଷ ଉଦ୍ୟମ ଆରମ୍ଭ କରିଛନ୍ତି। ବିଭିନ୍ନ ସ୍ଥାନରେ ବର୍ଷା ଜଳ ସଂରକ୍ଷଣ ପାଇଁ ପ୍ରକଳ୍ପ ସ୍ଥାପନ ଚାଲିଛି। ଏନଏସିର ୩୪ଟି ସ୍ଥାନରେ ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପ ସ୍ଥାପନ ହୋଇଛି । ଏଥିସହ ୧୨ ପ୍ରକଳ୍ପର କାମ ଜୋରସୋର ଚାଲିଛି । ଆହୁରି ୭ଟି ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପ ସ୍ଥାପନ ହେବ ବୋଲି ଗଣମାଧ୍ୟମକୁ ସୂଚନା ଦିଆଯାଇଛି । ଏନଏସି ନିର୍ବାହୀ ଅଧିକାରୀ ଏନ୍. ଗଣେଶ ବାବୁ ଏହି ପ୍ରକଳ୍ପର କାମ ପରିଦର୍ଶନ କରିବା ସହ ନିର୍ଦ୍ଧାରିତ ସମୟରେ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି।


ନିର୍ବାହୀ ଅଧିକାରୀ ଅନୁଧ୍ୟାନ କରୁଛନ୍ତି।

## ୪୧୭ ଉଠାଦୋକାନୀ ପାଇବେ ସହାୟତା

### ଫୁଲବାଣୀ ପୌର ପରିଷଦ

ଫୁଲବାଣୀ ଅଫିସ, ୧୦।୬

କରୋନାରେ ପ୍ରଭାବିତ ହୋଇଥିବା ଉଠା ଦୋକାନୀଙ୍କୁ ସରକାରୀ ସହାୟତା ମିଳିବ । ଏଥିପାଇଁ ବୃତ୍ତାନ୍ତ ତାଲିକା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ହୋଇଛି। ରାସ୍ତା କଡରେ ପ୍ରତ୍ୟେକ ଦିନ ଠେଲାରେ ବିଭିନ୍ନ ସାମଗ୍ରୀ ବିକ୍ରି କରୁଥିବା ଫୁଲବାଣୀ ପୌର ପରିଷଦର ୪୧୭ ଜଣଙ୍କୁ ଏହି ସହାୟତା ମିଳିବ । ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକଙ୍କୁ ୩ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଦିଆଯିବ । ବର୍ତ୍ତମାନ ସୁଦ୍ଧା ୩୭ ଜଣ ହିତାଧିକାରୀଙ୍କ ଆକାଉଣ୍ଟକୁ ସହାୟତା ରାଶି ଆସିସାରିଛି । ଅନ୍ୟମାନଙ୍କୁ ବ୍ୟାଙ୍କ ଜମା ଖାତା ନମ୍ବର ଦେବା ପାଇଁ କିମ୍ବା ପୌର ପରିଷଦ କାର୍ଯ୍ୟାଳୟକୁ ଆସି ସହାୟତା ରାଶି ଗ୍ରହଣ କରିବା ପାଇଁ କୁହାଯାଇଛି ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରୁଛି ମେଶିନ

ପାରଳାଖେମୁଣ୍ଡି,୧୦।୬(ଡି.ଏନ୍.ଏ.)

ଗ୍ରାମାଞ୍ଚଳର ଗରିବ ଏବଂ ଶ୍ରମିକ ଶ୍ରେଣୀର ଲୋକଙ୍କୁ ରୋଜଗାର ଯୋଗାଇଦେବା ଲକ୍ଷ୍ୟରେ ସରକାର ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏହା ମାଧ୍ୟମରେ କାମ ପାଉ ନ ଥିବା ଲୋକଙ୍କୁ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର କର୍ମନିଯୁକ୍ତି ଯୋଗାଇ ଦିଆଯାଇଛି। ଯାହା ଦ୍ୱାରା ସେମାନେ ରୋଜଗାରକ୍ଷମ ହେବା ସହ ପରିବାର ପ୍ରତିପୋଷଣ କରିପାରିବେ। ହେଲେ କିଛି ସରକାରୀ କର୍ମଚାରୀ ଏବଂ ଜନପ୍ରତିନିଧିଙ୍କ ସହ ଠିକାଦାରଙ୍କ ଲାଭଖୋର ମନୋବୃତ୍ତି ଯୋଗୁ ଏହାର ପ୍ରକୃତ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଏହା ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକରେ। ଓଡ଼ିଶା ସରକାରଙ୍କ ମୃତ୍ତିକା ସଂରକ୍ଷଣ ଏବଂ ଜଳ ବିଭାଜିକା ଉନ୍ନୟନ ବିଭାଗ ପକ୍ଷରୁ ମୋହନା ବ୍ଲକ ଅଧୀନ ପଞ୍ଚାୟତରେ ବିଭିନ୍ନ ଯୋଜନା ମାଧ୍ୟମରେ ଚାଷୀଙ୍କୁ ଆର୍ଥିକ ପ୍ରୋତ୍ସାହନ ସାଙ୍ଗକୁ ସରକାରୀ ସହାୟତା ପ୍ରଦାନ କରାଯାଉଛି। ଏହାକୁ କାର୍ଯ୍ୟକାରୀ କରିବାକୁ ଯାଇ ୨୦୧୯-୨୦ ଆର୍ଥିକ ବର୍ଷରେ ସ୍ଥାନୀୟ ଅଞ୍ଚଳର ୨୮୦ ଜଣ ଚାଷୀଙ୍କୁ ତାଲିକାଭୁକ୍ତ କରି ଆଦର୍ଶ ଫାର୍ମ ନାମରେ ପୋଖରୀ ଖନନ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୧୭୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଜମିରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପୋଖରୀ ଖୋଳାଯିବା ସହ ଏହାର ଚତୁଃପାର୍ଶ୍ୱରେ କଦଳୀଗଛ ଲଗାଯାଇଛି। ପ୍ରତ୍ୟେକ ପୋଖରୀର ବ୍ୟୟ ଅଟକଳ ମୂଲ୍ୟ ଲକ୍ଷାଧିକ ଟଙ୍କାର ହୋଇଥିବା ବିଲ୍ କରାଯାଉଛି। ହେଲେ ପୋଖରୀ ଖୋଳା କାର୍ଯ୍ୟରେ ମଣିଷ ବଦଳରେ ମେଶିନ ବ୍ୟବହାର କରିବାକୁ ଖୋଦ ବିଭାଗୀୟ ସରକାରୀ କର୍ମଚାରୀ ଠିକାଦାରଙ୍କ ସହ ଚାଷୀଙ୍କୁ ବାଧ କରୁଥିବା କୁହାଯାଉଛି। ସମସ୍ତ ପୋଖରୀରେ ମେଶିନରେ କାମ କରାଯାଉଥିବା ବେଳେ ଜବକାର୍ଡଧାରୀଙ୍କୁ ପ୍ରଲୋଭିତ କରି ତାଙ୍କ ଖାତାରେ ମଜୁରି ଟଙ୍କା ଛଡ଼ାଯାଉଛି। ଏହା ସହ ହିତାଧିକାରୀଙ୍କ ନାମରେ କାର୍ଯ୍ୟ କରାଯାଉଥିବା ବେଳେ କାମ ସରି ବିଲ ହୋଇସାରିଥିଲେ ମଧ କୌଣସି କାର୍ଯ୍ୟାଦେଶ ହିତାଧିକାରୀଙ୍କୁ ଦିଆଯାଉନଥିବା ଅଭିଯୋଗ ହୋଇଛି।